# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୨୦/୨୦୧୯ (୨୦ପୃଷ୍ଠା) Sambalpur, Friday, December 20 / 2019 ★★

୧୬ଶ ଭାଗ ୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




### କୁମିନ୍ସ ଦାମୀ ବିଦେଶୀ ଖେଳାଳି

ଅଷ୍ଟ୍ରେଲିଆର ପ୍ୟାଟ୍ କୁମିନ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ସବୁଠାରୁ ଦାମୀ ବିଦେଶୀ ଖେଳାଳିଭାବେ ୧୫.୫ କୋଟି ଟଙ୍କାରେ ନିଲାମ ହୋଇଛନ୍ତି।

୧୯ ୨୦

### ସଲ୍‌ମାନଙ୍କୁ ପଛରେ ପକାଇଲେ ଅକ୍ଷୟ

ଫୋର୍ବସ ପତ୍ରିକାର ଶ୍ରେଷ୍ଠ ୧୦୦ ସେଲିବ୍ରିଟିଙ୍କ ରୋଜଗାର ତାଲିକାରେ ଚଳିତବର୍ଷ ସଲମାନ୍ ଖାନ୍‌ଙ୍କୁ ପଛରେ ପକାଇ ଅକ୍ଷୟ କୁମାର ବାଜି ମାରିଛନ୍ତି।



# ବଳାତ୍କାରୀଙ୍କୁ ଫାଶୀ ଦଣ୍ଡାଦେଶ

- କେନ୍ଦୁଝର ଅତିରିକ୍ତ ଜିଲା ଜଜ୍‌ଙ୍କ ରାୟ
- ୩ ବର୍ଷର ଶିଶୁକୁ ବଳାତ୍କାର, ହତ୍ୟା କରିଥିଲେ ଅଭିଯୁକ୍ତ



ଫାଶୀଦଣ୍ଡ ପାଇଥିବା ଅଭିଯୁକ୍ତ।

କେନ୍ଦୁଝର,୧୯।୧୨(ସ୍ୱ.ପ୍ର.)

ଜଣେ ୩ ବର୍ଷର ଶିଶୁକନ୍ୟାକୁ ବଳାତ୍କାର କରିବା ଓ ନିଜର ଦୋଷ ଘୋଡ଼ାଇବା ପାଇଁ ସେହି ନିରୀହ ଝିଅକୁ ହତ୍ୟା କରିବା ଭଳି ଏକ ହୃଦୟ ବିଦାରକ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। କେନ୍ଦୁଝର ଅତିରିକ୍ତ ଜିଲା ଜଜ୍ ଲୋକନାଥ ସାହୁ ଏହି ମାମଲର ବିଚାର କରି ଅଭିଯୁକ୍ତ ଚମ୍ପୁଆ ଥାନା ଅଞ୍ଚଳର ସୁନୀଲ ନାଏକ(୨୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ଫାଶୀଦଣ୍ଡରେ ଦଣ୍ଡିତ କରିଛନ୍ତି।ଏହିଦଣ୍ଡାଦେଶକୁବିଭିନ୍ନମହଲରେସ୍ୱାଗତକରାଯାଇଛି। ଅନ୍ୟପକ୍ଷେ ମୁଁ ନିର୍ଦ୍ଦୋଷ। ଏକତରଫା ଭାବେ କୋର୍ଟ ରାୟ ଦେଇଛନ୍ତି। ଏ ସଂକ୍ରାନ୍ତରେ ମୁଁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବି ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୁନୀଲ ସଫେଇ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୭ ଜାନୁୟାରୀ ୧୩ ତାରିଖରେ କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ ଏକ ଗାଁରେ ଏହି ଲଜ୍ୟାଜନକ ଘଟଣା ଘଟିଥିଲା। ସେଦିନ ମକର ପାଇଁ ଉତ୍ସବମୁଖର ଥିଲା ସାରା କେନ୍ଦୁଝର ଜିଲା। ଗ୍ରାମବାସୀ ବି ମକର ପାଇଁ ନାଚ କୁଦରେ ମାତିଥିଲେ। ହେଲେ ଏପରି ଉତ୍ସବମୟ ପରିବେଶ ଭିତରେ ଅଭିଯୁକ୍ତ ସୁନୀଲଙ୍କ ନଜର ପଡ଼ିଥିଲା ନିଜ ଗାଁର ଜଣେ ୩ ବର୍ଷର ଶିଶୁକନ୍ୟା ଉପରେ। ଘରେ ☞ପୃଷ୍ଠା-୪









ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ



### ଶିଶୁ ଉତ୍ସବରେ ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

**ଦେବଗଡ,୧୯।୧୨(ଡି.ଏନ.ଏ.):** ଦେବଗଡ ଜିଲା ରେଙ୍ଗାଲବେଡା ଗୋହିରା ସରକାରୀ ହାଇସ୍କୁଲରେ ଓଡିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ରିଆମାଳ ବ୍ଲକ ଶାଖା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଷ୍ଟା ରିଆମାଳ ବ୍ଲକ ସଭାପତି ସୁକାନ୍ତ କୁମାର ନନ୍ଦ ଓ ସମ୍ପାଦକ ନିରଞ୍ଜନ ଦୀପଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ବ୍ଲକର ବିଭିନ୍ନ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ତର୍କ, ଗଳ୍ପଲିଖନ, କବିତା ରଚନା, ଚିତ୍ରାଙ୍କନ,ଆବୃତି, କଣ୍ଠ ସଂଗୀତ, ସାଧାରଣ ଜ୍ଞାନ, ଜଣାଅଜଣା,ଏକକ ଅଭିନୟ ଏବଂ ଏକକ ନୃତ୍ୟ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ତର୍କ ପ୍ରତିଯୋଗିତାରେ ରାଜେଶ ବେହେରା, ଗଳ୍ପଲିଖନରେ ପୂଜାରାନୀ ବେହେରା, କବିତା ରଚନା ପ୍ରତିଯୋଗିତାରେ କୁମୁଦିନି ବିଶ୍ୱାଳ, ଚିତ୍ରାଙ୍କନରେ ରାହୁଲ କୁମାର ମହାପାତ୍ର, ଆବୃତିରେ ଅନୁସୟା ବେହେରା, କଣ୍ଠ ସଂଗୀତରେ କୁମୁଦିନୀ ବିଶ୍ୱାଳ, ସାଧାରଣ ଜ୍ଞାନରେ ପ୍ରକାଶ ମହାକୁଲ, ଜଣାଅଜଣାରେ ଦେବେନ୍ଦ୍ର ସାହୁ, ଏକକ ଅଭିନୟରେ ଭଗବତୀ କାରିଗର ଏବଂ ଏକକ ନୃତ୍ୟ ପ୍ରତିଯୋଗିତାରେ ସ୍ମିତାରାଣୀ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସୁକାନ୍ତ କୁମାର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରିଆମାଳ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାତ୍ର, ମୁଖ୍ୟବକ୍ତା ନାଉଲିପଡା ହାଇସ୍କୁଲର ପ୍ରଧାନଶିକ୍ଷକ ଟଙ୍କଧର ଦେହୁରୀ, ସମ୍ମାନିତ ଅତିଥି ରାଜା ବାସୁଦେବ ହାଇସ୍କୁଲର ପ୍ରଧାନଶିକ୍ଷକ ତଥା ଓଷ୍ଟାର ଜିଲା ସଭାପତି ଗୋପବନ୍ଧୁ ପ୍ରଧାନ, ଜିଲା ଉପସଭାପତି ଉଦୟ କୁମାର ପ୍ରଧାନ, ଜିଲା ଶାଖା ସମ୍ପାଦକ ହେମନ୍ତ କୁମାର ପ୍ରଧାନ, ଶିକ୍ଷାବିତ୍ ଧରଣୀଧର ପ୍ରଧାନ, ଗୋହୀରା ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ, ଟାଉନ ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟ ନାରାୟଣ ସାହୁ ଓ ରଞ୍ଜନ କୁମାର ବ୍ରହ୍ମା ପ୍ରମୁଖ କୃତୀ ପ୍ରତଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଏହି ପ୍ରତିଯୋଗୀତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନେ ଆଗାମୀ ୨୨ ତାରିଖରେ ଦେବଗଡ ଟାଉନ ହାଇସ୍କୁଲରେ ଆୟୋଜିତ ହେବାକୁ ଥିବା ଜିଲା ସ୍ତରୀୟ ଶିଶୁ ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ଓଷ୍ଟାର ଜିଲା ସମ୍ପାଦକ ହେମନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

### ଗୃହ, ନଗର ଉନ୍ନୟନ ସଚିବଙ୍କ ଝାରସୁଗୁଡ଼ା ଜିଲା ଗସ୍ତ

**ଝାରସୁଗୁଡା ଅଫିସ୍/ଲଖନପୁର, ୧୯।୧୨(ଡି.ଏନ୍.ଏ.):** ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାଥିଭାତନନ୍ ଗୁରୁବାର ଦିନିକିଆ ଝାରସୁଗୁଡ଼ା ଜିଲା ଗସ୍ତରେ ଆସି ବିଭିନ୍ନ ଯୋଜନାର ସମୀକ୍ଷା କରି ଫେରିଯାଇଛନ୍ତି। ଏନେଇ ଜିଲା ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭାଗୀୟ ସଚିବ ଜି. ମାଥିଭାତନନ୍, ଜିଲାପାଳ ସରୋଜ କୁମାର ସାମଲ, ପିଡିଡିଆର୍‌ଡିଏ ତପିରାମ ମାଝି ପ୍ରମୁଖ ପ୍ରଶାସନିକ ଅଧିକାରୀ ଉପସ୍ଥିତି ଥିଲେ। ବୈଠକରେ ମମତା, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମିଶନଶକ୍ତି, ନିରାମୟ, ପାନୀୟଜଳ, ଗ୍ରାମାଞ୍ଚଳ ବୈଦ୍ୟୁତିକରଣ, ଜାତୀୟ ଓ ରାଜ୍ୟ ଖାଦ୍ୟସୁରକ୍ଷା ଯୋଜନା କାର୍ଯ୍ୟକାରିତକୁ ନେଇ ଆଲୋଚନା କରାଯାଇଥିଲା। ଏଥିମଧ୍ୟରେ ଏନ୍ଆର୍ଏମ୍ ଯୋଜନାରେ ହୀତାଧିକାରୀମାନେ କିପରି ଅଧିକ ଉପକୃତ ହୋଇପାରିବେ, ଏହା ସହିତ ମହିଳା ଗୋଷ୍ଠୀକୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲା ମୁଖ୍ୟଚିକିତ୍ସାଳୟ ସମେତ ଜିଲାର ସମସ୍ତ ଚିକିତ୍ସାଳୟ ଓ ଆହାର କେନ୍ଦ୍ରରେ ପରିଷ୍କାର ପରିଚ୍ଛନ୍ନତା ରଖିବାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଭୂତଳଜଳ ସଂରକ୍ଷଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲାପାଳ ସାମଲ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ସଚିବଙ୍କୁ ଅବଗତ କରାଇଥିଲେ। ବୈଠକରେ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ ।

■ ବିଧାନସଭା ଷ୍ଟାଣ୍ଡିଂ କମିଟିର ଝାରସୁଗୁଡ଼ା ଜିଲା ଗସ୍ତ

# ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

**ଝାରସୁଗୁଡା ଅଫିସ୍/ଲଖନପୁର, ୧୯।୧୨(ଡି.ଏନ୍.ଏ.)**

ବିଧାନସଭା ଷ୍ଟାଣ୍ଡିଂ କମିଟିର ଏକ ୭ ଜଣିଆ ଦଳ ଗୁରୁବାର ଦିନିକିଆ ଝାରସୁଗୁଡ଼ା ଜିଲା ଗସ୍ତରେ ଆସି ବିଭିନ୍ନ ଶିଳ୍ପାନୁଷ୍ଠାନ ପରିଦର୍ଶନ କରି ଫେରିଯାଇଛନ୍ତି। କମିଟିର ଅଧ୍ୟକ୍ଷ ବିଧାୟକ ପ୍ରଦୀପ ଅମତା ରହିଥିଲେ। ଏଥିରେ ବିଧାୟିକା ଉଷା ଦେବୀ, ବିଧାୟକ ଶଶି ଭୂଷଣ ବେହେରା, ଧ୍ରୁବଚରଣ ସାହୁ, ଦାଶରଥି ଗମାଙ୍ଗ, ଅଙ୍ଗଦ କହଁର, ମୁକେଶ ମହାଲିଙ୍ଗ ପ୍ରମୁଖ ରହିଛନ୍ତି। କମିଟିର ୭ଜଣିଆ ଦଳ ବୁଧବାର ରାତିରେ ସୁନ୍ଦରଗଡ଼ରୁ ଆସି ଝାରସୁଗୁଡ଼ାରେ ପହଞ୍ଚି ରାତ୍ରି ରହଣୀ କରିଥିଲେ। ଗୁରୁବାର ପୂର୍ବାହ୍ନରେ କମିଟି ସଦସ୍ୟ ଝାରସୁଗୁଡ଼ାସ୍ଥିତ ବେଦାନ୍ତ ପ୍ରକଳ୍ପ ଓ ବେଲପାହାଡ଼ସ୍ଥିତ ଟିଆର୍ଏଲ୍ ପ୍ରକଳ୍ପ ପରିଦର୍ଶନ କରିଥିଲେ। ପ୍ରକଳ୍ପର ପରିବେଶ, ପାରିପାର୍ଶିକ ଉନ୍ନୟନ କାର୍ଯ୍ୟ, ସ୍ଥାନୀୟ ନିଯୁକ୍ତି ଓ ପ୍ରଦୂଷଣ ଆଦିକୁ ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପରେ ସନ୍ଧ୍ୟାରେ ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ବିଧାୟକ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କମିଟି ସଦସ୍ୟ, ଜିଲାପାଳ ସରୋଜ କୁମାର ସାମଲ, ଉପଜିଲାପାଳ ଶିବ ଟପ୍ପୋ, ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି, ଡିଏଫ୍ଓ ସୁଶାନ୍ତ କୁମାର ଓ ବିଭିନ୍ନ ଶିଳ୍ପାନୁଷ୍ଠାନର ଅଧିକାରୀ ଉପସ୍ଥିତି ଥିଲେ। ଏଥିରେ ଶିଳ୍ପ, ଖଣି, ଜଙ୍ଗଲ, ପରିବେଶ, ବାଣିଜ୍ୟ, ପରିବହନ, ଦକ୍ଷତା, ବିକାଶ, ବୈଷୟିକ ଶିକ୍ଷା, ବିସ୍ଥାପନ ଆଦି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ରାଜ୍ୟର ଦ୍ରୁତ ବିକାଶ ପାଇଁ ଶିଳ୍ପାୟନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଦୃଷ୍ଟିରୁ ରାଜ୍ୟରେ ଝାରସୁଗୁଡ଼ା ଜିଲା ଗୁରୁତ୍ୱ ବହନ କରିଆସୁଛି ବୋଲି କମିଟି ପକ୍ଷରୁ ମତପ୍ରକାଶ କରାଯାଇଥିଲା। ଏଥିମଧ୍ୟରେ ଖଣିଜ ପଦାର୍ଥର ପରିବହନ ଆବଶ୍ୟକତା ଥିଲେ ମଧ୍ୟ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବାପାଇଁ କମିଟି ସଦସ୍ୟ ପରାମର୍ଶ ଦେଇଛନ୍ତି। ଏହାକୁ ଉଲଙ୍ଘନ କରୁଥିବା ଶିଳ୍ପାନୁଷ୍ଠାନମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କମିଟି ଜିଲାପ୍ରଶାସନକୁ ନିର୍ଦ୍ଦେଶ ଦେଇଛି। ଜିଲାର ବିସ୍ଥାପିତ ଓ ଥଇଥାନ ସମ୍ପର୍କରେ ଶିଳ୍ପାନୁଷ୍ଠାନଗୁଡିକ କ'ଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ସମ୍ପର୍କରେ ଜିଲାପାଳ ସାମଲ କମିଟି ସଦସ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତଥିବା କମିଟି ସଦସ୍ୟ ଓ ପ୍ରଶାସନିକ ଅଧିକାରୀମାନେ।

# କ୍ଷମତା ଏକ୍ସପ୍ରେସ୍‌ର ଶୁଭାରମ୍ଭ

**ଦେବଗଡ,୧୯।୧୨(ଡି.ଏନ.ଏ)**

ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡିଶା ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲାରେ ପରିକ୍ରମା କରିବାକୁ ଥିବା କ୍ଷମତା ଏକ୍ସପ୍ରେସକୁ ଗୁରୁବାର କଲେକ୍ଟରେଟଠାରେ ଅତିରିକ୍ତ ଜିଲାପାଳ ଧରମ ହାଁସଦା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କଲେକ୍ଟରେଟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସିପ୍ରା ସେଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର କୁମାର ନଇ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ କିଶୋର ମହାଲିଙ୍ଗ, ସିଆରଏସଆରର ମୁଖ୍ୟ ଡ. ଭଗବାନ ପରିଡା ଓ ପ୍ରକଳ୍ପ ସଂଯୋଜକ ସେଖ୍ ସେଖାଓତ୍ ଅଲ୍ଲୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଭିନ୍ନକ୍ଷମ, ବରିଷ୍ଠ ନାଗରିକ, ନିଶାଗ୍ରସ୍ତ ବ୍ୟକ୍ତି, କିନ୍ନର ଏବଂ ଭିକ୍ଷୁକମାନଙ୍କୁ ବହୁବିଧ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ କ୍ଷମତା ଏକ୍ସପ୍ରେସ ଗୁରୁଠାରୁ ୨୮ ତାରିଖ ପର୍ଯ୍ୟନ୍ତ ଜିଲାର ତିନୋଟି ବ୍ଲକ ପରିକ୍ରମା କରି ୧୦ଟି ପଞ୍ଚାୟତରେ କାର୍ଯ୍ୟକ୍ରମ ଆୟୋଜନ କରିବ। ଆଜି ପ୍ରଥମ ଦିବସରେ ରିଆମାଳ ବ୍ଲକ ବାଗବର ପଞ୍ଚାୟତଠାରେ କ୍ଷମତା ଏକ୍ସପ୍ରେସର ପ୍ରଥମ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ୮୫ଜଣ ହିତାଧିକାରୀ ନିଜ ନିଜର ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫୬ଜଣ ଭିନ୍ନକ୍ଷମ, ୧୫ଜଣ ବରିଷ୍ଠ ନାଗରିକ ଏବଂ ୧୪ଜଣ ଅନ୍ୟାନ୍ୟ ହିତାଧିକାରୀ ଥିଲେ। ସେମାନଙ୍କୁ ଶିବିରରେ ଉପସ୍ଥିତ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଦୃଷ୍ଟିଶକ୍ତି, ଶ୍ରବଣଶକ୍ତି, ବାକଶକ୍ତି, ମନସ୍ତତ୍ତ୍ୱ ଆଦି ପରୀକ୍ଷା କରିବା ସଂଗେ ସଂଗେ ଫିଜିଓଥେରାପି ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ।




ଅତିରିକ୍ତ ଜିଲାପାଳ ଧରମ ହାଁସଦା ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।




ସମ୍ବଲପୁର ଏମ୍‌ପି ନୀତେଶ୍ ଗଙ୍ଗଦେବ ରକ୍ତଭଣ୍ଡାର ଶିବିର ଗାଡିକୁ ଫିତାକାଟି ଲୋକାର୍ପଣ କରୁଛନ୍ତି।

# ରକ୍ତ ଭଣ୍ଡାର ଶିବିର ବ୍ୟବହୃତ ଗାଡ଼ି ଲୋକାର୍ପିତ

**ଦେବଗଡ,୧୯।୧୨(ଡି.ଏନ.ଏ)**

ଏମସିଏଲ୍ ତରଫରୁ ଜିଲା ରେଡକ୍ରସ ରକ୍ତ ଭଣ୍ଡାର ପାଇଁ ଏକ ସ୍ୱତନ୍ତ୍ର ଗାଡି ପ୍ରଦାନ କରାଯାଇଛି । ବିଭିନ୍ନ ସମୟରେ ଜିଲାବ୍ୟାପୀ ହେଉଥିବା ରକ୍ତଦାନ ଶିବିର ପାଇଁ ଉକ୍ତ ଗାଡି ବ୍ୟବହୃତ ହେବ । ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଏମପି ନିତେଶ୍ ଗଙ୍ଗଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ । ଅନ୍ୟମାନଙ୍କ ମଧରେ ପିଡି ଡିଆରଡିଏ ଭୀନସେଣ୍ଟ ପୁନମକାନ୍ତ ଏକ୍କା ଓ ସିଡିଏମଓ ଡ.ମନୋଜ ଉପାଧ୍ୟାୟ, ଡ. ସୁବାସ ଚନ୍ଦ୍ର ମଣ୍ଡଳ, ଡ.ସ୍ମିତା ଦାସ ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ପରିଚାଳକ ଜିତେନ୍ ଭଇଁସା, ଜିଲା ରକ୍ତ ଭଣ୍ଡାର ଅଧିକାରୀ ଡ.ଅମିତ ମହାପାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ବ୍ଲଡ ବ୍ୟାଙ୍କ ପିଆରଓ ମଳୟ ବେହେରାଙ୍କ ସହ ବୈଷୟିକ ସହାୟିକା ମିନାକ୍ଷୀ ପ୍ରଧାନ, ଲାବୋରେଟୋରି ଟେକନିସିଆନ ଗୋପାଳକୃଷ୍ଣ ସାହୁ, ଆଲୋକ ମହାପାତ୍ର ଓ କର୍ମଚାରୀ ସହଯୋଗ କରିଥିଲେ ।

■ ଲିଙ୍ଗଗତ ବୈଷମ୍ୟତା ଜିଲାସ୍ତରୀୟ କର୍ମଶାଳା

# ଲିଙ୍ଗଗତ ଭେଦଭାବ ଶୂନ୍ୟ ସମାଜ ଗଠନକୁ ଗୁରୁତ୍ୱ

**ଦେବଗଡ଼,୧୯।୧୨(ଡ଼ି.ଏନ୍.ଏ.)**

ଦେବଗଡ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଲିଙ୍ଗଗତ ବୈଷମ୍ୟତା ସମ୍ବନ୍ଧୀୟ ଜିଲାସ୍ତରୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଓଡିଶା ଜୀବିକା ମିଶନ ଏବଂ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦେବଗଡର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଧରମ ହାଁସଦା ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା ଆନୁଷ୍ଠାନିକ ଭାବେ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ହାଁସଦା ସମାଜ ସଂସ୍କାରରେ ନାରୀମାନଙ୍କର ପ୍ରମୁଖ ଗୁରୁ ଭୂମିକା ରହିଛି । ଏଣୁ ଝିଅମାନଙ୍କର ଶିକ୍ଷା ଏବଂ ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ । ବାଲ୍ୟ ବିବାହ ରୋକିବା କ୍ଷେତ୍ରରେ ଦେବଗଡ ଜିଲା ରାଜ୍ୟସ୍ତରରେ ପୁରସ୍କାର ପାଇଥିବା କଥା ଏହି ଅବସରରେ ସେ ସୂଚନା ଦେଇଥିଲେ । ସମ୍ମାନୀତ ଅତିଥି ପ୍ରକଳ୍ପ ନିର୍ଦ୍ଦେଶକ ଏକ୍କା ଲିଙ୍ଗଗତ ଭେଦଭାବ ଶୂନ୍ୟ ସମାଜ ଗଠନ ଉପରେ ମତ ଦେଇଥିଲେ। ସମାଜର ଉନ୍ନତି ନିମନ୍ତେ ପୁରୁଷ ଓ ମହିଳାଙ୍କୁ ସମାନ ଅଧିକାର ଦେବା ଉପରେ ସେ ଜୋର ଦେଇଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର ମହିଳାମାନଙ୍କ ଆଇନଗତ ଅଧିକାର ଏବଂ ସେଥିରେ ଜିଲା ଆଇନସେବା ପ୍ରାଧିକରଣର ଭୂମିକା ଉପରେ ଆଲୋକପାତ କରିଥିଲେ । ପ୍ରୋଜେକ୍ଟ କନସଲଟେନସି ଇଣ୍ଟାରନେସନାଲର ପ୍ରକଳ୍ପ ନିର୍ଦ୍ଦେଶିକା ବିରାଜଲକ୍ଷ୍ମୀ ଷଡଙ୍ଗୀ ଲିଙ୍ଗଗତ ବୈଷମ୍ୟତା ଦୂରୀକରଣ ନିମନ୍ତେ ପିସିଆଇ ପକ୍ଷରୁ ପ୍ରସ୍ତୁତ ମୋଡେଲ ଉପରେ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ ଆଲୋଚନା କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଦେବଗଡ ଜିଲାର ରିଆମାଳ ଏବଂ ବାରକୋଟ ବ୍ଲକର ଚାରି ପଞ୍ଚାୟତ କୁଣ୍ଢେଇଗୋଳା, ଚଢେଇମରା, ଡଅଁରା ଏବଂ ବଲଣ୍ଡାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ । ରାଜ୍ୟ ମିଶନ ପରିଚାଳକ ୟୁନିଟ୍ ପ୍ରକଳ୍ପ ନିର୍ବାହୀ ସୁଧୀର ରଥ ମହିଳାମାନଙ୍କ ଦକ୍ଷତା ବୃଦ୍ଧି ଏବଂ ସାମାଜିକ ବିକାଶ ଦ୍ୱାରା ଲିଙ୍ଗଗତ ବୈଷମ୍ୟ ଦୂରୀକରଣରେ ଓଡିଶା ଜୀବିକା ମିଶନର ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟରୁ ଯୋଗଦେଇଥିବା ପ୍ରତିନିଧିମାନେ ମହିଳାମାନଙ୍କର ବିକାଶ ନିମନ୍ତେ ବିଭାଗୀୟ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ଏହି ମୋଡେଲକୁ ଜିଲାରେ ସଫଳତାର ସହିତ କାର୍ଯ୍ୟକାରୀ କରିବାପାଇଁ କେରଳର କୁଡୁମ୍ବଶ୍ରୀ ସଂସ୍ଥାର ଦୁଇଜଣ ପ୍ରତିନିଧି ଗ୍ରାମପଞ୍ଚାୟତସ୍ତରରେ ବିଗତ ଏକମାସ ହେଲା କାର୍ଯ୍ୟରତ ଅଛନ୍ତି। ଜିଲା ପ୍ରକଳ୍ପ ପରିଚାଳିକା ସ୍ମରଣିକା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




ଲିଙ୍ଗଗତ ବୈଷମ୍ୟତା ସମ୍ବନ୍ଧୀୟ କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ ।



ଆନ୍ଦୋଳନକାରୀଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି।

■ ଲଖନପୁର ସିଜିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ଯୁବକଙ୍କ ଅନଶନ

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

**ଲଖନପୁର,୧୯।୧୨(ଡି.ଏନ୍.ଏ.)**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍) ଲଖନପୁର ସିଜିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ପିଣ୍ଟୁ ବିଶ୍ୱାଳ ନାମକ ଜଣେ ଯୁବକ ଚାକିରି ଦାବିରେ ବୁଧବାର ଆମରଣ ଅନଶନରେ ବସିଥିଲେ। ଖବରପାଇ ଜିଏମ୍ ଅନିଲ କୁମାର ସିଂହ, ଏପିଏମ୍ ଏସ୍.କେ. ଭରଦ୍ୱାଜ, ଅତିରିକ୍ତ ତହସିଲଦାର ପ୍ରସନ୍ନ ପଟେଲ, ଆଇଆଇସି ପ୍ରଶାନ୍ତ ମେହେର, ଶ୍ରମିକନେତା ଅନିତ ଚକ୍ରବର୍ତ୍ତୀ, ରମେଶ ତ୍ରିପାଠୀ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏନେଇ ଜିଏମ୍ ସିଂହ ଆସନ୍ତା ୨୬ତାରିଖରେ ଚାକିରି ନିଯୁକ୍ତିପତ୍ର ପ୍ରଦାନ କରାଯିବ ବୋଲି କହିଥିଲେ। ଏଭଳି ପ୍ରତିଶ୍ରୁତି ପାଇବା ପରେ ସନ୍ଧ୍ୟାରେ ପିଣ୍ଟୁ ଆନ୍ଦୋଳନରୁ ଓହରିଛନ୍ତି। କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ରକ୍ଷା ନ କରେ ଆସନ୍ତା ୨୭ତାରିଖରୁ ପୁଣି ଆମରଣ ଅନଶନରେ ବସିବେ ବୋଲି ପିଣ୍ଟୁ ଚେତାବନୀ ଦେଇଛନ୍ତି। ଏନେଇ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଆନ୍ଦୋଳନକାରୀ ଯୁବକଙ୍କ ବାପା ସୁଦର୍ଶନ ବିଶ୍ୱାଳ ବିଓସିଏମ୍ କୋଇଲା ଖଣିରେ କର୍ମଚାରୀ ଭାବେ କାମ କରୁଥିଲେ। ୨୦୧୫ରେ ତାଙ୍କର ମୃତ୍ୟୁ ହୋଇଥିଲା । ଏମ୍‌ସିଏଲ୍‌ରେ ବାପାଙ୍କ ମୃତ୍ୟୁ ପରେ ଚାକିରି ପୁଅ ପାଇବା ନିୟମ ରହିଛି। ଏହି ନିୟମ ଅନୁଯାୟୀ ପିଣ୍ଟୁ କମ୍ପାନୀରେ ଚାକିରି ପାଇଁ ଆବେଦନ କରିଥିଲେ। କମ୍ପାନୀ ପକ୍ଷରୁ ଚାକିରି ନିଯୁକ୍ତିପତ୍ର, ଡାକ୍ତରୀ ଫିଟ୍‌ନେସ୍ ଆଦି ପ୍ରକ୍ରିୟା ଶେଷ ହୋଇଛି । ଏହା ଦୀର୍ଘ ଦିନ ହୋଇଯାଇଥିଲେ ମଧ୍ୟ ପିଣ୍ଟୁଙ୍କୁ କମ୍ପାନୀ ଚାକିରି ନ ଦେଇ ଦିନପରେ ଦିନ ଗଡେଇ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଅଭିଯୋଗ ହୋଇଛି। ଇତି ମଧ୍ୟରେ ବାପା ବାପା ସୁଦର୍ଶନଙ୍କ ମୃତ୍ୟୁକୁ ୫ ବର୍ଷ ବିତିଗଲାଣି । ଚାକିରି ପାଇବା ପାଇଁ ପିଣ୍ଟୁ ଦୀର୍ଘ ବର୍ଷ ହେଲା ଏମ୍‌ସିଏଲ୍ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ଦୀର୍ଘ ଦିନର ଲଢେଇ ପରେ ପିଣ୍ଟୁ ନିରାଶ ହୋଇ ଆମରଣ ଅନଶନ କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଓ ଜିଲାପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ପ୍ରତିକାର କରାଯାଇ ନ ଥିଲା। ଫଳରେ ପିଣ୍ଟୁ ଆମରଣ ଅନଶନ କରିବା ପାଇଁ ବାଧ୍ୟ ହୋଇଥିଲେ।

**ୟୁକୋ ବ୍ୟାଙ୍କ** | ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ | **ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ବିଭିନ୍ନ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୦୪.୦୧.୨୦୨୦ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡିକ **ତା.୦୭.୦୧.୨୦୨୦ରିଖ ଅପରାହ୍ନ ୩.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ମିର୍‌ଗାନଗୁଡା ଶାଖା, ମିର୍‌ଗାନଗୁଡା, ଜିଲ୍ଲା: ନବରଙ୍ଗପୁର, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ସୀମାଞ୍ଚଳ ଗାମ୍ପା, ଫୋନ୍: ୮୦୯୩୫୯୦୭୫୬** | | |
| ୧. | **ବିପିନ ବିହାରୀ ଶତପଥୀ,** ପିତା: ଶରତ ଚନ୍ଦ୍ର ଶତପଥୀ, ସା.: ଏକମ୍ବା, ଥାନା: ନନ୍ଦାହାଣ୍ଡି, ଜିଲ୍ଲା: ନବରଙ୍ଗପୁର / **୨୮୪୯୦୬୧୦୦୦୩୧୫୨** | ଟ.୯୮,୬୨୭/- + ସୁଧ ଓ ଅନ୍ୟାନ୍ୟ ଦେୟ | ୬୪.୮୦୦ |
| ୨. | **ଜି. ଗୋପି କ୍ରୀଷ୍ଣା,** ପିତା: ଜି. ଭାସ୍କର ରାଓ, ସା.: ନିଉ ଟ୍ୟାଙ୍କ ଷ୍ଟ୍ରିଟ୍, ଜିଲ୍ଲା: ନବରଙ୍ଗପୁର / **୨୮୪୯୦୬୧୦୦୦୫୧୭୦** | ଟ.୨,୩୮,୫୫୦/- + ସୁଧ ଓ ଅନ୍ୟାନ୍ୟ ଦେୟ | ୧୭୦.୨୦୦ |
| ୩. | **ରଶ୍ମିତା ବୁଡୁ,** ସ୍ୱାମୀ: ତୁଷାରକାନ୍ତ ପରିଡା, ସା.: ଗାଦବାଗୁଡା, ଜିଲ୍ଲା: ନବରଙ୍ଗପୁର / **୨୮୪୯୦୬୧୦୦୦୬୪୩୬, ୨୮୪୯୦୬୧୦୦୦୫୮୩୫** | ଟ.୧,୨୬୫/- + ଟ.୨,୮୪,୧୪୭/- ମୋଟ: ଟ.୨,୮୫,୪୧୨/- + ସୁଧ ଓ ଅନ୍ୟାନ୍ୟ ଦେୟ | ୧୭.୫୮୦ |
| | **ମୈତ୍ରୀ ବିହାର ଶାଖା, ଜିଲ୍ଲା: ଖୋର୍ଦ୍ଧା, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ସୁବ୍ରତ କୁମାର ନାୟକ, ଫୋନ୍: ୭୬୬୭୫୩୯୨୯୬** | | |
| ୪. | **ଶରତ କୁମାର ପାଣିଗ୍ରାହୀ,** ଫ୍ଲାଟ୍ ନଂ.: ସି-୨୦୬, ବ୍ରାଇଟ୍ ରେସିଡେନ୍ସି, ଜଗନ୍ନାଥ ନଗର, ରୋଡ୍ ନଂ.: ୧୨, ଜିଜିପି କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା / **୧୮୩୯୦୬୧୦୦୦୯୫୩୬** | ଟ.୧,୭୪,୫୫୭/- + ସୁଧ ଓ ଅନ୍ୟାନ୍ୟ ଦେୟ | ୮୯.୦୦୦ |
| | **ଛତ୍ରପୁର ଶାଖା, ଜିଲ୍ଲା: ଗଞ୍ଜାମ, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀମତୀ ସ୍ନିଗ୍ଧାରାଣୀ ମଙ୍ଗରାଜ, ଫୋନ୍: ୭୯୭୮୬୩୨୮୫୨** | | |
| ୫. | **ଶ୍ରୀ ଚିତ୍ତ ରଞ୍ଜନ ବେହେରା,** ପିତା: ବିପିନ ଚନ୍ଦ୍ର ବେହେରା, ସା.: ତଡାପଲ୍ଲୀ ଷ୍ଟ୍ରିଟ୍, ପୋ./ଥାନା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୨୯୧୭୬** | ଟ.୯୧,୭୬୫/- + ସୁଧ ଓ ଅନ୍ୟାନ୍ୟ ଦେୟ | ୬୨.୦୦୦ |
| ୬. | **ଅଶ୍ୱିନ କୁମାର ଗୌଡ,** ପିତା: ରମେଶ ଚନ୍ଦ୍ର ଗୌଡ, ସା/ପୋ.: ପୋଡାପଦର, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୨୯୨୬୮** | ଟ.୬୯,୩୩୪/- + ସୁଧ ଓ ଅନ୍ୟାନ୍ୟ ଦେୟ | ୪୬.୦୦୦ |
| ୭. | **ଦେବରାଜ ନାୟକ,** ପିତା: କମା ନାୟକ, ଗଙ୍ଗାପୁର, ପଟଲାମପୁର, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୨୮୪୯୦** | ଟ.୪୧,୯୪୪/- + ସୁଧ ଓ ଅନ୍ୟାନ୍ୟ ଦେୟ | ୧୬.୫୦୦ |
| ୮. | **ତ୍ରିନାଥ ପାଲ,** ପିତା: ଶରତ ଚନ୍ଦ୍ର ପାଲ, ସା.: ଶାନ୍ତି ନଗର, ୪ର୍ଥ ଲେନ୍, ଛତ୍ରପୁର, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୨୭୨୦୨** | ଟ.୧,୩୫,୧୮୭/- + ସୁଧ ଓ ଅନ୍ୟାନ୍ୟ ଦେୟ | ୮୯.୯୧୦ |
| ୯. | **ଏନ୍. ଶିବ ପ୍ରସାଦ ରାଓ,** ପିତା: ଏନ୍. ଲଛମୀ ନାରାୟଣ ରାଓ, ସା/ପୋ.: ମୋଚି ଷ୍ଟ୍ରିଟ୍, ରିକାପଲ୍ଲୀ, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୩୦୬୭୭** | ଟ.୧୦,୭୧୮/- + ସୁଧ ଓ ଅନ୍ୟାନ୍ୟ ଦେୟ | ୭.୨୦୦ |
| | **ହିଞ୍ଜିଳିକାଟୁ ଶାଖା, ଜିଲ୍ଲା: ଗଞ୍ଜାମ, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ଭାଗିରଥୀ ନାୟକ, ଫୋନ୍: ୯୪୩୭୯୭୭୬୮୬** | | |
| ୧୦. | **ବାପୁଜୀ ପାତ୍ର,** ପିତା: ଜବାହର ଲାଲ ପାତ୍ର, ରଘୁପତି ନଗର, ୧ମ ଗେଟ୍, ପାଣିଗ୍ରାହୀପେଣ୍ଠ, ଜିଲ୍ଲା: ଗଞ୍ଜାମ / **୦୪୨୧୦୬୧୦୦୦୬୫୪୨** | ଟ.୩,୩୦,୭୦୪/- + ସୁଧ ଓ ଅନ୍ୟାନ୍ୟ ଦେୟ | ୧୩୩.୦୦୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**
୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ **ତା.୦୬.୦୧.୨୦୨୦ରିଖ ଦିନ** କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାର ଗୁଡିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୯.୧୨.୨୦୧୯** **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**




# ଘାତକ ହେଲାଣି ସିଏଏ ନିଆଁ

**ମାଙ୍ଗାଲୁରୁ/ଲକ୍ଷ୍ନୌ,୧୯।୧୨**

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧକରି ଦେଶବ୍ୟାପୀ ମୁଣ୍ଡଟେକିଥିବା ଆନ୍ଦୋଳନର ନିଆଁ ଘାତକ ହେଲାଣି। କର୍ନାଟକର ମାଙ୍ଗାଲୁରୁ ଓ ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ ବେଳେ ପୋଲିସ-ଜନତା ଖଣ୍ଡଯୁଦ୍ଧ ହୋଇଛି। ପୋଲିସର ଲାଠି ଓ ଗୁଳିମାଡ଼ରେ ୩ ଜଣଙ୍କ ଜୀବନ ଯାଇଛି। ଏହାସହ ଶତାଧିକ ବିକ୍ଷୋଭକାରୀ ଆହତ ହୋଇଛନ୍ତି। ଏହା ପୂର୍ବରୁ ଉତ୍ତର-ପୂର୍ବାଞ୍ଚଳ ଓ ପଶ୍ଚିମବଙ୍ଗରେ ସିଏଏ ବିରୋଧୀ ନିଆଁ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁର କାରଣ ହୋଇଛି। କେନ୍ଦ୍ରର ଏହି ବିବାଦୀୟ ଆଇନ ପ୍ରତ୍ୟାହାରରେ ଆନ୍ଦୋଳନରତ ଲୋକଙ୍କ ଉପରେ ପୋଲିସର ଏଭଳି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

ସିଏଏ ପ୍ରତ୍ୟାହାର ଦାବିରେ ମାଙ୍ଗାଲୁରୁରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ

## ପୋଲିସ ଗୁଳିରେ ଟଳିଲେ ୩ ବିକ୍ଷୋଭକାରୀ



ପୋଲିସ ସହ ସେମାନଙ୍କ ସଂଘର୍ଷ ହୋଇଥିଲା। ଏଥିରେ ୨୦ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ପୋଲିସ ଜବାବୀ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଇ ବିକ୍ଷୋଭକାରୀଙ୍କ ଉପରେ ଗୁଳି ଚଳାଇବାକୁ ବାଧ୍ୟ ହୋଇଥିଲା ବୋଲି ମାଙ୍ଗାଲୁରୁ ସିଟି ପୋଲିସ କମିଶନର ପି.ଏସ୍. ହର୍ଷ କହିଛନ୍ତି। ପୋଲିସ ଗୁଳିରେ ଗୁରୁତର ହୋଇଥିବା ୨ ବିକ୍ଷୋଭକାରୀଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିବାବେଳେ ଉଭୟଙ୍କ ମୃତ୍ୟୁ ଘଟିଛି। କର୍ନାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିମାନେ କର୍ନାଟକରେ ଶାନ୍ତି ଓ ସହାବସ୍ଥାନ ଭଙ୍ଗ କରିବା ଲାଗି ଗୁଜବ ସୃଷ୍ଟି କରୁଥିବା ସେ ସମାଲୋଚନା କରିଛନ୍ତି। ସେହିପରି ଲକ୍ଷ୍ନୌର ପରିବର୍ତ୍ତନ ଚୌକରେ ବିକ୍ଷୋଭକାରୀମାନେ ପୋଲିସ ଉପରକୁ ଟେକାମାଡ଼ କରି ଯାନବାହନ ଜାଳିଦେଇଥିଲେ। ପୋଲିସ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ବିକ୍ଷୋଭକାରୀ ନ ମାନିବାରୁ ପୋଲିସ ଗୁଳି ଚଳାଇଥିଲା। ଗୁଳିମାଡ଼ରେ ଜଣେ ବିକ୍ଷୋଭକାରୀ ଟଳିପଡ଼ିଛନ୍ତି। ସମ୍ପୃକ୍ତ ବିକ୍ଷୋଭକାରୀଙ୍କୁ ଗୁରୁତର ଅବସ୍ଥାରେ କେଜିଏମ୍‌ୟୁ ଟ୍ରମା ସେଣ୍ଟରରେ ଭର୍ତ୍ତି କରାଯାଇଥିଲା। ସେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଦେଇଛନ୍ତି। ତେବେ ଗୁଳିମାଡ଼ରେ ତାଙ୍କର ମୃତ୍ୟୁ ଘଟିଥିବା ବିଷୟକୁ ଉତ୍ତରପ୍ରଦେଶ ପୋଲିସ ଡିଜି ଓମ୍‌ପ୍ରକାଶ ସିଂ ଖଣ୍ଡନ କରିଛନ୍ତି। ଇତିମଧ୍ୟରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀ କହିଛନ୍ତି, ବିକ୍ଷୋଭକାରୀ ବା ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ଉପରେ କେହି ବଳପ୍ରୟୋଗ କରିବା ଅନୁଚିତ। ପୋଲିସ ଲାଠି କିମ୍ବା ଅନ୍ୟ କୌଣସି ଅସ୍ତ୍ର ବ୍ୟବହାର ନ କରୁ।

### ସମ୍ବିଧାନ ମୁଖବନ୍ଧରେ 'ଅହିଂସା'କୁ ସ୍ଥାନ ଦିଆଯାଉ

# ଦାବି ଦୋହରାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**



ଭାରତୀୟ ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦକୁ ରଖିବା ଦାବିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ଥରେ ଦୋହରାଇଛନ୍ତି। ସେ କହିଛନ୍ତି ଯେ ଅହିଂସା ବିଶ୍ୱକୁ ଭାରତର ସବୁଠାରୁ ଶକ୍ତିଶାଳୀ ବାର୍ତ୍ତା ଦେଉଛି। ଅହିଂସା ହିଁ ଆମ ସ୍ୱାଧୀନତା ସଂଗ୍ରାମକୁ ବିଶ୍ୱର ସବୁ ସଂଗ୍ରାମ ଠାରୁ ନିଆରା କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଷ୍ଟ୍ରପତି ଭବନଠାରେ ଗୁରୁବାର ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ନିମନ୍ତେ ଗଠିତ ଜାତୀୟ କମିଟିର ଦ୍ୱିତୀୟ ବୈଠକରେ ଉଦ୍‌ବୋଧନ ଦେଇ ନବୀନ କହିଛନ୍ତି ଯେ ଅହିଂସା ହିଁ ଶାନ୍ତି, ବିକାଶ ଓ ସାମ୍ୟତାର ମାର୍ଗ। ତେଣୁ ବିକାଶ ଲାଗି ଗାନ୍ଧିଜୀଙ୍କ ଅହିଂସାକୁ ଯୁବ ସମାଜ ଆପଣାଇବା ପାଇଁ ସେ ଆହ୍ୱାନ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ମହାତ୍ମା ଗାନ୍ଧୀଙ୍କ ଅହିଂସା ତତ୍ତ୍ୱରେ ଦର୍ଶାଯାଇଛି, ଦାରିଦ୍ର୍ୟ ଓ ସାମାଜିକ ଅବିଚାର ସବୁଠାରୁ ବଡ ହିଂସା। ଗାନ୍ଧିଜୀଙ୍କ ମତରେ ଯେତେବେଳ ପର୍ଯ୍ୟନ୍ତ ଦାରିଦ୍ର୍ୟ ରହିଥିବ ସ୍ୱାଧୀନତାର ମୂଲ୍ୟ ଅର୍ଥହୀନ। ବିନା ଅହିଂସାରେ ଗରିବୀ ଦୂର କରାଯାଇପାରିବ ନାହିଁ। ଜାତି, ଧର୍ମ, ବର୍ଣ୍ଣ ଭିତ୍ତିରେ ସମାଜକୁ ବିଭକ୍ତ କରୁଥିବା ଶକ୍ତିର ପରାଜୟରେ ହିଁ ପ୍ରଗତି ହାସଲ କରାଯାଇପାରିବ। ତେଣୁ ଅହିଂସା ଶବ୍ଦ ଭାରତୀୟ ସମ୍ବିଧାନର ମୁଖବନ୍ଧରେ ସ୍ଥାନିତ ହେଲେ ତାହା ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଛନ୍ତି। ଏହା ଭାରତ ତଥା ବିଶ୍ୱର ଭବିଷ୍ୟତ ପିଢିକୁ ଗାନ୍ଧିଜୀଙ୍କ ଏହି ଉକ୍ତିର ଦୃଢ ସତ୍ୟତା ସବୁଦିନ ସ୍ମରଣ କରାଇ ଦେଉଥିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।





ବାରବାଟୀ ଷ୍ଟାଡିୟମରେ ରବିବାର ତୃତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଖେଳିବା ପାଇଁ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିବାପରେ ଦୁଇ ଦଳର ଅଧିନାୟକ ଭାରତର ବିରାଟ କୋହଲି ଓ ୱେଷ୍ଟଇଣ୍ଡିଜର କିରନ ପୋଲାର୍ଡ। **(ରିପୋର୍ଟ ଖେଳ ପୃଷ୍ଠାରେ)**

# 'କ୍ୟୁଆର-ଏସଏଏମ୍' କ୍ଷେପଣାସ୍ତ୍ର ପରୀକ୍ଷଣ

**ବାଲେଶ୍ୱର ଅଫିସ,୧୯।୧୨**



କ୍ୟୁଆର-ଏସଏଏମ୍ କ୍ଷେପଣାସ୍ତ୍ରର ପରୀକ୍ଷା କରାଯାଉଛି।

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଡିଆରଡିଓ (ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥା) ପକ୍ଷରୁ ଆଇଟିଆର୍ (ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ) ୩ ନମ୍ବର ଲଞ୍ଚପ୍ୟାଡ୍‌ରେ ସ୍ୱଳ୍ପ ଦୂରଗାମୀ 'କ୍ୟୁଆର୍-ଏସ୍ଏଏମ୍' କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଇଛି। ଗୁରୁବାର ଅପରାହ୍ଣ ୪ଟା ୨୦ମିନିଟ୍‌ରେ ଏକ ଟ୍ରକ୍‌ରେ ଲାଗିଥିବା କାନିଷ୍ଟରରୁ ଏହି କ୍ଷେପଣାସ୍ତ୍ରକୁ ଭୂପୃଷ୍ଠରୁ ଆକାଶକୁ ଉତ୍‌କ୍ଷେପଣ କରାଯାଇଥିଲା। ଏହା ଭାରତୀୟ ଆକାଶରେ ବିନା ଅନୁମତିରେ ପ୍ରବେଶ କରୁଥିବା ଶତ୍ରୁପକ୍ଷର ବିମାନ ଓ କ୍ଷେପଣାସ୍ତ୍ରକୁ ଅବିଳମ୍ବେ ଧ୍ୱଂସ କରିପାରିବ। ଏହି କ୍ଷେପଣାସ୍ତ୍ର ଶତ୍ରୁପକ୍ଷର ରାଡ଼ାର, ଟ୍ୟାଙ୍କ, ବଙ୍କର ଆଦିକୁ ଧ୍ୱଂସ କରିବାର କ୍ଷମତା ରଖିଛି।

### ରାଜ୍ୟ ଦାୟିତ୍ୱରୁ ମୁକ୍ତ ହେଲେ ନୀତେନ

**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ):** ୧୯୯୦ ବ୍ୟାଚ୍ ଆଇଏଏସ୍ ଅଧିକାରୀ ନୀତେନ ଚନ୍ଦ୍ରଙ୍କୁ ଗୁରୁବାର ଓଡ଼ିଶା ସବ୍-ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ ଅଧକ୍ଷ ଏବଂ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପ୍ରମୁଖ ସଚିବ ଦାୟିତ୍ୱରୁ ମୁକ୍ତ କରାଯାଇଛି। ନୀତେନ ବର୍ତ୍ତମାନ କେନ୍ଦ୍ରୀୟ ଡେପୁଟେଶନରେ ଯୋଗ ଦେଇ ପାରିବେ। ନୂଆ ନିଯୁକ୍ତି ଅନୁଯାୟୀ ନୀତେନ ଭାରତ ସରକାରଙ୍କ କେନ୍ଦ୍ରୀୟ ସୂଚନା କମିଶନଙ୍କ ସଚିବ ଭାବେ କାର୍ଯ୍ୟ କରିବେ। ଏହି ପଦ କେନ୍ଦ୍ର ସରକାରଙ୍କ ଅତିରିକ୍ତ ସଚିବ ପାହ୍ୟାର ବୋଲି ଜଣାପଡ଼ିଛି।

ଆଜିର ସମ୍ପାଦକୀୟ
ଜିଏସ୍‌ଟି ସରଳ କର

Vencobb FRESH CHICKEN
19.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 88 | 142 | 152 |
| DKL | 91 | 146 | 156 |
| BDK | 85 | 139 | 149 |
| BLS | 85 | 139 | 149 |
| ANG | 92 | 148 | 158 |
| BHM | 92 | 148 | 158 |

*Conditions Apply
Issued in the Interest of Consumers






## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଆଦେଶ୍ୱର ପରିବାରବର୍ଗ


ଅମନ୍ କୁମାର୍ ପରିବାରବର୍ଗ


ମୋନାଲିସା ପରିବାରବର୍ଗ


ସାଇ ସ୍ୱରୂପ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**କିଛି ତଥ୍ୟ**
୨୦୧୮-୧୯ ଆର୍ଥିକ ବର୍ଷରେ ଭାରତ ୬.୩ ବିଲିୟନ ଡଲାରର ସାମୁଦ୍ରିକ ପ୍ରଡକ୍ଟ ବିଦେଶକୁ ରପ୍ତାନି କରିଛି।
- ଡିଜିଏଫ୍‌ଟି

**ଆଜିର ମନ୍ତବ୍ୟ**
"ସାମ୍ପ୍ରତିକ ଚ୍ୟାଲେଞ୍ଜଗୁଡ଼ିକୁ ସାମ୍ନା କରିବା ପାଇଁ ଗାନ୍ଧୀବାଦୀ ବିଚାରଧାରା ଆପଣାଯିବା ଜରୁରୀ।
- ରାମନାଥ କୋବିନ୍ଦ, ରାଷ୍ଟ୍ରପତି

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ସୁନୀଲ ସାହୁ


ମୋନାଲିସା ସାହୁ


ନାଜିଆ ସୁମ୍ବୁଲ


ଶଙ୍କର୍ଷଣ ପାଣିଗ୍ରାହୀ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଏସ୍‌ସି, ଏସ୍‌ଟି ହଷ୍ଟେଲ ଚାଉଳ ଚୋରି ଭିଡିଓ ଭାଇରାଲ

# ଶିକ୍ଷକ, ଆଟେଣ୍ଡାଣ୍ଟ ନିଲମ୍ବିତ: ୩ ଜଣଙ୍କ ନାଁରେ ଏତଲା ନିର୍ଦ୍ଦେଶ

**ଛତ୍ରପୁର,୧୯।୧୨(ଡି.ଏନ୍.ଏ.)**

ଗଞ୍ଜାମ ବ୍ଲକ ହୁମ୍ମାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଆବାସିକ ହଷ୍ଟେଲର ଗୋଦାମରୁ ଚାଉଳ ଚୋରି ହୋଇଥିଲା। ଏହାର ଏକ ଭିଡିଓ ଭାଇରାଲ ହେବା ପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୨ ଜଣଙ୍କୁ ଗୁରୁବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ସମ୍ପୃକ୍ତ ସ୍କୁଲର ଶିକ୍ଷକ ଭ୍ରମରବର ବେହେରା ଓ ଆଟେଣ୍ଡାଣ୍ଟ ବାଳକୃଷ୍ଣ ପଟ୍ଟନାୟକ ନିଲମ୍ବିତ ହୋଇଛନ୍ତି। ଏହି ୨ ଜଣଙ୍କ ସମେତ ଚାଉଳ ଚୋରିର ଭିଡିଓ ଉତ୍ତୋଳନ କରିଥିବା ଆଟେଣ୍ଡାଣ୍ଟଙ୍କ ପୁଅଙ୍କ ନାମରେ ରମ୍ଭା ଥାନାରେ ଏତଲା ଦେବାକୁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହୁମ୍ମା ସରକାରୀ ଅନୁସୂଚିତ ଜାତି ଓ ଜନଜାତି ହଷ୍ଟେଲ ଗୋଦାମରୁ ଚାଉଳ ଅନ୍ୟ ସ୍ଥାନକୁ ନିଆଯାଉଥିବାର ଏକ ଭିଡିଓ ଭାଇରାଲ ହୋଇଥିଲା। ଏହାର ତଦନ୍ତ ପାଇଁ ଜିଲା ମଙ୍ଗଳ ଅଧିକାରୀ ପରିକ୍ଷିତ ଦାଶଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲା ମଙ୍ଗଳ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ହେଡକ୍ୱାର୍ଟର ଓ ଛତ୍ରପୁର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ତଦନ୍ତ କରିଥିଲେ। ଉଭୟ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଉକ୍ତ ସ୍କୁଲକୁ ଯାଇ ଘଟଣାର ତଦନ୍ତ କରି ଜିଲା ମଙ୍ଗଳ ଅଧିକାରୀଙ୍କୁ ରିପୋର୍ଟ ଦେଇଥିଲେ । ଘଟଣାର ସତ୍ୟାସତ୍ୟ ଥିବା ଜିଲାପାଳଙ୍କୁ ଜିଲା ମଙ୍ଗଳ ଅଧିକାରୀ ରିପୋର୍ଟ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ଆବାସିକ ସ୍କୁଲରେ ୩୯୦ ଜଣ ଛାତ୍ର ରହି ପାଠ ପଢୁଛନ୍ତି।

ପ୍ରଥମ ପୃଷ୍ଠାରୁ...

## ବଳାତ୍କାରୀଙ୍କୁ...

କେହି ନ ଥିବାର ସୁଯୋଗ ନେଇ ସୁନୀଲ ରାସ୍ତାରେ ଖେଳୁଥିବା ସେହି ଝିଅକୁ ପ୍ରଲୋଭିତ କରି ପାଖ ଦୋକାନରୁ ଚକୋଲେଟ କିଣି ଦେଇଥିଲେ। ତା'ପରେ ପାଖରେ ଥିବା ଏକ ସ୍କୁଲ ପରିସରକୁ ନେଇ ବଳାତ୍କାର କରିଥିଲେ। ଏତିକିରେ ସୁନୀଲଙ୍କ ମନ ଶାନ୍ତି ହୋଇ ନ ଥିଲା। ଶିଶୁଟି କାଳେ ବଳାତ୍କାର କଥା ପରିବାର ଲୋକଙ୍କୁ କହିଦେବ ଏହି ଚିନ୍ତା ସୁନୀଲଙ୍କୁ ଘାରିଥିଲା। ଶେଷରେ ସେ ଘଟଣାସ୍ଥଳରେ ହିଁ ଶିଶୁଟିକୁ ତଣ୍ଟିଚିପି ହତ୍ୟା କରିଥିଲେ। ପରିବାର ଲୋକେ ଘରକୁ ଫେରିବା ପରେ ଝିଅକୁ ନ ପାଇ ବହୁ ଖୋଜାଖୋଜି କରିଥିଲେ। ଝିଅଟି ପାଖରେ ଥିବା ନିଜ ଆଈ ଘରକୁ ଯାଇଥିବ ବୋଲି ପରିବାର ଲୋକେ ସନ୍ଦେହ କରି ଚୁପ୍ ରହିଥିଲେ। ହେଲେ ତା' ପରଦିନ ସ୍ଥାନୀୟ ପ୍ରାଥମିକ ସ୍କୁଲର ଜଣେ କର୍ମଚାରୀ ରୋଷେଇ ଘରେ ବସିବା ଅବସ୍ଥାରେ ନାବାଳିକାଙ୍କ ମୃତଦେହ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ପରିବାର ଲୋକେ ସେଠାରେ ପହଞ୍ଚି ଝିଅକୁ ଚିହ୍ନଟ କରିବା ସହ ପୋଲିସକୁ ଖବର ଦେଇଥିଲେ। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ନାବାଳିକାଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟରେ ନାବାଳିକା ବଳାତ୍କାରର ଶିକାର ହୋଇଥିବା ଜଣାପଡିଥିଲା। ଏହାକୁ ନେଇ ପୋଲିସ ବଳାତ୍କାର ଓ ହତ୍ୟା ମାମଲା (ନଂ.୫/୧୪।୧।୨୦୧୭ ଓ ଧାରା ୩୬୩/୩୦୨ ଆଇପିସି) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗ୍ରାମବାସୀ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କଠୋର ଦଣ୍ଡ ବିଧାନ ପାଇଁ ଦାବି କରିଥିଲେ। ଉକ୍ତ ଘଟଣାର ତଦନ୍ତ ଥାନା ଏସ୍‌ଆଇ ବି.ଏମ.କାରଡା କରୁଥିଲେ। ତଦନ୍ତ ବେଳେ ପୋଲିସ ଗ୍ରାମର ଜଣେ ଦୋକାନୀଙ୍କଠାରୁ ସୁରାକ ପାଇ ଅଭିଯୁକ୍ତ ସୁନୀଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ପୋଲିସ ମାର୍ଚ୍ଚ ୩୧, ୨୦୧୭ରେ ଧାରା ୩୬୩/୩୦୨/୩୭୬ (୨)(ଆଇ), ଆଇପିସି ଓ ୪ ପୋକ୍ସୋ ଆକ୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ୨୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି କୋର୍ଟ ସୁନୀଲଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରିଥିବା ସରକାରଙ୍କ ତରଫରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ଗଣେଶ ପ୍ରସାଦ ମହାପାତ୍ର କହିଛନ୍ତି।

# ଆଉ ଦୁଇଦିନ ହେବ ଥଣ୍ଡା

## ଦାରିଙ୍ଗବାଡ଼ିରେ ପାରଦ ୧୦ ଡିଗ୍ରୀ ତଳକୁ ଖସିଲା

ଭୁବନେଶ୍ୱର, ୧୯।୧୨(ବ୍ୟୁରୋ): ଡିସେମ୍ବର ଶେଷ ହେବାକୁ ବସିଲାଣି। ଶୀତର ନାଁଗନ୍ଧ ନ ଥିଲା। ଗୁରୁବାର ହଠାତ୍ ପାରଦ ୨ରୁ ୩ ଡିଗ୍ରୀ ତଳକୁ ଖସିଯିବାରୁ ରାଜ୍ୟରେ ଶୀତ ବଢିଯାଇଛି। ଦାରିଙ୍ଗବାଡ଼ିରେ ପାରଦ ୧୦ ଡିଗ୍ରୀ ତଳକୁ ଖସିଯାଇଛି। ଆସନ୍ତା ୨୩ ତାରିଖ ବେଳକୁ ଆଭ୍ୟନ୍ତରୀଣ ଓଡ଼ିଶାରେ ଅସରାଏ କିମ୍ବା ଦୁଇ ଅସରା ବର୍ଷା ମଧ୍ୟ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ସେ୍‌ଲସିୟସ ରେକର୍ଡ କରାଯାଇଥିବା ବେଳେ କେନ୍ଦୁଝର ୧୦, ଝାରସୁଗୁଡା ୧୦.୩, ହୀରାକୁଦ ୧୪.୮, ଫୁଲବାଣୀ ୧୧, ସମ୍ବଲପୁର ୧୧.୫, ସୁନ୍ଦରଗଡ଼ ୧୧.୫, ଭବାନୀପାଟଣା ୧୨.୫, ବାରିପଦା ୧୧.୫, ହୀରାକୁଦ ୧୪.୬, ତାଳଚେର ୧୪.୭, ବଲାଙ୍ଗୀର ୧୫.୬, କୋରାପୁଟ ୧୨.୮, ଟିଟିଲାଗଡ଼ ୧୨.୬, ମାଲକାନଗିରି ୧୮, ସୋନପୁରରେ ସର୍ବାଧିକ ୧୮.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଷଷ୍ଠସ୍ଥ ଚନ୍ଦ୍ର ଯୋଗୁ ଖର୍ଚ୍ଚଭାରର ଆଧିକ୍ୟ, ପୁରାତନ ରୋଗପୀଡା, ପୂର୍ବ ଶତ୍ରୁତା, ପିଲାମାନଙ୍କ ସମ୍ବନ୍ଧୀୟ ଥିବା ଦୁଶ୍ଚିନ୍ତା ସମ୍ପର୍କରେ ଚିନ୍ତିତ ରହିବେ। ଯେଉଁ କାମ କରନ୍ତୁନା କାହିଁକି, ଅବଶ୍ୟ ଠିକ୍ ସମୟରେ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ। ଶିଳ୍ପ, ବାଣିଜ୍ୟ, ନିର୍ମାଣ, ପରିବହନ, ବ୍ୟବସାୟିକସ୍ଥିତି ପ୍ରାୟତଃ ହାଲୁକା ରହିବ।

**ବୃଷ**
ଆଜିର ଗ୍ରହସ୍ଥିତି ପ୍ରତ୍ୟୁଷ ଯାତ୍ରା, ନୂତନ ବାଣିଜ୍ୟାରମ୍ଭ, ଆଲୋଚନା, ବନ୍ଧୁ ମିଳନ ପାଇଁ ସୁନ୍ଦର ସୁଯୋଗ ସୃଷ୍ଟି କରିବ। କୌଣସି ଆଲୋଚନାରେ ତର୍କ ଓ ବିବାଦୀୟ କଥା, ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢିପାରେ। ପାରିବାରିକ ସମ୍ପର୍କ, ପରିବହନ କ୍ଷେତ୍ରରେ ସମସ୍ୟା, କର୍ମପରିସର ମଧ୍ୟରେ ପରୋକ୍ଷ ଶତ୍ରୁତା ହେତୁ ଚିନ୍ତା କରିପାରନ୍ତି।

**ମିଥୁନ**
ଆଜି ହାତରୁ ଖର୍ଚ୍ଚ କରି ଅନ୍ୟକୁ ଖୁଆଇ ପିଆଇ ଘରେ, ବାହାରେ ସବୁଠି ଆଦର ଓ ସ୍ନେହ ଆପଣଙ୍କ ଲୋକପ୍ରିୟତାକୁ ବଢାଇ ଦେଇପାରେ। ଟଙ୍କା ବାକି ଥିବା ଲୋକଟିକୁ ବକେୟା ମାଗିବା କାରଣରୁ ପରିସ୍ଥିତି ଉତ୍ତେଜନାମୂଳକ ହୋଇପାରେ। ବ୍ୟବସାୟ, ପରିବହନରେ କିଛିଟା ସମସ୍ୟା ଦେଖାଦେବାର ଆଶଙ୍କା ରହିଛି।

**କର୍କଟ**
ନିଜ ଦ୍ୱାରା ଉପକୃତ ହୋଇଥିବା ବ୍ୟକ୍ତିମାନଙ୍କ ବେଖାତିର ମନୋଭାବ ଯୋଗୁ ରାଗିପାରନ୍ତି। କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ପଡିବ। ପାରିବାରିକ କ୍ଷେତ୍ରରେ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ବ୍ୟବସାୟ, ଭ୍ରମଣ, ନୂତନ କର୍ମାରମ୍ଭ ପାଇଁ ସୁବିଧା ସୁଯୋଗ ମିଳିବ।

**ସିଂହ**
ସ୍ୱାସ୍ଥ୍ୟ ପ୍ରତି ଜଗି ରଖି ନ ଚଳିଲେ ଅସୁବିଧାର ସମ୍ମୁଖୀନ ହେବେ। ମନ କଥା ମନରେ ରଖି ଯଥା ସମ୍ଭବ ଔପଚାରିକତାକୁ ଭୁଲିଯିବା ଠିକ୍ ହେବନାହିଁ। ବନ୍ଧୁଙ୍କଠାରୁ ନାସ୍ତି ସୂଚକ ବାକ୍ୟ ଶୁଣି ବିଷାଦଗ୍ରସ୍ତ ହେବେ। ହଜି ଯାଇଥିବା ଜିନିଷ ପୁଣି ଫେରି ପାଇବେ, ଅବଶ୍ୟ କିଛି ସମୟ ହଇରାଣ ହେବାକୁ ପଡିବ।

**କନ୍ୟା**
କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟ ହେବେ । ବ୍ୟବସାୟ,ବାଣିଜ୍ୟ, ପରିବହନ, ଲୋକ ସମ୍ପର୍କ, ଗଠନମୂଳକ କିମ୍ବା ଆନୁଷ୍ଠାନିକ କାମରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିବ।

**ତୁଳା**
କର୍ମକ୍ଷେତ୍ରରେ ସହକର୍ମୀମାନଙ୍କୁ ନୂତନ ଦିଗ୍‌ଦର୍ଶନ ଦେଇ ପ୍ରଶଂସିତ ହେବେ। ଆବଶ୍ୟକତା ପୂରଣ କରିବା ସକାଶେ ଟଙ୍କା ଯୋଗାଡ କରିବାରେ ସକ୍ଷମ ହୋଇପାରନ୍ତି। ନୂତନଗାଡି, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର, ପୋଷାକପତ୍ର କିଣିବା ପାଇଁ ମନ ବଳାଇ ପାରନ୍ତି। ସଭାସମିତି, ସାହିତ୍ୟ ଚର୍ଚ୍ଚା, ମେଳା ମହୋତ୍ସବ, ସଙ୍ଗୀତ ଆସରରେ ନିଜକୁ ସାମିଲ କରିପାରନ୍ତି।

**ବିଛା**
ଆଜି ହଠାତ୍ କିଛି ନୂଆ କାମ ଆରମ୍ଭ କରିବା ସକାଶେ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିପାରେ । ଆଜି ହିଁ ଯୋଗାଯୋଗ କରନ୍ତୁ, ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ । ବାଣିଜ୍ୟ, ବ୍ୟବସାୟ, ସଭା ସମିତି, ଆନୁଷ୍ଠାନିକ ଆଲୋଚନାକୁ ପୂରା କରିବେ।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ। ପାରିବାରିକ କ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। କର୍ମକ୍ଷେତ୍ରରେ ଲାଗି ରହିଥିବା ଟେନ୍‌ସନ୍ ଦୂର ହେବ। ଆଶା ପୂରଣ ହେବା ମାନସରେ ଅନ୍ୟର ପ୍ରହେଳିକାପୂର୍ଣ୍ଣ କଥାରେ ପଡି ପଛରେ ଦୌଡିପାରନ୍ତି।

**ମକର**
ନବମସ୍ଥ ଚନ୍ଦ୍ର ପ୍ରଭାବରୁ ଦିନଟି ବହୁତ ଖୁସୀ ଓ ଆନନ୍ଦରେ ଅତିବାହିତ ହେବ। ନୂତନ ବନ୍ଧୁତା ସ୍ଥାପନ କରିବା ଦିଗରେ ଆଜି ଦିନଟି ସ୍ମରଣୀୟ ହୋଇ ରହିବ। ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ ନେଇ ବିବାଦ ଦେଖାଦେଇ ପାରେ । କାର୍ଯ୍ୟକ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି।

**କୁମ୍ଭ**
ନିଜର ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ପାରିବାରିକ କ୍ଷେତ୍ରରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ପ୍ରଶାସନ, ପ୍ରେସ୍ ଓ ପବ୍ଲିକେଶନ, ଗବେଷଣା, ଅନୁସନ୍ଧାନରେ ଆଶାନୁଯାୟୀ ଫଳ ପାଇବେ। ବ୍ୟବସାୟ, ପରିବହନ, ସଭାସମିତି, ଆଲୋଚନାରୁ ଖୁସୀ ରହିବେ।

**ମୀନ**
ଆଜି ବିଭିନ୍ନ ପ୍ରକାରର କାର୍ଯ୍ୟବ୍ୟସ୍ତତା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ପୂର୍ବବିବାଦକୁ କେନ୍ଦ୍ରକରି ଶତ୍ରୁ କେହି ଅସୁବିଧାରେ ପକାଇପାରନ୍ତି, ଏଣୁ ସତର୍କ ରହିବା ଭଲ। ବ୍ୟବସାୟ, କଚେରି ମାମଲା ଓ ପରିବହନ କ୍ଷେତ୍ରରେ ଝଗଡା ଲାଗିପାରେ। ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡିପାରେ।

ଆଜି ପୌଷ କୃଷ୍ଣ ନବମୀ ଶୁକ୍ରବାର, ଡିସେମ୍ବର ୨୦ ତାରିଖ, ଅନ୍ତଃରାଷ୍ଟ୍ରୀୟ ମାନବ ଏକତା ଦିବସ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୭।୦୩ମି. ମଧ୍ୟେ, ଘ.୭।୪୬ମି. ଗତେ ଘ.୯।୫୬ମି. ମଧ୍ୟେ ଅମୃତବେଳା। ଦିବା ଘ.୭।୪୦ମି. ଗତେ ଘ.୯।୦୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୦।୨୩ମି. ଗତେ ଘ.୧୧।୪୪ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302

**real estate**

**SALE**

ନଖରା ତ୍ରିନାଥବଜାରଠାରେ **SC Plot 1200sqft. 4,44,000/-,** ଘରବାରୀ ପାଚେରୀ ଥାଇ **outright**ରେ ମିଳୁଅଛି- **9348817649, 6371569855.** D-68443

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68927

**Bhubaneswar Kesura SBI** କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ **Airport**ରୁ **5k.m** ସୁନ୍ଦରପଦାରେ **plot** ମିଳୁଅଛି- **9078736851.** D-68445

**11000sqft. single plot near C.V. Raman college, Janla Sqft. 800/- 9438400633.** D-68448

SC House ready to move 23,50,000/- finishing Hanspala- 8093465134, 9668194157. D-68633

ଭୁବନେଶ୍ୱର ପାହାଳ (ବଙ୍ଗୁଆରୀ) ଓ ନଖରାରେ ସଙ୍ଗେ ସଙ୍ଗେ ଘରକଲା ଭଳି **plot 30'** ରାସ୍ତାଥାଇ ବିକ୍ରି ହେଉଅଛି। **9692712917, 8249728525.** D-68449

**Ready to move 2/3 BHK flat in landmark PH-2, Sundarpada, Big Society, clubhouse, park available. Contact: 9938569014, 9861433014.** D-15661

**Bhubaneswar** ପିତାପଲ୍ଲୀଛକରେ **NH**କୁ ଲାଗିକି **plot** ମିଳୁଅଛି। **9090963952.** D-68451

ଭୁବନେଶ୍ୱର ଫୁଲନଖରା ତ୍ରିନାଥବଜାର ନିକଟରେ ଘରବାରି, **Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘରକଲା ଭଳି **developed** ପ୍ଲଟ୍ କିଣନ୍ତୁ। **(Limited plots).** ଯୋଗାଯୋଗ- **7381029351, 9937111658.** D-68455

**construction**

Construct your building as per your terms and condition. Contact: 9937064680. D-27284

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**to-let**

Open back space land for rent at Khandagiri. Contact: 9178310505. D-68728

**packers & movers**

India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15784

**healthcare**

Rejuvenate and ayurvedic full body massage by smart therapist. 9114402304. D-68904

Sai herbal spa refresh your body with smart, expert therapist. 7608062524. D-68923

Take full body therapy. Just call 7852986810. D-68528

Ayurvedic full body massage smart boy's therapist home services available- 9937929638. D-15701

Full body herbal massage with refreshment expert therapist. 7381239385, 06 742540855. D-68929

Experience full body massage with us (expert). Call: 7377048581, 06742597822. D-68930

Herbal full body massage by smart / expert therapist. Contact: 8338067247. D-68931

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68932

Newly open full body massage by ladies, gents therapist. 8018656899 D-60858

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68730

Ayurvedic full body massage by ladies, gents therapist. 7008773793 D-60859

Ayurvedic full body massage ladies and gents. Contact: 9861064981. D-68732

Refresh your mind and soul with best therapy at Orchid Salon/Spa. 9937287222. D-68729

Monalisa Massage Club: All types body massage with hiprofile smart lady rooms service available- 9708545108. D-15810

**business**

**Caterer/ gharka khana/ Tiffin system north indian Lunch & Dinner weekly three days Nonveg with home delivery @ 3500/- per month. Bhubaneswar, for details Contact: 9668732935.** D-67267

**AFFIDAVIT**

I Chacalya Kisan S/o Makunda Kisan, R/o Kadopada, Tainsar, Sambalpur, Odisha-768227 have changed my name as Chasalya Kisan . D-15811

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Notary Public, Jharsuguda, I Smt. Sudesna Behera , W/o- Trinath Behera, R/o- At. Opposite Mini Stadium, OSAP, Jharsuguda declare that the names Sudesna Behera, Sudesna Kumari Parida and Sudeshna Behera relates to one and same person. D-37384

By virtue of an affidavit sworn before the Notary Public, Titilagarh, I Khem Chand Agrawal, R/o- Thikadarpada, PO/PS- Titilagarh, Dist- Bolangir declare that my name is wrongly mentioned as Kshem Chand Agrawal in place of Khem Chand Agrawal. That both the names relates to the one and same person. D-37385

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ନାଗରିକତା ସଂଶୋଧନ ଆଇନ ପ୍ରତ୍ୟାହାର ଦାବି | ଓଡ଼ିଶାରେ ତେଜିଲା ବିରୋଧର ସ୍ୱର

- ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ
- ଲୋୟର ପିଏମ୍‌ଜିରେ ଗର୍ଜିଲେ ବାମପନ୍ଥୀ ଦଳ ଓ ଛାତ୍ରୀଛାତ୍ର







ସିଏଏକୁ ବିରୋଧ କରି ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିଭିନ୍ନ ବାମପନ୍ଥୀ ଦଳ ପକ୍ଷରୁ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରା। ମହିଳା ବିରୋଧୀ ହିଂସା, ପୋଲିସର ବର୍ବରତା ଏବଂ ସିଏଏ ଓ ଏନ୍‌ଆର୍‌ସି ବିରୋଧରେ ମାଷ୍ଟରକ୍ୟାଣ୍ଟିନ ଛକରେ ଛାତ୍ର ସଂଗଠନଗୁଡ଼ିକର ପ୍ରତିବାଦ।

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**

ନାଗରିକତା ସଂଶୋଧନ ଆଇନ (ସିଏଏ) ଓ ନ୍ୟାଶନାଲ ରେଜିଷ୍ଟର ଅଫ୍ ସିଟିଜେନ୍ସ (ଏନ୍‌ଆରସି) ବିରୋଧୀ ଆନ୍ଦୋଳନ ଦେଶର ବିଭିନ୍ନ ରାଜ୍ୟକୁ ବ୍ୟାପିବାରେ ଲାଗିଛି। ଆସାମ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ଦିଲ୍ଲୀ ସମେତ ଦେଶର ବିଭିନ୍ନ ପ୍ରାନ୍ତରରେ ହିଂସା ଲାଗି ରହିଥିବାବେଳେ ଓଡ଼ିଶାରେ ପ୍ରତିବାଦର ସ୍ୱର ତେଜିବାରେ ଲାଗିଛି। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସଂଖ୍ୟାଲଘୁ ସମ୍ପ୍ରଦାୟ ରାସ୍ତାକୁ ଓହ୍ଲାଇଛି। ଦୁଇଦିନ ତଳେ ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇଥିଲେ। ଗୁରୁବାର ମଧ୍ୟ ରାଜ୍ୟବ୍ୟାପୀ ସିଏଏ ବିରୋଧୀ ଆନ୍ଦୋଳନ ଦେଖିବାକୁ ମିଳିଥିଲା। ରାଜଧାନୀର ଲୋୟର ପିଏମ୍‌ଜିରେ ବାମପନ୍ଥୀ ଦଳ ଓ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଟକ ସାଲେପୁରରେ ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ବିରୋଧ କରାଯାଇଥିଲା। ରାୟଗଡାରେ ସିପିଆଇ ପକ୍ଷରୁ ସିଏଏ ଓ ଏନ୍‌ଆର୍‌ସିକୁ ବିରୋଧ କରାଯାଇଥିଲା। ସେହିଭଳି ରାଉରକେଲା ଉଦିତ ନଗର ଆମ୍ବେଦକର ଛକରେ ସିପିଆଇ, ସିପିଆଇ(ଏମ୍) ଏବଂ ସିପିଆଇ(ଏମ୍‌ଏଲ)ର ସଦସ୍ୟମାନେ ଧାରଣାରେ ବସି ପ୍ରତିବାଦ ଜଣାଇଥିଲେ। ସିପିଆ, ସିପିଆଇ(ଏମ୍), ସିପିଆଇ(ଏମ୍) ଲିବରେଶନ, ସିପିଆଇଏମ୍‌ଏଲ୍ ରେଡ୍‌ଷ୍ଟାର୍ ଓ ଫରୱାର୍ଡ ବ୍ଲକ୍ ପକ୍ଷରୁ ଭୁବନେଶ୍ୱରଠାରେ ଅନୁଷ୍ଠିତ ସିଏଏ ବିରୋଧୀ ଶୋଭାଯାତ୍ରା ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରି ଲୋୟର ପିଏମ୍‌ଜିରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସିପିଆଇ(ଏମ୍)ର ବରିଷ୍ଠ ନେତା ଜନାର୍ଦ୍ଦନ ପତି, ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ କ୍ଷିରୋଦ କୁମାର ସିଂଦେଓ, ସିପିଆଇ(ଏମ୍) ଲିବରେଶନର ରାଜ୍ୟ ନେତା ମହେନ୍ଦ୍ର ପରିଡା, ଫରୱାର୍ଡ ବ୍ଲକର ଯୁବ ନେତା ନାରାୟଣ ଡାଲୁଅ ପ୍ରମୁଖ ସିଏଏ ଆଇନ ବିରୋଧରେ ଗର୍ଜିଥିଲେ। ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ କହିଛନ୍ତି, ସିଏଏ ଆମ ସମ୍ବିଧାନର ମୌଳିକ ଢାଞ୍ଚାକୁ ବିରୁଦ୍ଧାଚରଣ କରୁଛି। ଧର୍ମ ନାମରେ ବିଦେଶୀ ଶରଣାର୍ଥୀଙ୍କୁ ଭାରତର ନାଗରିକତ୍ୱ ଦେବା ଓ ମୁସଲମାନଙ୍କୁ ବାଦ୍‌ଦେବା ସମ୍ବିଧାନ ଓ ଧର୍ମ ନିରପେକ୍ଷତାକୁ ଜଳାଞ୍ଜଳି ଦିଆଯାଇଛି। ଯେଉଁଭଳି ଭାବେ ଉଭୟ ଗୃହରେ ବିଲ୍‌କୁ ପାସ୍ କରାଯାଇଛି ତାହା ସମ୍ବିଧାନ ବିରୋଧୀ। ତେଣୁ ତୁରନ୍ତ ଏହି ଆଇନକୁ ପ୍ରତ୍ୟାହାର କରାଯାଉ ବୋଲି ସେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଗୁରୁବାର ରାତିରେ ରାଜଧାନୀର ବିଭିନ୍ନ କଲେଜରେ ପଢୁଥିବା ଛାତ୍ରୀଛାତ୍ର, ଯୁବବର୍ଗ ଓ ମହିଳା ଆନ୍ଦୋଳନକୁ ଓହ୍ଲାଇଥିଲେ। ୧୯୪୭ରୁ ଜନ୍ମ ନେଇଥିବା ଭାରତର ସମ୍ବିଧାନ ୨୦୧୯ ମୃତ୍ୟୁ ଘଟିଥିବା ଦର୍ଶାଇ କଫିନରେ କ୍ୟାଣ୍ଡଲ ଲଗାଇ ଛାତ୍ରୀଛାତ୍ରମାନେ ଅଭିନବ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରିହାନ ନାମକ ଯୁବକ କହିଛନ୍ତି, ଅନ୍ୟ ଦେଶରୁ ଆସି ଆଶ୍ରୟ ନେଉଥିବା ଶରଣାର୍ଥୀଙ୍କୁ ନାଗରିକତା ଦେବା ଠିକ୍ ଅଛି। କିନ୍ତୁ ମୁସଲମାନଙ୍କୁ କ'ଣ ପାଇଁ ଅଣଦେଖା କରାଗଲା ବୋଲି ପ୍ରଶ୍ନ ଉଠାଇଥିଲେ।

# ରକେଟ୍ ଲଞ୍ଚର 'ପିନାକା'ର ବ୍ୟବହାରିକ ପରୀକ୍ଷଣ



**ବାଲେଶ୍ୱର ଅଫିସ,୧୯।୧୨**

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଡିଆର୍‌ଡିଓ (ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥା) ର ପିଏକ୍ସଇ (ପ୍ରୁଫ୍ ଆଣ୍ଡ ଏକ୍ସପେରିମେଣ୍ଟାଲ ଏଷ୍ଟାବ୍ଲିଶମେଣ୍ଟ ପକ୍ଷରୁ ବହୁମୁଖୀ ରକେଟ୍ ଲଞ୍ଚର 'ପିନାକା'ର ବ୍ୟବହାରିକ ପରୀକ୍ଷା କରାଯାଇଛି। ଗୁରୁବାର ମଧ୍ୟାହ୍ନ ୧୨ଟା ୫ମିନିଟ୍‌ରେ ଏକ ଟ୍ରକ୍‌ରୁ ଏକାଥରେ ୧୨ଟି ରକେଟ୍ ବିଭିନ୍ନ ଦିଗରେ ଛଡ଼ାଯାଇଥିଲା। ୧ କିଲୋଗ୍ରାମ୍ ୨୫୦ ଗ୍ରାମ୍ ଓଜନର ବିସ୍ଫୋରକ ବହନ କରି ଏହି ରକେଟଗୁଡିକ ମାତ୍ର ୪୪ ସେକେଣ୍ଡରେ ୪୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିଥିଲା। ଡିଆର୍‌ଡିଓ ଦ୍ୱାରା ପ୍ରସ୍ତୁତ ଏବଂ ବିକଶିତ କରାଯାଇଥିବା ଏହି ବହୁମୁଖୀ ରକେଟ୍ ଲଞ୍ଚର ପରୀକ୍ଷଣ ସଫଳ ହୋଇଥିବା କୁହାଯାଇଛି। ପିନାକାର ପରୀକ୍ଷା ସମୟରେ ଡିଆର୍‌ଡିଓର ବୈଜ୍ଞାନିକ ଓ ଏହି ପ୍ରକଳ୍ପ ସହ ସମ୍ପୃକ୍ତ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ। ଭାରତୀୟ ବାୟୁସେନାରେ 'ପିନାକା' ରକେଟ୍ ପୂର୍ବରୁ ସାମିଲ ହୋଇସାରିଛି। ସୂଚନାଯୋଗ୍ୟ, ପୂର୍ବରୁ ଏକାଧିକ ବାର 'ପିନାକା'ର ପରୀକ୍ଷଣ ହୋଇସାରିଛି। ବିଭିନ୍ନ ପରୀକ୍ଷଣ କାଳରେ ଏହାର ଦୂରତା ବୃଦ୍ଧି କରାଯାଉଛି। କାର୍ଗିଲ ଯୁଦ୍ଧ ସମୟରେ ଏହାର ବ୍ୟବହାର କରାଯାଇଥିଲା।

Book for Marriage
@1.5 Lakh package
* 7000 sqft. Marriage hall
* 25000 sqft. Lawn
* 8 nos. Room




THE WELCOME RESORT
At- Majhipali, Sason, Sambalpur
Mob:- 9937000050, 7008987076

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ

**୭ମ ରାଜ୍ୟ ଓଡ଼ିଆ ଟେଲି ପୁରସ୍କାର ବିତରଣ ଉତ୍ସବ**

ତା୨୦।୧୨।୨୦୧୯ରିଖ, ସନ୍ଧ୍ୟା ଘ.୬.୩୦ ମିନିଟ୍
ସ୍ଥାନ: ଉତ୍କଳ ମଣ୍ଡପ, ଭୁବନେଶ୍ୱର

ମୁଖ୍ୟ ଅତିଥି:
**ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ**
ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

ବିଶିଷ୍ଟ ଅତିଥି:
**ଶ୍ରୀଯୁକ୍ତ ଦିବ୍ୟଶଙ୍କର ମିଶ୍ର**
ମାନ୍ୟବର ମନ୍ତ୍ରୀ, ଶକ୍ତି, ଶିଳ୍ପ ଏବଂ ଅଣୁକ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡ଼ିଶା

ସମ୍ମାନନୀୟ ଅତିଥି:
**ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ**
ପ୍ରମୁଖ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

**ଡଃ. ରାମକୃଷ୍ଣ ସାହୁ**
ସ୍ୱତନ୍ତ୍ର ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ସଭାପତି, ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଭୁବନେଶ୍ୱର

**ଶ୍ରୀମତୀ ସଂଘମିତ୍ରା ଶତପଥୀ**
ଯୁଗ୍ମ ନିର୍ଦ୍ଦେଶିକା ତଥା ଯୁଗ୍ମ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

ଜୁରୀ କମିଟିର ଅଧ୍ୟକ୍ଷ, ସମସ୍ତ ସଦସ୍ୟ/ସଦସ୍ୟା ଓ ୨୦୧୯ ରାଜ୍ୟ ଟେଲି ପୁରସ୍କାରର ବିଜେତାମାନଙ୍କୁ ଏହି ଉତ୍ସବରେ ଯୋଗଦେବାକୁ ଅନୁରୋଧ।

ଏହି ଉତ୍ସବରେ କଳାପ୍ରାଣ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବା ନିମନ୍ତେ ସାଦର ନିମନ୍ତ୍ରଣ।

**ଡ. ବିଜୟ କୁମାର ଜେନା**
ସଚିବ
ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର

**ଶ୍ରୀଯୁକ୍ତ ବିଜୟ କୁମାର ନାୟକ**
ନିର୍ଦ୍ଦେଶକ ଓ ଅତିରିକ୍ତ ଶାସନ ସଚିବ
ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

**ଅଭିନନ୍ଦନ**
PRAYASH RE PRABARTAN

ଦୈନିକ ଧରିତ୍ରୀର ୪୬ତମ ଜନ୍ମ ଦିବସ ଉପଲକ୍ଷେ ଧରିତ୍ରୀ ପରିବାର ତଥା ଏହାର ପାଠକ ପାଠିକାମାନଙ୍କୁ ଆମ୍ଭ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା।



ଡା. ଲଲାଟେନ୍ଦୁ ନାୟକ
ପ୍ରତିଷ୍ଠାତା ପ୍ରୟାସରେ ପରିବର୍ତ୍ତନ

ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଉର୍ଦ୍ଧ୍ୱକୁ ଉଠିଥିବା ଯେ କୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ- ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ ଇଚ୍ଛା ବା ସଂକଳ୍ପ କଲେ- ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ।

-ଶ୍ରୀଅରବିନ୍ଦ

# ଜିଏସ୍‌ଟି ସରଳ କର

ସର୍ବକ୍ଷମତାଶାଳୀ ଜିଏସ୍‌ଟି କାଉନ୍‌ସିଲ ବୈଠକ ବୁଧବାର ବସି ସ୍ଥିର କରାଗଲା ଯେ ବର୍ତ୍ତମାନ ଯାହା ଜିଏସ୍‌ଟି ଦର ଓ ସ୍ଲାବ୍ ରହିଛି ତାହା ଅପରିବର୍ତ୍ତିତ ରହିବ। ଏପରି ସମୟରେ ବୈଠକ ବସିଥିଲା, ଯେତେବେଳେ କି ରାଜସ୍ୱ ଆୟ ଆଶାନୁରୂପ ହୋଇ ନ ଥିଲା ଏବଂ ରାଜ୍ୟଗୁଡ଼ିକୁ ଜିଏସ୍‌ଟି କ୍ଷତିପୂରଣ ଦେବା ସରକାରଙ୍କ ପାଇଁ କଷ୍ଟକର ହୋଇପଡ଼ିଥିଲା। ଲୋକେ ବିଶ୍ୱାସ କରୁଥିଲେ ଯେ କାଉନ୍‌ସିଲ ଜିଏସ୍‌ଟି ଦର ଓ ସ୍ଲାବ୍‌ରେ ପରିବର୍ତ୍ତନ କରି ତାକୁ ବୃଦ୍ଧି କରିବ। କିନ୍ତୁ ଭଲ କଥା, ତାହା ସରକାର କରିନାହାନ୍ତି। କେନ୍ଦ୍ର ସରକାରଙ୍କ ଉପରେ ରାଜସ୍ୱ ଚାପ ଅଧିକ ପଡୁଥିବା ମଧ୍ୟ ସରକାର ସ୍ୱୀକାର କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଜିଏସ୍‌ଟି ଆଦାୟ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିପାରି ନାହିଁ। ଏପ୍ରିଲରୁ ନଭେମ୍ବର ମଧ୍ୟରେ ୩,୨୮,୩୬୫ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଥିବା ବେଳେ ଧାର୍ଯ୍ୟ ଲକ୍ଷ୍ୟ ଥିଲା ୫,୨୬,୦୦୦ କୋଟି, ଅର୍ଥାତ୍ ଧାର୍ଯ୍ୟ ଲକ୍ଷ୍ୟରୁ ୪୦ ପ୍ରତିଶତ ଜିଏସ୍‌ଟି କମ୍ ଆଦାୟ ହୋଇଛି। ସେଥିପାଇଁ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ଦେବାରେ କେନ୍ଦ୍ର ସରକାର ବିଳମ୍ବ କରିବାକୁ ବାଧ୍ୟ ହୋଇଥିଲେ। ତେବେ ଏହି ବିଳମ୍ବ ପାଇଁ ରାଜ୍ୟଗୁଡ଼ିକରୁ ଚାପ ପଡ଼ିବା ପରେ ସରକାର ଚଳିତ ସପ୍ତାହ ପ୍ରାରମ୍ଭରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ୩୫,୨୯୮ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସରକାର ପାଇଛନ୍ତି ୧,୦୪୬ କୋଟି ଟଙ୍କା। ଏହି ଟଙ୍କା ଗତ ଅଗଷ୍ଟ ମାସରୁ ମିଳିବାର ଥିବାବେଳେ ଯାହା ମିଳିଛି ତାହା ବହୁତ କମ୍ ଓ ବିଳମ୍ବରେ ମିଳିଛି। ରାଜ୍ୟଗୁଡ଼ିକୁ ଜିଏସ୍‌ଟି ଭାଗ ପ୍ରଦାନରେ ବିଳମ୍ବ ହେତୁ ଖର୍ଚ୍ଚ ହ୍ରାସ ପାଇଛି ଏବଂ ଚାହିଦା ବି ସଂକୁଚିତ ହୋଇଛି। ରାଜ୍ୟଗୁଡ଼ିକ ଯେଉଁ ଟିକସ ଆଦାୟ କରୁଥିଲେ ଜିଏସ୍‌ଟି ଲାଗୁ ହେବା ପରେ ତାହା ବନ୍ଦ ହୋଇଗଲା, ତାହାର କ୍ଷତିପୂରଣ ନିମିତ୍ତ ରାଜ୍ୟଗୁଡ଼ିକୁ ଆଦାୟ ଜିଏସ୍‌ଟିର ୧୪ ପ୍ରତିଶତ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ସ୍ଥାନୀୟ ଟିକସ ଜିଏସ୍‌ଟି ସହ ମିଶିଯିବା ପରେ ସମ୍ବିଧାନ ସଂଶୋଧନ କରାଯାଇ ରାଜ୍ୟଗୁଡ଼ିକୁ ପ୍ରାରମ୍ଭିକ ବର୍ଷଗୁଡ଼ିକରେ କ୍ଷତିର ଭରଣା କରାଯିବ ବୋଲି କୁହାଯାଇଥିଲା। ତେବେ କେନ୍ଦ୍ର ସରକାର ଏକ ସାର୍ବଭୌମ ତ୍ରୁଟି କରିଛନ୍ତି। ଆଗାମୀ ଚାରିମାସ ଭିତରେ ମାସିକ ୧.୧ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହେବ ବୋଲି ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। କେନ୍ଦ୍ର ରାଜସ୍ୱ ସଚିବ ଟିକସ ଆଦାୟ ବୃଦ୍ଧି କରିବାକୁ ଅଫିସରମାନଙ୍କୁ କହିଛନ୍ତି। ବୁଧବାର ଅନୁଷ୍ଠିତ ହୋଇଥିବା ବୈଠକ ପୂର୍ବରୁ ଅର୍ଥନୀତିଜ୍ଞମାନେ ଜିଏସ୍‌ଟି ହାର ଓ ସ୍ଲାବ୍‌ରେ ବୃଦ୍ଧି କରାଯିବ ବୋଲି ଅନୁମାନ କରୁଥିଲେ। କିନ୍ତୁ ଟିକସ ବୃଦ୍ଧି କରାଗଲେ ଆର୍ଥିକ ମାନ୍ଦାବସ୍ଥା ସମୟରେ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଆହୁରି ଅଧିକ ପ୍ରତିକୂଳ ପ୍ରଭାବ ପଡ଼ିବ ବୋଲି ଆଶଙ୍କା କରାଯାଉଥିଲା।

## ଆଜିର ଅର୍ଥନୀତି

ସେଥିପାଇଁ ଜିଏସ୍‌ଟି କାଉନ୍‌ସିଲ ଜିଏସ୍‌ଟି ହାର ବୃଦ୍ଧି ନ କରିବା ପାଇଁ ନିଷ୍ପତ୍ତି ନେଲେ। ଏହା ଜିଏସ୍‌ଟି ହାରରେ ପରିବର୍ତ୍ତନ ନ କରି କେବଳ ଲଟେରି ଉପରେ ୨୮ ପ୍ରତିଶତ ଜିଏସ୍‌ଟି ଦେଶ ସାରା ଲାଗୁ କରିବାକୁ ସୁପାରିସ କରିଛି। ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ସ୍ୱରୂପ କାଉନ୍‌ସିଲ ବାର୍ଷିକ ଜିଏସ୍‌ଟି ରିଟର୍ନ ଦାଖଲର ତାରିଖ ଜାନୁୟାରୀ ୩୧, ୨୦୨୦କୁ ଘୁଞ୍ଚାଇବା ସହିତ ଜୁଲାଇ ୨୦୧୭ରୁ ନଭେମ୍ବର ୨୦୧୯ ମଧ୍ୟରେ ରିଟର୍ନ ଦାଖଲ କରି ନ ଥିବା ଟିକସଦାତାଙ୍କ ଉପରୁ ବିଳମ୍ବଜନିତ ଦେୟ ଛାଡ଼ କରିଛନ୍ତି। କିନ୍ତୁ କାଉନ୍‌ସିଲ ବୁଣାହୋଇଥିବା ଓ ବୁଣାହୋଇ ନ ଥିବା ବ୍ୟାଗ୍ ଉପରେ ଜିଏସ୍‌ଟି ୧୨ ପ୍ରତିଶତରୁ ୧୮ ପ୍ରତିଶତକୁ ବୃଦ୍ଧି କରିଛନ୍ତି। ଶିଳ୍ପ ପାର୍କ ପ୍ରତିଷ୍ଠାକୁ ସୁଯୋଗ ଦେବା ଲାଗି ଶିଳ୍ପ ଜମିଗୁଡ଼ିକର ଦୀର୍ଘକାଳୀନ ଲିଜ୍ ଉପରେ କାଉନ୍‌ସିଲ ଟିକସ ଛାଡ଼ କରିଛନ୍ତି। ଯାହା କୁହାଯାଉ ବା କରାଯାଉ ନା କାହିଁକି ଜିଏସ୍‌ଟି କାଉନ୍‌ସିଲ ବୁଧବାର ବୈଠକରେ ବ୍ୟବସାୟୀଙ୍କ ଉପରେ ଟିକସ ବୋଝ ବୃଦ୍ଧି କରିନାହାନ୍ତି, ଯାହା ସ୍ୱାଗତଯୋଗ୍ୟ।

କିନ୍ତୁ ସରକାର ଜିଏସ୍‌ଟି ଉପରେ ଅଧିକ କିଛି କରିବାର ଆବଶ୍ୟକତା ରହିଛି। କାଉନ୍‌ସିଲ ଜିଏସ୍‌ଟିର ବ୍ୟବସ୍ଥା ଓ ଢାଞ୍ଚାର ସରଳୀକରଣ କରିବେ ବୋଲି ଆମେ ଆଶା କରୁଛୁ। ତାହାର ଗୋଟିଏ ଉପାୟ ହେଉଛି ଜିଏସ୍‌ଟିର ସ୍ଲାବ୍ ସଂଖ୍ୟା କମାଇ ତାରି ଭିତରେ ଜିଏସ୍‌ଟି ହାରର ସମେକନ କରିବା। ତା' ସହ କାଉନ୍‌ସିଲ ଟିକସ ବୋଝ ଲଦିବା ପରିବର୍ତ୍ତେ ଟିକସ ଠକାମିକୁ ରୋକିବା ଉପରେ ଗୁରୁତ୍ୱ ଦେଇ ଜିଏସ୍‌ଟି ଆଦାୟକୁ ସୁନିଶ୍ଚିତ କରିବା ଦରକାର। ବୈଷୟିକ ବିଦ୍ୟାର ଉପଯୋଗ କରି କାଉନ୍‌ସିଲ ବ୍ୟବସ୍ଥାର ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଆଗାମୀ ବଜେଟରେ ସରକାର ବ୍ୟକ୍ତିଗତ ଆୟକର କୋହଳ କରିବା କଥା ଚିନ୍ତା କରୁଥିବା ସୂଚନା ମିଳିଛି। ଉଦ୍ଦେଶ୍ୟ ହେଉଛି ଟିକସଦାତାଙ୍କ ହାତରେ ଯେପରି ଖର୍ଚ୍ଚ କରିବା ପାଇଁ ଅଧିକ ଟଙ୍କା ରହେ ତା'ର ବ୍ୟବସ୍ଥା କରିବା। ଏହିପରି ସମୟରେ ଲୋକଙ୍କ ଉପରେ ଅଧିକ ଟିକସ ବୋଝ ଲଦିଲେ ତାହା କୁଫଳ ପ୍ରଦାନ କରିପାରେ, ଯାହା କି ସରକାର ବୁଝିଛନ୍ତି।



ବିପିନ ବିହାରୀ ମିଶ୍ର

# ସ୍ଥାନାନ୍ତର: ଗାଁରୁ ସହର

ବୁଦ୍ଧିମତୀ ଅପେକ୍ଷା କରିଛି ଟ୍ରେନ୍‌କୁ ଏବଂ ତା' ପରି ବହୁ ପୁରୁଷ ଓ ମହିଳା ବ୍ୟାଗ୍‌ରେ ଲୁଗାପଟା ଦିଖଣ୍ଡ ପକେଇ ନୁଖୁରାବାଳ ଥିବା ପିଲାଛୁଆଙ୍କୁ ଧରି ଅନେଇଛନ୍ତି ଟ୍ରେନ୍‌କୁ। ମଝିରେ ମଝିରେ ଦଲାଲ ଆସି ଗାଁ ହିସାବରେ ଲୋକଙ୍କୁ ବସେଇଦେଉଛି ଓ ମୁଣ୍ଡ ଗଣତି କରୁଛି। ଶଙ୍କରା ଚାଲିଯାଉଥିଲା ପରିସ୍ରା କରିବା ପାଇଁ। କିନ୍ତୁ ସର୍ଦ୍ଦାର (ଦଲାଲ) ଚିହିଙ୍କି ଆସିଲା ତା' ଆଡ଼କୁ ଯେତେବେଳେ ସିଏ ଫେରିଲା, ''ହଇବେ ସମସ୍ତଙ୍କୁ କହିଥିଲି କେହି ନ ଯିବା ପାଇଁ, ଯଦି କେହି ଯିବ ମୋ ଅନୁମତି ନେବ ସେମିତି ପଳେଇଲେ ହାତଗୋଡ଼ ଭାଙ୍ଗିଦେବି।''

ସର୍ଦ୍ଦାର ସେମାନଙ୍କୁ ଆଗତୁରା ପଇସା ଦେଇଛି ଓ ଷ୍ଟାମ୍ପ ପେପରରେ ଟିପ ଚିହ୍ନ ନେଇଯାଇଛି। ଟ୍ରକ୍‌ରେ ବୋଝେଇ ହୋଇଯାଉଥିବା ଛେଳିମେଣ୍ଢାଙ୍କ ପରି ଏମାନେ ଜୁଳୁଜୁଳୁ ହୋଇ ଅନେଇ ରହୁଛନ୍ତି। ସମସ୍ତେ ଯିବେ ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନକୁ ଇଟାଭାଟିରେ କାମ କରିବା ପାଇଁ। ଦିନକୁ ବାରଘଣ୍ଟା ଖଟଣି, ତା' ପୁଣି ଉତ୍ତପ୍ତ ଅଞ୍ଚଳରେ। ଛୁଆଗୁଡ଼ିକ ଇଆଡ଼େ ସିଆଡ଼େ ବୁଲିବେ ଦିନସାରା। ଖଟଣି ବାରଘଣ୍ଟା ପରେ କୁଡ଼ିଆକୁ ଫେରିଆସିବେ, ଗଣ୍ଡେ ଖାଇବେ ଓ ଶୋଇପଡ଼ିବେ କାଲିର ଖଟଣିକୁ ଅପେକ୍ଷାକରି। ମଝିରେ ମଝିରେ ଇଟାଭାଟି ମାଲିକ ଆସି କାମ ଠିକ୍ ହେଉନି କହି କାନତରାଟିକୁ ଧମକାଏ ଓ କାନତରାଟି ରାଗ ଶୁଝାଏ ଏମାନଙ୍କ ଉପରେ। ସାଙ୍ଗରେ ଥିବା ଗୁଣ୍ଡା ହାତ ଉଞ୍ଚାନ୍ତି ମାରିବା ପାଇଁ। ବର୍ତ୍ତମାନ ଚାହିଁଲେ ମଧ୍ୟ ଗାଁକୁ ଫେରିପାରିବେ ନାହିଁ। ସମସ୍ତେ ଶୁଣିଛନ୍ତି ଯେ ତାଙ୍କ ଭଳି ଜଣେ ଦାଦନ ଶ୍ରମିକ ପଳେଇ ଆସୁଥିଲା ଓ ଧରାପଡ଼ିବାରୁ ସର୍ଦ୍ଦାର ତା' ହାତ କାଟିଦେଲା। ଅଳ୍ପ କିଛି ପାଠ ପଢ଼ିଥିବା ସର୍ଦ୍ଦାର ଏକଦା ଗାଈ ଚରାଉଥିଲା। ଏବେ ମୋଟରସାଇକେଲ ଚଢୁଛି ଓ ଦୁଇଟା କାର୍‌କୁ ଟ୍ୟାକ୍ସି ବ୍ୟବସାୟରେ ଲଗେଇ ଦେଇଛି। ପାଖଆଖ ଅଞ୍ଚଳରେ ତା'ର ପ୍ରବଳ ପ୍ରତିପତ୍ତି। ଲେବରବାବୁ ନେତା ଓ ଛୋଟ ନେତା ଗାଁକୁ ଆସିଲେ ତା' ଘରେ ଆପ୍ୟାୟିତ ହୁଅନ୍ତି।

ଏଇ ଯେଉଁ ଲୋକମାନେ ଯାଆନ୍ତି ଇଟାଭାଟିକୁ, ତାହା ଅଜଣା ଅଶୁଣା ଜାଗା ଯେଉଁଠି କେହି ତାଙ୍କ ଭାଷା ବୁଝିପାରିବେନି କି ସ୍ଥାନୀୟ ଲୋକଙ୍କ ଭାଷା ଏମାନେ ବୁଝିପାରିବେନି। ବାରମ୍ବାର ମରୁଡ଼ି ପଡ଼ିବା ଦ୍ୱାରା ଫସଲ ନଷ୍ଟ ହୁଏ, ଆକାଶକୁ ଅସହାୟ ହୋଇ ଏମାନେ ଅନାନ୍ତି ଓ ସେଇ ସମୟରେ ତାଙ୍କୁ ସୁନେଲି ସ୍ୱପ୍ନ ଦେଖାନ୍ତି ସର୍ଦ୍ଦାରର ଖାସ୍ ଲୋକମାନେ। ବଢ଼ିଆ ପଇସା, ବଢ଼ିଆ ଘର, କମ୍ ପରିଶ୍ରମ ଇତ୍ୟାଦିର ଲୋଭ ଦେଖାଇ ନେଇଯାଆନ୍ତି ୱାରଙ୍ଗଲ, କଡପା, ବିଜୟୱାଡା ଇତ୍ୟାଦି ଜିଲାଗୁଡ଼ିକୁ। ୨୦୦ ବର୍ଷ ତଳେ ଉତ୍ତରପ୍ରଦେଶ, ବିହାରରୁ ଯାଉଥିଲେ ଭାରତୀୟମାନେ ପଶ୍ଚିମ ଏସିଆ ଦ୍ୱୀପପୁଞ୍ଜ ରାଜ୍ୟ ଗୁଏନା, ସୁରିନାମ, ଜାମାଇକା ଇତ୍ୟାଦିକୁ ଓ ମାଳୟ, ସିଙ୍ଗାପୁର, ଫିଜି ଦେଶକୁ। ପ୍ରକୃତରେ ସେମାନେ ଯାଉ ନ ଥିଲେ, ସେମାନଙ୍କୁ ରପ୍ତାନି କରାଯାଉଥିଲା ପରମିଟ୍ ଖଣ୍ଡେ ଖଣ୍ଡେ ଧରେଇଦେଇ। ପରମିଟ୍‌ରୁ ସେମାନେ ହେଲେ ପରମିଟିଆ ଓ ଅପଭ୍ରଂଶ ହୋଇ ହେଲେ ଗିର୍‌ମିଟିଆ। ଅଶିକ୍ଷିତ ଓ ଭୂଗୋଳ ଜାଣି ନ ଥିବା ଏଇ ଲୋକଗୁଡ଼ିକ କେଉଁଠିକୁ ଯାଉଛନ୍ତି କିଛି ବୁଝିପାରୁ ନ ଥିଲେ। ଅଧିକାଂଶ ଗଲେ ମାଲେସିଆ। ବର୍ତ୍ତମାନ ମାଲେସିଆରେ ଭାରତୀୟ ଅଛନ୍ତି ୩୦ଲକ୍ଷ ପାଖାପାଖି। ମାଲେସିଆରୁ କେହି କେହି ଗଲେ ସିଙ୍ଗାପୁର। ମାଲେସିଆରେ ବର୍ତ୍ତମାନ ଜଣେ ଭାରତୀୟ କ୍ୟାବିନେଟ ମନ୍ତ୍ରୀ ଅଛନ୍ତି। ଫିଜିରେ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ ହୋଇଥିଲେ ଓ ସିଙ୍ଗାପୁରରେ ଦୁଇ ଦୁଇଥର ଭାରତୀୟ ରାଷ୍ଟ୍ରପତି ହୋଇଛନ୍ତି। ଏଇ ଗିର୍‌ମିଟିଆମାନଙ୍କ ମଧ୍ୟରୁ ଅଧିକାଂଶ ଚୁକ୍ତିପତ୍ରରୁ ମୁକ୍ତହେବା ପରେ ଛୋଟ ଛୋଟ ବ୍ୟବସାୟ ଆରମ୍ଭକରି ବଡ଼ ବ୍ୟବସାୟୀ ହୋଇଗଲେ, କେହି କେହି ରାଜନୀତିରେ ମିଶିଲେ। ସ୍ୱାଧୀନତା ପୂର୍ବରୁ କାଁ ଭାଁ ଯାଉଥିଲେ କାନାଡା ଓ ଆମେରିକାକୁ, କିନ୍ତୁ ସ୍ୱାଧୀନତା ପରେ ବହୁ ସଂଖ୍ୟାରେ ଗଲେ ଇଂଲଣ୍ଡ, ଆମେରିକା ଓ କାନାଡାକୁ। ବର୍ତ୍ତମାନ କାନାଡାରେ କେତେଜଣ ଭାରତୀୟ ସାଂସଦ ଅଛନ୍ତି ଓ ୪ ଜଣ ହୋଇଛନ୍ତି ମନ୍ତ୍ରୀ। ଆମେରିକାରେ ଜଣେ ହୋଇଛନ୍ତି ଗଭର୍ନର (ବବି ଜିନ୍ଦଲ), ଅନେକେ ହୋଇଛନ୍ତି ସାଂସଦ ଓ ପ୍ରଦେଶର ଲୋକପ୍ରତିନିଧି। ସେ ଦେଶରେ ଭାରତୀୟମାନଙ୍କ ସମ୍ମାନ ବହୁତ। ବର୍ତ୍ତମାନ ଇଂଲଣ୍ଡରେ ହୋଇଥିବା ନିର୍ବାଚନରେ ଲେବର ଦଳକୁ ହରେଇବାରେ ଭାରତୀୟଙ୍କର ଅନେକ ଭୂମିକା ଅଛି। ଯେଉଁଭଳି ଭାବେ ଭାରତୀୟଙ୍କ ପ୍ରଭାବ ବଢ଼ିଚାଲିଛି ଦିନେ ନା ଦିନେ କେହି ମୂଳ ଭାରତୀୟ ଇଂଲଣ୍ଡ ଓ କାନାଡାରେ ପ୍ରଧାନମନ୍ତ୍ରୀ ଓ ଆମେରିକାରେ ରାଷ୍ଟ୍ରପତି ହୋଇପାରନ୍ତି। ସେହି ତୁଳନାରେ ପାକିସ୍ତାନୀଙ୍କର ଆଦର ନାହିଁ। ଏପରିକି ଅନେକ ସ୍ଥାନରେ ସେମାନେ ଗ୍ରହଣୀୟ ହୁଅନ୍ତି ନାହିଁ। ବର୍ମିଂହାମ୍ ପାଖ ଏକ ଗାଁକୁ ଯାଇଥିଲି। ଦେଖିଲି ଜଣେ ବସ୍ ଡ୍ରାଇଭର ଓ ତାଙ୍କ ବଡ଼େଇ ଶଳାଙ୍କର ରହିବା ଅବସ୍ଥା। ଉଭୟଙ୍କର ଦୁଇଟି ଲେଖାଏ କାର୍, ଦୁଇ ମହଲା କୋଠା ପରସ୍ପରକୁ ଲାଗି ଓ ଘରର ସାଜସଜ୍ଜା ବେଶ୍ ଭଲ। ଏମାନେ ଦାଢ଼ି କାଟିଥିବା ଶିଖ୍। ବେଶ୍ ଭଲରେ ଅଛନ୍ତି ଓ ଇଂଲଣ୍ଡର ନାଗରିକ ହୋଇଯାଇଛନ୍ତି। ସେଇଭଳି ଏକ ଭାରତୀୟ ପରିବାର ଘରକୁ ଯାଇଥିଲି ୱାଶିଂଟନରେ। ସେ ଯାଇଥିଲେ ଭିଣେଇଙ୍କ ଦୋକାନରେ ବଡ଼େଇ କାମ କରିବା ପାଇଁ। ଏବେ ପ୍ରାଚୁର୍ଯ୍ୟରେ ଅଛନ୍ତି। ଗଞ୍ଜାମରୁ ଅନେକ ଯାଇଛନ୍ତି ସୁରଟକୁ। ବହୁତ କାମ କରନ୍ତି ବିଭିନ୍ନ ଶିଳ୍ପରେ, ଅନେକ କାମ କରନ୍ତି ହୀରାକଟାଳି ହିସାବରେ। ତା' ଛଡ଼ା ଓଡ଼ିଆ ପାଇପ ମିସ୍ତ୍ରି ସାରା ଭାରତରେ ଖେଳିଯାଇଛନ୍ତି। ଅନେକେ ଯାଇଛନ୍ତି ହୋଟେଲରେ କାମ କରିବା ପାଇଁ ବମ୍ବେ, ହାଇଦ୍ରାବାଦ, ଚେନ୍ନାଇ। ଲକ୍ଷ ଲକ୍ଷ ଭାରତୀୟ ବିଶେଷତଃ କେରଳ, ଆନ୍ଧ୍ରରୁ ଦୁବାଇ, ଆବୁଧାବୀ, କୁଏତ୍, କାତାର, ସାଉଦି ଆରବରେ କାମ କରୁଛନ୍ତି। ଦୁବାଇରେ ପ୍ରାୟ ଅଧା ସିନେମା ହଲ୍‌ରେ ହିନ୍ଦୀ, ମାଲୟାଲମ, ତେଲୁଗୁ ସିନେମା ଦେଖାଯାଏ। ୮୦ରୁ ୯୦ହଜାର କୋଟି ଡଲାର ଆସେ ବିଦେଶୀ ଭାରତୀୟଙ୍କଠାରୁ ଆମ ଦେଶକୁ। ଆମଦାନି ରପ୍ତାନି ମଧ୍ୟରେ ଯେଉଁ ନିଅଣ୍ଟ ପଡ଼େ (ଆମଦାନି ବେଶି ରପ୍ତାନି କମ୍) ତାହା ପୂରଣ ହୋଇଯାଏ ଏମାନଙ୍କ ଟଙ୍କା ଆସିବା ଦ୍ୱାରା। କେରଳରେ ଆସ୍ତେ ଆସ୍ତେ ଗାଁଗୁଡ଼ିକ ସହର ହୋଇଯାଉଛି ମଧ୍ୟପ୍ରାଚ୍ୟ ଅଞ୍ଚଳରୁ ଆସୁଥିବା ଟଙ୍କା ଦ୍ୱାରା। ପଞ୍ଜାବୀମାନେ ବିଶେଷତଃ ଶିଖ୍ ଟଙ୍କା ପଠାନ୍ତି ଘରକୁ ଏବଂ ସ୍ୱର୍ଣ୍ଣମନ୍ଦିରକୁ। କିନ୍ତୁ ଇଟାଭାଟି କଥା ନିଆରା। ସରକାର ଚେଷ୍ଟାକଲେ ମଧ୍ୟ ବଲାଙ୍ଗୀର, କଳାହାଣ୍ଡିରୁ ସୁଅ ଛୁଟୁଛି। ବହୁ ବର୍ଷ ତଳେ ଓଡ଼ିଶାର ଜଣେ ଝିଅ ରୂପଶ୍ରୀ ଗୋଟିଏ ବୃତ୍ତଚିତ୍ର ହାରଭେଷ୍ଟ ଅଫ୍ ହଙ୍ଗର ତିଆରି କରି ରାଷ୍ଟ୍ରପତି ପୁରସ୍କାର ପାଇଥିଲେ।

ଏସବୁ ତଥ୍ୟକୁ ପର୍ଯ୍ୟାଲୋଚନା କଲେ ଆମେ ସ୍ଥାନାନ୍ତରର ବିଭିନ୍ନ କାରଣ ଖୋଜିପାଇବା। ପ୍ରଥମ ହେଲା ବର୍ତ୍ତମାନ ବହୁ ସ୍କୁଲ କଲେଜ ଖୋଲିଗଲାଣି। ମାନ ଉଚ୍ଚ ନ ହେଲେ ମଧ୍ୟ ପିଲାମାନେ କିଛି କିଛି ଜାଣୁଛନ୍ତି। ଗାଁଗୁଡ଼ିକରେ ଟିଭି ଓ ମୋବାଇଲ ଫୋନ୍ ବହୁତ ଓ ସମସ୍ତେ ଦେଖୁଛନ୍ତି ସହରୀ ଜୀବନ ଓ ତା' ସାଙ୍ଗେ ଦେଖୁଛନ୍ତି ସ୍ୱପ୍ନ। ପ୍ରତି ଦଶବର୍ଷରେ ହିସାବ କଲେ ଜଣାଯିବ ଯେ ଅଧିକାଂଶ ଚାଲୁଛନ୍ତି ସହରକୁ ଭଲ ଶିକ୍ଷା ଓ ଚିକିତ୍ସାର ସୁଯୋଗ ପାଇଁ। ସମସ୍ତେ ଚାହୁଁଛନ୍ତି କିଭଳି ସେମାନଙ୍କ ପିଲାମାନେ ଭଲ ପଢ଼ନ୍ତୁ ଓ ଭଲ ଚାକିରି କରନ୍ତୁ। ମୁଁ ବହୁ ଜିଲାରେ ଏସ୍‌ପି ଭାବେ କାର୍ଯ୍ୟ କରିଛି ଓ କନଷ୍ଟେବଳମାନଙ୍କ ଘରକୁ ଯାଇଛି। ସମସ୍ତଙ୍କ ଇଚ୍ଛା ଯେ ତାଙ୍କ ପୁଅଟି କେମିତି କନଷ୍ଟେବଳ ହୋଇଯାଉ। ସେ ଯୁଗ ଗଲାଣି ଏବେ ସମସ୍ତେ ଚାହୁଁଛନ୍ତି ପିଲା କେମିତି ପାଠ ପଢୁ ଡାକ୍ତର, ଇଞ୍ଜିନିୟର ହେଉ ଏବଂ ଏସବୁ ହୋଇପାରିବ ସହରକୁ ଗଲେ। ସହରମୁଖୀ ଏଇ ଗ୍ରାମବାସୀଙ୍କ ମଧ୍ୟରୁ ଅଧିକାଂଶ ବମ୍ବେ ଆସିଲେ ରୁହନ୍ତି ଧର୍‌ବିରେ ଓ ଭୁବନେଶ୍ୱରରେ ସାଲିଆସାହି। ଏଇଠି ନାହିଁ ବ୍ରାହ୍ମଣସାହି, ମହାନ୍ତିସାହି, ତନ୍ତିସାହି, ହରିଜନ ବସ୍ତି କିମ୍ବା ତେଲିସାହି। ରହିବାରେ କୌଣସି ବାଛବିଚାର ନାହିଁ। ବନ୍ଧୁତା ହୁଏ ଜାତିକୁ ନ ବାରି। ଏ ଏକ ନୂତନ ସଂସ୍କୃତି ବଢୁଛି ଯଥା କେମିତି ଅଧିକ ଭଲରେ ରହିବୁ। ବସ୍ତି ଅଞ୍ଚଳରେ ସମସ୍ତେ ଥାଆନ୍ତି- ରଙ୍ଗମିସ୍ତ୍ରିଠୁ ଆରମ୍ଭ କରି କାମବାଲୀ ପର୍ଯ୍ୟନ୍ତ। ସହରବାସୀ ନିର୍ଭର କରନ୍ତି ତାଙ୍କ ଉପରେ। ଧର୍‌ବି ବିନା ବମ୍ବେବାସୀ ରହିପାରିବେ ନାହିଁ। ସାଲିଆସାହି ରେଣ୍ଟାଲ କଲୋନୀ ବିନା ଚନ୍ଦ୍ରଶେଖରପୁର, ନୟାପଲ୍ଲୀ, ବରମୁଣ୍ଡାବାସୀ ରହିପାରିବେ ନାହିଁ। ଚାକିରି ସନ୍ଧାନ କରୁଥିବା ଓ ଚାକିରିଆ ଖୋଜୁଥିବା ଉଭୟଙ୍କ ପାଇଁ ଏ ବସ୍ତି ଅଞ୍ଚଳ ହେଲା ସଂଯୋଗର ସ୍ଥାନ। ଆମେ ଆଗରୁ ଶୁଣି ନ ଥିଲୁ ଏମିତି ଏକ ଶବ୍ଦ ଯଥା ମଜୁରିଆ ହାଟ। ମଜୁରି କରୁଥିବା ଲୋକଙ୍କର ହାଟ ବସେ ପ୍ରତିଦିନ ଓ ଆବଶ୍ୟକ ଥିବା ଲୋକମାନେ ତାଙ୍କୁ ନେଇଯାଆନ୍ତି ସନ୍ଧ୍ୟା ପର୍ଯ୍ୟନ୍ତ ଖଟେଇବା ପାଇଁ। ଉଭୟେ ଖୁସି। ଗାଁରେ ବର୍ତ୍ତମାନ ଝିଅମାନଙ୍କ ପାଇଁ ବ୍ୟୁଟିପାର୍ଲର ଖୋଲାଗଲାଣି ଓ ପିଲାମାନେ ଜିନ୍ସ ପ୍ୟାଣ୍ଟ ପିନ୍ଧିଲେଣି। ସ୍ୱପ୍ନ ଦେଖୁଥିବା ଗ୍ରାମବାସୀ ଯଦି ସ୍ୱପ୍ନକୁ ସାକାର କରନ୍ତି ଦେଶ ଆହୁରି ଆଗେଇ ଚାଲିବ।

ପୂର୍ବତନ ପୋଲିସ ଡିଜି, ମୋ-୯୦୪୦୪୧୨୩୭୮

# ବିଳୟ ପଥେ ବିଏସ୍‌ଏନ୍‌ଏଲ୍

ଜନାର୍ଦ୍ଦନ ପତି

ଆମ ଦେଶରେ ଯେତେ ଟେଲିଫୋନ କମ୍ପାନୀ ଟେଲି ଯୋଗାଯୋଗ ବ୍ୟବସାୟ କରିଛନ୍ତି, ସେମାନଙ୍କ ମଧ୍ୟରେ ଭାରତ ସଞ୍ଚାର ନିଗମ ଲିମିଟେଡ୍ ବା ବିଏସ୍‌ଏନ୍‌ଏଲ୍ ହେଉଛି ଏକମାତ୍ର ସରକାରୀ ଟେଲି କମ୍ପାନୀ। ଏହା ବ୍ୟତୀତ ତିନୋଟି ବେସରକାରୀ କମ୍ପାନୀ ଅଛନ୍ତି। ସେଗୁଡିକ ହେଲେ- ଭାରତୀ ଏୟାରଟେଲ ଲିମିଟେଡ୍, ରିଲାଏନ୍ସ ଜିଓ ଓ ଭୋଡାଫୋନ୍ ଆଇଡିଆ। ଆମ ଦେଶରେ ମୋବାଇଲ ଗ୍ରାହକ ସଂଖ୍ୟା ପ୍ରାୟ ୧୧୮ କୋଟି ଓ ଟେଲିଫୋନ୍ ଗ୍ରାହକ ସଂଖ୍ୟା ପ୍ରାୟ ଦୁଇକୋଟି ୧୫ ଲକ୍ଷ। ଦେଶର ଟେଲି ଯୋଗାଯୋଗ ବ୍ୟବସ୍ଥାକୁ ଟେଲିକମ୍ ରେଗୁଲେଟରୀ ଅଥୋରିଟି ଅଫ୍ ଇଣ୍ଡିଆ (ଟ୍ରାଇ) ନିୟନ୍ତ୍ରଣ କରେ।

ଗତ ନଭେମ୍ବର ମାସରେ ଭାରତ ସରକାରଙ୍କ ଟେଲି ଯୋଗାଯୋଗ ମନ୍ତ୍ରଣାଳୟ ନିଷ୍ପତ୍ତି ନେଲା ଯେ, ବିଏସ୍‌ଏନ୍‌ଏଲ୍ ଓ ଏମ୍‌ଟିଏନ୍‌ଏଲ୍ (ମହାନଗର ଟେଲିଫୋନ୍ ନିଗମ ଲିମିଟେଡ)ରୁ ସ୍ଥାୟୀ କର୍ମଚାରୀମାନଙ୍କୁ ସ୍ୱେଚ୍ଛାକୃତଭାବେ ଅବସର (ଭିଆର୍‌ଏସ୍) ନେବା ପାଇଁ କୁହାଯିବ। କାରଣ ସ୍ୱରୂପ କୁହାଗଲା ଯେ, ବିଏସ୍‌ଏନ୍‌ଏଲ୍‌ର ୨୦୧୮-୧୯ ଆର୍ଥିକ ବର୍ଷରେ ଆୟ କମିଯିବା ଫଳରେ କମ୍ପାନୀ ୧୪ ହଜାର କୋଟି ଟଙ୍କା କ୍ଷତି କରିଛି। ବିଏସ୍‌ଏନ୍‌ଏଲ୍ କାହିଁକି କ୍ଷତି ସହିଛି? ତାହାର କାରଣ ସରକାର କହିଲେ ନାହିଁ। ପ୍ରକୃତ କାରଣ ହେଉଛି ଅନ୍ୟ ବେସରକାରୀ କମ୍ପାନୀ ସହିତ ବିଏସ୍‌ଏନ୍‌ଏଲ୍‌କୁ ପ୍ରତିଯୋଗିତା ପାଇଁ ସମାନ ସୁଯୋଗ ଦିଆଗଲା ନାହିଁ। ବେସରକାରୀ କମ୍ପାନୀମାନଙ୍କୁ ୪ଜି ସ୍ପେକ୍ଟ୍ରମ କେନ୍ଦ୍ର ସରକାର ଯୋଗାଇ ଦେବାବେଳେ ବିଏସ୍‌ଏନ୍‌ଏଲ୍‌କୁ ୩ଜି ସ୍ପେକ୍ଟ୍ରମ୍‌ରେ କାମ କରିବାକୁ କୁହାଗଲା। ବିଏସ୍‌ଏନ୍‌ଏଲ୍ ଯେଉଁସବୁ ପ୍ରମୁଖ କ୍ଷେତ୍ରରେ ସେବା ଯୋଗାଉଥିଲା, ଯଥା- ବିମାନ ବନ୍ଦର, ରେଳଷ୍ଟେସନ ଇତ୍ୟାଦି ସେ ସବୁ ସ୍ଥାନରେ ବିଏସ୍‌ଏନ୍‌ଏଲ୍‌କୁ ହଟାଇ ଜିଓ କମ୍ପାନୀକୁ ବ୍ୟବସାୟ କରିବାକୁ ଦିଆଗଲା। ତିନୋଟି ଯାକ ଘରୋଇ କମ୍ପାନୀ ଯଥା ଭୋଡାଫୋନ୍ ଆଇଡିଆ, ଭାରତୀ ଏୟାରଟେଲ ଓ ରିଲାଏନ୍ସ ଜିଓ ବ୍ୟାଙ୍କମାନଙ୍କରୁ ୭ ଲକ୍ଷ ପଚାଶ ହଜାର କୋଟି ଟଙ୍କା ଋଣ ନେଇଛନ୍ତି, କିନ୍ତୁ ବିଏସ୍‌ଏନ୍‌ଏଲ୍‌କୁ ମାତ୍ର ପନ୍ଦର ହଜାର କୋଟି ଟଙ୍କା ବ୍ୟାଙ୍କ ଋଣ ନେବାକୁ ସରକାର ଅନୁମତି ଦେଲେ ନାହିଁ। ବିଏସ୍‌ଏନ୍‌ଏଲ୍‌ର ସମସ୍ତ ଭିତ୍ତିଭୂମିକୁ ଘରୋଇ ଟେଲିକମ୍ କମ୍ପାନୀମାନେ ବ୍ୟବହାର କରିବାକୁ କେନ୍ଦ୍ର ସରକାର ଅନୁମତି ଦେଲେ। ଫଳରେ ବେସରକାରୀ କମ୍ପାନୀମାନେ ବ୍ୟାଙ୍କରୁ ଆବଶ୍ୟକ ଋଣ ଓ ଭିତ୍ତିଭୂମି ସେମାନଙ୍କ ବ୍ୟବସାୟର ପ୍ରସାର ପାଇଁ ଲାଭ କରିବାରେ ସକ୍ଷମ ହେଲେ। ବିଏସ୍‌ଏନ୍‌ଏଲ୍‌ରେ ସ୍ଥାୟୀ କର୍ମଚାରୀଙ୍କ ସଂଖ୍ୟା ୧ ଲକ୍ଷ ୬୦ ହଜାର ଓ ଠିକା ଶ୍ରମିକଙ୍କ ସଂଖ୍ୟା ପ୍ରାୟ ତିନି ଲକ୍ଷ। ସ୍ଥାୟୀ କର୍ମଚାରୀମାନେ ୨ ମାସର ଦରମା ପାଇ ନ ଥିବା ବେଳେ ଠିକା ଶ୍ରମିକମାନେ ଆଠ ମାସ ଧରି ବକେୟା ଦରମା ପାଇନାହାନ୍ତି। ଅଧିକାଂଶ ଠିକା ଶ୍ରମିକ ଦରମା ନ ପାଇବା ସତ୍ତ୍ୱେ ଚାକିରି ଛାଡି ଯାଉନାହାନ୍ତି, କାରଣ ନିଯୁକ୍ତିର ସୁଯୋଗ ନାହିଁ। ଏହା ମଧ୍ୟରେ ସାତ ଜଣ ଠିକା ଶ୍ରମିକ ଦାରିଦ୍ର୍ୟ ଯୋଗୁ ଆତ୍ମହତ୍ୟା କରିଛନ୍ତି।

କେନ୍ଦ୍ର ସରକାର ସ୍ୱେଚ୍ଛାକୃତ ଅବସର ଯୋଜନାର ଶେଷ ତାରିଖ ରଖିଥିଲେ ଡିସେମ୍ବର ୩, ୨୦୧୯। ଯେଉଁମାନଙ୍କର ବୟସ ୫୦ ବର୍ଷ ହୋଇଯାଇଛି, ସେମାନେ ସ୍ୱେଚ୍ଛାକୃତ ଅବସର ଯୋଜନାରେ ଅବସର ନେବା ପାଇଁ ଆବେଦନ କରିପାରିବେ। ଶେଷ ତାରିଖ ବେଳକୁ ଦେଖାଗଲା ବିଏସ୍‌ଏନ୍‌ଏଲ୍‌ର ୮୦ ହଜାର କର୍ମଚାରୀ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଛନ୍ତି। ଅର୍ଥାତ୍ ୮୦ ହଜାର ପଦବୀ ବିଏସ୍‌ଏନ୍‌ଏଲ୍‌ରୁ ଲୋପ ପାଇବ ଓ ମହାନଗର ଟେଲିଫୋନ ନିଗମ ଲିମିଟେଡରୁ ୧୨ ହଜାର ପଦବୀ ଲୋପ ପାଇବ। ସରକାର ନିଯୁକ୍ତି ଦେବା ପରିବର୍ତ୍ତେ ପଦବୀ ଲୋପ କରିଚାଲିଛନ୍ତି।

ବେସରକାରୀ କମ୍ପାନୀମାନେ ଋଣଗ୍ରସ୍ତ ହୋଇଛନ୍ତି। ସାତ ଲକ୍ଷ ପଚାଶ ହଜାର କୋଟି ଟଙ୍କା ଋଣ ବ୍ୟତୀତ ଆଡଜଷ୍ଟେଡ୍ ଗ୍ରସ୍ ରେଭିନିଉ (AGR) ସମ୍ପର୍କରେ ଯେଉଁ ମାମଲା ଚାଲିଥିଲା, ସେଥିରେ ସୁପ୍ରିମ୍‌କୋର୍ଟ ଗତମାସରେ ନିର୍ଦ୍ଦେଶ ଦେଇଛନ୍ତି ଯେ, ଟେଲିକମ୍ କମ୍ପାନୀମାନଙ୍କୁ ଟେଲିକମ୍ ବିଭାଗକୁ ୧ ଲକ୍ଷ ୩୦ ହଜାର କୋଟି ଟଙ୍କା ଦେବାକୁ ହେବ। ଏବେ ସେଲ୍ୟୁଲାର ଅପରେଟର ଆସୋସିଏଶନ ଅଫ୍ ଇଣ୍ଡିଆର ଡାଇରେକ୍ଟର ଜେନେରାଲ ରଞ୍ଜନ ମାଥ୍ୟୁ କହିଛନ୍ତି ଯେ, ଟେଲିଫୋନ୍ ରେଗୁଲେଟିଂ ଅଥରିଟି, ଟେଲିଫୋନ୍‌ର ମୂଳ ରେଟ ସ୍ଥିର କରୁ, ମାତ୍ର ଟେଲିକମ୍ ସେକ୍ରେଟାରୀ ଅଂଶୁ ପ୍ରକାଶ କହିଛନ୍ତି ଯେ, ଏପରି ସିଦ୍ଧାନ୍ତ ଏ ପର୍ଯ୍ୟନ୍ତ ଗ୍ରହଣ ହୋଇନାହିଁ।

ବଡ ବଡ ବେସରକାରୀ ଟେଲିକମ୍ କମ୍ପାନୀମାନେ ବ୍ୟାଙ୍କମାନଙ୍କରୁ ସାଢେ ସାତ ଲକ୍ଷ କୋଟି ଟଙ୍କା ଋଣ ନେଇ ଏବେ ପୁଣି ଲୋକଙ୍କ ଉପରୁ ଚଢା ଦରରେ ମୋବାଇଲ ଦେୟ ଆଦାୟ କରିବେ। ସେତେବେଳେ ଦେଶର ଟେଲିଫୋନ୍ ଗ୍ରାହକମାନଙ୍କୁ ବିଏସ୍‌ଏନ୍‌ଏଲ୍ ସୁଲଭ ମୂଲ୍ୟରେ ସେବା ଯୋଗାଇପାରିବ ନାହିଁ, କାରଣ ବିଏସ୍‌ଏନ୍‌ଏଲ୍ ହୁଏତ ଖୁବ୍ ରୁଗ୍‌ଣ ହୋଇଯାଇଥିବ ବା ସରକାରୀ ଭାବେ ମୃତ ବୋଲି ଘୋଷଣା କରାଯାଇଥିବ, ଯେମିତି ଏୟାର ଇଣ୍ଡିଆକୁ କରାଯାଉଛି। ବିଏସ୍‌ଏନ୍‌ଏଲ୍‌ର ଭବିଷ୍ୟତ ଗତି ତେବେ କୁଆଡକୁ?

ଆଧୁନିକ ଯୁଗରେ ମୋବାଇଲ ଫୋନର ଆବଶ୍ୟକତାକୁ କୌଣସି ବ୍ୟକ୍ତି ନ୍ୟୂନ କରି ଦେଖିପାରିବେ ନାହିଁ। କେନ୍ଦ୍ର ସରକାର ଏପରି ଯୋଜନା କରିଛନ୍ତି ଯେ, ବେସରକାରୀ ମୋବାଇଲ ସେବା ବ୍ୟତୀତ ଆଉ କିଛି ବିକଳ୍ପ ଦେଶବାସୀଙ୍କ ପାଖରେ ନ ଥିବ।

ମୋ- ୯୪୩୭୦୦୭୭୭୦,
janardanpati1947@gmail.com

## ଏଇ ଭାରତରେ

ଛତିଶଗଡ଼ ଭିଲାଇର ବୋରିଥାନାର ପୋଲିସ କର୍ମଚାରୀମାନେ ଗୋଟିଏ ଗୁଳିରେ ଦୁଇଟି ଶିକାର କଲାଭଳି କାର୍ଯ୍ୟକରି ଚର୍ଚ୍ଚାରେ ରହିଛନ୍ତି। ପଡିଆ ଜମିରେ ଫଳଗଛ ଲଗାଇ ଜବରଦଖଲକୁ ରୋକିବା ସହ ପରିବେଶ ସୁରକ୍ଷା କରୁଛନ୍ତି। ଗାଁ ଲୋକମାନେ ବି ଏହି ଗଛରୁ ଫଳ ଖାଉଛନ୍ତି। ବୋରିଥାନାରେ ମୋଟ ୧୭ କର୍ମଚାରୀ ଅଛନ୍ତି। ଥାନାର ଅଢେଇ ଏକର ଜମିକୁ ଗ୍ରାମବାସୀ ଜବରଦଖଲ ନ କରିବା ଲାଗି ଏହି ଯୋଜନା କରାଯାଇଛି। ଅଢେଇ ଏକରରେ ଅଢେଇଶହ ଫଳଗଛ ଲଗାଯାଇଛି। ଗଛଗୁଡିକ ଚାରିପଟେ ପୋଲିସ ନିଜ ଖର୍ଚ୍ଚରେ ତାରବାଡ଼ ଲଗାଇଛି। ଜମିରେ ଆମ୍ବ, ପଣସ, କାଜୁ, ଜାମୁ, ବାଦାମ, ଅଁଳା, ପିଜୁଳି, ଲିଚୁ ଆଦି ଗଛ ଲଗାଯାଇଛି। ଆମ୍ବ ଓ ଜାମୁ ଦୁଇବର୍ଷ ହେବ ଫଳିଲାଣି। ଆଉ କିଛି ଗଛ ବି ଏହିବର୍ଷ ଫଳ ଦେବା ଆରମ୍ଭ କରିଛି। ନୀଳଗିରି, କରଞ୍ଜ, ଅଶୋକ ଓ ତାଳଗଛ ବାହାର ରାଜ୍ୟରୁ ଅଣାଯାଇ ଲଗାଯାଇଛି। ଏହି ବଗିଚାକୁ ବଜ୍ରପାତରୁ ରକ୍ଷାକରିବା ଲାଗି ନିମ୍ବଗଛ ଲଗାଯାଇଛି। ଏମାନେ କିଛି ଜମିରେ ଗେଣ୍ଡୁଫୁଲ ଚାଷ ମଧ୍ୟ କରିଛନ୍ତି। ଏବେ ପ୍ରତିଦିନ ଏଥିରୁ ୧୦ କିଲୋ ଫୁଲ ବାହାରୁଛି ଓ ଏହାକୁ ବିକ୍ରି କରିବାକୁ ଯୋଜନା କରାଯାଇଛି। ପୋଲିସଙ୍କ ସହ ଗ୍ରାମବାସୀ ବି ବଗିଚାର ଜଗାରଖା କରୁଛନ୍ତି।

## ଚିରନ୍ତନୀ

ସଂଗ୍ରାମ ନିଶା ପିଇ
ସର୍ବହରାର ସୈନିକ ଆଜି ମାଟିରୁ ଉଠଇ ଜୀଇଁ
ଶୋଷକ ଭିତରେ ସରିଛି ଲଢ଼େଇ
ଆବର ରହିଛି ବାକି
ଶୋଷିତ ଉଠିଛି ଡାକି!
ସବୁଠାରୁ ବଡ଼ ସେହି ଲଢ଼େଇର ଡାକ
ରୁଷିଆ-ଭାରତ ବହୁଦେଶ ଘେରି ଉଠିଛି ଦୁନିଆଯାକ?
ସାମ୍ରାଜ୍ୟବାଦ ଶିଖା
ସେ ଡାକେ ପଡିଛି ଫିକା।
ପୃଥିବୀ-ଗ୍ରହର କୁହାଟ ଉଠଇ
ସୌର ଜଗତ ମଥି
ସବୁଠାରୁ ବଡ଼ ଫଉଜ ହୋଇଛି ରଥୀ!
ଆଣବିକ ବୋମାଠାରୁ ବଳି ବଳୀୟାନ
ପଦନିକ୍ଷେପେ ପାହାଡ଼ ଲସଇ
ଅଗଣିତ ଆଗୁଆନ! (ଅଗଣିତ ଆଗୁଆନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଡିସେମ୍ବର ୧୯୯୪

- ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜିମି କାର୍ଟର ବୋସନିଆରେ ଯୁଦ୍ଧ ଅବସାନ ନିମନ୍ତେ ଯୁଦ୍ଧରତ ଗୋଷ୍ଠୀଙ୍କ ସହିତ ଆଲୋଚନା ଆରମ୍ଭ କରିବାକୁ ସାରାଯୋଭାରେ ପହଞ୍ଚିଲେ।
- କଶ୍ମୀର ସୀମାନ୍ତ ଇଲାକାରେ ବରଫ ଖଣ୍ଡ ଖସିବା ଯୋଗୁ ୪୩ ଜଣ ଭାରତୀୟ ସୈନ୍ୟଙ୍କ ମୃତ୍ୟୁ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 4 | | D | | | | 1 | | | | |
| | 6 | 9 | D | | | | 1 | 8 | B | | 7 | | | |
| | C | | E | | 8 | 4 | | | | 2 | | 7 | | 6 |
| 1 | | B | A | 7 | | 3 | 9 | | | 5 | | 0 | | |
| | | | | 9 | 6 | | B | | | | | | | |
| | 4 | A | 1 | | E | | D | | | | | | | C |
| E | | 2 | | | | | A | | | | 6 | | 8 | |
| 9 | | C | | | | | | | 4 | 0 | | | | A |
| | | | | D | | | | | 3 | C | B | | 5 | |
| 6 | | | B | | 5 | | 7 | 0 | | 8 | | | | |
| | 9 | D | 4 | | | 5 | | | | | 1 | | | |
| | | 6 | | | | 0 | C | 1 | 7 | | | 3 | | |
| | | 3 | | E | 2 | | | 9 | 8 | | C | | | D |
| C | 8 | | | | 9 | | E | | 0 | | 4 | | 7 | |
| 0 | | 4 | 6 | | | | | | 9 | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 5 | 4 | B | 9 | 8 | E | 1 | 2 | D | C | 3 | 7 | A | 6 |
| 8 | 2 | B | C | D | 5 | 3 | 9 | A | 7 | 6 | 4 | E | 1 | 0 |
| C | D | A | 0 | 6 | 1 | 7 | 4 | 5 | E | B | 2 | 8 | 9 | 3 |
| 7 | 1 | 9 | E | 3 | 4 | 6 | D | 0 | 8 | 5 | A | B | C | 2 |
| 6 | 3 | E | A | 2 | 7 | 8 | C | B | 1 | 0 | 9 | D | 4 | 5 |
| A | 7 | 5 | 3 | 1 | D | 2 | B | C | 9 | 8 | 6 | 4 | 0 | E |
| 2 | 0 | 3 | 7 | 4 | A | D | 8 | 1 | C | E | 5 | 6 | B | 9 |
| B | 6 | 8 | 2 | C | 9 | 4 | A | E | 0 | D | 1 | 5 | 3 | 7 |
| 9 | 4 | D | 5 | E | 6 | 0 | 7 | 3 | A | 2 | B | C | 8 | 1 |
| 1 | E | C | 8 | 0 | B | 9 | 5 | 6 | 3 | 4 | 7 | A | 2 | D |
| E | 8 | 7 | 4 | A | C | 5 | 2 | 9 | 6 | 3 | 0 | 1 | D | B |
| 3 | A | 6 | D | B | 0 | 1 | E | 4 | 2 | 7 | C | 9 | 5 | 8 |
| D | 9 | 0 | 1 | 5 | 3 | C | 6 | 8 | B | A | E | 2 | 7 | 4 |
| 4 | C | 1 | 6 | 8 | 2 | B | 0 | 7 | 5 | 9 | D | 3 | E | A |
| 5 | B | 2 | 9 | 7 | E | A | 3 | D | 4 | 1 | 8 | 0 | 6 | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମହିଳାଙ୍କ ପାଇଁ ମୋବାଇଲରେ ସୁରକ୍ଷା ବଟନ୍ ରହୁ

ମହାଶୟ,

ବର୍ତ୍ତମାନ ଦେଶରେ ଗଣବଳାତ୍କାର ଓ ହତ୍ୟା ଘଟଣା ବଢ଼ିବଢ଼ି ଚାଲିଛି। ବାହାରେ ଆମ ଦେଶର ନାଁ ପଡୁଛି। ନାରୀମାନେ ନିଜକୁ ସୁରକ୍ଷିତ ରଖିବା ପାଇଁ ଯାହା କରଣୀୟ କରିବା ଉଚିତ। କୌଣସି ଲୋକ ଯେତେ ପରିଚିତ ହେଲେ ମଧ୍ୟ ତାକୁ ଅତିଶୀଘ୍ର ବିଶ୍ୱାସ କରିଯିବା ଉଚିତ ନୁହେଁ। ଏହାଛଡ଼ା ସରକାର ସବୁ ଗାଡ଼ିରେ ଜିପିଏସ୍‌ର ବ୍ୟବହାରକୁ ବାଧ୍ୟତାମୂଳକ କରିବା ଆବଶ୍ୟକ, ଯାହାଦ୍ୱାରା ଗାଡ଼ିଟି କେଉଁଠି ଅଛି ସହଜରେ ଜାଣିହେବ। ନିକାଞ୍ଚନ ବା ଅପରାଧପ୍ରବଣ ଜାଗାଗୁଡ଼ିକରେ ସିସିଟିଭି କିମ୍ବା ଡ୍ରୋନ୍ ଘୂରାଇ ଖବର ନିଆଯାଇପାରିବ। ଏହାଛଡ଼ା ପ୍ରତ୍ୟେକ ମୋବାଇଲ ଫୋନରେ ଏକ ସୁରକ୍ଷା ବଟନ୍‌ର ବ୍ୟବସ୍ଥା କରାଯାଉ। କୌଣସି ମହିଳା ନିଜକୁ ସାମାନ୍ୟ ଅସୁରକ୍ଷିତ ମନେକରି ସେହି ବଟନ୍‌କୁ ଦବାଇଦେଲେ ତାହା ସିଧାସଳଖ ୨୪ଘଣ୍ଟିଆ ପୋଲିସ କଣ୍ଟ୍ରୋଲ ରୁମ୍‌ରେ ବାଜିଉଠିବ ଏବଂ ପୋଲିସ ତତ୍‌କ୍ଷଣାତ୍ ମୋବାଇଲ ଟ୍ରାକ୍ କରି ଘଟଣାସ୍ଥଳରେ ପହଞ୍ଚି ଅପରାଧୀକୁ ଧରିପାରିବ।

ଡ. ଆଲୋକ ରଞ୍ଜନ ମିଶ୍ର, ପର୍ଯ୍ୟଟନ ଉନ୍ନୟନ ନିଗମ, ଭୁବନେଶ୍ୱର

### ଯୁଗ ବଦଳୁଛି

ଭାରତବର୍ଷରେ ଆଉ ସବାରି ଚାଲୁନି ଧୀରେ ଧୀରେ। ସଂଖ୍ୟାଲଘୁ ଲୋକେ ରିକ୍ସାରେ ଗଲାବେଳେ ଶାଢି ଘେରିବା ଯୁଗ ଚାଲିଯାଇଛି। ଛାଡପତ୍ର ଘଟଣା ବୃଦ୍ଧିପାଉଛି। ନଗଦ ଚଉଠି ବାକି ବାହାଘର ପ୍ରଥା ଆରମ୍ଭ ହେଲାଣି। ବୃଦ୍ଧମାନେ ବି ଅସଦାଚରଣ ଘଟଣାରେ ଧରାପଡି ହଟହଟା ହେଉଛନ୍ତି। ଚନ୍ଦ୍ରକୁ ମଣିଷ ପଠାଇବା ପାଇଁ ଉଦ୍ୟମ ଚାଲିଥିବା ବେଳେ ଦେଶର କୋଣ ଅନୁକୋଣରେ ଚିଟ୍‌ଫଣ୍ଡ ଓ କାମୁକ ବାବାଙ୍କ ଦୌରାତ୍ମ୍ୟ କମିବାର ନାଁ ଧରୁନି। ପ୍ରତ୍ୟେକ ଭାରତୀୟ ସମୟ ସାଥିରେ ତାଳ ଦେଇ ଅଧିକ ଚାଲାକ ଚତୁର ହେବା ଦରକାର।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯେଉଁମାନେ ଯୁକ୍ତି କରି ଜାଣନ୍ତି ନାହିଁ, ସେହିମାନେ ହିଁ କଥାବାର୍ତ୍ତାବେଳେ କଳି କରନ୍ତି।

-ଚେଷ୍ଟାର ଷ୍ଟେନ୍

## ସଂକ୍ଷେପରେ



### ୭ ବାଲି ବୋଝେଇ ଟ୍ରାକ୍ଟର ଜବତ

ପଦ୍ମପୁର, ୧୯।୧୨ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ସମ୍ବଲପୁରୀ ଗାଁ ପାଖ ଅଙ୍ଗନଦୀ ପଠାରୁ ଛତିଶଗଡର କେତେକ ଟ୍ରାକ୍ଟର ମାଲିକ ପ୍ରତିଦିନ ବାଲି ଚାଲାଣ କରୁଥିଲେ । ଖବର ପାଇ ପଦ୍ମପୁର ଅତିରିକ୍ତ ତହସିଲଦାର ସରିତା ଗୁପ୍ତା ବାଲି ଚୋରାଚାଲାଣ ସ୍ଥଳକୁ ଜଗଦଲପୁର ପୋଲିସ ଏଏସଆଇ ସତ୍ୟାନନ୍ଦ ଭୋଇ ସଦଳବଳ ଚଢ଼ାଉ କରି ୭ଟି ନମ୍ବର ବିହୀନ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲେ ।

### ବିଷୟଭିତ୍ତିକ ଓଡ଼ିଆ ଭାଷା ସାହିତ୍ୟ କର୍ମଶାଳା

ବରଗଡ଼ ଅଫିସ୍,୧୯।୧୨

ବରଗଡ଼ ବ୍ଲକ ଅନ୍ତର୍ଗତ ଦେଓଗାଁ ହାଇସ୍କୁଲରେ ବିଷୟଭିତ୍ତିକ ଓଡ଼ିଆ ଭାଷା ସାହିତ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସାଧନ କର୍ମୀ ତଥା ପ୍ରଧାନଶିକ୍ଷକ ପ୍ରଦୀପ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାକୁ ଦେଓଗାଁ ହାଇସ୍କୁର ପ୍ରଧାନ ଶିକ୍ଷକ ହେମନ୍ତ ପ୍ରଧାନ ଏହାକୁ ଉଦଘାଟନ କରିଥିଲେ। ଶିକ୍ଷକ ସୁରେନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ୭୪ଟି ହାଇସ୍କୁଲର ୭୪ଜଣ ଓଡ଼ିଆ ଶିକ୍ଷକ ଯୋଗଦାନ କରିଥିଲେ। ଦଶମ ଶ୍ରେଣୀର ବିଷୟଗତ ସମସ୍ତ ପାଠ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ସାଧନ କର୍ମୀ ଗଜେନ୍ଦ୍ର ଦାଶ, ପ୍ରଦୀପ କୁମାର ମିଶ୍ର, ଗୌରୀଶଙ୍କର ପଣ୍ଡା, ସରୋଜ କୁମାର ସାହୁ, କେଦାର ପ୍ରଧାନ, ନରେଶ ଦାଶ, ଡୋଲାମଣି ସାହୁ, ପ୍ରଦୀପ ଦାଶ ପ୍ରମୁଖ ନିଜ ଶୈକ୍ଷିକ ଅଭିଜ୍ଞତା ଉପରେ ଆଲୋକପାତ କରିଥିଲେ । ଶିକ୍ଷକ ଜଗଦୀଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାଇନିଂ ଷ୍ଟାର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବରଗଡ଼ ଅଫିସ୍/ଭଟଲି,୧୯।୧୨

ବରଗଡ଼ ଶିକ୍ଷାଜିଲା ବିଭାଗ ଆନୁକୂଲ୍ୟରେ ତଥା ଏସିସି ଟ୍ରଷ୍ଟ ସହଯୋଗରେ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜିଲାର ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଚାରିଦିନିଆ ଆବାସିକ ସାଇନିଙ୍ଗ ଷ୍ଟାର ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ଏସିସି ପରିଚାଳିତ ବରଗଡ଼ ସିମେଣ୍ଟ କାରଖାନାର ପ୍ଲାଣ୍ଟ ନିର୍ଦ୍ଦେଶକ ମନୋଜ କୁମର ଶ୍ରୀବାସ୍ତବ ଉଦଘାଟନ କରିଥିଲେ। ଶିକ୍ଷାର ବିକାଶ ତଥା ଜିଲାର ମେଧାବୀ ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ଏସିସି ସହଯୋଗ ଜାରି ରଖିବ ବୋଲି ସେ ମତବ୍ୟକ୍ତ କରିବା ସହିତ ଆସନ୍ତା ମାଟ୍ରିକ ପରୀକ୍ଷାରେ ସମସ୍ତ ଛାତ୍ରୀଛାତ୍ରଙ୍କ ସଫଳତା କାମନା କରିଥିଲେ । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ସାଇନିଂ ଷ୍ଟାର ଭଳି କାର୍ଯ୍ୟକ୍ରମକୁ ସେ ପ୍ରଶଂସା କରିଥିଲେ । ଅଧ୍ୟାପିକା ପାର୍ବତୀ ଭୋଇ ଶିକ୍ଷକ ଗୋବିନ୍ଦ ସେଠଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ତଥା ମୋଟିଭେଟର ବିଦ୍ୟୁତ କୁମାର ଦାଶ, ଏସିସି ପ୍ଲାଣ୍ଟର ଜମିଲ ଅଖତର ଖାନ୍, ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ, ଅବସରପ୍ରାପ୍ତ ବିଇଓ ଗଜରାଜ ମେହେର ପ୍ରମୁଖ ଯୋଗ ଦେଇଥିଲେ । ଶିବିରରେ ଜିଲାର ବିଭିନ୍ନ ବ୍ଲକରୁ ଶତକାଡ଼ା ୭୦ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୬୮ଜଣ ମେଧାବୀ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ୩୦ରୁ ଉର୍ଦ୍ଧ୍ୱ ସାଧନ କର୍ମୀ ବିଭିନ୍ନ ବିଷୟରେ ଛାତ୍ରୀଛାତ୍ରଙ୍କ ସନ୍ଦେହ ମୋଚନ କରିବା ସହିତ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ଏହି ଶିବିର ଆସନ୍ତା ୨୨ତାରିଖରେ ଉଦ୍‌ଯାପିତ ହେବ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।




ସାଇନିଂ ଷ୍ଟାର ପ୍ରଶିକ୍ଷଣ ଶିବିରର ଉଦଘାଟନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

## ହରଭଙ୍ଗା ବ୍ଲକରେ ଆବାସ ଯୋଜନା ବାଟ୍‌ବନା

# ବିଲ୍ ଟଙ୍କା ଲାଗି ହିତାଧିକାରୀ ହଟ୍‌ହଟା



ହିତାଧିକାରୀମାନେ ବିଲ୍ ଟଙ୍କା ଲାଗି ହରଭଙ୍ଗା ବ୍ଲକ ଏପିଓଙ୍କୁ ଭେଟୁଛନ୍।

ବୌଦ୍ଧ,୧୯।୧୨ (ଡି.ଏନ୍.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ସରକାରୀ ଯୋଜନା ବାଟବନା ହେଇଛେ। ବ୍ଲକର ଅନେକ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି ବିଲ୍ ଟଙ୍କା ପାଏବାର ଲାଗି ହଟ୍‌ହଟା ହେଉଥିବାର ଅଭିଯୋଗ କରିଛନ୍।

ସୂଚନା ଅନ୍‌ସାରେ ହରଭଙ୍ଗା ବ୍ଲକ ବାଣିଭୁଷଣପୁର ପଁଚେତ୍ ଲଣ୍ଡ୍ରେଜୁ ଗାଁର ୭ରୁ ୮ ଝନ୍ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି କରିଛନ୍। ହେଲେ ଅନେକ ଦିନ୍ ହେଲା ବିଲ୍ ଟଙ୍କା ନାଇଁ ପାଏଲାରୁ ସେମାନେ ଗୁରୁବାର ବ୍ଲକ ଅଫିସରେ ଏପିଓଙ୍କୁ ଭେଟି ଅଭିଯୋଗ କରିଛନ୍। ଲଣ୍ଡ୍ରେଜୁ ଗାଁର ମଞ୍ଜୁ ବେହେରା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି ଶେଷ କରିଛନ୍। ହେଲେ ସେ ଶେଷ ବିଲ୍ ନାଇଁ ପାଇଥିଲାବେଳେ ଏନ୍‌ଆର୍‌ଇଜିଏସ୍ ଟଙ୍କା ୪ ହଜାର ନ ପାଇଛନ୍। ସେନ୍‌ତା ଗାଁର ସାଧବାଣୀ ବେହେରା, ସୁନୀଲ ସାହୁ, ବିଜୁ ବେହେରା, ଅଜୟ ବେହେରାଙ୍କର ବି ସମାନ ଅବସ୍ତା। ହିତାଧିକାରୀମାନେ ଘର ତିଆରି ସାରବାର ବଛର ବଛର ବିତିଯାଇଥିଲେ ବି ବିଲ୍ ଟଙ୍କା ପାଇ ନାଇଁପାରବାର। ଏନ୍‌ତାଥି ବୋନସ୍ ଟଙ୍କା କଥା କିଏ ପଚାରେ। ଇଆଡ଼େ ହିତାଧିକାରୀମାନେ ବିଲ୍ ଟଙ୍କା ପାଏବାର ଲାଗି ବଛର ବଛର ହେଲା ପଁଚେତ୍‌ନୁ ବ୍ଲକ ଅଫିସ ଦଉଡି ଦଉଡି ନିହାଲ ହେଇଗଲେନ। ଇ ବାବ୍‌ଦେ ଏପିଓ ହେମନ୍ତ କୁମାର ପ୍ରଧାନଙ୍କୁ ପଚ୍‌ରାଲାରୁ ଯେନ୍ ହିତାଧିକାରୀମାନକର ବିଲ୍ ରହିଯାଇଛେ ଟଙ୍କା ଆଏଲେ ସମକୁ ଦିଆଯିବା ବଲି ସେ କହିଥିଲେ।

# ବ୍ଲକସ୍ତରୀୟ ଏସ୍‌ଏଚ୍‌ଜି ସମନ୍ୱୟ ମେଳା




ଏସଏଚଜି ମହିଳାଙ୍କୁ ଋଣ ପ୍ରଦାନ କରାଯାଉଛି ।

ଭଟଲି,୧୯।୧୨ଡି.ଏନ.ଏ.)

ଭଟଲି ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଓଡିଶା ଜୀବିକା ମିଶନ ପକ୍ଷରୁ ବ୍ଲକସ୍ତରୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସମନ୍ୱୟ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଡିଓ ଧିରେନ୍ଦ୍ର କୁମାର ସେଠୀ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଓଏଲଏମ ଜିଲା କାର୍ଯ୍ୟାଳୟ ଡିପିଏମ ଶଙ୍କର ଚାଲାନ, ଏଫଆଇସି କିଶୋର ପଣ୍ଡା ଏବଂ ଭଟଲି ବ୍ଲକ ଅନ୍ତର୍ଗତ ସମସ୍ତ ବ୍ୟାଙ୍କ ଶାଖା ପରିଚାଳକ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ମେଳାରେ ପ୍ରାୟ ୫୬ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧ କୋଟି ୫୧ ଲକ୍ଷ ୪୧ ହଜାର ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା । ବିପିଏମ ଲଳିତା ଛୁରା ସଭା ପରିଚାଳନା କରିଥିବା ବେଳେ ବିଏଲସି ରଞ୍ଜନ ଭୁଏ ସହଯୋଗ କରିଥିଲେ । ପିଏ ଭବାନୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ବରଗଡ଼ରେ ଖ୍ରୀଷ୍ଟମାସ କାରୋଲ ସମାରୋହ

ବରଗଡ଼ ଅଫିସ୍,୧୯।୧୨

ବରଗଡ଼ ଆରଟିଓ ଅଫିସ ପଛପଟ ପଡ଼ିଆରେ ଜିଲାସ୍ତରୀୟ ଖ୍ରୀଷ୍ଟମାସ କାରୋଲ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲା ସାଧାରଣ ସମ୍ପାଦକ ଜନ ନିଉଟନ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ, ସମାଜସେବୀ ଦେବବ୍ରତ ମିଶ୍ର, ଚନ୍ଦ୍ରଶେଖର ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଭୁବନେଶ୍ୱରର ଡଃ ରେଭେନ ଉଲ୍ଲାସ ପାନି ମୁଖ୍ୟବକ୍ତା ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉପରେ ନିଜ ବକ୍ତବ୍ୟ ରଖିଥିଲେ। ସେହିପରି ମୁଖ୍ୟଅତିଥି, ସମ୍ମାନିତ ଅତିଥି ଯୀଶୁଖ୍ରୀଷ୍ଟଙ୍କ ବାଇବେଲ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ ସମାରୋହରେ ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ପାଷ୍ଟର ସୁକାନ୍ତ ବାଗ, ବେଞ୍ଜାମିନ ନନ୍ଦ, ଅଭିମନ୍ୟୁ ଭୁଏ, ଚନ୍ଦ୍ରମଣି ତାଣ୍ଡି ପ୍ରମୁଖଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଅମୂଲ୍ୟ ସୁନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଆରାଧନାଙ୍କୁ ଶୁଭେଚ୍ଛା ଜଣାଇଲେ ବିଧାୟକ

ବରଗଡ଼ ଅଫିସ୍,୧୯।୧୨

ବରଗଡ଼ ବ୍ଲକ ଅନ୍ତର୍ଗତ ରୁହିଣିଆ ଗ୍ରାମର ଧରଣୀଧର ବିଶ୍ୱାଳ ଓ ସୁକାନ୍ତି ବିଶ୍ୱାଳଙ୍କ ଝିଅ ଆରାଧନା ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣାରେ କୃତକାର୍ଯ୍ୟ ହୋଇଛନ୍ତି। ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଦଶମ ଶ୍ରେଣୀ ଛାତ୍ରୀ ଆରାଧନା ଆସନ୍ତା ବର୍ଷ ମେ ମାସରେ ରାଜ୍ୟର ୨୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାମିଲ ହୋଇ ଇସ୍ରୋ ପରିଦର୍ଶନ ପାଇଁ ମନୋନିତ ହୋଇଛନ୍ତି । ଗୁରୁବାର ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଆରାଧନା ଶୁଭେଚ୍ଛା ଜଣାଇବା ସହିତ ଇସ୍ରୋ ଗସ୍ତରେ ତାଙ୍କ ସଫଳତା କାମନା କରିଛନ୍ତି ।



ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କୃତୀ ଛାତ୍ରୀ ଆରାଧନାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ଟଙ୍କାରେ କେତେ
ନା ମୋ ମାଣକ ମଠରେ ଫୁଟୁଛି ।**

ମାଗଣାରେ ମିଳୁଥିବା ଜିନିଷର ପ୍ରକୃତ ଦରଦାମ ବୁଝିବା ସେତେ ଆବଶ୍ୟକ ପଡ଼ି ନ ଥାଏ । ପରାନ୍ନଭୋଜି ବ୍ୟକ୍ତି ପକ୍ଷରେ ଚାଉଳ ପ୍ରଭୃତିର ଦର ବୁଝିବା ଅନାବଶ୍ୟକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାକୁଣ୍ଡା ଗୋଟାଡୁଲେ ଯାଉଛି
ପାନରୁ ଶିର କଢ଼ା ହଉଛି ।**

କେଉଁଠି ଅଜସ୍ର ଖର୍ଚ୍ଚ ତ କେଉଁଠି ସାମାନ୍ୟ ଖର୍ଚ୍ଚ ଉପରେ ନାନା କଟକଣା। ଅଜସ୍ର ଅର୍ଥ ଅଯଥାରେ ବ୍ୟୟ ହୋଇଯାଉଥିବା ବେଳେ ସେଥିପ୍ରତି ଅନେକେ ଦୃଷ୍ଟି ଦେଇ ନ ଥାନ୍ତି। ଅଥଚ ଅଳ୍ପ କେତେକ ଧନ ରକ୍ଷା ହେବା ନିମନ୍ତେ ଅକ୍ଳାନ୍ତ ଚେଷ୍ଟା ଚଳାଇଥାନ୍ତି। ଅନ୍ୟ ଦିଗରେ ବହୁତ ଖର୍ଚ୍ଚ ହେଲାବେଳେ ସାମାନ୍ୟ କଥାରେ କୃପଣତା ଭାବ ପ୍ରଦର୍ଶନ କରିବା ମୂର୍ଖାମିର ଲକ୍ଷଣ ହୋଇଥିବା ଅର୍ଥରେଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଚୋରି ସାମଗ୍ରୀ କ୍ରୟ ଘଟଣା

# ଦୁଇ ଅଭିଯୁକ୍ତ କୋର୍ଟ ଚାଲାଣ

ବିଜେପୁର, ୧୯।୧୨ (ଡି.ଏନ.ଏ)

ବିଜେପୁର ପୋଲିସ ଏକ ଚୋରି ର୍ୟାକେଟ ଠାବ କରି ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଚୋରି ସାମଗ୍ରୀକୁ କ୍ରୟ କରିବା ଅଭିଯୋଗରେ ଦୁଇଜଣଙ୍କୁ ଗୁରୁବାର ଅପରାହ୍ନରେ ସୋହେଲା କୋର୍ଟକୁ ଚାଲାଣ କରିଛି । ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଜାରିଂ ଗ୍ରାମର ଜୟମିତ୍ର ପଧାନ (୫୮) ଓ ମୁଣୋମହୁଲର ଅଗସ୍ତି ସାହୁ (୩୮)। ସୋହେଲା ଥାନା ଅନ୍ତର୍ଗତ ବନାବିରାର ମୁଖ୍ୟ ଅଭିଯୁକ୍ତ ଗିରିଶ ଜଗଦଲା ବିଭିନ୍ନ ସ୍ଥାନରୁ ଚାଷୀମାନଙ୍କର ଗଭୀର ନଳକୂପର ପମ୍ପ ଚୋରି କରିଥିଲେ। ତାଙ୍କଠାରୁ ଜୟମିତ୍ର ଓ ଗିରିଶ ୩ଟି ଲେଖାଏଁ ପମ୍ପ କ୍ରୟ କରିଥିଲେ । ଏ ନେଇ ପୋଲିସ ଏକ ମାମଲା (ନଂ.୨୨୩/୧୯) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିଲା ।

# ନୂତନ ବିଦ୍ୟୁତ୍ ସବ୍‌ଷ୍ଟେଶନ ଉଦ୍‌ଘାଟିତ

ବୌଦ୍ଧ/ପୁରୁଣାକଟକ, ୧୯।୧୨(ସ୍ୱ.ପ୍ର/ଡି.ଏନ.ଏ)

ବୌଦ୍ଧ ସଦର ମହକୁମା ଠାରେ ଶକ୍ତିବିଭାଗ ପକ୍ଷରୁ ଏକ ୮ଏମଭିଏ ସବଷ୍ଟେଶନ ଗୁରୁବାର ଉଦ୍‌ଘାଟିତ ହୋଇଛି। ଏହି ସବଷ୍ଟେସନକୁ ଶକ୍ତି, କ୍ଷୁଦ୍ରଶିଳ୍ପ ଓ ଗୃହ ବିଭାଗ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ସବଷ୍ଟେଶନ ଦ୍ୱାରା ଆଉ ଜିଲାରେ ବିଦ୍ୟୁତ ସମସ୍ୟା ରହିବ। ଏହାସହ ଗ୍ରାମାଞ୍ଚଳରେ ଯେପରି କେହି ବିଦ୍ୟୁତ ସଂଯୋଗରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ପଦକ୍ଷେପ ଗ୍ରହଣ କରାଯାଉଥିବା ମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଓ ବିଦ୍ୟୁତ ବିଭାର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

**ପୁରୁଣାକଟକ,(ଡି.ଏନ.ଏ):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାମଗଡ ଗ୍ରାମରେ ୧୧କେଭି ବିଦ୍ୟୁତ୍ ସଂଯୋଗୀକରଣର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶକ୍ତି ଓ ଗୃହ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଟ୍ରାନ୍ସଫର୍ମର ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଡିଆରଡିଏ ପିଡି ସୂର୍ଯ୍ୟ ନାରାୟଣ ଦାଶ, ବିଦ୍ୟୁତ ବିଭାଗ ଏଓ ଜୟରାମ ସାହୁ , ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠୀ, ଜିଲା ବିଜେଡି ଉପ ସଭାପତି ସୁବୋଧ ପ୍ରଧାନ, ସରପଞ୍ଚ ନରେଶ ସେଠୀ ଉପସ୍ଥିତ ଥିଲେ ।



ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଦ୍ୟୁତ୍ ସଂଯୋଗୀକରଣର ଶୁଭାରମ୍ଭ କରୁଛନ୍ତି ।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

NEW YEAR DHAMAKA
ହର୍ କଦମ ଆପକେ ସାଥ୍
ବନ୍ଧନ ଋଣ 1993ରୁ ଆପଣଙ୍କର ସେବାରେ (NBFC Registered) କମ୍ପାନୀ ଦ୍ୱାରା ଏଜୁକେଶନ୍ , ସମ୍ପତି, ପେ-ସ୍ଲିପ୍ ଗ୍ରୁପ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। (ଖର୍ଚ୍ଚ ଲୋନ ପାସ୍ ହେଲା ପରେ) 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
9520405151
9520334141

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ–2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

FINANCE
ପ୍ରଧାନମନ୍ତ୍ରୀ ଯୋଜନା ଦ୍ୱାରା All India ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Sadhana - 8878040214
Priyanka - 7649016745
Manisha - 9753016278
Manasi - 8827505029
Sweta - 8963979286
Nidhi - 8878026907
Vasundhara Mall, West Boring Canal Rd, Rajapur, Patna, Bihar 800001

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

INDIAN TELICOM TOWER
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ 4G ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/ +୨୦ ବର୍ଷର ଏଗ୍ରୀମେଣ୍ଟ
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
7752975969

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851




ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଶାରଦା ଦେବୀଙ୍କ ୧୬୭ ଜନ୍ମତିଥି ପାଳିତ

ସମ୍ବଲପୁର, ୧୯।୧୨ (ବ୍ୟୁରୋ)
ସମ୍ବଲପୁର ମହାନଗର ନିଗମ କାଇଁଶିରସ୍ଥିତ ଆଶ୍ରମରେ ଶ୍ରୀ ଶ୍ରୀ ଶାରଦା ଦେବୀଙ୍କ ୧୬୭ ତମ ଜନ୍ମତିଥି ପାଳିତ ହୋଇଯାଇଛି। ଶ୍ରୀ ରାମକୃଷ୍ଣ ବିବେକାନ୍ଦ ସେବା ସଂଘ ସମ୍ବଲପୁର ଶାଖା ପକ୍ଷରୁ ଆଶ୍ରମ ପରିସରରେ ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଦିନତମାମ ବିଭିନ୍ନ ଅଧିବେଶନରେ ରାମକୃଷ୍ଣ ଏବଂ ଶାରଦା ଦେବୀଙ୍କ ଜୀବନୀ ଓ ଲେଖା ପାଠ କରାଯାଇଥିଲା। ଏଥି ସହିତ ଅନୁଷ୍ଠିତ ଧ୍ୟାନ ଏବଂ ଆଧ୍ୟାତ୍ମିକ ଚର୍ଚ୍ଚା ହୋଇଥିଲା । ଜିଲା ତଥା ଜିଲା ବାହାରୁ ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ । ସଂଘ ସଭାପତି ସଞ୍ଜୀବ ସୋମ, ସମ୍ପାଦକ ଅଶୋକ କୁମାର ହୋତା, କାଳୀ ପ୍ରସାଦ ସିହ୍ନା, ସୁବୀର ସେନଗୁପ୍ତ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଓଡ଼ିଶା ଆଦିବାସୀ ଦଳିତ ସେନା ବୈଠକ

ସମ୍ବଲପୁର, ୧୯।୧୨ (ବ୍ୟୁରୋ)
ଓଡ଼ିଶା ଆଦିବାସୀ ଦଳିତ ସେନା ଜିଲା କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ସୁବେଶ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ବୁର୍ଲା ଭୀମସାର ଉପରେ ରାଜ୍ୟ ତଥା ପଡୋଶୀ ରାଜ୍ୟର ରୋଗୀମାନେ ନିର୍ଭର କରିଥାନ୍ତି । ଏହି ଡାକ୍ତରଖାନାରେ କାର୍ଯ୍ୟ କରିଥିବା ମେହେନ୍ତରମାନେ ବିଭିନ୍ନ ଦାବିରେ ଗତ ୪ ଦିନ ହେଲା ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଛନ୍ତି। କିନ୍ତୁ ଡାକ୍ତରଖାନା କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଆଗାମୀ ଦିନରେ ଆଦିବାସୀ ଦଳିତ ସେନା ମେହେନ୍ତରଙ୍କ ଆନ୍ଦୋଳନକୁ ସମ୍ପୂର୍ଣ୍ଣ ଭାବେ ସମର୍ଥନ ଜଣାଇବେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ରାଜ୍ୟ ସଭାପତି ପ୍ରଶାନ୍ତ ହାଓ, ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ମୁଣ୍ଡା, ପ୍ରିତି ପ୍ରଧାନ, ଥୋମାସ ମିଞ୍ଜ, ଅକ୍ଷୟ ରଣବିଡା, ତାନିଶଲାସ ବାର୍ଲା, ନରେଶ ବାରିକ, ଜୟକୃଷ୍ଣ ଓରାମ, ସୁଶିଲ ଚାନ୍ଦ, ରାଜୁ ଭଗତ, ପ୍ରଦୀପ ସୁନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ବରିଷ୍ଠ ନାଗରିକଙ୍କୁ ଅମିନଙ୍କ ଦୁର୍ବ୍ୟବହାର ଅଭିଯୋଗ

ସମ୍ବଲପୁର,୧୯।୧୨(ବ୍ୟୁରୋ)
ରାଜ୍ୟ ସରକାର ୫-ଟି ଓ ମୋ ସରକାର ଲାଗୁ କରିଛନ୍ତି । ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ଲୋକଙ୍କ ସହ ଉତ୍ତମ ବ୍ୟବହାର କରିବା ସହ ତାଙ୍କ ସହ ମିଶି ସମସ୍ୟାକୁ ସମାଧାନ କରିବାକୁ କହିଛନ୍ତି । ସ୍ୱତନ୍ତ୍ର ଭାବେ ବରିଷ୍ଠ ନାଗରୀକଙ୍କୁ ଗୁରୁତ୍ୱ ଦେବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ରହିଛି। ହେଲେ ମାନେଶ୍ୱର ରାଜସ୍ୱ ଅଫିସରେ କାର୍ଯ୍ୟରତ ରାଜାରାମ ସେଠ ବରିଷ୍ଠ ନାଗରୀକମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହେଉଛି । ମାନେଶ୍ୱର ତହସିଲଦାର ଭିକ୍ଟୋରିଆ ଏକ୍କାଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଅମିନ ରାଜା ନିଜ କାର୍ଯ୍ୟ ଠିକ ଭାବେ ସମ୍ପାଦନା କରୁ ନାହାନ୍ତି । ଗରିବ ଜନସାଧାରଣ ହେଉ କି ବରିଷ୍ଠ ନାଗରୀକଙ୍କୁ ହଇରାଣ କରୁଛନ୍ତି । ଏପରିକି ସେମାନେ ନିଜ କାମ ବିଷୟରେ ପଚାରିଲେ ଖରାପ ବ୍ୟବହାର କରୁଛନ୍ତି । କାମ ହୋଇ ପାରିବ ନାହିଁ ବୋଲି ମାସ ମାସ କାଳ ସମୟ ଗଡାଇ ଯାଉଛନ୍ତି । ପୂର୍ବରୁ ମଧ ଏମିତି ଘଟଣା ହୋଇଥିଲା । ଉପଜିଲାପାଳ ନିକଟରେ ଅଭିଯୋଗ କରିବା ପରେ ତାଗିଦ କରାଯାଇଥିଲା। ହେଲେ ସେ ତାଙ୍କ ସ୍ୱଭାବରେ ପରିବର୍ତ୍ତନ କରି ନାହାନ୍ତି। ଖୁବ ଶୀଘ୍ର ତାଙ୍କୁ ଦଲବି କରାଯାଉ ବୋଲି ଜଗନ୍ନାଥ ଦିକ୍ଷୀତ, ଉଦ୍ଧବ ଭୋଇ, ହରିଶଙ୍କର ପୁରୋହିତ, ଦୟାନିଧି ମେହେର, ସଞ୍ଜୟ କୁମାର ଛୁରିଆ, ମନୋଜ ମେହେର, ରମା ଦିକ୍ଷିତ ପ୍ରମୁଖ ଦାବି କରିଛନ୍ତି ।

# ସମ୍ବଲପୁରରେ ସିଏଏ ତାତି | ରାସ୍ତାକୁ ଓହ୍ଲାଇଲେ ବିରୋଧୀ, ସମର୍ଥକ

ସମ୍ବଲପୁର,୧୯।୧୨ (ବ୍ୟୁରୋ)



ଭୀମ ଆର୍ମି ପକ୍ଷରୁ ଆୟୋଜିତ ରାଲିକୁ ପୋଲିସ ଅଟକାଇବାକୁ ଚେଷ୍ଟା କରୁଛି ।




ମୁସଲିମ ସଂପ୍ରଦାୟର ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

■ବିନା ଅନୁମତିରେ ରାଲି, ମାମଲା ରୁଜୁ
■ବୁଥାପଡା ଛକରେ ଅଟକିଲେ ବିକ୍ଷୋଭକାରୀ

ଦେଶର ବିଭିନ୍ନ ସ୍ଥାନରେ ସଂଶୋଧିତ ନାଗରିକତା ଆଇନ ଓ ଏନଆରସିକୁ ନେଇ ବିରୋଧ କରାଯାଉଥିବା ବେଳେ ସମ୍ବଲପୁରରେ ମଧ୍ୟ ଗୁରୁବାର ଏହାର ପ୍ରଭାବ ପଡିଛି। ପୋଲିସର ବିନା ଅନୁମତିରେ ଭୀମ ଆର୍ମି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଅପରପକ୍ଷେ ସିଏଏକୁ ସମର୍ଥନ ସହ ସହରରେ ଚାଲିଥିବା ରାଲି ଓ ଆନ୍ଦୋଳନକୁ ବିରୋଧ କରି ବଜରଙ୍ଗଦଳ, ବିଶ୍ୱ ହିନ୍ଦୁ ପରିଷଦ ଓ ହିନ୍ଦୁ ଧର୍ମ ଅନୁଷ୍ଠାନ ସଦସ୍ୟ ରାସ୍ତାକୁ ଓହ୍ଲାଇଥିଲେ। ଫଳରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ପୋଲିସ ପରିସ୍ଥିତିକୁ ଆୟତ କରିଥିଲା । ତଥାପି ଦିନ ତମାମ ସହରରେ ଉତ୍ତେଜନା ଲାଗି ରହିଥିଲା ।

ଅପରାହ୍ନ ୧୦ ଟା ସମୟରେ ଧନୁପାଲି ଥାନା ସୁନାପାଲିଠାରେ ଭୀମ ଆର୍ମି ପକ୍ଷରୁ ରାଲି ପାଇଁ ପ୍ରସ୍ତୁତ କରାଯାଉଥିଲା । ସ୍ଥାନୀୟ ମୁସଲିମ ସଂପ୍ରଦାୟର ସଦସ୍ୟମାନେ ମଧ୍ୟ ସମର୍ଥନ କରି ରାଲିରେ ବାହାରିଥିଲେ । ପୋଲିସ ଅଧିକାରୀମାନେ ପହଞ୍ଚି ରାଲି କରିବା ପାଇଁ ମନା କରିଥିଲେ । ସେ ସମୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ହେଲେ ପରେ ପୋଲିସ ଓ ବିକ୍ଷୋଭକାରୀମାନଙ୍କ ମଧ୍ୟରେ ଆଲୋଚନା ହୋଇ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଯାଇ ଅଭିଯୋଗ ପତ୍ର ଦେବେ ବୋଲି ସ୍ଥିର ହୋଇଥିଲା। ପ୍ରତିନିଧି ଦଳ ସହ ଶତାଧିକ ଭୀମ ଆର୍ମି ସେନା ଓ ଅନ୍ୟ ସଦସ୍ୟମାନେ ରାଲିରେ ବୁଥାପଡା ଛକ ପର୍ଯ୍ୟନ୍ତ ଆସିଥିଲେ । ବୁଥାପଡା ଛକରେ ପୋଲିସ ବ୍ୟାରିକେଡ ଦେଇ ସେମାନଙ୍କୁ ଅଟକାଇଥିଲା । ସେଠାରେ ସେମାନେ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ । ଏନଆରସି ଓ ସିଏଏ ଆଇନକୁ ପୁଣି ବିଚାର କରି ହଟାଇବାକୁ ଆନ୍ଦୋଳନକାରୀମାନେ ଦାବି କରିଥିଲେ । ପରେ ଏକ ୨୦ ଜଣିଆ ପ୍ରତିନିଧି ଦଳ ଜିଲାପାଳ ଶୁଭମ ସକସେନାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ସେହିପରି ଜିଲାସ୍କୁଲ ଛକରେ ବିଶ୍ୱ ହିନ୍ଦୁ ପରିଷଦ,ଭାଜପା, ବଜରଙ୍ଗଦଳ ହିନ୍ଦୁଧର୍ମର ବିଭିନ୍ନ ଅନୁଷ୍ଠାନର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ । ରାଲି ଓ ବିକ୍ଷୋଭ ସମୟରେ ଯେପରି କୌଣସି ଅପ୍ରୀତିକର ଘଟଣା ନ ଘଟେ ସେଥିପାଇଁ ସେମାନେ ପ୍ରସ୍ତୁତ ରହିଥିଲେ । ବୁଦ୍ଧ ହିଲ ହନୁମାନ ମନ୍ଦିର ନିକଟ ସହରରେ ଶାନ୍ତ ବଜାୟ ରହୁ ବୋଲି ସାମୁହିକ ହନୁମାନ ଚାଲିଶା ପାଠ କରାଯାଉଥିଲା ବୋଲି ବିଶ୍ୱହିନ୍ଦୁ ପରିଷଦର ପ୍ରଦୀପ ବହିଦାର କହିଛନ୍ତି । ସେହିପରି ବଜରଙ୍ଗଦଳ ପଶ୍ଚିମପ୍ରାନ୍ତ ଆବାହକ ସୁଧୀର ରଞ୍ଜନ ବହିଦାର କହିଛନ୍ତି, ଆମେ ଗତକାଲିଠାରୁ ପୋଲିସ ପ୍ରଶାସନକୁ ଜଣାଇଥିଲୁ । ସହର ଶାନ୍ତିପୂର୍ଣ୍ଣ ରହିଛି । କିଛି ଅସାମାଜିକ ବ୍ୟକ୍ତି ରାଲି ନାମରେ ହିଂସା କରିବାକୁ ଚାହୁଁଛନ୍ତି । ତେଣୁ ବିରୋଧ କରାଯାଇଥିଲା । ରାଲିକୁ ଅନୁମତି ନ ଦେବା ପାଇଁ ପୋଲିସ ଓ ଜିଲାପ୍ରଶାସନ ନେଇଥିବା ନିଷ୍ପତ୍ତିକୁ ହିନ୍ଦୁଧର୍ମର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଧୁବାଦ ଦିଆଯାଉଛି । ବିନା ଅନୁମତିରେ ରାଲି କରିଥିବାରୁ ଭୀମ ଆର୍ମି ଓ ବିକ୍ଷୋଭରେ ସାମିଲ ହୋଇଥିବା ଅନ୍ୟମାନଙ୍କ ନାମରେ ଏକ ମାମଲା ରୁଜୁ ହେବ ବୋଲି ଏସ୍‌ଡିପିଓ ତପନ ମହାନ୍ତି କହିଛନ୍ତି ।

## ଖ୍ରୀଷ୍ଟୀୟ ଉଦ୍ୟୋଗ ସମିତିର ଖ୍ରୀଷ୍ଟମାସ କ୍ୟାରଲ

ସମ୍ବଲପୁର, ୧୯।୧୨ (ବ୍ୟୁରୋ)




ଗୁରୁବାର ସମ୍ବଲପୁରରେ ଆୟୋଜିତ କ୍ୟାରଲରେ ସଂଗୀତ କାର୍ଯ୍ୟକ୍ରମ (ବାମ)। ଆୟୋଜିତ କ୍ୟାରଲରେ ନୃତ୍ୟ ।

ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ ଖ୍ରୀଷ୍ଟିୟ ଉଦ୍ୟୋଗ ସମିତି ପକ୍ଷରୁ ଖ୍ରୀଷ୍ଟମାସ କ୍ୟାରଲ ଗୁରୁବାର ରାତିରେ ସମାଜ ଘର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସ୍ମୃତିରଞ୍ଜନ ମହାପାତ୍ରଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ରେଭେରେଣ୍ଟ ଇସାକ ନାୟକ ବାଇବଲରୁ ପଂକ୍ତି ପାଠ କରିଥିଲେ। ରେଭେରେଣ୍ଟ ଆଶ୍ୱାସନା ବୀର, ରେଭେରେଣ୍ଟ ଆୟୁବ କର, ରେଭେରେଣ୍ଟ ଆଲିମନ୍ ପାଣି ମଧ୍ୟ ପ୍ରାର୍ଥନା କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ତଥା ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ ସଭାପତି ପ୍ରଫେସର ଦୀପକ ବେହେରା, ଉପସଭାପତି ଅରୁଣ କୁମାର ମହାପାତ୍ର, ଡା. ସଞ୍ଚିତା ନନ୍ଦ ବାସା, ଡା. ବିଭୁଦତ୍ତ ଦାଶ, ଏୟାର କମାଣ୍ଡେଣ୍ଟ ସଚ୍ଚିଦାନନ୍ଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାର୍ତ୍ତା ଦେଇଥିଲେ। ଯୀଶୁ ଜଗତର ପାପ ପରିହାର କରି ଶାନ୍ତି ପ୍ରତିଷ୍ଠା ପାଇଁ ଜନ୍ମ ନେଇଥିଲେ । ସମସ୍ତଙ୍କ ମଧ୍ୟରେ ପ୍ରେମ ଓ ସ୍ନେହ ଏବଂ ଭାତୃଭାବ ବଜାୟ ରହିଲେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅଭିଳାଷା ବାସା, ଶ୍ରଦ୍ଧାଞ୍ଜଳି ଦାଶ, ମଧୁସ୍ମିତା କର, ପ୍ରତ୍ୟାଷା ସାହୁ, ଅମିନ ହର, ପ୍ରଦୀପ ପ୍ରମାଣିକ, ସବୀର ମଣ୍ଡଳ, ଯୋଜେଶ ଦାଶ, ସୁଷମା ଦାଶ, ଜସ୍ମିନ ମଣ୍ଡଳ, ଶ୍ରଦ୍ଧାରାଣୀ ବେହେରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ରଙ୍ଗାରଙ୍ଗ ନୃତ୍ୟଗୀତ କାର୍ଯ୍ୟକ୍ରମ ହୋଇଥିଲା ।

## ବଢ଼ତି ଭତା ପାଏବାରୁ ଦିବ୍ୟାଙ୍ଗ ବଁଚିତ୍

ଚିପିଲିମା, ୧୯।୧୨ (ଡି.ଏନ୍.ଏ.)



ଦିବ୍ୟାଙ୍ଗ ଦୁଃଖନାଶନ ଭୁଏ ।

ରାଏଜ୍ ସରକାରକଁର ତରଫୁ ଦିବ୍ୟାଙ୍ଗମାନେ ବଢ଼ତି ଭତା ଟଁକା ପାଏବେ ବଲି ଘୋଷନା କରାଯାଇଛେ। ହେଲେ ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକରେ ଇତାର ଉଲଟା ଦେଖିବାକେ ମିଳୁଛେ। ଧନକଉଡ଼ା ବ୍ଲକ ଅଧୀନ କର୍ଡ୍ଡୋଲା ପଁଚେତ୍‌ରେ ଇତାର ଗୁଟେ ତାଜା ଉଦାହରନ୍ ଦେଖିବାକେ ମିଳିଛେ।

ସୂଚନା ହିସାବେ କର୍ଡ୍ଡୋଲା ଗାଁର ସ୍ୱର୍ଗତ ମାଖୁନୁ ଭୁଏକଁର ପୁଓ ଦୁଃଖନାଶନ ଭୁଏ(୩୦)। ସେ ଗୁଟେ ଦୁରଘଟନାର ଶିକାର ହେଇ ଭୁଜ୍‌ନି ହାତ୍ ହରେଇଛନ୍। ତାକର ପାସେ ୬୫ ପରତିଶତ ଦିବ୍ୟାଙ୍ଗ ପରମାନପତର ବି ରହିଛେ। ସରକାରୀ ନିୟମ ହିସାବେ ୬୦ ପରତିଶତରୁ ଅଧିକା ଭିନ୍ନକ୍ଷମ ଥିବାର ଦିବ୍ୟାଙ୍ଗମାନେ ମାସିକ ୭ଶହ ଟଁକା ଭତା ପାଏବାର କଥା। ହେଲେ ଦୁଃଖନାଶନ ୭ଶହ ଜାଗାରେ ୫ଶହ ଟଁକା ଭାତା ପାଉଥିବାର ଅଭିଯୋଗ କରିଛନ୍। ଇ ବାବ୍‌ଦେ ସେ ଥାନୀଅ ସରପଁଚ୍, ଇଓ ଆର ନେତାକୁତାକୁଁ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଦୁଃଖନାଶନ ନିଜର ଗାଈ, ମେଢ଼ି ସଂଗେ ଗାଁର ଦୁଇ ଚାଏର ଲୁକ୍‌କରଟା ଚରେଇ ଦୁଇ ପଏସା ରୁଜଗାର କରୁଛନ୍। ହେଲେ ସେ ୬୦ ପରତିଶତରୁ ଅଧିକା ଭିନ୍ନକ୍ଷମ ଥିବାର ଲାଗି ଉନିଆଁ କେହେନ୍‌ସି କାମ୍‌ବୁତା କରି ନାଇଁପାରବାର। ଏହେଦେ ସେ ବୁଢ଼ି ମା’ ଆର ଅବିହାରି ବହେନ୍ ଉପରେ ନିରଭର କରି ଚଲୁଛନ୍। ଇ ବାବ୍‌ଦେ ବିଏସ୍‌ଓ କ୍ଷିତିସୂତା ମେହେରକୁଁ ପଚରାଲରୁ ୬୦ ପରତିଶତରୁ ଅଧିକା ଦିବ୍ୟାଙ୍ଗ ଥିଲେ ବଢ଼ତି ଭତା ପାଇପାରବେ। ସେଥିରଲାଗି ସେମାନକୁ ଭିନ୍ନକ୍ଷମ ପରମାନପତରର ଅବିକଲ ନଲକ ସଂଗେ ପରମାନପତର ନେଇ କରି ଆସି ଆବେଦନ କରବାକେ ପଡ଼ବା ବଲି ସେ କହିଥିଲେ।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଇନ ସଚେତନତା ଶିବିର



ଗୁରୁବାର ସମ୍ବଲପୁର ବୁଢ଼ାରଜା ହାଇସ୍କୁଲରେ ଆୟୋଜିତ ଆଇନ ସଚେତନତା ଶିବିରରେ ଅତିଥି, ବକ୍ତା ଓ କର୍ମକର୍ତ୍ତା ।

ସମ୍ବଲପୁର, ୧୯।୧୨ (ବ୍ୟୁରୋ)

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଇନ ଏବଂ ମୌଳିକ କର୍ତ୍ତବ୍ୟ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୁଢ଼ାରଜା ନୋଡାଲ ହାଇସ୍କୁଲ ସଭା କକ୍ଷରେ ଆୟୋଜିତ ଶିବିରରେ ପ୍ରାଧିକରଣ ସଚିବ ଲିଲି ସେନାପତି ଅଧ୍ୟକ୍ଷତା କରିଥିଲେ। ଡିଏସପି ନରେନ୍ଦ୍ର କୁମାର ଷଡଙ୍ଗୀ, ସାଇବର ଥାନା ସବଇନ୍ସପେକ୍ଟର ଦେବଦତ୍ତ ବସ୍ତିଆ, ମହାନଗର ନିଗମ ଏନଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି, ପ୍ରଦୂର୍ଷଣ ବୈଜ୍ଞାନ ଅଂଶୁମାଳା କୁସୁମ ମିଞ୍ଜ, ଆଇନଜୀବୀ ପୁଷ୍ପାରାଣୀ ମହାପାତ୍ର, ବୁଢ଼ାରଜା ହାଇସ୍କୁଲ ପ୍ରଧାନଶିକ୍ଷକ ଯଶୋବନ୍ତ ସାହୁ, ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣ

ବାମରା, ୧୯।୧୨( ଡି.ଏନ.ଏ.)



ସମ୍ବଲପୁର ଜିଲା ବାମରା ବ୍ଲକରେ ନୂତନ ବିଡିଓ ଭାବେ ଗୋବିନ୍ଦ ଡନସନା ଦାୟିତ୍ୱ ଗ୍ରହଣ କରିଛନ୍ତି । ବାମରା ବିଡିଓ ଥିବା ସୁଶିଲ କୁଜୁରଙ୍କ ବଦଳି ହେବା ପରେ ଝାରସୁଗୁଡା ଜିଲା ଲଖନପୁର ବିଡିଓଙ୍କୁ ବାମରା ବ୍ଲକ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ବାମରା ବ୍ଲକରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ସହିତ ଅଧାପନ୍ତରିଆ ହୋଇପଡି ରହିଥିବା ଉନ୍ନୟନମୂଳକ କାର୍ଯ୍ୟ ପ୍ରତି ବିଶେଷ ଗୁରୁତ୍ୱ ଦେଇ କାମ କରିବେ ବୋଲି କହିଛନ୍ତି ।

## ଉପ ସମିତିରୁ ଅଶୋକ ପ୍ରଧାନଙ୍କ ଇସ୍ତଫା

ସମ୍ବଲପୁର,୧୯।୧୨(ବ୍ୟୁରୋ)
ଜିଲାରେ ଧାନ କିଣା ବିକା ନେଇ ଗଠନ ହୋଇଥିବା ଉପ ସମିତି ସଦସ୍ୟ ପଦରୁ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ତଥା ଆଶୋକ ପ୍ରଧାନ ଇସ୍ତଫା ଦେଇଛନ୍ତି । ଇସ୍ତଫାପତ୍ର ଜିଲାପାଳ ଶୁଭମ ସକସେନାଙ୍କୁ ଦେଇଛନ୍ତି । ତାଙ୍କ ଇସ୍ତଫା କାରଣ ସମ୍ପର୍କରେ ସେ କହିଛନ୍ତି ଯେ, ଚାଷୀମାନେ ବିଭିନ୍ନ ସମସ୍ୟାରେ ଗତି କରୁଛନ୍ତି । ଧାନର ଅଭାବି ବିକ୍ରି, ଟୋକନ ସମସ୍ୟା, କଟନି ଛଟନି ଭଳି ଅନେକ ସମସ୍ୟା ରହିଛି । ଏହି ସମସ୍ୟାର ଉପରେ ଆଲୋଚନା କରି ସମାଧାନ କରିବା ପାଇଁ ଉପସିମିତ ରହିଛି। ହେଲେ ଚଳିତବର୍ଷ ଧାନ କିଣା ଆରମ୍ଭର ଚାଷୀମାନେ ଆନ୍ଦୋଳନ କରୁଛନ୍ତି। ଉପ ସମିତି ବୈଠକ ନ ହେବାରୁ ସମସ୍ୟା ଉପରେ ଆଲୋଚନା ହୋଇପାରୁନାହିଁ । ୬ ମାସରୁ ଊର୍ଦ୍ଧ୍ୱ ହେବ ସମିତିର ସଭାପତି ଜିଲାପାଳ ବୈଠକ ଡାକୁ ନାହାନ୍ତି । ତେଣୁ ଚାଷୀମାନଙ୍କ ପାଖରେ ଆମକୁ ଉତ୍ତର ଦାୟୀ ହେବାକୁ ପଡୁଛି । ଏ ନେଇ ଚିନ୍ତା କରି ଇସ୍ତଫା ଦେଇଛି ବୋଲି କହିଥିଲେ । ସୂଚନାଯୋଗ୍ୟ ଯେ, ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ସହ ଚାଷୀମାନଙ୍କ ସମସ୍ୟା ଉପରେ ଆଲୋଚନା କରିବା ପାଇଁ ଉପ ସମିତି ଗଠନ କରାଯାଇଛି। ଏହି ଉପ ସମିତିରେ ଜିଲାପାଳ ସଭାପତି ରହିଥିବା ବେଳେ ୨ ଜଣ ଚାଷୀ, ଦୁଇ ଜଣ ମିର୍ଲସ, ଯୋଗାଣ ଅଧିକାରୀ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ ଓ ଜିଲାସ୍ତରୀୟ ଅଧିକାରୀ ରହିଛନ୍ତି ।

## ଫଟୋରେ ଖବର





ଗୁରୁବାର ସମ୍ବଲପୁରରେ ଭୀମଆର୍ମି ରାଲିକୁ ଦୃଷ୍ଟିରେ ରଖି ଭୁତାପଡା ଛକରେ ପୋଲିସ ମୁତୟନ କରାଯାଇଛି (ବାମ) । ଧନକଉଡା ବ୍ଲକ କୁଦମହଦା ଉଚ୍ଚ ପ୍ରାଥମିକ ସ୍କୁଲ ଛାତ୍ରୀଛାତ୍ରଙ୍କୁ କୁଦଗୁଣ୍ଡେରପୁର ଗ୍ରାମପଞ୍ଚାୟତ ସରପଞ୍ଚ ସନ୍ତୋଷିନୀ ବାଗ ଫୁଟବଲ ପ୍ରଦାନ କରୁଛନ୍ତି । ପଶ୍ଚିମ ଓଡିଶା ଟ୍ରାଫିକ୍ ସଂଯୋଜକ ପଦ୍ମଲୋଚନ ଭୋସାଗର ଉପସ୍ଥିତ ଅଛନ୍ତି ।

## ରାସ୍ତା ତଳକୁ ଖସିଲା ସ୍କୁଲ ଭ୍ୟାନ: ୨ ଛାତ୍ର ଆହତ

ସମ୍ବଲପୁର,୧୯।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଭାଲୁପାଲି ଛକ ନିକଟରେ ବୁଧବାର ଏକ ସ୍କୁଲ ଭ୍ୟାନ ରାସ୍ତା ତଳକୁ ଖସିପଡ଼ିଥିଲା। ସ୍କୁଲ ଭ୍ୟାନରେ ୬ ଜଣ ଛାତ୍ରୀଛାତ୍ର ଥିବା ବେଳେ ୨ ଜଣ ଆହତ ହୋଇଛନ୍ତି । ସେମାନ ହେଲେ ଅଙ୍କିତ ସାହୁ, ପ୍ରତାପ ମହାଲ୍ଲିକ । ଜିଲା ସଦର ଡାକ୍ତରଖାନାରେ ଚିକିତ୍ସା ପରେ ସେମାନେ ଘରୁକ ଫେରିଛନ୍ତି। ଅନ୍ୟପଟେ ପୋଲିସ ଏ ନେଇ ଏକ ମାମଲା (ନଂ. ୫୭୫/୧୯) ରୁଜୁ କରି ଭ୍ୟାନକୁ ଜବତ କରିଛି । ସୂଚନା ଯୋଗ୍ୟ ଯେ, ସ୍କୁଲ ଭ୍ୟାନ (ନଂ.ଓଆର ୨୩-ସି-୯୨୬୬) ଛାତ୍ରୀଛାତ୍ରମାନଙ୍କୁ ନେଇ ସିଦ୍ଧେଶ୍ୱର ବେର୍ଣ୍ଣା ସ୍କୁଲକୁ ଯାଉଥିଲା। ବିପରିତ ଦିଗରୁ ଏକ କାର (ନଂ. ଓଡି୦୫ଏଫ-୦୪୩୯) ଆସୁଥିଲା। ଉଭୟ ଗାଡି ସମାନ୍ୟ ବାଜି ଯିବାରୁ ସ୍କୁଲ ଗାଡି ଭାରସାମ୍ୟ ହରାଇ ତଳକୁ ଖସି ପଡିଥିଲା ।



ସ୍ୱାଧୀନ ଚିନ୍ତାଧାରା ଓ ସ୍ୱର ଉତ୍ତୋଳନକରିବା ଶିକ୍ଷା ଦ୍ୱାରା ସମ୍ଭବ ହୋଇପାରିଥାଏ। ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଛାତ୍ରୀଛାତ୍ରଙ୍କ ଉପରେ ଆକ୍ରମଣ କରାଯିବା ଭାରତୀୟ ଗଣତନ୍ତ୍ରର ପରିପନ୍ଥୀ।
-ପ୍ରିୟଙ୍କା ଚୋପ୍ରା ଜୋନାସ୍,
ବଲିଉଡ୍ ଅଭିନେତ୍ରୀ

**ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର**

# ଶ୍ରେଷ୍ଠ ଚଳଚ୍ଚିତ୍ର ‘ଭିଜା ମାଟିର ସ୍ୱର୍ଗ’



ବିଜୟ ମିଶ୍ର ଜୟଦେବ ପୁରସ୍କାର ଗ୍ରହଣ କରୁଛନ୍ତି ।



ଅକ୍ଷୟ ପରିଜା



ମିହିର ଦାସ



ଅର୍ଚ୍ଚିତା ସାହୁ

- ମିହିର ଦାସ ଶ୍ରେଷ୍ଠ ଅଭିନେତା
- ଅର୍ଚ୍ଚିତା ଶ୍ରେଷ୍ଠ ଅଭିନେତ୍ରୀ

## ବିଜୟ ମିଶ୍ରଙ୍କୁ ଜୟଦେବ ପୁରସ୍କାର

| ପୁରସ୍କାର | ନାମ | ଫିଲ୍ମ |
|---|---|---|
| ଜୟଦେବ ପୁରସ୍କାର | ଡ. ବିଜୟ ମିଶ୍ର | |
| ଶ୍ରେଷ୍ଠ ଚଳଚ୍ଚିତ୍ର(ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସମ୍ମାନ) | ଅକ୍ଷୟ କୁମାର ପରିଜା | ଭିଜା ମାଟିର ସ୍ୱର୍ଗ |
| ଶ୍ରେଷ୍ଠ ନିର୍ଦ୍ଦେଶକ | ମନମୋହନ ମହାପାତ୍ର | ଭିଜା ମାଟିର ସ୍ୱର୍ଗ |
| ଶ୍ରେଷ୍ଠ ଅଭିନେତା | ମିହିର ଦାସ | ଭିଜା ମାଟିର ସ୍ୱର୍ଗ |
| ଶ୍ରେଷ୍ଠ ଅଭିନେତ୍ରୀ | ଅର୍ଚ୍ଚିତା ସାହୁ | ଚମ୍ପିଆନ୍ |
| ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ (ବାଳକୃଷ୍ଣ ଦାଶ ସମ୍ମାନ) | ଶାନ୍ତିରାଜ ଖୋସ୍‌ଲା | ଫେରିଆ କମ୍‌ବ୍ୟାକ୍ |
| ଶ୍ରେଷ୍ଠ କାହାଣୀ ରଚୟିତା | ଡି. ନିରଞ୍ଜନ ରେଡ୍ଡି | ଓଲେ ଓଲେ ଦିଲ୍ ବୋଲେ |
| ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ | କରୁଣାକର ସେଠୀ | ଫେରିଆ କମ୍‌ବ୍ୟାକ୍(ମାଣକ ପୂରିଲା) |
| ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା | ଅନ୍ତରା ଚକ୍ରବର୍ତ୍ତୀ | ସାଥୀ ତୁ ଫେରିଆ(ଶ୍ରାବଣ ଅଛି ବରଷା ନାହିଁ) |
| ଶ୍ରେଷ୍ଠ ସମ୍ପାଦନା | ଅମରେନ୍ଦ୍ର ମହାପାତ୍ର | ଫେରିଆ କମ୍‌ବ୍ୟାକ୍ |
| ଶ୍ରେଷ୍ଠ ଗୀତିକାର | ବସନ୍ତରାଜ୍ ସାମଲ | ସାଥୀ ତୁ ଫେରିଆ(ଶ୍ରାବଣ ଅଛି ବରଷା ନାହିଁ) |
| ଶ୍ରେଷ୍ଠ ଚିତ୍ରନାଟ୍ୟ | ଆଶୁତୋଷ ମହାପାତ୍ର | ଭିଜା ମାଟିର ସ୍ୱର୍ଗ |
| ଶ୍ରେଷ୍ଠ ଚିତ୍ରଗ୍ରହଣ(ପ୍ରମୋଦ ପତି ସମ୍ମାନ) | ଦିଲ୍ଲୀପ କୁମାର ରାୟ | ଭିଜା ମାଟିର ସ୍ୱର୍ଗ |
| ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା | ମନୋଜ ମିଶ୍ର | ଚମ୍ପିଆନ୍ |
| ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ | ଶିବାନୀ ଖରା | ଫେରିଆ କମ୍‌ବ୍ୟାକ୍ |
| ଶ୍ରେଷ୍ଠ ହାସ୍ୟ କଳାକାର | ରାକ୍ଷୀ ଦାଶ | ଦିୱାନା ହେଲି ତୋ ପାଇଁ |
| ଶ୍ରେଷ୍ଠ ଶିଶୁ ଅଭିନେତା | ସାର୍ଥକ ହୋତା | ଫେରିଆ କମ୍‌ବ୍ୟାକ୍ |
| ଶ୍ରେଷ୍ଠ କଳା ନିର୍ଦ୍ଦେଶକ | ସଂଗ୍ରାମ ମହାରଣା | ଫେରିଆ କମ୍‌ବ୍ୟାକ୍ |
| ଶ୍ରେଷ୍ଠ ଶବ୍ଦଗ୍ରହଣକାରୀ | ନିତ୍ୟଶ୍ରୀ ରଞ୍ଜନ | ଜୀବନର ଚଲାପଥେ |
| ଶ୍ରେଷ୍ଠ ସଂଳାପ ଲେଖକ | ନନ୍ଦଲାଲ ମହାପାତ୍ର | ଭିଜା ମାଟିର ସ୍ୱର୍ଗ |
| ଶ୍ରେଷ୍ଠ ବେଶ ପୋଷାକ ସଜ୍ଜାକାରୀ | ପ୍ରସନ୍ନ ଶତପଥୀ | ଫେରିଆ କମ୍‌ବ୍ୟାକ୍ |
| ଶ୍ରେଷ୍ଠ ରୂପ ସଜ୍ଜାକାରୀ | ସମରେଶ ପାଲ | ଦିୱାନା ହେଲି ତୋ ପାଇଁ |
| ଶ୍ରେଷ୍ଠ ନୃତ୍ୟ ସଂଯୋଜନା | ପଞ୍ଚାନନ ମିଶ୍ର(ମୁନା ବାବୁ) | ଫେରିଆ କମ୍‌ବ୍ୟାକ୍ |
| ସ୍ୱତନ୍ତ୍ର ଜୁରୀ ସମ୍ମାନ | କାଦମ୍ବିନୀ ମିଡ଼ିଆ | କହେ ବଲ୍ଲଭ |
| | ସୌମ୍ୟକାନ୍ତ ଖଣ୍ଡାୟୀ | ଜୀବନର ଚଲାପଥେ |
| ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର | କଲ୍ୟାଣୀ ମିଶ୍ର, ରଣଜିତ ରଥ | ଭିନ୍ନ ଭିଟାମାଟି |
| | ନୀଳ ମହାପାତ୍ର | ସନ୍ନି– ଦି ସନ୍ ଅଫ୍ ରିଭର୍ |
| ଆଦିବାସୀ ଭାଷାରେ ପ୍ରସ୍ତୁତ ଶ୍ରେଷ୍ଠ ଚଳଚ୍ଚିତ୍ର | ‘ହୋ’ ସମାଜ ଫିଲ୍ମ ଏକାଡେମୀ | ଆମାଗେ ଜୁଲି |

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦୧୮ ମସିହା ପାଇଁ ୩୦ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ବରିଷ୍ଠ ଚଳଚ୍ଚିତ୍ର ନିର୍ଦ୍ଦେଶକ, କାହାଣୀକାର, ସଂଳାପ ଲେଖକ ତଥା ନାଟ୍ୟକାର ଡ. ବିଜୟ ମିଶ୍ର ଓଡ଼ିଆ ଚଳଚ୍ଚିତ୍ର ଜଗତର ସର୍ବଶ୍ରେଷ୍ଠ ‘ଜୟଦେବ ପୁରସ୍କାର’ରେ ସମ୍ମାନିତ ହୋଇଛନ୍ତି। ସଂଳାପ ରଚନା ଓ ଚଳଚ୍ଚିତ୍ର ନିର୍ଦ୍ଦେଶନା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବାବଦରେ ତାଙ୍କୁ ୧ ଲକ୍ଷ ଟଙ୍କା ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇଛି। ଏହାସହ ୨୦୧୮ ମସିହା ପାଇଁ ମୋଟ ୨୭ ବିଭାଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ‘ଭିଜା ମାଟିର ସ୍ୱର୍ଗ’କୁ ଏଥର ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ‘ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସମ୍ମାନ’ ପ୍ରଦାନ କରାଯାଇଥିବାବେଳେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଏହି ଫିଲ୍ମର ମନମୋହନ ମହାପାତ୍ର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି। ୨୦୧୮ ବର୍ଷ ପାଇଁ ଶ୍ରେଷ୍ଠ ଅଭିନେତା ଭାବେ ‘ଭିଜା ମାଟିର ସ୍ୱର୍ଗ’ର ମିହିର ଦାସ ପୁରସ୍କୃତ ହୋଇଥିବାବେଳେ ‘ଚମ୍ପିଆନ୍’ ଫିଲ୍ମ ପାଇଁ ଅର୍ଚ୍ଚିତା ସାହୁ ଏଥର ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପାଇଛନ୍ତି।

ଗୁରୁବାର ସ୍ଥାନୀୟ ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ଉଦ୍‌ଘାଟକ ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ମୁଖ୍ୟଅତିଥି ଭାବେ କୃଷି ଓ କୃଷକ ସଶକ୍ତୀକରଣ ଏବଂ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ଅରୁଣ କୁମାର ସାହୁ, ସମ୍ମାନିତ ଅତିଥିଭାବେ ସଂସ୍କୃତି ଉପଦେଷ୍ଟା ଜନ୍ମେଜୟ ଲେଙ୍କା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବିଭାଗୀୟ ସ୍ୱତନ୍ତ୍ର ସଚିବ ଡ. ରାମକୃଷ୍ଣ ସାହୁ, ଚଳଚ୍ଚିତ୍ର ଜୁରି କମିଟି ଅଧ୍ୟକ୍ଷ ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ଭାରତର ଅର୍ଥନୀତିରେ ଫିଲ୍ମ ଇଣ୍ଡଷ୍ଟ୍ରିର ପ୍ରମୁଖ ଅବଦାନ ରହିଥାଏ। କମର୍ସିଆଲ ଫିଲ୍ମ ଅର୍ଥନୀତିକୁ ସୁଦୃଢ଼ କରିବା ସହ ଅନେକ ଲୋକଙ୍କୁ ନିଯୁକ୍ତି ସୁଯୋଗ ଦେଇଥାଏ ବୋଲି ମନ୍ତ୍ରୀ ସାହୁ ମତବ୍ୟକ୍ତ କରିଥିଲେ। ଚଳଚ୍ଚିତ୍ର ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ସେ କହିଥିଲେ। ଆଗାମୀ ଦିନରେ କିଭଳି ଓଡ଼ିଶାକୁ ଫିଲ୍ମ ଟୁରିଜମ୍ ଡେଷ୍ଟିନେଶନରେ ପରିଣତ କରାଯାଇପାରିବ ସେ ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେଉଥିବା ସଂସ୍କୃତି ମନ୍ତ୍ରୀ ପାଣିଗ୍ରାହୀ କହିଥିଲେ। ଓଡ଼ିଆ ଭାଷା, ସାହିତ୍ୟର କ୍ଲାସିକ୍ କାହାଣୀ ଓ ଉପନ୍ୟାସକୁ ନେଇ ଫିଲ୍ମ ତିଆରି କରିବାକୁ ସେ ଆହ୍ୱାନ ଦେବାସହ ଆଗାମୀ ଦିନରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଭଳି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର କରିବାକୁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହି ଅବସରରେ ସଂସ୍କୃତି ବିଭାଗର ଯୁଗ୍ମ ଶାସନ ସଚିବ ସଂଘମିତ୍ରା ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ଚଳିତବର୍ଷ ‘ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଶିଶୁ ଚଳଚ୍ଚିତ୍ର’ ପାଇଁ କେହି ଆବେଦନ କରି ନ ଥିବାରୁ ଏହି ବିଭାଗରେ କୌଣସି ସମ୍ମାନ ପ୍ରଦାନ କରାଯାଇ ନ ଥିଲା।

## ୮ ବର୍ଷ ବାଳକର ଆୟ ୧୮୪ କୋଟି

**ନ୍ୟୁୟର୍କ:** ଜଣେ ୮ ବର୍ଷ ବୟସ୍କ ବାଳକଙ୍କ ଚଳିତ ବର୍ଷର ଆୟ ୧୮୪ କୋଟି ଟଙ୍କା(୨୬ ନିୟୁତ ଡଲାର) ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ। ତେବେ ଏହା ସତ୍ୟ। ରେୟାନ କାଜି ନାମକ ଜଣେ ବାଳକ ଏପରି କରି ଦେଖାଇଛନ୍ତି। ତାଙ୍କର ପ୍ରକୃତ ନାମ ରେୟାନ ଗୌନ୍। ୨୦୧୫ରେ ସେ ମାତ୍ର ସାଢ଼େ ୩ ବର୍ଷ ବୟସରେ ରେୟାନ୍ସ ୱାର୍ଲ୍ଡ ନାମକ ଏକ ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରିଥିଲେ। ଗତ ୩ ବର୍ଷ ମଧ୍ୟରେ ତାଙ୍କ ଚ୍ୟାନେଲକୁ ୩୫ ଶହ କୋଟି ଭିୟୁ ମିଳିଛି। ଇତିମଧ୍ୟରେ ୨୦୧୯ ସୁଦ୍ଧା ତାଙ୍କର ଚ୍ୟାନେଲର ସବ୍‌ସ୍କ୍ରାଇବର ସଂଖ୍ୟା ୨୨୯ ଲକ୍ଷ। ଫୋର୍ବସ ପତ୍ରିକା ଅନୁସାରେ ୨୦୧୮ରେ ତାଙ୍କର ରୋଜଗାର ୨୨ ନିୟୁତ ଡଲାର ଥିଲା। ରେୟାନଙ୍କ ଭିଡ଼ିଓକୁ ତାଙ୍କ ମାତାପିତା ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ କରିଥାନ୍ତି।



## ଭଗବାନଙ୍କୁ ଶୀତ ପୋଷାକ ପିନ୍ଧାଗଲା

### ଉତ୍ତର ଭାରତରେ ଶୀତ ପ୍ରକୋପ ବଢ଼ିଲା



**ମଥୁରା:** ଉତ୍ତର ଭାରତରେ ହଠାତ୍ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି। ଏଥିଲାଗି ସମସ୍ତେ ସଜାଗ ହୋଇଯାଇଛନ୍ତି। ଅବଶ୍ୟ ଏହାକୁ ନେଇ ନିଜ ଭଗବାନଙ୍କ ଯତ୍ନ ନେବାକୁ କେହି ଭୁଲିନାହାନ୍ତି। ଉତ୍ତର ପ୍ରଦେଶର ମଥୁରାରେ ଥିବା ରାଧାବଲ୍ଲଭ ମନ୍ଦିର, କୃଷ୍ଣ ମନ୍ଦିର ଓ ଅନ୍ୟାନ୍ୟ ମନ୍ଦିରଗୁଡ଼ିକରେ ଶୀତର ପ୍ରକୋପକୁ ଦେଖି ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିପାଇଁ ଭଗବାନ କୃଷ୍ଣଙ୍କୁ କମ୍ବଳ, ଉଲ୍‌ରେ ତିଆରି ଗ୍ଲୋଭସ୍, ସକ୍ସ ଓ ଅନ୍ୟ ଶୀତବସ୍ତ୍ରରେ ଢାଙ୍କିଦିଆଯାଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ଏସବୁ ବ୍ୟବସ୍ଥା କରାଯାଇଥିବା ବେଳେ ଏହାକୁ ଦେଖି ଭକ୍ତମାନେ ଖୁସି ବ୍ୟକ୍ତ କରିଛନ୍ତି।

## ଲାଲ୍ ପିଆଜ ଥାଇରଏଡ୍ ସମସ୍ୟା ଦୂରକରେ

**ନୂଆଦିଲ୍ଲୀ:** ବ୍ୟସ୍ତବହୁଳ ଜୀବନଶୈଳୀରେ କେତେକଙ୍କଠାରେ ଥାଇରଏଡ୍ ସମସ୍ୟା ଦେଖାଦେଇଥାଏ। ଗଳାରେ ଥିବା ଏଣ୍ଡୋକ୍ରାଇନ୍ ଗ୍ଲାଣ୍ଡରୁ ଥାଇରଏଡ୍ ହରମୋନ୍ କ୍ଷରଣ ହୋଇଥାଏ । ଏହା ଶରୀରର ମେଟାବୋଲିଜିମ୍ ପ୍ରକ୍ରିୟାକୁ ନିୟନ୍ତ୍ରିତ କରେ। ହାଇପୋଥାଇରଏଡ୍ ସମସ୍ୟା ଯୋଗୁ ଶରୀରର ଓଜନ ଦ୍ରୁତଗତିରେ ବଢ଼ିଯାଏ। ସେହିପରି ହାଇପର୍‌ଥାଇରଏଡ୍‌ରେ ଶରୀର ଓଜନ କମି ଯାଇଥାଏ । ଏହାସହିତ କେଶ ମଧ୍ୟ ଝଡ଼ିବାରେ ଲାଗିଥାଏ । ଏହା ଯୋଗୁ ପରବର୍ତ୍ତୀ ସମୟରେ ଡାଇବେଟିସ୍, ହାର୍ଟଆଟାକ୍, କିଡ୍‌ନୀ ସମସ୍ୟା ଆଦି ସୃଷ୍ଟି ହେବାର ଆଶଙ୍କା ରହିଥାଏ। ତେବେ ଏହାର ସମାଧାନ ସହଜ ଘରୋଇ ଚିକିତ୍ସା ଦ୍ୱାରା ହୋଇପାରିଥାଏ। ପ୍ରତିଦିନ ଲାଲ୍ ପିଆଜ ଖାଇଲେ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହିତ ଥାଇରଏଡ୍ ସମସ୍ୟା ଦୂର କରେ। ପିଆଜକୁ ପାଦରେ ମୋଜା ତଳେ ରଖିବା ଦ୍ୱାରା ମଧ୍ୟ ସୁଫଳ ମିଳିଥାଏ। ଏହାଦ୍ୱାରା ଶରୀରରୁ ବିଷାକ୍ତ ପଦାର୍ଥ ବାହାରି ଯାଏ। ପ୍ରତିଦିନ ସକାଳେ ଚାମୁଚେ ପିଆଜ ରସ ମହୁ ସହିତ ଖାଇଲେ ଥାଇରଏଡ୍ ହରମୋନ୍ କ୍ଷରଣ ସ୍ୱାଭାବିକ ହୋଇଥାଏ ବୋଲି ଚିକିତ୍ସକ ପରାମର୍ଶ ଦେଇଥାନ୍ତି।



## ମୟୂରଙ୍କୁ ନୂଆ ଜୀବନ ଦେଉଛନ୍ତି ହଂସରାଜ

**ଭିୱାନି:** ହରିୟାଣାରେ ଚାଷୀମାନେ କ୍ଷେତରେ କୀଟନାଶକ ପ୍ରୟୋଗ କରିବା ଦ୍ୱାରା ମୟୂର ଉପରେ ବିପଦ ଘନେଇ ଆସିଛି। କିନ୍ତୁ ଏମାନଙ୍କୁ ବିପଦରୁ ରକ୍ଷା କରିବା ଲାଗି ଆଗେଇ ଆସିଛନ୍ତି ‘ରିୟଲ ସୋସାଇଟି ପ୍ରୋବେଶନ ଅଫ୍ କ୍ରୁଏଲିଟି ଟୁ ଆନିମଲ୍’ର ଅଧ୍ୟକ୍ଷ ହଂସରାଜ । ଏବେ ସୁଦ୍ଧା ସେ ୫୦୦ ଆହତ ମୟୂରଙ୍କ ଜୀବନ ବଞ୍ଚାଇପାରିଛନ୍ତି। ହଂସରାଜ ଆହତ ମୟୂରଙ୍କ ଚିକିତ୍ସାର ସୁବିଧା ଲାଗି ଆମ୍ବୁଲାନ୍ସ ଓ ଔଷଧ ବ୍ୟବସ୍ଥା ମଧ୍ୟ କରିଛନ୍ତି। ହରିୟାଣାର ଭିୱାନି ଜିଲା ଟାଣିହରିସିଂ ଗୁଜରାଣୀ ନିବାସୀ ମାଷ୍ଟର ହଂସରାଜ ଗତ ୨୦ ବର୍ଷ ଧରି ସାରା ରାଜ୍ୟରେ ମୟୂରଙ୍କୁ ବଞ୍ଚାଇବା ଲାଗି ଅଭିଯାନ ଚଳାଇଆସୁଛନ୍ତି। ଗତ ୭ରୁ ୮ ବର୍ଷ ହେବ ମୟୂରଙ୍କ ମୃତ୍ୟୁ ହାର ବୃଦ୍ଧିପାଇଛି ଓ ବହୁ ଗାଁରେ ଏବେ ମୟୂର ସଂଖ୍ୟା ଖୁବ୍ କମ୍ ରହିଛି ବୋଲି କୁହନ୍ତି ହଂସରାଜ। ତେବେ ବିଭିନ୍ନ ଅଞ୍ଚଳରେ ମୟୂର ଆହତ ହେବା ଖବର ମିଳିଲେ ସେ ତା’ର ସୁରକ୍ଷା ଲାଗି ଆମ୍ବୁଲାନ୍ସ ସହ ହାଜର ହୋଇଯାଆନ୍ତି। ମୁଖ୍ୟତଃ ଗହମ ବୁଣିବା ସମୟରେ ଏଭଳି ଘଟଣା ବେଶି ଦେଖିବାକୁ ମିଳେ। ଏକ ସମୟରେ ୧୦୦ରୁ ୧୫୦ ମୟୂର ଆହତ ହୋଇଯାଆନ୍ତି । ଯେଉଁମାନେ ଆହତ ଅବସ୍ଥାରେ ମିଳନ୍ତି ସେମାନଙ୍କ ଚିକିତ୍ସା କରାଯାଏ ଓ ପ୍ରାୟ ୭୦ ପ୍ରତିଶତ ମୟୂର ଚିକିତ୍ସା ପାଇବାରୁ ବଞ୍ଚିତ ହେବା ଦ୍ୱାରା ସେମାନଙ୍କର ମୃତ୍ୟୁ ଘଟିଥାଏ।



**୧୦୦ ଧନୀ ସେଲିବ୍ରିଟି ତାଲିକାର ସର୍ବାଗ୍ରେ**

## କୋହଲି

### ସଲ୍‌ମାନଙ୍କୁ ପଛରେ ପକାଇଲେ ଅକ୍ଷୟ

**ୱାଶିଂଟନ:** ଫୋର୍ବସ ପତ୍ରିକା ପକ୍ଷରୁ ଭାରତର ଶ୍ରେଷ୍ଠ ଶହେ ସେଲିବ୍ରିଟିଙ୍କ ରୋଜଗାର ତାଲିକା ଜାରି କରାଯାଇଛି। ତାଲିକାରେ କ୍ରିକେଟର ବିରାଟ କୋହଲି ପ୍ରଥମ ସ୍ଥାନରେ ରହିଛନ୍ତି। ଗତବର୍ଷ ଏହି ତାଲିକାରେ ସଲମାନ୍ ଖାଁ ପ୍ରଥମ ସ୍ଥାନରେ ଥିଲେ। ତେବେ ଚଳିତ ବର୍ଷ ଭାଇଜାନ୍ ତୃତୀୟ ସ୍ଥାନକୁ ଖସି ଆସିଛନ୍ତି। ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଭିନେତା ଅକ୍ଷୟ କୁମାର ରହିଛନ୍ତି। ଅକ୍ଷୟଙ୍କ ଗୋଟିଏ ପରେ ଗୋଟିଏ ହଟ୍ ଫିଲ୍ମ ତାଙ୍କୁ ଏଭଳି ସଫଳତା ଆଣିଦେଇଥିବା କୁହାଯାଉଛି। ସେହିପରି ଚତୁର୍ଥ ସ୍ଥାନରେ ବିଗ୍ ବି ଅମିତାଭ ବଚ୍ଚନ ଅଛନ୍ତି। ଗତ ବର୍ଷ ବିଗ୍ ବି ସପ୍ତମ ସ୍ଥାନରେ ଥିଲେ। ତାଲିକାରେ ଷଷ୍ଠସ୍ଥାନରେ କିଙ୍ଗ୍ ଖାଁ ଶାହରୁଖ୍, ସପ୍ତମରେ ରଣବୀର ସିଂ, ଅଷ୍ଟମରେ ଆଲିଆ ଭଟ୍ଟ ରହିଛନ୍ତି।



ଆଉ ଦିନ କେଇଟା ପରେ କ୍ୟାଲେଣ୍ଡର ପୃଷ୍ଠାରୁ ଅପସରିଯିବ ଘଟଣାବହୁଳ ୨୦୧୯। ହେଲେ ସ୍ମରଣୀୟ ହୋଇ ରହିଯିବ ବିଦାୟୀ ବର୍ଷ ନ୍ୟାୟପାଳିକାର କେତେକ ଐତିହାସିକ ରାୟକୁ ନେଇ। ୧୩୪ ବର୍ଷ ଆଇନଗତ ଲଢ଼େଇର ଅବସାନ ଘଟାଇ ଅଯୋଧାରେ ରାମମନ୍ଦିର ନିର୍ମାଣ ପାଇଁ ପଥ ପରିଷ୍କାର କରିଛନ୍ତି ସୁପ୍ରିମକୋର୍ଟ। ରାଫାଲ ଡିଲ୍‌କୁ କ୍ଲିନ୍‌ଚିଟ ମିଳିଥିବାବେଳେ ବହୁଚର୍ଚ୍ଚିତ ଉନ୍ନାଓ ମାମଲାରେ ପ୍ରଭାବଶାଳୀ କୁଲଦୀପ ସିଂ ସେନ୍‌ଗାର ଆଇନର କାଠଗଡ଼ାରେ ଦୋଷୀସାବ୍ୟସ୍ତ ହୋଇଛନ୍ତି। ସିବିଆଇରେ ଅନ୍ତଃ କଳହର ସମାଧାନ ହେଉ ଅଥବା ସାବରିମାଲାରେ ମହିଳାଙ୍କ ପ୍ରବେଶ, ଅଦାଲତଙ୍କ ନିଷ୍ପତ୍ତି ବିଚାର ବ୍ୟବସ୍ଥାର ଗୋଟିଏ ଗୋଟିଏ ମାଇଲଖୁଣ୍ଟ ଭାବେ ଦଣ୍ଡାୟମାନ। ଆଇସିଜେଙ୍କ ରାୟ କୁଳଭୂଷଣ ଯାଦବଙ୍କୁ ଆଶ୍ୱସ୍ତି ଆଣିଦେଇଥିବାବେଳେ ପରଭେଜ ମୁଶରଫଙ୍କୁ ପାକିସ୍ତାନୀ ଅଦାଲତ ଦେଇଛି ମୃତ୍ୟୁଦଣ୍ଡାଦେଶ। ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରେକ୍ଷାପଟ୍ଟରେ ଆଇନ ଅଦାଲତ ସୃଷ୍ଟି କରିଛି ବିରଳ ଦୃଷ୍ଟାନ୍ତ। ହେଲେ ନିର୍ଭୟା କାଣ୍ଡର ୭ ବର୍ଷ ପରେ ବି ଯୌନପିପାସୁଙ୍କୁ ଫାଶୀ ନ ମିଳିବା ବଳାତ୍କାର ମାମଲା ବୃଦ୍ଧିର କାରଣ ବୋଲି ବିବେଚନା କରନ୍ତି ଅନେକେ।



## ରାଫାଲ ଡିଲ୍‌କୁ କ୍ଲିନ୍‌ଚିଟ୍

ଫ୍ରାନ୍ସର ଡାସଲ୍ଟ ଆଭିଏଶନ୍ କମ୍ପାନୀରୁ ୩୬ ରାଫାଲ ଯୁଦ୍ଧବିମାନ କିଣା ପ୍ରସଙ୍ଗରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ନଭେମ୍ବର ୧୪ରେ ସର୍ବୋଚ୍ଚ ଅଦାଲତ ଦ୍ୱିତୀୟଥର କ୍ଲିନ୍‌ଚିଟ ଦେଇଥିଲେ। ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ନିଜ ପୂର୍ବ ରାୟକୁ ବଳବତ୍ତର ରଖିବା ସହ ସିବିଆଇ ଦ୍ୱାରା ଏଫ୍‌ଆଇଆର୍ ରୁଜୁ କରାଇବା ପାଇଁ ହୋଇଥିବା ରିଭ୍ୟୁ ପିଟିଶନଗୁଡ଼ିକୁ ଖାରଜ କରିଦେଇଥିଲେ। ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ରାଫାଲକୁ ନେଇ ଚାଲିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ୫୮ ହଜାର କୋଟି ଟଙ୍କାରେ ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିରେ କୌଣସି ପ୍ରକାର ଅନିୟମିତତା ନାହିଁ ବୋଲି ୨୦୧୮ ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଏହା ବିରୋଧରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ, ଦୁଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶଓ୍ୱନ୍ତ ସିହ୍ନା ଓ ଅରୁଣ ସୌରୀ ସୁପ୍ରିମକୋର୍ଟରେ ପୁନର୍ବିଚାର ପାଇଁ ଆବେଦନ କରିଥିଲେ। ସେହିପରି ଆଇନଜୀବୀ ବିନୀତ ଧଣ୍ଡା ଓ ଆମ୍ ଆଦ୍‌ମୀ ପାର୍ଟି ଏମ୍‌ପି ସଞ୍ଜୟ ସିଂ ମଧ୍ୟ ରାୟର ପୁନଃ ଯାଞ୍ଚ ଲାଗି ଆବେଦନ କରିଥିଲେ।



## ରାମମନ୍ଦିର ସପକ୍ଷରେ ସୁପ୍ରିମକୋର୍ଟ



ଦୀର୍ଘ ୧୩୪ ବର୍ଷ ଧରି ଚାଲିଥିବା ଆଇନଗତ ଲଢ଼େଇ ଓ ପ୍ରତୀକ୍ଷାର ଅନ୍ତ ଘଟାଇ ନଭେମ୍ବର ୯ରେ ସର୍ବୋଚ୍ଚ ଅଦାଲତ ବହୁଚର୍ଚ୍ଚିତ ଅଯୋଧ୍ୟା ଜମି ବିବାଦ ମାମଲାରେ ଐତିହାସିକ ରାୟ ପ୍ରଦାନ କରିଥିଲେ। ବିବାଦୀୟ ୨.୭୭ ଏକର ଜମିରେ ରାମମନ୍ଦିର ନିର୍ମାଣ ପାଇଁ ସୁପ୍ରିମକୋର୍ଟ କହିବା ସହ ସୁନ୍ନୀ ଓ୍ୱାକଫ୍ ବୋର୍ଡକୁ ମସ୍‌ଜିଦ ନିର୍ମାଣ ଲାଗି ଅନ୍ୟତ୍ର ୫ ଏକର ଜମି ଯୋଗାଇଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ଦିର ନିର୍ମାଣ ପାଇଁ କେନ୍ଦ୍ର ସରକାର ୩ ମାସ ମଧ୍ୟରେ ଏକ ଟ୍ରଷ୍ଟ ଗଠନ କରି ରୂପରେଖ ପ୍ରସ୍ତୁତ କରିବାକୁ ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ କହିଥିଲେ। ଏହି ରାୟକୁ ଦେଶବ୍ୟାପୀ ସ୍ୱାଗତ କରାଯାଇଥିଲା। ରାୟର ପୁନର୍ବିଚାର ପାଇଁ ପରେ ଦାଖଲ ହୋଇଥିବା ରିଭ୍ୟୁ ପିଟିଶନଗୁଡ଼ିକ ଖାରଜ ହୋଇଯାଇଛି।

## କୁଳଭୂଷଣ ଆଶ୍ୱସ୍ତ



ପାକିସ୍ତାନ ଜେଲ୍‌ରେ ଥିବା ଭାରତର ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କ ମୃତ୍ୟୁଦଣ୍ଡାଦେଶର ସମୀକ୍ଷା ଲାଗି ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ) ପାକିସ୍ତାନକୁ ଜୁଲାଇ ୧୭ରେ ନିର୍ଦ୍ଦେଶ ଦେଇଥିଲେ। କୁଳଭୂଷଣଙ୍କୁ ଆଇନଗତ ସହାୟତା ଯୋଗାଇ ନ ଦେଇ ପାକିସ୍ତାନ ଭିଏନା ଚୁକ୍ତିର ଉଲ୍ଲଂଘନ କରିଛି। ତାଙ୍କୁ ଦୂତାବାସ ଜରିଆରେ ଆଇନଗତ ସହାୟତା ଯୋଗାଇଦେବାକୁ ଅନ୍ତର୍ଜାତୀୟ କୋର୍ଟ କହିଥିଲେ। ଏହି ରାୟ ପରେ ଇସ୍‌ଲାମାବାଦ କୁଳଭୂଷଣଙ୍କୁ ତୁରନ୍ତ ମୁକ୍ତକରୁ ବୋଲି ଭାରତ ଦାବି କରିଥିଲା। ଯଦି ପାକିସ୍ତାନ ଆଇସିଜେଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନ କରେ ତେବେ ଭାରତ ବିଶ୍ୱ ଅଦାଲତ ଏବଂ ଜାତିସଂଘ ସୁରକ୍ଷା ପରିଷଦକୁ ଯିବ ବୋଲି ଚେତାବନୀ ଦେଇଥିଲା।

## ମୁଶରଫଙ୍କୁ ମୃତ୍ୟୁ ଦଣ୍ଡାଦେଶ



ପାକିସ୍ତାନର ପୂର୍ବତନ ଏକଚ୍ଛତ୍ରବାଦୀ ଶାସକ ପରଭେଜ ମୁଶରଫ୍‌ଙ୍କୁ ଏକ ଦେଶଦ୍ରୋହ ମାମଲାରେ ଡିସେମ୍ବର ୧୭ରେ ସେଠାକାର ଏକ ସ୍ୱତନ୍ତ୍ର କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ସମ୍ବିଧାନକୁ ନଷ୍ଟ କରିବା ଅଭିଯୋଗରେ ତାଙ୍କ ଅନୁପସ୍ଥିତିରେ ଏହି ରାୟ ପ୍ରକାଶ ପାଇଥିଲା। ଦେଶରେ ଏଭଳି ଦଣ୍ଡାଦେଶ ପାଇବାରେ ମୁଶରଫ୍ ହେଉଛନ୍ତି ପ୍ରଥମ ସାମରିକ ଶାସକ। ୭୬ ବର୍ଷୀୟ ମୁଶରଫ୍ ବର୍ତ୍ତମାନ ଦୁବାଇରେ ଆତ୍ମନିର୍ବାସନ ଜୀବନ ବିତାଉଛନ୍ତି। ୧୯୯୯ରେ ମୁଶରଫ୍ ବିଦ୍ରୋହ କରି ତତ୍କାଳୀନ ପ୍ରଧାନମନ୍ତ୍ରୀ ନଓ୍ୱାଜ୍ ଶରଫିଙ୍କୁ କ୍ଷମତାଚ୍ୟୁତ କରିଥିଲେ। ସେ ୨୦୦୧ରୁ ୨୦୦୮ ପର୍ଯ୍ୟନ୍ତ ପାକିସ୍ତାନର ରାଷ୍ଟ୍ରପତି ଆସନ ଅଳଙ୍କୃତ କରିଥିଲେ। ୨୦୦୭ରେ ମୁଶରଫ୍ ସମ୍ବିଧାନକୁ ନିଲମ୍ବନ କରିଥିଲେ। ଏହାସହ ସମ୍ବିଧାନ ବହିର୍ଭୂତ ଜରୁରୀ ପରିସ୍ଥିତି ଜାରି କରିଥିଲେ। ଶରଫିଙ୍କ ଦଳ ପାକିସ୍ତାନ ମୁସ୍‌ଲିମ ଲିଗ୍-ନଓ୍ୱାଜ୍ ପୁଣି କ୍ଷମତାକୁ ଆସିବା ପରେ ୨୦୧୩ ଡିସେମ୍ବରରେ ମୁଶରଫ୍‌ଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଦାଏର ହୋଇଥିଲା। ଏହି ଦଣ୍ଡନୀୟ ଅପରାଧ ପାଇଁ ୨୦୧୪ ମାର୍ଚ୍ଚ ୩୧ରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ୨୦୧୬ ମାର୍ଚ୍ଚରେ ମୁଶରଫ୍ ନିଜ ଚିକିତ୍ସା ପାଇଁ ଦୁବାଇ ଚାଲିଯାଇଥିଲେ।

## ବୋବ୍‌ଡେ ସିଜେଆଇ



ଭାରତର ୪୭ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଜଷ୍ଟିସ ଶରଦ ଅରବିନ୍ଦ ବୋବ୍‌ଡେ ନଭେମ୍ବର ୧୮ରେ ଶପଥ ଗ୍ରହଣ କରିଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ଶପଥ ପାଠ କରାଇଥିଲେ। ୬୩ ବର୍ଷୀୟ ବୋବ୍‌ଡେ ସିଜେଆଇ ପଦବୀରେ ୨୦୨୧ ଏପ୍ରିଲ ୨୩ ପର୍ଯ୍ୟନ୍ତ ରହିବେ। ଶପଥ ଗ୍ରହଣ ଉତ୍ସବରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପୂର୍ବତନ ଉପରାଷ୍ଟ୍ରପତି ହମିଦ ଅନ୍‌ସାରୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ପୂର୍ବତନ ପ୍ରଧାନ ବିଚାରପତି ଆର୍.ଏମ୍. ଲୋଧା, ଟି.ଏସ୍. ଠାକୁର, ଜେ.ଏସ୍. କେହର, ଜାମାଇକା ବିଚାରପତି ବ୍ରିଆନ ସାଇକେସ୍ ଏବଂ ଭୁଟାନ ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି କୁଏନଲି ଶେରିଙ୍ଗ୍ ଉପସ୍ଥିତ ଥିଲେ।

## ସୋସିଆଲ ମିଡିଆରେ ଆଧାର ସଂଯୋଗ

## ହସ୍ତକ୍ଷେପ କଲେନି ସୁପ୍ରିମକୋର୍ଟ

ସୋସିଆଲ ମିଡିଆ ସହ ଆଧାର ସଂଯୋଗକୁ ବାଧ୍ୟତାମୂଳକ କରିବା ଲାଗି ହୋଇଥିବା ଆବେଦନ ଉପରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ଅକ୍ଟୋବର ୧୪ରେ ମନା କରିଦେଇଥିଲେ। ସୋସିଆଲ ମିଡିଆରେ ମିଥ୍ୟା ଓ ପଇସାଦିଆ ଖବର ଛପାଯାଉଥିବାରୁ ଏହାକୁ ରୋକିବା ଲାଗି ଆବେଦନକାରୀ ଅଶ୍ୱିନୀ ଉପାଧ୍ୟାୟ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ନକଲି ଓ ଜାଲ୍ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ବନ୍ଦ କରିଦେବା ଲାଗି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଆବେଦନକାରୀ ଅଦାଲତଙ୍କୁ ଅନୁରୋଧ କରିଥିଲେ। ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ପେଡ୍ ନ୍ୟୁଜ୍ ଏବଂ ରାଜନୈତିକ ବିଜ୍ଞାପନ ଛପାକୁ ଜନପ୍ରତିନିଧି ଆଇନ, ୧୯୫୧ ଅନୁଯାୟୀ ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟ ଭାବେ ଘୋଷଣା କରିବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦିଆଯାଉ ବୋଲି ମଧ୍ୟ ଅଦାଲତଙ୍କୁ ନିବେଦନ କରାଯାଇଥିଲା।



## ବୃହତ୍ତର ପୀଠରେ ସାବରିମାଳା ମାମଲା

କେରଳର ସାବରିମାଲା ମନ୍ଦିରରେ ମହିଳାଙ୍କ ପ୍ରବେଶ ସମେତ ଅନ୍ୟାନ୍ୟ ଧର୍ମୀୟ ପ୍ରସଙ୍ଗର ଅନୁଧ୍ୟାନ ଲାଗି ନଭେମ୍ବର ୧୪ରେ ସୁପ୍ରିମକୋର୍ଟ ଏହାକୁ ୭ ଜଣିଆ ପୀଠକୁ ପଠାଇଥିଲେ। ବୃହତ୍ତର ଖଣ୍ଡପୀଠଙ୍କ ରାୟ ଆସିବା ପର୍ଯ୍ୟନ୍ତ ସବୁ ବୟସ ବର୍ଗର ମହିଳା ମନ୍ଦିରରେ ପ୍ରବେଶ କରିପାରିବେ। ସାବରିମାଲାର ଆୟାପ୍ପା ମନ୍ଦିରରେ ମହିଳାଙ୍କ ପ୍ରବେଶ ଲାଗି ୨୦୧୮ସେପ୍ଟେମ୍ବର ୨୮ରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଖଣ୍ଡପୀଠ ବିରୋଧ କରି ନ ଥିଲେ କି ପୂର୍ବ ରାୟ ଉପରେ ରହିତାଦେଶ ଲଗାଇ ନ ଥିଲେ। ଅଦାଲତଙ୍କ ରାୟ ସତ୍ତ୍ୱେ ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ୧୦ରୁ ୫୦ ବର୍ଷ ବୟସ ବର୍ଗର ମହିଳା ମନ୍ଦିରରେ ପ୍ରବେଶ କରିବା ସହଜ ହୋଇପାରିନାହିଁ।



## ସେନ୍‌ଗାର ଦୋଷୀ



ବହୁଚର୍ଚ୍ଚିତ ୨୦୧୭ ଉନ୍ନାଓ ନାବାଳିକା ବଳାତ୍କାର ଓ ହତ୍ୟା ମାମଲାରେ ଭାଜପାରୁ ବହିଷ୍କୃତ ବିଧାୟକ କୁଲ୍‌ଦୀପ ସିଂ ସେନ୍‌ଗାରଙ୍କୁ ଦିଲ୍ଲୀର ତିସ୍‌ହଜାରୀ କୋର୍ଟ ଦୋଷୀସାବ୍ୟସ୍ତ କରିଛନ୍ତି। ବଳାତ୍କାର, ଆପରାଧିକ ଷଡ଼ଯନ୍ତ୍ର ଲାଗି ସେନ୍‌ଗାରଙ୍କୁ ଦୋଷୀସାବ୍ୟସ୍ତ କରିଥିବା ଜଣାପଡ଼ିଛି। ୨୦୧୮ ଏପ୍ରିଲ ୩ରେ ଉନ୍ନାଓ କୋର୍ଟରୁ ଫେରୁଥିବାବେଳେ ପୀଡ଼ିତାଙ୍କ ବାପାଙ୍କୁ ଆକ୍ରମଣ କରାଯାଇ ଆର୍ମ୍ସ ଆକ୍ଟରେ ଫସାଇବା ସହ ଜେଲ୍ ପଠାଇ ଦିଆଯାଇଥିଲା। ଚିକିତ୍ସା ଅଭାବରୁ ସେ ଏପ୍ରିଲ ୯ରେ ଆଖି ବୁଜିଥିଲେ। ଏହି ହାଇ ପ୍ରୋଫାଇଲ ମାମଲାକୁ ସୁପ୍ରିମକୋର୍ଟ ଉତ୍ତରପ୍ରଦେଶରୁ ଦିଲ୍ଲୀକୁ ସ୍ଥାନାନ୍ତର କରିଥିଲେ। ଜୁଲାଇ ୨୮ରେ ପୀଡ଼ିତା ଯାଉଥିବା କାର୍‌କୁ ଏକ ଟ୍ରକ୍ ଧକ୍କା ଦେବାରୁ ସେ ଗୁରୁତର ହେବା ସହ ତାଙ୍କ ଦୁଇ ମାଉସୀ ପ୍ରାଣ ହରାଇଥିଲେ। ଏହି ଦୁର୍ଘଟଣା ପଛରେ ଅଭିଯୁକ୍ତଙ୍କ ହାତ ରହିଥିବା ଅଭିଯୋଗ କରାଯାଇଥିଲା।

## ବିବାଦରେ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା



ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ତାଙ୍କ ପଦରେ ପୁନଃ ଅବସ୍ଥାପିତ କରିବା ଲାଗି ସୁପ୍ରିମକୋର୍ଟ ଜାନୁୟାରୀ ୮ରେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସିବିଆଇର ସ୍ୱାଧୀନତାକୁ ସମସ୍ତ ପ୍ରକାର ନିୟନ୍ତ୍ରଣ ଓ ହସ୍ତକ୍ଷେପରୁ ମୁକ୍ତ ରଖିବା ଲାଗି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ କହିଥିଲେ। କେନ୍ଦ୍ର ସରକାର ଓ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ସିବିଆଇ ନିର୍ଦ୍ଦେଶକ ବର୍ମାଙ୍କ ସବୁ କ୍ଷମତା ଛଡ଼ାଇନେଇ ତାଙ୍କୁ ବାଧ୍ୟତାମୂଳକ ଭାବେ ଛୁଟିରେ ପଠାଇଦେଇଥିଲେ, ଯାହାକୁ ସେ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଥିଲେ। ଦିଲ୍ଲୀ ସ୍ୱତନ୍ତ୍ର ପୋଲିସ ପ୍ରତିଷ୍ଠା (ଡିଏସ୍‌ପିଇ) ଆଇନର ଧାରା ୪ଖ(୨)ର ଅବତାରଣା କରି ଖଣ୍ଡପୀଠ କହିଥିଲେ, ସିବିଆଇ ନିର୍ଦ୍ଦେଶକଙ୍କୁ ଚୟନ କମିଟିର ପୂର୍ବ ସହମତି ବିନା ବଦଳି କରାଯାଇ ପାରିବ ନାହିଁ। ସିଭିସି ଓ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶନାମାକୁ ଅଦାଲତ ଖାରଜ କରିଦେଇଥିଲେ ହେଁ ବର୍ମା ନିଜ କାର୍ଯ୍ୟକାଳ ମଧ୍ୟରେ କୌଣସି ବଡ଼ ଧରଣର ନୀତିଗତ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି କହିଥିଲେ।

## କୋର୍ଟରେ ନିଜକୁ ଗୁଳିକଲେ ଥାଇଲାଣ୍ଡ ବିଚାରପତି



ଥାଇଲାଣ୍ଡର ୟାଲା କୋର୍ଟର ବିଚାରପତି କନକୋର୍ନ ପ୍ୟାଞ୍ଚନା ଅକ୍ଟୋବର ୫ରେ କେତେଜଣ ହତ୍ୟା ଅଭିଯୁକ୍ତଙ୍କୁ ମୁକ୍ତ କରିଦେବା ପରେ ଭରପୂର କୋର୍ଟ ପରିସରରେ ନିଜ ଛାତିକୁ ଗୁଳି କରିଥିଲେ। ସେ ନ୍ୟାୟିକ ବ୍ୟବସ୍ଥାକୁ ନିନ୍ଦା କରିବା ସହ ପ୍ରମାଣ ଅଭାବରୁ ୫ ଜଣ ଅଭିଯୁକ୍ତଙ୍କୁ ମୁକ୍ତ କରିବାକୁ ପଡୁଥିବାରୁ ଅସହାୟତା ପ୍ରକାଶ କରିଥିଲେ।

## ଆର୍‌ଟିଆଇ ଅଧୀନରେ ସିଜେଆଇ ଅଫିସ

ସିଜେଆଇ ଜଣେ ସାଧାରଣ କର୍ତ୍ତୃପକ୍ଷ ଓ ତାଙ୍କ କାର୍ଯ୍ୟାଳୟ ସୂଚନା ଅଧିକାର ଆଇନ ପରିସରଭୁକ୍ତ ବୋଲି ନଭେମ୍ବର ୧୩ରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। ତତ୍କାଳୀନ ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ୨୦୧୦ରେ ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟକୁ ବଳବତ୍ତର ରଖିବା ସହ ତାକୁ ଚ୍ୟାଲେଞ୍ଜ କରି ହୋଇଥିବା ତିନୋଟି ଅପିଲକୁ ଖାରଜ କରିଦେଇଥିଲେ। ଆର୍‌ଟିଆଇକୁ ସର୍ଭିଲାନ୍ସର ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ପୀଠ ସତର୍କ କରାଇଦେଇଥିଲେ।



ଯେଉଁମାନେ ଯୁକ୍ତି କରି ଜାଣନ୍ତି ନାହିଁ, ସେହିମାନେ ହିଁ କଥାବାର୍ତ୍ତାବେଳେ କଳି କରନ୍ତି।

-ଚେଷ୍ଟାର ଷ୍ଟେନ୍



## ସଂକ୍ଷେପରେ

### କୃଷିନୀତି-୨୦୨୦ରେ କିଛି ନୂତନତ୍ୱ ନାହିଁ: କଂଗ୍ରେସ

ଭୁବନେଶ୍ୱର,୧୯।୧୨(ବ୍ୟୁରୋ): ୧୯୯୬ ଏପ୍ରିଲ ୧୬ରେ କଂଗ୍ରେସ ସରକାର ସମୟରେ ଚାଷୀଙ୍କୁ ସମ୍ମାନ ଓ କୃଷିକୁ ଶିଳ୍ପର ମାନ୍ୟତା ଦିଆଯାଇ କୃଷିକୁ ଲାଭଦାୟକ, କୃଷିଭିତିକ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା, ଚାଷ କ୍ଷେତ୍ରରେ ଯୁବ ଗୋଷ୍ଠୀଙ୍କୁ ଆକୃଷ୍ଟ କରି ବ୍ୟାପକ ଆତ୍ମନିଯୁକ୍ତି ସୃଷ୍ଟି କରିବାର ଲକ୍ଷ୍ୟ ନିଆଯାଇଥିଲା। ୨୦୦୮ ଓ ୨୦୧୩ ସରକାର ସମୟରେ କୃଷିନୀତିରେ ଯେଉଁ କେତୋଟି ସଂଶୋଧନ ଅଣାଯାଇଛି ଏଥିରେ ଚାଷ ଓ ଚାଷୀ ବଞ୍ଚିବା ପାଇଁ ସେପରି ଏକ ସଶକ୍ତ ନୀତି ପ୍ରଣୟନ କରାଯାଇନାହିଁ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି)କୃଷକ ସେଲ୍ ପକ୍ଷରୁ ଅଧକ୍ଷ ଅମୀୟ୍ କୁମାର ପଟ୍ଟନାୟକ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ମତବ୍ୟକ୍ତ କରିବା ସହିତ ସରକାର ଗତକାଲି କ୍ୟାବିନେଟରେ ନିଷ୍ପତି ନେଇଥିବା ୨୦୨୦କୁ ସ୍ୱତନ୍ତ୍ର କୃଷିନୀତି ସମୃଦ୍ଧିରେ କିଛି ନୂତନତ୍ୱ ନାହିଁ। ଏହା ବିଜେଡ଼ି ସରକାରର ଏକ ନାମ ବଦଳ ଚିରାଚରିତ ଘୋଷଣା ବୋଲି ସେ କହିଛନ୍ତି। ବର୍ତ୍ତମାନ ସମଗ୍ର ରାଜ୍ୟରେ ୬୧ଲକ୍ଷ ହେକ୍ଟର ଚାଷ ଜମିରୁ ୧୫ଲକ୍ଷ ହେକ୍ଟରରୁ ଅଧିକ ଚାଷ ଜମି ପଡ଼ିଆ। ଚାଷ ପ୍ରତି ଚାଷୀକୁଳ ବିଶେଷ କରି ଯୁବ ଗୋଷ୍ଠୀ ଚାଷ କ୍ଷେତ୍ରରୁ ନିବୃତ ହେଉଛନ୍ତି। ଏତଦ୍‌ଭିନ୍ନ ପ୍ରତିବର୍ଷ ରାଜ୍ୟରୁ ୩୦ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଚାଷ ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି ବୋଲି ସେ କହିଛନ୍ତି।

## ଖରିଫ ଧାନ ଶସ୍ୟବୀମା ପ୍ରଦାନ ଦାବି

# ୨୧ ପଞ୍ଚାୟତରୁ ୭ରେ ତାଲା

ଜମନକିରା,୧୯।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ମିଳିତ ଚାଷୀ ସଙ୍ଗଠନ ପକ୍ଷରୁ ଶସ୍ୟବୀମା ରାଶି ପ୍ରଦାନ ଦାବିରେ କୁଚିଣ୍ଡା ଉପଖଣ୍ଡରେ ଥିବା ୫୫ଟି ପଞ୍ଚାୟତରେ ତାଲା ପକାଇବା ନିଷ୍ପତ୍ତିକ୍ରମେ ଜମନକିରା ବ୍ଲକ୍‌ରେ ଥିବା ୨୧ଟି ପଞ୍ଚାୟତ ମଧ୍ୟରୁ ୭ଟି ପଞ୍ଚାୟତରେ ଚାଷୀମାନେ ଦାବି ପୂରଣ ଦାବିରେ ତାଲା ପକାଇଛନ୍ତି। ପୂର୍ବରୁ ୪ଟି ପଞ୍ଚାୟତରେ ତାଲା ପକାଇଥିବା ବେଳେ ଗୁରୁବାର ବଡ଼ରମା, ସିରିଡ଼ ଓ ଟିଙ୍କିଲିପଡ଼ା ପଞ୍ଚାୟତରେ ଚାଷୀମାନେ ତାଲା ପକାଇଛନ୍ତି। ତେବେ ଦାବି ପୂରଣ ନ ହେବା ଯାଏଁ ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟକୁ ଅଚଳ କରାଇ ଦିଆଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ୨୦୧୮-୧୯ କୃଷି ଆର୍ଥିକ ବର୍ଷରେ ଜମନକିରା ତଥା କୁଚିଣ୍ଡା ଉପଖଣ୍ଡର ଚାଷୀ ଭୟାଭୟ ମରୁଡ଼ିର ଶିକାର ହୋଇଥିଲେ। ସରକାରଙ୍କ ପକ୍ଷରୁ ୨୦୧୮-୧୯ର ବୀମାରାଶି ପ୍ରଦାନ କରାଯାଇ ନ ଥିଲା। ଏ ନେଇ ସରକାର ଓ ପ୍ରଶାସନକୁ ବାରମ୍ବାର ଜଣାଇ ଆସୁଥିବା ସତ୍ତ୍ୱେ ବୀମା ସହାୟତା ପ୍ରଦାନ କରାଗଲାନାହିଁ। କିଛି ଦିନ ପୂର୍ବରୁ କୁଚିଣ୍ଡା ଉପଖଣ୍ଡର ଚାଷୀ ମିଳିତ ହୋଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩୩ ଦିନ ଧରି ଧାରଣାରେ ବସିଥିଲେ। ମାତ୍ର ସରକାରୀ ତଥା ପ୍ରଶାସନ ପକ୍ଷରୁ ପ୍ରତିକାର ନ ନେବାରୁ ଗତ ଅକ୍ଟୋବର ୧୧ ତାରିଖରେ ମହାବନ୍ଦ କରାଯାଇଥିଲା। ଶେଷରେ ବାମରାରେ ରେଳ ରୋକୋ କରିଥିଲେ। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୪୨ ଦିନ ୨୪ ଘଣ୍ଟିଆ ରିଲେ ଅନସନ କରାଗଲା। ଏହା ସତ୍ତ୍ୱେ କେନ୍ଦ୍ର, ରାଜ୍ୟ ତଥା ବୀମା କମ୍ପାନୀ ଚାଷୀଙ୍କ ଦୁଃଖ ଶୁଣିଲାନି। ବାଧ୍ୟ ହୋଇ ମିଳିତ ଚାଷୀ ସଙ୍ଗଠନର ନିଷ୍ପତ୍ତିକ୍ରମେ ଗତ ୧୧ରେ କେନାଢ଼ିପା ଓ ମହଦା ପଞ୍ଚାୟତ କାର୍ଯ୍ୟାଳୟରେ ଚାଷୀମାନେ ତାଲା ପକେଇଥିବା ବେଳେ ୧୨ ତାରିଖରେ ଜମନକିରା ବ୍ଲକ୍ ଧୁଡ଼ିପାଲି ଏବଂ ୧୬ ତାରିଖରେ କଟଙ୍ଗପାଣି ୧୭ ତାରିଖରେ ଗୁଣ୍ଡୁରୁଚୁଆଁ, ୧୮ ତାରିଖରେ ସୁବର୍ଣ୍ଣପାଲି ଏବଂ ୧୯ ତାରିଖରେ ସିରିଡ଼, ଟିଙ୍କିଲିପଡ଼ା ଏବଂ ବଡ଼ରମା ପଞ୍ଚାୟତର ଚାଷୀ ଏକତ୍ରିତ ହୋଇ ପଞ୍ଚାୟତରେ ତାଲା ପକାଇଛନ୍ତି। ଗୁରୁବାର ଆନ୍ଦୋଳନରେ ବଡ଼ରମା ପଞ୍ଚାୟତ ଚାଷୀ ସୁରକ୍ଷା ସଙ୍ଗଠନ ସଭାପତି କମଳଲୋଚନ ପଟେଲ, ସମ୍ପାଦକ ଶ୍ରୀକର ପଧାନ, ଅରବିନ୍ଦ ନାୟକ, ଗୋଲବଦନ ଭୁୟାଁ, ଅଙ୍ଗଦ ବାଘ, ଗଣେଷ ବାଘ, ମନୋରଞ୍ଜନ ଦାସ, ସରୋଜ ପଟେଲ, ଚିତ୍ତରଞ୍ଜନ ସାହୁ, ପର୍ଶୁରାମ ପଟେଲ, ଜଗନ୍ନାଥ ପଟେଲ, ଧର୍ମେନ୍ଦ୍ର ପଧାନ, ମନୋରଞ୍ଜନ ମାକର, ସୁନିଲ ଟପ୍ପୋ, ପ୍ରଶାନ୍ତ ପଟେଲ ଏବଂ ସମରା ମିଞ୍ଜ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଚାଷୀ ସାମିଲ ଥିଲେ।



ପଞ୍ଚାୟତରେ ତାଲା ପକାଇ ଚାଷୀମାନେ ଧାରଣାରେ ବସିଛନ୍ତି ।

### ସମ୍ବଲପୁର ଲୋକ ମହୋତ୍ସବ ପ୍ରସ୍ତୁତି: ୨୫ ଲକ୍ଷ ବ୍ୟୟ ଅଟକଳ

ସମ୍ବଲପୁର, ୧୯।୧୨ (ବ୍ୟୁରୋ)

ସମ୍ବଲପୁର ଲୋକ ମହୋତ୍ସବ-୨୦୨୦ ପ୍ରସ୍ତୁତି ଜୋରସୋରରେ ଆଗେଇ ଚାଲିଛି । ଓଡ଼ିଶା ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଏବଂ ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଏହି ମହୋତ୍ସବ ହେବ। ଏଥିପାଇଁ ୨୫ ଲକ୍ଷ ବ୍ୟୟ ଅଟକଳ ସ୍ଥିର କରାଯାଇଛି । ବିଭିନ୍ନ ଉପସମିତି ଆବାହକଙ୍କ ପ୍ରସ୍ତୁତି ବୈଠକ ମଧ୍ୟ ପର୍ଯ୍ୟାୟକ୍ରମେ ହୋଇଛି । ଏହି କ୍ରମରେ ଆସନ୍ତା ୨୨ ତାରିଖ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ମଞ୍ଚ ସଂଯୋଜକଙ୍କ ଅଡ଼ିସନ ନିଆଯିବ । ଇଂଲିଶ ଓ ସମ୍ବଲପୁରୀ ଭାଷାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରାଯିବ । ଅଭିଜ୍ଞ ପ୍ରାର୍ଥୀଙ୍କୁ ଚୟନ କରାଯିବ ବୋଲି ସଂଯୋଜନା ଉପସମିତି ଆବାହକ ତର୍ପଣ ପ୍ରଧାନ ସୂଚନା ଦେଇଛନ୍ତି। ସେହିପରି ଚିତ୍ରକଳା ଓ ପ୍ରଦର୍ଶନୀ ଆବାହକ ସୁଶାନ୍ତ କୁମାର ବଡ଼େଇ କହିଛନ୍ତି ଯେ, ୨୫ ତାରିଖ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲଠାରେ ଐତିହ୍ୟ, ପରମ୍ପରା, ସଂସ୍କୃତି ଶୀର୍ଷକ ଚିତ୍ରାଙ୍କନ ହେବ । ଜାନୁୟାରୀ ୪ ରୁ ୬ ତାରିଖ ପର୍ଯ୍ୟନ୍ତ ଅଇଁଠାପାଲି ପିଏଚଡି ପଡିଆ ମହୋତ୍ସବ ପରିସରରେ ସମସ୍ତ ଚିତ୍ରକଳା ପ୍ରଦର୍ଶିତ ହେବ। ଏଥିପାଇଁ ଚିତ୍ରକଳାର ମାନ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ସୂଚିତ କରିଛନ୍ତି ।

## ବଡ଼୍ବମା ଗ୍ରାମପଞ୍ଚାୟତ ଅଫିସରେ ତାଲା

# ଚାଷୀଙ୍କ ସହିତ ଆଲୋଚନା କଲେ ବିଡିଓ

କୁଚିଣ୍ଡା,୧୯।୧୨(ଡି.ଏନ.ଏ.)

ପଶ୍ଚିମ ଓଡିଶା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଚାଷୀମାନଙ୍କ ସମସ୍ୟାର ସ୍ଥାୟୀ ପ୍ରତିବାଦ ଦାବି ନେଇ ବିଭିନ୍ନ ବ୍ଲକର ଗ୍ରାମପଞ୍ଚାୟତରେ ଦାବି ପୁରଣ ନ ହେବା ପର୍ଯ୍ୟନ୍ତ ଆନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଜାରି ରଖିବାକୁ ସଙ୍ଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ କୁଚିଣ୍ଡା ବ୍ଲକରେ ମଧ ସମସ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଚାଷୀ ସଙ୍ଗଠନ ତାଲା ପକାଇ ବସିଥିଲେ । ଗୁରୁବାର କୁଚିଣ୍ଡା ବିଡିଓ ନିଶିପୁନମ ମିଞ୍ଜ, ଏବିଡିଓ ସହଦେବ ନନ୍ଦ, ଜିପିଓ ଜିତେନ୍ଦ୍ର ମୁଣ୍ଡାଙ୍କ ସହ ସ୍ଥାନୀୟ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପକ ପଟେଲ ପ୍ରମୁଖ ଧାରଣାସ୍ଥଳକୁ ଯାଇ ଚାଷୀମାନଙ୍କୁ ଧାରଣା ପ୍ରତ୍ୟାହୃତ ପାଇଁ ନିବେଦନ କରିଥିଲେ। ଚାଷୀ ନେତା କୁଶଧ୍ୱଜ ଚୌଧୁରୀଙ୍କ ସମେତ ଚାଷୀମାନେ ଅଧିକାରୀମାନଙ୍କୁ ଆମ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଉଠିବୁ ନାହିଁ, ଆମେ ଏହା ପରେ ଯଦି ୪ ଜାନୁୟାରୀ ସୁଦ୍ଧା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରେ ତେବେ ଆଇନ ଅମାନ୍ୟ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ଚେତାବନୀ ଦେଇଥିଲେ। ଚାଷୀମାନଙ୍କ ଏପରି କଠୋର ମନୋଭାବ ଉପରେ ନିରୁତ୍ତର ହୋଇ ଧାରଣାସ୍ଥଳକୁ ଫେରିଥିଲେ ।



ଧାରଣାସ୍ଥଳରେ ଆନ୍ଦୋଳନରତ ଚାଷୀଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

### ୨ ଶିଶୁଙ୍କ ସମେତ ୧୩ ଦାଦନ ଶ୍ରମିକ ଉଦ୍ଧାର

କୋମନା,୧୯।୧୨ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଉଦ୍ୟାନବନ୍ଧ ବସଷ୍ଟାଣ୍ଡରୁ ବୁଧବାର କୋମନା ପୋଲିସ ୧୩ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକମାନଙ୍କୁ କୋମନା ପୋଲିସ ସେମାନଙ୍କ ଗାଁରେ ଛାଡି ଦେଇଛି। ଏହି ଘଟଣାରେ ୩ ଜଣ ଶ୍ରମିକ ସର୍ଦ୍ଦାରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ କୋମନା ବ୍ଲକ ବାଲିପାଟି ଗାଁର ୨ ସର୍ଦ୍ଦାର ପଦ୍ମନ ବରିହା ଓ ଜଳନ୍ଧର ବରିହା ଏବଂ ଲଖନା ଥାନା ଡଙ୍ଗରପଡା ଗାଁର ଜଣେ ସର୍ଦ୍ଦାର ଗୁର୍‌ଜୀ ବରିହା ମିଶି ସେମରିଆ, ସରେଇପାଲି (ବେଲଟୁକ୍ରି) ଓ ଟୁହୁଙ୍ଗିଦାଦର ଗ୍ରାମର ୧୩ ଜଣ ଶ୍ରମିକଙ୍କୁ ଆନ୍ଧ୍ରପ୍ରଦେଶର ଏକ ଇଟାଭାଟିରେ କାମ କରାଇବା ପାଇଁ ଚାଲାଣ କରୁଥିଲେ। କୋମନା ପୋଲିସ ଖବର ପାଇ ଉଦ୍ୟାନବନ୍ଧ ବସଷ୍ଟାଣ୍ଡ ନିକଟରେ ଚଢ଼ାଉ କରି୧୩ ଜଣ ଶ୍ରମିକଙ୍କୁ ଉଦ୍ଧାର କରିବା ସହ ୩ ସର୍ଦ୍ଦାରଙ୍କୁ ଗିରଫ କରିଥିଲା।

# ସି.କେ. ନାଇଡୁ ଟ୍ରଫି : ଓଡ଼ିଶା ୨୬୨/୬



ସି.କେ. ନାଇଡୁ ମ୍ୟାଚ୍ ଉଦ୍‌ଘାଟନୀ ଅବସରରେ ଉଭୟ ଦଳର ଖେଳାଳି ଓ ଖେଳ ଅଧିକାରୀଙ୍କ ସହ ଏସ୍‌ପି ସନ୍ଦୀପ ମାଡକର ।

ବଲାଙ୍ଗୀର ଅଫିସ, ୧୯।୧୨

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଗୁରୁବାରଠାରୁ ଓଡିଶା ଓ ବିହାର ମଧରେ ୨୩ ବର୍ଷରୁ କମ୍ କର୍ଣ୍ଣଲ ସିକେ ନାଇଡୁ ଟ୍ରଫି କ୍ରିକେଟ ମୁକାବିଲା ଆରମ୍ଭ ହୋଇଛି। ଟସ୍ ଜିଣି ବିହାର ପ୍ରଥମେ ଫିଲ୍‌ଡିଂ ନିଷ୍ପତ୍ତି ନେଇଥିଲା। ଓଡିଶା ଦଳ ବ୍ୟାଟିଂ କରି ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୨୬୨ ରନ୍ ସଂଗ୍ରହ କରିଛି । ଦଳ ପକ୍ଷରୁ ଅମିତ ଖଟୁଆ ସର୍ବାଧିକ ୯୮ରନ୍, ସୌରବ ଗୌଡ ୭୪ ରନ୍, ବିନିତ ମହାନ୍ତି ୩୫ ରନ୍ ଓ କାର୍ତ୍ତିକ ବିଶ୍ୱାଳ ଅପରାଜିତ ୨୯ ରନ୍ କରିଛନ୍ତି । ବିହାର ପକ୍ଷରୁ ସାବିର ଖାନ, ପ୍ରଶାନ୍ତ କୁମାର ସିଂ ଓ ଅମରଜିତ ରାୟ ପ୍ରତ୍ୟେକ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଛନ୍ତି । ବଲାଙ୍ଗୀର ଏସ୍‌ପି ସନ୍ଦୀପ ମାଡକର ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଜିଲା କ୍ରୀଡା ସଂସଦ ସଭାପତି ଡ. ଶ୍ରୀକର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, କ୍ରିକେଟ ସମ୍ପାଦକ ଓମ୍‌ପ୍ରକାଶ ଚାନ୍ଦ, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ପ୍ରହ୍ଲାଦ ଶତପଥୀ ଉପସ୍ଥିତ ଥିଲେ । ପୃଥ୍ୱୀରାଜ ହାଇସ୍କୁଲ ଛାତ୍ରଙ୍କ ବ୍ୟାଣ୍ଡ ଦଳ ଅତିଥିଙ୍କୁ ସ୍ୱାଗତ କରିଥିଲେ।

## ପୁରୀ ଗଣବଳାତ୍କାର ଘଟଣା

# ହାଇକୋର୍ଟରେ ମିସ୍ କେସ୍ ଦାଏର

କଟକ ଅଫିସ,୧୯।୧୨

ରାଜ୍ୟର ବହୁଚର୍ଚ୍ଚିତ ପୁରୀ ଗଣବଳାତ୍କାର ଘଟଣାରେ ଗୁରୁବାର ହାଇକୋର୍ଟରେ ଏକ ମିସ୍ କେସ୍ ଦାଏର କରାଯାଇଛି। ଉକ୍ତ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ରାଜେଶ କୁମାର ସେଠୀଙ୍କ ପକ୍ଷରୁ ଏହି କେସ୍ ଦାଏର କରାଯାଇଛି। ପିଟିଶନରେ ଆବେଦନକାରୀ ଦର୍ଶାଇଛନ୍ତି, ହାଇଦ୍ରାବାଦ ଭଳି ପୁରୀ ପୋଲିସ ତାଙ୍କୁ ଏନ୍‌କାଉଣ୍ଟର କରିବା ପାଇଁ ମସୁଧା କରୁଛି। ତାଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ସମ୍ବିଧାନର ଧାରା ୧୪, ୧୯ ଓ ୨୧ ଅନୁଯାୟୀ ତାଙ୍କର ମାନବାଧିକାର ଓ ସମାନତା ଅଧିକାର ଏବେ ବିପଦରେ ରହିଛି। ଉକ୍ତ ଆବେଦନକୁ ଗ୍ରହଣ କରି ଆସନ୍ତା ଜାନୁୟାରୀ ୧୪ ତାରିଖ ସୁଦ୍ଧା ଗଣବଳାତ୍କାର ମାମଲାର ସବିଶେଷ ତଦନ୍ତ ରିପୋର୍ଟ ହାଇକୋର୍ଟରେ ଦାଖଲ କରିବା ପାଇଁ ବିଚାରପତି ଜଷ୍ଟିସ ବିଶ୍ୱଜିତ ମହାନ୍ତି ପୁରୀ ଏସ୍‌ପିଙ୍କୁ ଆଦେଶ ଦେଇଛନ୍ତି।

ପୂର୍ବରୁ ଆବେଦନକାରୀ ସେଠୀ ଉକ୍ତ ମାମଲାକୁ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗଣବଳାତ୍କାରକୁ ନେଇ ଯେଉଁ ଅଭିଯୋଗ ହୋଇଛି ତାହା ଭିତ୍ତିହୀନ ଓ କପୋଳକଳ୍ପିତ, କେବଳ କେତେଜଣଙ୍କୁ ଫସାଇବା ପାଇଁ ଏହା ଏକ ବିଧିବଦ୍ଧ ଷଡ଼ଯନ୍ତ୍ର ବୋଲି ଆବେଦନକାରୀ କୋର୍ଟଙ୍କୁ ଅବଗତ କରିଥିଲେ। ତେଣୁ ଏହାର ସିବିଆଇ, କ୍ରାଇମବ୍ରାଞ୍ଚ କିମ୍ବା ନ୍ୟାୟିକ ତଦନ୍ତ ପାଇଁ ଆବେଦନକାରୀ ସେଠୀ ପିଟିଶନରେ କୋର୍ଟଙ୍କୁ ନିବେଦନ କରିଥିଲେ। ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଲୋକଲୋଚନକୁ ଆସିବ ବୋଲି ଆବେଦନକାରୀ ପିଟିଶନରେ ନିବେଦନ କରିଛନ୍ତି। ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଗୃହ ବିଭାଗ ସଚିବ, ପୁରୀ ଏସ୍‌ପି, କ୍ରାଇମବ୍ରାଞ୍ଚ ଏସ୍‌ପି, ସିବିଆଇ ଏସ୍‌ପି ଓ କୁମ୍ଭାରପଡା ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପିଟିଶନକୁ କୋର୍ଟ ଗ୍ରହଣ କରିବା ସହ ଏହାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୧୯ ତାରିଖକୁ ଦିନଧାର୍ଯ୍ୟ କରିଥିଲେ। ସୂଚନାଥାଉ କି, ଗତ ୨ ତାରିଖରେ ପୁରୀର ଏକ ପୋଲିସ କ୍ୱାର୍ଟର୍ସରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଆଧାରକରି ପୋଲିସ ରାଜେଶଙ୍କ ସମେତ ୬ ଜଣଙ୍କୁ ଗିରଫ କରିଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ବ୍ୟୋମକେଶ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

## ଫୁଟିଲା ୨ ବୋମା, ୮ ଆହତ

ବୁଗୁଡ଼ା,୧୯।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଗୋଲିଆ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ରାଜନୈତିକ ଗୋଷ୍ଠୀ ସଂଘର୍ଷ ଘଟିଛି। ଉଭୟ ପକ୍ଷ ପରସ୍ପରକୁ ଠେଙ୍ଗା, କାତିରେ ଆକ୍ରମଣ କରିବା ସହ ୨ଟି ବୋମା ଫୁଟିଛି। ଘଟଣାସ୍ଥଳରେ ବୁଗୁଡ଼ା ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବୁଧବାର ରାତ୍ର ପ୍ରାୟ ୯ଟାରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଯୁବକ ତାଙ୍କର ବିରୋଧୀ ଗୋଷ୍ଠୀର ଯୁବକଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଗୁରୁବାର ସନ୍ଧ୍ୟାରେ ପୁଣି ଉଭୟ ଗୋଷ୍ଠୀ ଦଳବଦ୍ଧ ଭାବେ ଠେଙ୍ଗା, ବାଡ଼ି, କାତିରେ ପରସ୍ପରକୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ୨ଟି ବୋମା ମଧ ଫୁଟିଥିଲା। ଏଥିରେ ୮ ଜଣ ଆହତ ହୋଇ ବିଭିନ୍ନ ମେଡିକାଲରେ ଚିକିତ୍ସିତ ହେଉଥିବା ପୋଲିସ କହିଛି। ଖବର ପାଇ ବୁଗୁଡ଼ା ଥାନା ଅଧିକାରୀ ସଦଳବଳ ଗୋଲିଆରେ ପହଞ୍ଚି ଗଣ୍ଡଗୋଳକୁ ଆୟତ୍ତ କରିଥିଲେ। ଉଭୟ ଗୋଷ୍ଠୀ ମଧରେ ଛକାପଞ୍ଝା ଲାଗି ରହିଛି। ଗଣ୍ଡଗୋଳ ଆଶଙ୍କାରେ ଗାଁରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଗତ ନିର୍ବାଚନବେଳେ ପ୍ରମୁଖ ୨ ରାଜନୈତିକ ଗୋଷ୍ଠୀ ମୁହାଁମୁହିଁ ହୋଇ କଥା ଥାନାକୁ ଯାଇଥିଲା। ପୁଣି ଗୁରୁବାର ସେହି ୨ ଗୋଷ୍ଠୀ ମଧରେ ସଂଘର୍ଷ ଯୋଗୁ ଗୋଲିଆ ଅଶାନ୍ତ ହୋଇ ପଡିଛି। ଏନେଇ ଥାନା ଅଧିକାରୀ ବେହେରାଙ୍କୁ ପଚାରିବାରୁ, ତଦନ୍ତ ଚାଲିଛି, ଏପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ତେଣୁ କେତେଜଣ ଆହତ ହୋଇଛନ୍ତି, କେଉଁମାନେ ଏଥିରେ ସମ୍ପୃକ୍ତ ସ୍ପଷ୍ଟ ସୂଚନା ମିଳିନାହିଁ ବୋଲି କହିଥିଲେ।

## ସମ୍ବଲପୁରରେ ନୋଡାଲ ସଚିବ

# ସମୀକ୍ଷା କଲେ,ଆହାର କେନ୍ଦ୍ରରେ ଖାଇଲେ

ସମ୍ବଲପୁର,୧୯।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଦାୟିତ୍ୱରେ ଥିବା ନୋଡାଲ ସଚିବ ତଥା ବାଣିଜ୍ୟ ଓ ପରିବହନ କମିଶନର ଜି ଶ୍ରୀନିବାସ ଗୁରୁବାର ଦିନିକିଆ ଗସ୍ତରେ ଆସିଛନ୍ତି । ଏହି ଅବସରରେ ପ୍ରଥମେ ସେ ଲକ୍ଷ୍ମୀ ଟକିଜ-୨ସ୍ଥିତ ଆହାର କେନ୍ଦ୍ରରେ ଭୋଜନ କରିଥିଲେ । ତାଙ୍କ ସହ ସମ୍ବଲପୁର ଜିଲାପାଳ ଶୁଭମ ସକସେନା, ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ମଧ ଆହାର କେନ୍ଦ୍ରରେ ଖାଇଥିଲେ । ଖାଦ୍ୟର ମାନ ଯାଞ୍ଚ କରି ଆହୁରି ଉନ୍ନତ ମାନ କରିବାକୁ କହିଥିଲେ ।

ଏହି ଅବସରରେ ଡିପିସି ସମ୍ମିଳନୀ କକ୍ଷରେ ଜିଲାର ବିଭିନ୍ନ ବିଭାଗ ଅଧିକାରୀମାନଙ୍କୁ ନେଇ ସମୀକ୍ଷା ବୈଠକ ହୋଇଥିଲା । ଯୋଗାଣ ବିଭାଗ, ମିଶନ ଶକ୍ତି, ଆଇସିଡିଏସ, ବିଭିନ୍ନ ଯୋଜନାରେ ଦିଆଯାଉଥିବା ଭତ୍ତା, ଆବାସ ଯୋଜନା, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା, ପିଡିଏସ ବଣ୍ଟନ, ସ୍କୁଲଗୁଡିକରେ ହଷ୍ଟେଲ ନିର୍ମାଣ, ଉଠା ଜଳସେଚନ ବିଭାଗରେ ଚାଲୁଥିବା ଗଭୀର ନଳକୂପ ଖନନ ସ୍ଥିତି, ଡାକ୍ତରଖାନାରେ ନିରାମୟ ଯୋଜନା ଔଷଧ ବଣ୍ଟନ, ଗ୍ରାମ ଓ ସହରରେ ପାନୀୟ ଜଳ ସମସ୍ୟା ଓ ପ୍ରକଳ୍ପଗୁଡିକର ଅଗ୍ରଗତି ଓ ସମସ୍ୟା ଉପରେ ସେ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ସମସ୍ତ ନିର୍ମାଣାଧୀନ ପ୍ରକଳ୍ପଗୁଡିକ ଶୀଘ୍ର ସାରିବାକୁ ଜି ଶ୍ରୀନିବାସ ନିର୍ଦ୍ଦେଶ ଦେଇଥିଲେ । ପ୍ରକୃତ ହିତାଧିକାରୀ ଚୟନ କରି ପେନସନ ଯୋଜନାରେ ସାମିଲ କରିବାକୁ କହିଥିଲେ । ପରେ ରେଙ୍ଗାଲି ବ୍ଲକକୁ ପରିଦର୍ଶନ କରିଥିଲେ । ସେଠାରେ ଆବାସ ଯୋଜନାର କଲୋନୀ, ବସୁଦା ଯୋଜନାରେ ଜଳଯୋଗାଣ ପ୍ରକଳ୍ପ, ଲରିପାଲି ଆଶ୍ରମ ସ୍କୁଲ ପରିଦର୍ଶନ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ରେଙ୍ଗାଲି ଡାକ୍ତରଖାନା ପରିଦର୍ଶନ କରି ଡାକ୍ତର ଓ ରୋଗୀମାନଙ୍କ ସହ ଆଲୋଚନା କରିଥିଲେ । ବାସୁପାଲି ଗ୍ରାମର ଏସ୍‌ଏଚ୍‌ଜିମାନଙ୍କ ସହ ଏକ ବୈଠକ କରିଥିଲେ । ସରକାର ମହିଳାମାନଙ୍କୁ ଯୋଗାଇ ଦେଉଥିବା ସମସ୍ତ ଯୋଜନା ସେମାନଙ୍କ ପାଖରେ ପହଞ୍ଚି ପାରୁଛି କି ନାହିଁ ପଚାରିଥିଲେ । ମହିଳାମାନଙ୍କ ଉତ୍ପାଦିତ ସାମଗ୍ରୀର ବଜାର ସୁବିଧା ରହିଛି, ତେଣୁ ବିଭିନ୍ନ ସାମଗ୍ରୀ ଉତ୍ପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ ।



ସମ୍ବଲପୁର ଜିଲା ଗସ୍ତରେ ଆସିଥିବା ସଚିବ ଜି ଶ୍ରୀନିବାସ ଆହାର କେନ୍ଦ୍ରରେ ଭୋଜନ କରୁଛନ୍ତି ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ

## ସଂକ୍ଷେପରେ



### ଶିଶୁ ଉତ୍ସବରେ ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

**ଦେବଗଡ,୧୯।୧୨(ଡି.ଏନ.ଏ.):** ଦେବଗଡ ଜିଲା ରେଙ୍ଗାଲବେଡା ଗୋହିରା ସରକାରୀ ହାଇସ୍କୁଲରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ରିଆମାଳ ବ୍ଲକ ଶାଖା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଷ୍ଟା ରିଆମାଳ ବ୍ଲକ ସଭାପତି ସୁକାନ୍ତ କୁମାର ନନ୍ଦ ଓ ସମ୍ପାଦକ ନିରଞ୍ଜନ ଦୀପଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ବ୍ଲକର ବିଭିନ୍ନ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ତର୍କ, ଗଳ୍ପଲିଖନ, କବିତା ରଚନା, ଚିତ୍ରାଙ୍କନ,ଆବୃତି, କଣ୍ଠ ସଂଗୀତ, ସାଧାରଣ ଜ୍ଞାନ, ଜଣାଅଜଣା,ଏକକ ଅଭିନୟ ଏବଂ ଏକକ ନୃତ୍ୟ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ତର୍କ ପ୍ରତିଯୋଗିତାରେ ରାଜେଶ ବେହେରା, ଗଳ୍ପଲିଖନରେ ପୂଜାରାନୀ ବେହେରା, କବିତା ରଚନା ପ୍ରତିଯୋଗିତାରେ କୁମୁଦିନି ବିଶ୍ୱାଳ, ଚିତ୍ରାଙ୍କନରେ ରାହୁଳ କୁମାର ମହାପାତ୍ର, ଆବୃତିରେ ଅନୁସୟା ବେହେରା, କଣ୍ଠ ସଂଗୀତରେ କୁମୁଦିନୀ ବିଶ୍ୱାଳ, ସାଧାରଣ ଜ୍ଞାନରେ ପ୍ରକାଶ ମହାକୁଳ, ଜଣାଅଜଣାରେ ଦେବେନ୍ଦ୍ର ସାହୁ, ଏକକ ଅଭିନୟରେ ଭଗବତୀ କାରିଗର ଏବଂ ଏକକ ନୃତ୍ୟ ପ୍ରତିଯୋଗିତାରେ ସ୍ମିତାରାଣୀ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସୁକାନ୍ତ କୁମାର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରିଆମାଳ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାତ୍ର, ମୁଖ୍ୟବକ୍ତା ନାଉଲିପଡା ହାଇସ୍କୁଲର ପ୍ରଧାନଶିକ୍ଷକ ଟଙ୍କଧର ଦେହୁରୀ, ସମ୍ମାନିତ ଅତିଥି ରାଜା ବାସୁଦେବ ହାଇସ୍କୁଲର ପ୍ରଧାନଶିକ୍ଷକ ତଥା ଓଷ୍ଟାର ଜିଲା ସଭାପତି ଗୋପବନ୍ଧୁ ପ୍ରଧାନ, ଜିଲା ଉପସଭାପତି ଉଦୟ କୁମାର ପ୍ରଧାନ, ଜିଲା ଶାଖା ସମ୍ପାଦକ ହେମନ୍ତ କୁମାର ପ୍ରଧାନ, ଶିକ୍ଷାବିତ୍ ଧରଣୀଧର ପ୍ରଧାନ, ଗୋହୀରା ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ, ଟାଉନ ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟ ନାରାୟଣ ସାହୁ ଓ ରଞ୍ଜନ କୁମାର ବ୍ରହ୍ମା ପ୍ରମୁଖ କୃତୀ ପ୍ରତଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଏହି ପ୍ରତିଯୋଗୀତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନେ ଆଗାମୀ ୨୨ ତାରିଖରେ ଦେବଗଡ ଟାଉନ ହାଇସ୍କୁଲରେ ଆୟୋଜିତ ହେବାକୁ ଥିବା ଜିଲା ସ୍ତରୀୟ ଶିଶୁ ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ଓଷ୍ଟାର ଜିଲା ସମ୍ପାଦକ ହେମନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

### ଗୃହ, ନଗର ଉନ୍ନୟନ ସଚିବଙ୍କ ଝାରସୁଗୁଡ଼ା ଜିଲା ଗସ୍ତ

**ଝାରସୁଗୁଡା ଅଫିସ୍/ଲଖନପୁର, ୧୯।୧୨(ଡି.ଏନ୍.ଏ.):** ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାଥିଭାତନନ୍ ଗୁରୁବାର ଦିନିକିଆ ଝାରସୁଗୁଡ଼ା ଜିଲା ଗସ୍ତରେ ଆସି ବିଭିନ୍ନ ଯୋଜନାର ସମୀକ୍ଷା କରି ଫେରିଯାଇଛନ୍ତି। ଏନେଇ ଜିଲା ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭାଗୀୟ ସଚିବ ଜି. ମାଥିଭାତନନ୍, ଜିଲାପାଳ ସରୋଜ କୁମାର ସାମଲ, ପିଡିଡିଆର୍‌ଡିଏ ତପିରାମ ମାଝି ପ୍ରମୁଖ ପ୍ରଶାସନିକ ଅଧିକାରୀ ଉପସ୍ଥିତି ଥିଲେ। ବୈଠକରେ ମମତା, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମିଶନଶକ୍ତି, ନିରାମୟ, ପାନୀୟଜଳ, ଗ୍ରାମାଞ୍ଚଳ ବୈଦ୍ୟୁତିକରଣ, ଜାତୀୟ ଓ ରାଜ୍ୟ ଖାଦ୍ୟସୁରକ୍ଷା ଯୋଜନା କାର୍ଯ୍ୟକାରିତକୁ ନେଇ ଆଲୋଚନା କରାଯାଇଥିଲା। ଏଥିମଧ୍ୟରେ ଏନ୍‌ଆର୍‌ଏମ୍ ଯୋଜନାରେ ହୀତାଧିକାରୀମାନେ କିପରି ଅଧିକ ଉପକୃତ ହୋଇପାରିବେ, ଏହା ସହିତ ମହିଳା ଗୋଷ୍ଠୀକୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲା ମୁଖ୍ୟଚିକିତ୍ସାଳୟ ସମେତ ଜିଲାର ସମସ୍ତ ଚିକିତ୍ସାଳୟ ଓ ଆହାର କେନ୍ଦ୍ରରେ ପରିଷ୍କାର ପରିଚ୍ଛନ୍ନତା ରଖିବାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଭୂତଳଜଳ ସଂରକ୍ଷଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲାପାଳ ସାମଲ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ସଚିବଙ୍କୁ ଅବଗତ କରାଇଥିଲେ। ବୈଠକରେ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ ।

## ■ ବିଧାନସଭା ଷ୍ଟାଣ୍ଡିଂ କମିଟିର ଝାରସୁଗୁଡ଼ା ଜିଲା ଗସ୍ତ

# ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

**ଝାରସୁଗୁଡା ଅଫିସ୍/ଲଖନପୁର, ୧୯।୧୨(ଡି.ଏନ୍.ଏ.)**

ବିଧାନସଭା ଷ୍ଟାଣ୍ଡିଂ କମିଟିର ଏକ ୭ ଜଣିଆ ଦଳ ଗୁରୁବାର ଦିନିକିଆ ଝାରସୁଗୁଡ଼ା ଜିଲା ଗସ୍ତରେ ଆସି ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ କରି ଫେରିଯାଇଛନ୍ତି। କମିଟିର ଅଧ୍ୟକ୍ଷ ବିଧାୟକ ପ୍ରଦୀପ ଅମତା ରହିଥିଲେ। ଏଥିରେ ବିଧାୟିକା ଉଷା ଦେବୀ, ବିଧାୟକ ଶଶି ଭୂଷଣ ବେହେରା, ଧ୍ରୁବଚରଣ ସାହୁ, ଦାଶରଥି ଗମାଙ୍ଗ, ଅଙ୍ଗଦ କହଁର, ମୁକେଶ ମହାଲିଙ୍ଗ ପ୍ରମୁଖ ରହିଛନ୍ତି। କମିଟିର ୭ଜଣିଆ ଦଳ ବୁଧବାର ରାତିରେ ସୁନ୍ଦରଗଡ଼ରୁ ଆସି ଝାରସୁଗୁଡ଼ାରେ ପହଞ୍ଚି ରାତ୍ରି ରହଣୀ କରିଥିଲେ। ଗୁରୁବାର ପୂର୍ବାହ୍ନରେ କମିଟି ସଦସ୍ୟ ଝାରସୁଗୁଡ଼ାସ୍ଥିତ ବେଦାନ୍ତ ପ୍ରକଳ୍ପ ଓ ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ ପ୍ରକଳ୍ପ ପରିଦର୍ଶନ କରିଥିଲେ। ପ୍ରକଳ୍ପର ପରିବେଶ, ପାରିପାର୍ଶିକ ଉନ୍ନୟନ କାର୍ଯ୍ୟ, ସ୍ଥାନୀୟ ନିଯୁକ୍ତି ଓ ପ୍ରଦୂଷଣ ଆଦିକୁ ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପରେ ସନ୍ଧ୍ୟାରେ ଡିଏମ୍‌ଏଫ୍ ସମ୍ମିଳନୀ



ସମୀକ୍ଷା ବୈଠକରେ ଉପସ୍ଥିତଥିବା କମିଟି ସଦସ୍ୟ ଓ ପ୍ରଶାସନିକ ଅଧିକାରୀମାନେ।

କକ୍ଷରେ ବିଧାୟକ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କମିଟି ସଦସ୍ୟ, ଜିଲାପାଳ ସରୋଜ କୁମାର ସାମଲ, ଉପଜିଲାପାଳ ଶିବ ଟପ୍ପୋ, ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି, ଡିଏଫ୍‌ଓ ସୁଶାନ୍ତ କୁମାର ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଅଧିକାରୀ ଉପସ୍ଥିତି ଥିଲେ। ଏଥିରେ ଶିଳ୍ପ, ଖଣି, ଜଙ୍ଗଲ, ପରିବେଶ, ବାଣିଜ୍ୟ, ପରିବହନ, ଦକ୍ଷତା, ବିକାଶ, ବୈଷୟିକ ଶିକ୍ଷା, ବିସ୍ଥାପନ ଆଦି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ରାଜ୍ୟର ଦ୍ରୁତ ବିକାଶ ପାଇଁ ଶିଳ୍ପାୟନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଦୃଷ୍ଟିରୁ ରାଜ୍ୟରେ ଝାରସୁଗୁଡ଼ା ଜିଲା ଗୁରୁତ୍ୱ ବହନ କରିଆସୁଛି ବୋଲି କମିଟି ପକ୍ଷରୁ ମତପ୍ରକାଶ କରାଯାଇଥିଲା। ଏଥିମଧ୍ୟରେ ଖଣିଜ ପଦାର୍ଥର ପରିବହନ ଆବଶ୍ୟକତା ଥିଲେ ମଧ୍ୟ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବାପାଇଁ କମିଟି ସଦସ୍ୟ ପରାମର୍ଶ ଦେଇଛନ୍ତି। ଏହାକୁ ଉଲଙ୍ଘନ କରୁଥିବା ଶିକ୍ଷାନୁଷ୍ଠାନମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କମିଟି ଜିଲାପ୍ରଶାସନକୁ ନିର୍ଦ୍ଦେଶ ଦେଇଛି। ଜିଲାର ବିସ୍ଥାପିତ ଓ ଥଇଥାନ ସମ୍ପର୍କରେ ଶିକ୍ଷାନୁଷ୍ଠାନଗୁଡିକ କ'ଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ସମ୍ପର୍କରେ ଜିଲାପାଳ ସାମଲ କମିଟି ସଦସ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# କ୍ଷମତା ଏକ୍ସପ୍ରେସ୍‌ର ଶୁଭାରମ୍ଭ

**ଦେବଗଡ,୧୯।୧୨(ଡି.ଏନ.ଏ)**

ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡିଶା ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲାରେ ପରିକ୍ରମା କରିବାକୁ ଥିବା କ୍ଷମତା ଏକ୍ସପ୍ରେସକୁ ଗୁରୁବାର କଲେକ୍ଟରେଟଠାରେ ଅତିରିକ୍ତ ଜିଲାପାଳ ଧରମ ହାଁସଦା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କଲେକ୍ଟରେଟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସିପ୍ରା ସେଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର କୁମାର ନଇ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ କିଶୋର ମହାଲିଙ୍ଗ, ସିଆରଏସଆରର ମୁଖ୍ୟ ଡ. ଭଗବାନ ପରିଡା ଓ ପ୍ରକଳ୍ପ ସଂଯୋଜକ ସେଖ୍ ସେଖାୱଡ୍ ଅଲ୍ଲୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଭିନ୍ନକ୍ଷମ, ବରିଷ୍ଠ ନାଗରିକ, ନିଶାଗ୍ରସ୍ତ ବ୍ୟକ୍ତି, କିନ୍ନର ଏବଂ ଭିକ୍ଷୁକମାନଙ୍କୁ ବହୁବିଧ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ କ୍ଷମତା ଏକ୍ସପ୍ରେସ ଗୁରୁଠାରୁ ୨୮ ତାରିଖ ପର୍ଯ୍ୟନ୍ତ ଜିଲାର ତିନୋଟି ବ୍ଲକ ପରିକ୍ରମା କରି ୧୦ଟି ପଞ୍ଚାୟତରେ କାର୍ଯ୍ୟକ୍ରମ ଆୟୋଜନ କରିବ। ଆଜି ପ୍ରଥମ ଦିବସରେ ରିଆମାଳ ବ୍ଲକ ବାଗବର ପଞ୍ଚାୟତଠାରେ କ୍ଷମତା ଏକ୍ସପ୍ରେସର ପ୍ରଥମ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ୮୫ଜଣ ହିତାଧିକାରୀ ନିଜ ନିଜର ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫୬ଜଣ ଭିନ୍ନକ୍ଷମ, ୧୫ଜଣ ବରିଷ୍ଠ ନାଗରିକ ଏବଂ ୧୪ଜଣ ଅନ୍ୟାନ୍ୟ ହିତାଧିକାରୀ ଥିଲେ। ସେମାନଙ୍କୁ ଶିବିରରେ ଉପସ୍ଥିତ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଦୃଷ୍ଟିଶକ୍ତି, ଶ୍ରବଣଶକ୍ତି, ବାକଶକ୍ତି, ମନସ୍ତତ୍ତ୍ୱ ଆଦି ପରୀକ୍ଷା କରିବା ସଂଗେ ସଂଗେ ଫିଜିଓଥେରାପି ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ।




ଅତିରିକ୍ତ ଜିଲାପାଳ ଧରମ ହାଁସଦା ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।




ସମ୍ବଲପୁର ଏମ୍‌ପି ନୀତେଶ୍ ଗଙ୍ଗଦେବ ରକ୍ତଭଣ୍ଡାର ଶିବିର ଗାଡିକୁ ଫିତାକାଟି ଲୋକାର୍ପଣ କରୁଛନ୍ତି ।

# ରକ୍ତ ଭଣ୍ଡାର ଶିବିର ବ୍ୟବହୃତ ଗାଡ଼ି ଲୋକାର୍ପିତ

**ଦେବଗଡ,୧୯।୧୨(ଡି.ଏନ.ଏ)**

ଏମସିଏଲ୍ ତରଫରୁ ଜିଲା ରେଡକ୍ରସ ରକ୍ତ ଭଣ୍ଡାର ପାଇଁ ଏକ ସ୍ୱତନ୍ତ୍ର ଗାଡି ପ୍ରଦାନ କରାଯାଇଛି । ବିଭିନ୍ନ ସମୟରେ ଜିଲାବ୍ୟାପୀ ହେଉଥିବା ରକ୍ତଦାନ ଶିବିର ପାଇଁ ଉକ୍ତ ଗାଡି ବ୍ୟବହୃତ ହେବ । ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଏମପି ନିତେଶ୍ ଗଙ୍ଗଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆରଡିଏ ଭୀନସେଣ୍ଟ ପୁନମକାନ୍ତ ଏକ୍କା ଓ ସିଡିଏମଓ ଡ.ମନୋଜ ଉପାଧ୍ୟାୟ, ଡ. ସୁବାସ ଚନ୍ଦ୍ର ମଣ୍ଡଳ, ଡ.ସ୍ମିତା ଦାସ ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ପରିଚାଳକ ଜିତେନ୍ ଭଇଁସା, ଜିଲା ରକ୍ତ ଭଣ୍ଡାର ଅଧିକାରୀ ଡ.ଅମିତ ମହାପାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ବ୍ଲଡ ବ୍ୟାଙ୍କ ପିଆରଓ ମଳୟ ବେହେରାଙ୍କ ସହ ବୈଷୟିକ ସହାୟିକା ମିନାକ୍ଷୀ ପ୍ରଧାନ, ଲାବୋରେଟୋରି ଟେକନିସିଆନ ଗୋପାଳକୃଷ୍ଣ ସାହୁ, ଆଲୋକ ମହାପାତ୍ର ଓ କର୍ମଚାରୀ ସହଯୋଗ କରିଥିଲେ ।

## ■ ଲିଙ୍ଗଗତ ବୈଷମ୍ୟତା ଜିଲାସ୍ତରୀୟ କର୍ମଶାଳା

# ଲିଙ୍ଗଗତ ଭେଦଭାବ ଶୂନ୍ୟ ସମାଜ ଗଠନକୁ ଗୁରୁତ୍ୱ

**ଦେବଗଡ଼,୧୯।୧୨(ଡ଼ି.ଏନ୍.ଏ.)**

ଦେବଗଡ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଲିଙ୍ଗଗତ ବୈଷମ୍ୟତା ସମ୍ବନ୍ଧୀୟ ଜିଲାସ୍ତରୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଓଡିଶା ଜୀବିକା ମିଶନ ଏବଂ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦେବଗଡର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଧରମ ହାଁସଦା ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା ଆନୁଷ୍ଠାନିକ ଭାବେ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲାପାଳ ହାଁସଦା ସମାଜ ସଂସ୍କାରରେ ନାରୀମାନଙ୍କର ପ୍ରମୁଖ ଗୁରୁ ଭୂମିକା ରହିଛି । ଏଣୁ ଝିଅମାନଙ୍କର ଶିକ୍ଷା ଏବଂ ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ । ବାଲ୍ୟ ବିବାହ ରୋକିବା କ୍ଷେତ୍ରରେ ଦେବଗଡ ଜିଲା ରାଜ୍ୟସ୍ତରରେ ପୁରସ୍କାର ପାଇଥିବା କଥା ଏହି




ଲିଙ୍ଗଗତ ବୈଷମ୍ୟତା ସମ୍ବନ୍ଧୀୟ କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ ।

ଅବସରରେ ସେ ସୂଚନା ଦେଇଥିଲେ । ସମ୍ମାନୀତ ଅତିଥି ପ୍ରକଳ୍ପ ନିର୍ଦ୍ଦେଶକ ଏକ୍କା ଲିଙ୍ଗଗତ ଭେଦଭାବ ଶୂନ୍ୟ ସମାଜ ଗଠନ ଉପରେ ମତ ଦେଇଥିଲେ। ସମାଜର ଉନ୍ନତି ନିମନ୍ତେ ପୁରୁଷ ଓ ମହିଳାଙ୍କୁ ସମାନ ଅଧିକାର ଦେବା ଉପରେ ସେ ଜୋର ଦେଇଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦକ ପ୍ରିୟରଞ୍ଜାନ ମିଶ୍ର ମହିଳାମାନଙ୍କ ଆଇନଗତ ଅଧିକାର ଏବଂ ସେଥିରେ ଜିଲା ଆଇନସେବା ପ୍ରାଧିକରଣର ଭୂମିକା ଉପରେ ଆଲୋକପାତ କରିଥିଲେ । ପ୍ରୋଜେକ୍ଟ କନସଲଟେନସି ଇଣ୍ଟରନେସନାଲର ପ୍ରକଳ୍ପ ନିର୍ଦ୍ଦେଶିକା ବିରାଜଲକ୍ଷ୍ମୀ ଷଡଙ୍ଗୀ ଲିଙ୍ଗଗତ ବୈଷମ୍ୟତା ଦୂରୀକରଣ ନିମନ୍ତେ ପିସିଆଇ ପକ୍ଷରୁ ପ୍ରସ୍ତୁତ ମୋଡେଲ ଉପରେ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ ଆଲୋଚନା କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଦେବଗଡ ଜିଲାର ରିଆମାଳ ଏବଂ ବାରକୋଟ ବ୍ଲକର ଚାରି ପଞ୍ଚାୟତ କୁଣ୍ଢେଇଗୋଳା, ଚଢେଇମରା, ତଆଁରା ଏବଂ ବଲଣ୍ଡାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ । ରାଜ୍ୟ ମିଶନ ପରିଚାଳକ ୟୁନିଟ୍ ପ୍ରକଳ୍ପ ନିର୍ବାହୀ ସୁଧୀର ରଥ ମହିଳାମାନଙ୍କ ଦକ୍ଷତା ବୃଦ୍ଧି ଏବଂ ସାମାଜିକ ବିକାଶ ଦ୍ୱାରା ଲିଙ୍ଗଗତ ବୈଷମ୍ୟ ଦୂରୀକରଣରେ ଓଡିଶା ଜୀବିକା ମିଶନର ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟରୁ ଯୋଗଦେଇଥିବା ପ୍ରତିନିଧିମାନେ ମହିଳାମାନଙ୍କର ବିକାଶ ନିମନ୍ତେ ବିଭାଗୀୟ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ଏହି ମୋଡେଲକୁ ଜିଲାରେ ସଫଳତାର ସହିତ କାର୍ଯ୍ୟକାରୀ କରିବାପାଇଁ କେରଳର କୁଡୁମ୍ବଶ୍ରୀ ସଂସ୍ଥାର ଦୁଇଜଣ ପ୍ରତିନିଧି ଗ୍ରାମପଞ୍ଚାୟତସ୍ତରରେ ବିଗତ ଏକମାସ ହେଲା କାର୍ଯ୍ୟରତ ଅଛନ୍ତି। ଜିଲା ପ୍ରକଳ୍ପ ପରିଚାଳିକା ସ୍ମରଣିକା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଆନ୍ଦୋଳନକାରୀଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ■ ଲଖନପୁର ସିଜିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ଯୁବକଙ୍କ ଅନଶନ

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

**ଲଖନପୁର,୧୯।୧୨(ଡି.ଏନ୍.ଏ.)**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍) ଲଖନପୁର ସିଜିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ପିଣ୍ଟୁ ବିଶ୍ୱାଳ ନାମକ ଜଣେ ଯୁବକ ଚାକିରି ଦାବିରେ ବୁଧବାର ଆମରଣ ଅନଶନରେ ବସିଥିଲେ। ଖବରପାଇ ଜିଏମ୍ ଅନିଲ କୁମାର ସିଂହ, ଏପିଏମ୍ ଏସ୍.କେ. ଭରଦ୍ୱାଜ, ଅତିରିକ୍ତ ତହସିଲଦାର ପ୍ରସନ୍ନ ପଟେଲ, ଆଇଆଇସି ପ୍ରଶାନ୍ତ ମେହେର, ଶ୍ରମିକନେତା ଅନିତ ଚକ୍ରବର୍ତ୍ତୀ, ରମେଶ ତ୍ରିପାଠୀ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏନେଇ ଜିଏମ୍ ସିଂହ ଆସନ୍ତା ୨୬ତାରିଖରେ ଚାକିରି ନିଯୁକ୍ତିପତ୍ର ପ୍ରଦାନ କରାଯିବ ବୋଲି କହିଥିଲେ। ଏଭଳି ପ୍ରତିଶ୍ରୁତି ପାଇବା ପରେ ସନ୍ଧ୍ୟାରେ ପିଣ୍ଟୁ ଆନ୍ଦୋଳନରୁ ଓହରିଛନ୍ତି। କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ରକ୍ଷା ନ କରେ ଆସନ୍ତା ୨୭ତାରିଖରୁ ପୁଣି ଆମରଣ ଅନଶନରେ ବସିବେ ବୋଲି ପିଣ୍ଟୁ ଚେତାବନୀ ଦେଇଛନ୍ତି। ଏନେଇ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଆନ୍ଦୋଳନକାରୀ ଯୁବକଙ୍କ ବାପା ସୁଦର୍ଶନ ବିଶ୍ୱାଳ ବିଓସିଏମ୍ କୋଇଲା ଖଣିରେ କର୍ମଚାରୀ ଭାବେ କାମ କରୁଥିଲେ। ୨୦୧୫ରେ ତାଙ୍କର ମୃତ୍ୟୁ ହୋଇଥିଲା । ଏମ୍‌ସିଏଲ୍‌ରେ ବାପାଙ୍କ ମୃତ୍ୟୁ ପରେ ଚାକିରି ପୁଅ ପାଇବା ନିୟମ ରହିଛି। ଏହି ନିୟମ ଅନୁଯାୟୀ ପିଣ୍ଟୁ କମ୍ପାନୀରେ ଚାକିରି ପାଇଁ ଆବେଦନ କରିଥିଲେ। କମ୍ପାନୀ ପକ୍ଷରୁ ଚାକିରି ନିଯୁକ୍ତିପତ୍ର, ଡାକ୍ତରୀ ଫିଟ୍‌ନେସ୍ ଆଦି ପ୍ରକ୍ରିୟା ଶେଷ ହୋଇଛି । ଏହା ଦୀର୍ଘ ଦିନ ହୋଇଯାଇଥିଲେ ମଧ୍ୟ ପିଣ୍ଟୁଙ୍କୁ କମ୍ପାନୀ ଚାକିରି ନ ଦେଇ ଦିନପରେ ଦିନ ଗଡେଇ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଅଭିଯୋଗ ହୋଇଛି। ଇତି ମଧ୍ୟରେ ବାପା ବାପା ସୁଦର୍ଶନଙ୍କ ମୃତ୍ୟୁକୁ ୫ ବର୍ଷ ବିତିଗଲାଣି । ଚାକିରି ପାଇବା ପାଇଁ ପିଣ୍ଟୁ ଦୀର୍ଘ ବର୍ଷ ହେଲା ଏମ୍‌ସିଏଲ୍ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ଦୀର୍ଘ ଦିନର ଲଢେଇ ପରେ ପିଣ୍ଟୁ ନିରାଶ ହୋଇ ଆମରଣ ଅନଶନ କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଓ ଜିଲାପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ପ୍ରତିକାର କରାଯାଇ ନ ଥିଲା। ଫଳରେ ପିଣ୍ଟୁ ଆମରଣ ଅନଶନ କରିବା ପାଇଁ ବାଧ୍ୟ ହୋଇଥିଲେ।


**ୟୁକୋ ବ୍ୟାଙ୍କ** | ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ | **ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ବିଭିନ୍ନ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୦୪.୦୧.୨୦୨୦ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡିକ **ତା.୦୭.୦୧.୨୦୨୦ରିଖ ଅପରାହ୍ନ ୩.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ମିର୍‌ଗାନଗୁଡା ଶାଖା, ମିର୍‌ଗାନଗୁଡା, ଜିଲ୍ଲା: ନବରଙ୍ଗପୁର, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ସୀମାଞ୍ଚଳ ଗାମ୍ପା, ଫୋନ୍: ୮୦୯୩୫୯୦୭୫୬** | | |
| ୧. | **ବିପିନ ବିହାରୀ ଶତପଥୀ,** ପିତା: ଶରତ ଚନ୍ଦ୍ର ଶତପଥୀ, ସା.: ଏକମ୍ବା, ଥାନା: ନନ୍ଦାହାଣ୍ଡି, ଜିଲ୍ଲା: ନବରଙ୍ଗପୁର / **୨୮୪୯୦୬୧୦୦୦୩୧୫୨** | ଟ.୯୮,୬୨୭/- + ସୁଧ ଓ ଅନ୍ୟାନ୍ୟ ଦେୟ | ୬୪.୮୦୦ |
| ୨. | **ଜି. ଗୋପି କ୍ରୀଷ୍ଣା,** ପିତା: ଜି. ଭାସ୍କର ରାଓ, ସା.: ନିଉ ଟ୍ୟାଙ୍କ ଷ୍ଟ୍ରିଟ୍, ଜିଲ୍ଲା: ନବରଙ୍ଗପୁର / **୨୮୪୯୦୬୧୦୦୦୫୧୭୦** | ଟ.୨,୩୮,୫୫୦/- + ସୁଧ ଓ ଅନ୍ୟାନ୍ୟ ଦେୟ | ୧୭୦.୨୦୦ |
| ୩. | **ରଶ୍ମିତା ବୁଡ଼ୁ,** ସ୍ୱାମୀ: ତୁଷାରକାନ୍ତ ପରିଡା, ସା.: ଗାଦବାଗୁଡା, ଜିଲ୍ଲା: ନବରଙ୍ଗପୁର / **୨୮୪୯୦୬୧୦୦୦୬୪୩୬, ୨୮୪୯୦୬୧୦୦୦୫୮୩୫** | ଟ.୧,୨୬୫/- + ଟ.୨,୮୪,୧୪୭/- ମୋଟ: ଟ.୨,୮୫,୪୧୨/- + ସୁଧ ଓ ଅନ୍ୟାନ୍ୟ ଦେୟ | ୧୭.୫୮୦ |
| | **ମୈତ୍ରୀ ବିହାର ଶାଖା, ଜିଲ୍ଲା: ଖୋର୍ଦ୍ଧା, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ସୁବ୍ରତ କୁମାର ନାୟକ, ଫୋନ୍: ୭୬୬୭୫୩୯୨୯୬** | | |
| ୪. | **ଶରତ କୁମାର ପାଣିଗ୍ରାହୀ,** ଫ୍ଲାଟ୍ ନଂ.: ସି-୨୦୬, ବ୍ରାଇଟ୍ ରେସିଡେନ୍ସି, ଜଗନ୍ନାଥ ନଗର, ରୋଡ୍ ନଂ.: ୧୨, ଜିଜିପି କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା / **୧୮୩୯୦୬୧୦୦୦୯୫୩୬** | ଟ.୧,୭୪,୫୫୭/- + ସୁଧ ଓ ଅନ୍ୟାନ୍ୟ ଦେୟ | ୮୯.୦୦୦ |
| | **ଛତ୍ରପୁର ଶାଖା, ଜିଲ୍ଲା: ଗଞ୍ଜାମ, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀମତୀ ସ୍ନିଗ୍ଧାରାଣୀ ମଙ୍ଗରାଜ, ଫୋନ୍: ୭୯୭୮୬୩୨୮୫୨** | | |
| ୫. | **ଶ୍ରୀ ଚିତ୍ତ ରଞ୍ଜନ ବେହେରା,** ପିତା: ବିପିନ ଚନ୍ଦ୍ର ବେହେରା, ସା.: ତଡାପଲ୍ଲୀ ଷ୍ଟ୍ରିଟ୍, ପୋ./ଥାନା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୨୯୧୭୬** | ଟ.୯୧,୭୬୫/- + ସୁଧ ଓ ଅନ୍ୟାନ୍ୟ ଦେୟ | ୬୨.୦୦୦ |
| ୬. | **ଅଶ୍ୱିନ କୁମାର ଗୌଡ,** ପିତା: ରମେଶ ଚନ୍ଦ୍ର ଗୌଡ, ସା/ପୋ.: ପୋଡାପଦର, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୨୯୨୬୮** | ଟ.୬୯,୩୩୪/- + ସୁଧ ଓ ଅନ୍ୟାନ୍ୟ ଦେୟ | ୪୬.୦୦୦ |
| ୭. | **ଦେବରାଜ ନାୟକ,** ପିତା: କମା ନାୟକ, ଗଙ୍ଗାପୁର, ପଟଲାମପୁର, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୨୮୪୯୦** | ଟ.୪୧,୯୪୪/- + ସୁଧ ଓ ଅନ୍ୟାନ୍ୟ ଦେୟ | ୧୬.୫୦୦ |
| ୮. | **ତ୍ରିନାଥ ପାଲ,** ପିତା: ଶରତ ଚନ୍ଦ୍ର ପାଲ, ସା.: ଶାନ୍ତି ନଗର, ୪ର୍ଥ ଲେନ୍, ଛତ୍ରପୁର, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୨୭୨୦୨** | ଟ.୧,୩୫,୧୮୭/- + ସୁଧ ଓ ଅନ୍ୟାନ୍ୟ ଦେୟ | ୮୯.୯୧୦ |
| ୯. | **ଏନ୍. ଶିବ ପ୍ରସାଦ ରାଓ,** ପିତା: ଏନ୍. ଲଚ୍ଛମୀ ନାରାୟଣ ରାଓ, ସା/ପୋ.: ମୋଚି ଷ୍ଟ୍ରିଟ୍, ରିକାପଲ୍ଲୀ, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୩୦୬୭୭** | ଟ.୧୦,୭୧୮/- + ସୁଧ ଓ ଅନ୍ୟାନ୍ୟ ଦେୟ | ୭.୨୦୦ |
| | **ହିଞ୍ଜିଳିକାଟୁ ଶାଖା, ଜିଲ୍ଲା: ଗଞ୍ଜାମ, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ଭାଗିରଥୀ ନାୟକ, ଫୋନ୍: ୯୪୩୭୯୭୭୬୮୬** | | |
| ୧୦. | **ବାପୁଜୀ ପାତ୍ର,** ପିତା: ଜବାହର ଲାଲ ପାତ୍ର, ରଘୁପତି ନଗର, ୧ମ ଗେଟ୍, ପାଣିଗ୍ରାହୀପେଣ୍ଠ, ଜିଲ୍ଲା: ଗଞ୍ଜାମ / **୦୪୨୧୦୬୧୦୦୦୬୫୪୨** | ଟ.୩,୩୦,୭୦୪/- + ସୁଧ ଓ ଅନ୍ୟାନ୍ୟ ଦେୟ | ୧୩୩.୦୦୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ **ତା.୦୬.୦୧.୨୦୨୦ରିଖ ଦିନ** କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାର ଗୁଡିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ ୩୦ ଦିନ ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୯.୧୨.୨୦୧୯** | **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**

# ସ୍ୱର୍ଗଦ୍ୱାରରୁ ହଟିଲା ବିଜୁ ସ୍ମୃତିପୀଠ

## ବିଳମ୍ବିତ ରାତିରେ ଉଚ୍ଛେଦକୁ ନେଇ ପ୍ରଶ୍ନବାଚୀ

**ପୁରୀ ଅଫିସ, ୧୯।୧୨**

ଶେଷରେ ସ୍ୱର୍ଗଦ୍ୱାରରୁ ହଟିଛି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତିପୀଠ। ବୁଧବାର ବିଳମ୍ବିତ ରାତିରେ ପ୍ରଶାସନ ପକ୍ଷରୁ ସମାଧି ପୀଠକୁ ହଟାଇ ଦିଆଯାଇଛି। ତେବେ ବିଳମ୍ବିତ ରାତିରେ କାହିଁକି ଏହାକୁ ଉଚ୍ଛେଦ କରାଗଲା ତାହା ଅନେକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ନେଇ ନାନା ପ୍ରକାର ଚର୍ଚ୍ଚା ଚାଲିଛି। ଦିନରେ ଉଚ୍ଛେଦ କରିଥିଲେ ଏହା ଗଣମାଧ୍ୟମର ପ୍ରମୁଖ ପ୍ରସଙ୍ଗ ପାଲଟିଥାନ୍ତା। ଲୋକେ ଆସି ରୁଣ୍ଡ ହୋଇଥାନ୍ତେ। ଏହାକୁ ଦୃଷ୍ଟିରେ ରଖି ବିଳମ୍ବିତ ରାତିରେ ଏଭଳି ପଦକ୍ଷେପ ନିଆଯାଇଥାଇପାରେ ବୋଲି କେହି କେହି କହୁଛନ୍ତି। ସମାଧି ସ୍ଥଳ ହଟାଯିବା ଏବଂ ଅନ୍ୟ କେଉଁ ଜାଗାରେ ଏହା ପ୍ରତିଷ୍ଠା କରାଯିବ ସେ ସମ୍ପର୍କରେ କୌଣସି ପ୍ରଶାସନିକ ଅଧିକାରୀ ସ୍ପଷ୍ଟ ସୂଚନା ଦେଉନାହାନ୍ତି, କିନ୍ତୁ ସ୍ୱର୍ଗଦ୍ୱାରର ବିକାଶ ପାଇଁ ଏହାକୁ ଉଚ୍ଛେଦ କରାଯାଇଛି ବୋଲି କହିଛନ୍ତି।

ନୂଆ ରୂପ ନେବ ସ୍ୱର୍ଗଦ୍ୱାର। ବଦଳିବ ଏହାର ଚେହେରା। ମୃତଦେହ ଦାହ ପାଇଁ ଆସୁଥିବା ସମ୍ପର୍କୀୟମାନେ ପାଇବେ ଅତ୍ୟାଧୁନିକ ସୁବିଧା। ଏଥିପାଇଁ ଗତ ମଙ୍ଗଳବାରଠାରୁ ସ୍ୱର୍ଗଦ୍ୱାର ପରିସରରେ ଥିବା ପୁରୁଣା କୋଠାର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପଥଶ୍ରାଦ୍ଧ ଗୃହ, ପ୍ରତୀକ୍ଷା ଗୃହ, ଚିମିନି ଆଦି ସମସ୍ତ ନିର୍ମାଣ ଭଙ୍ଗାଯାଇଥିଲା। ଏହି ଭଗ୍ନାବଶେଷ ସଫା କରାଯାଇ ସମତଳ କରାଯାଇଛି। ଗୋଟିଏ ପାର୍ଶ୍ୱ (ପଶ୍ଚିମ)ରେ ଦାହ କାର୍ଯ୍ୟ ଚାଲିଥିବାବେଳେ ମଝିରେ ଟିଣ ଚଦର ପକାଯାଇଛି। ପୂର୍ବ ପାର୍ଶ୍ୱରେ ପ୍ରଥମେ ପୁନରୁଦ୍ଧାର କାମ କରାଯିବ। ତେବେ ସବୁ ନିର୍ମାଣ ଭଙ୍ଗାଯାଇଥିଲେ ମଧ୍ୟ ବିଜୁବାବୁଙ୍କ ସମାଧି ପୀଠ ରହିଥିଲା। ବୁଧବାର ରାତିରେ ଏହାକୁ ଉଚ୍ଛେଦ କରାଯାଇଛି। ପ୍ରଶାସନର ଏଭଳି ପଦକ୍ଷେପ ପରେ ଅଧିକ ଖୁସିବ୍ୟକ୍ତ କରିଛନ୍ତି ସ୍ୱର୍ଗଦ୍ୱାରରୁ ବିଜୁ ସ୍ମୃତି ପୀଠ ହଟାଇବା ପାଇଁ କେସ୍ କରିଥିବା ଆଇନଜୀବୀ ରମେଶ ପ୍ରସାଦ ସିଂହ। ସେ କହିଛନ୍ତି, ଯାହା ହେଉ ଶେଷରେ ସରକାରଙ୍କ ସଦ୍‌ବୁଦ୍ଧି ହେଲା, ସ୍ୱର୍ଗଦ୍ୱାରରେ ବେଆଇନ ଭାବେ ତିଆରି ହୋଇଥିବା ବିଜୁ ସ୍ମୃତି ପୀଠ ହଟାଇ ଦେଇଛନ୍ତି। ସରକାର



କୋର୍ଟରେ ହାରିଯିବା ଜାଣିବା ପରେ ଏହି ନିଷ୍ପତ୍ତି ନେଇଛନ୍ତି। ସ୍ୱର୍ଗଦ୍ୱାରର ପୁନରୁଦ୍ଧାର ନିଶ୍ଚିତ ସ୍ୱାଗତଯୋଗ୍ୟ। ଆମେ ବିଜୁବାବୁ କିମ୍ବା ତାଙ୍କ ସମାଧି ପୀଠକୁ ବିରୋଧ କରୁ ନ ଥିଲୁ। କାରଣ ସ୍ୱର୍ଗଦ୍ୱାର ହେଉଛି ପ୍ରତିଟି ହିନ୍ଦୁଙ୍କ ଆସ୍ଥା ଓ ବିଶ୍ୱାସର ସ୍ଥଳ। ବିଜୁବାବୁଙ୍କ ସମାଧି ସ୍ୱର୍ଗଦ୍ୱାରରେ କରା ନ ଯାଇ ଅନ୍ୟ ସ୍ଥାନରେ କରାଯାଇ ପାରିଥାନ୍ତା ବୋଲି ଆଇନଜୀବୀ ସିଂହ କହିଛନ୍ତି। ଏ ସମ୍ପର୍କରେ ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ଗଣମାଧ୍ୟମକୁ କହିଛନ୍ତି, ସ୍ୱର୍ଗଦ୍ୱାରର ବିକାଶ କରାଯିବ। ସେଥିପାଇଁ ଯାହା ପୁରୁଣା ନିର୍ମାଣ ରହିଥିଲା ତାହାର ଉଚ୍ଛେଦ କରାଯାଇଛି।

ସୂଚନାଥାଉ କି, ସ୍ୱର୍ଗଦ୍ୱାରରେ ବିଜୁ ପଟ୍ଟନାୟକଙ୍କ ସମାଧି ସ୍ଥଳ ସ୍ଥାପନ ହେବା ପରେ ଏହାକୁ ହଟାଇବା ଲାଗି ୧୯୯୯ରେ ପୁରୀ ସିଭିଲ ଜଜ୍ ଜୁନିୟର ଡିଭିଜନଙ୍କ କୋର୍ଟରେ ଟାଇଟଲ ସୁଟ୍ (୫୨/୧୯୯୯) ଫାଇଲ ହୋଇଥିଲା। ଆଇନଜୀବୀ ରମେଶ ପ୍ରସାଦ ସିଂହ, ଆଇନଜୀବୀ ବିକାଶ ଶତପଥୀ ଏବଂ ସାମାଜିକ କର୍ମୀ ଲକ୍ଷ୍ମୀନାରାୟଣ ତ୍ରିପାଠୀ ଏହି ମାମଲା ଦାଏର କରି ତୁରନ୍ତ ସ୍ୱର୍ଗଦ୍ୱାରରୁ ବିଜୁବାବୁଙ୍କ ସମାଧିସ୍ଥଳ ହଟାଇବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ କୋର୍ଟଙ୍କୁ ନିବେଦନ କରିଥିଲେ। ଦୀର୍ଘ ୨୦ ବର୍ଷ ଧରି ମାମଲା ଚାଲିଥିବାବେଳେ ଗତ ନଭେମ୍ବର ୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱର୍ଗଦ୍ୱାରର ବିକାଶ ପାଇଁ ୫ କୋଟି ଟଙ୍କା ଘୋଷଣା କରିଥିଲେ। ଏଥିସହିତ ସ୍ୱର୍ଗଦ୍ୱାରରୁ ବିଜୁବାବୁଙ୍କ ସମାଧି ପୀଠ ହଟିବ ବୋଲି ନିଷ୍ପତ୍ତି ହୋଇଥିଲା। ସ୍ୱର୍ଗତ ବିଜୁ ପଟ୍ଟନାୟକ କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଅଛନ୍ତି। ସ୍ୱର୍ଗଦ୍ୱାରରେ ବିଜୁବାବୁଙ୍କ ଉଦ୍ଦେଶ୍ୟରେ ଯାହା କିଛି ଥିଲା ସେ ସବୁ ରାଜ୍ୟବାସୀଙ୍କ ସେବାରେ ଲାଗିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ଜିଲ୍ଲା ଚିଠି
### ଭଦ୍ରକ



## ନକଲି ଆଗରେ ଅସଲି ଫିକା

ଭଦ୍ରକ ଜିଲାରେ ନକଲି ସାର୍ଟିଫିକେଟଠାରୁ ଆରମ୍ଭ କରି ବିଭିନ୍ନ ନକଲି ସାମଗ୍ରୀର କାରବାର ବଢ଼ିଚାଲିଛି। ନକଲି ସାର୍ଟିଫିକେଟ ଦେଇ ଶିକ୍ଷା ବିଭାଗରେ କେତେକ ଚାକିରି କରିଥିବା ଜଣାପଡ଼ିବା ପରେ ପ୍ରଶାସନ ପକ୍ଷରୁ ଗତ ଦୁଇବର୍ଷ ମଧ୍ୟରେ ୧୪ ଶିକ୍ଷକଙ୍କୁ ବହିଷ୍କାର କରାଯାଇଛି। ସେହିପରି ଜିଲାରେ ନକଲି ଜାତିଗତ ପ୍ରମାଣପତ୍ର ଦେଇ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଷ୍ଟାଇପେଣ୍ଡ ଲୁଟ୍ ଘଟଣା ପଦାକୁ ଆସିଛି। କେବଳ ପ୍ରମାଣପତ୍ର ନୁହେଁ ନକଲି ଜର୍ଦ୍ଦାଠାରୁ ଆରମ୍ଭ କରି ଘିଅ, ଅଟା, ମସଲା ଜାତୀୟ ଦ୍ରବ୍ୟ ଓ ଶିଶୁ ଖାଦ୍ୟ ଆଦିର ନକଲି ବ୍ୟବସାୟ ଏଠି କାୟା ବିସ୍ତାର କରି ଚାଲିଛି। ପୋଲିସ ଓ ପ୍ରଶାସନ ବାରମ୍ବାର ଚଢ଼ାଉ କରି ସହରର ପୁରୁଣାବଜାର ଅଞ୍ଚଳରୁ ଏକାଧିକ ଜର୍ଦ୍ଦା କାରଖାନା ଠାବ କରିଥିଲେ ମଧ୍ୟ ଏହି କାରବାରକୁ ରୋକିବାରେ ସଫଳ ହୋଇନାହିଁ। ବେପାରୀମାନେ ଅସଲି ବ୍ରାଣ୍ଡର ଲେବୁଲ ମାରି ନକଲି ସାମଗ୍ରୀ ଅବାଧରେ ବିକ୍ରି କରି ମୁନାଫା ଉଠାଉଛନ୍ତି। କେବଳ ଭଦ୍ରକ ସହର ନୁହେଁ ଏଠାକାର ବିଭିନ୍ନ କାରଖାନାରୁ ନକଲି ସାମଗ୍ରୀ ପ୍ରସ୍ତୁତ କରାଯାଇ ଅନ୍ୟ ଜିଲାକୁ ମଧ୍ୟ ଚାଲାଣ ହେଉଛି। ଦୋକାନ ବଜାରରେ ଉପଲବ୍ଧ ହେଉଥିବା ସାମଗ୍ରୀ ଅସଲି କି ନକଲି ଜାଣି ନ ପାରି ସାଧାରଣ ଖାଉଟିମାନେ ଠକେଇର ଶିକାର ହେଉଛନ୍ତି। ସେହିପରି ବିଭିନ୍ନ ରାସାୟନିକ ରଙ୍ଗବୋଳା ପନିପରିବା ହାଟବଜାରରେ ଉପଲବ୍ଧ ହେବା ନିତିଦିନିଆ ଘଟଣା ହୋଇଛି। ନକଲି ସାମଗ୍ରୀର ମାନ ପରୀକ୍ଷା କରି ଧରପଗଡ଼ କରିବା ଦିଗରେ ସମ୍ପୃକ୍ତ ବିଭାଗ ସଫଳ ହେଉ ନ ଥିବା ସଚେତନ ନାଗରିକମାନେ ବାରମ୍ବାର ଅଭିଯାଗ କରିଆସୁଛନ୍ତି। ଜିଲାରେ ନକଲି ସାର୍ଟିଫିକେଟର କାରବାର ଅଧିକ ଚିନ୍ତା ବଢ଼ାଇଛି। ଏହା ପଛରେ ସୁସଙ୍ଗଠିତ ର୍ୟାକେଟ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ସନ୍ଦେହ କରାଯାଉଛି। ସମ୍ପ୍ରତି ଶିକ୍ଷା ବିଭାଗ ପକ୍ଷରୁ ନକଲି ସାର୍ଟିଫିକେଟ୍ ଧରପଗଡ଼ ହେବା ପରେ କେତେଜଣ ଶିକ୍ଷକ ନିଜ ଆଡୁ ଇସ୍ତଫା ଦେଇଥିବା ଘଟଣା ଘଟିଛି। ସେହିପରି ନକଲି ଜାତିଗତ ପ୍ରମାଣପତ୍ର ବଳରେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ନାଁରେ ଷ୍ଟାଇପେଣ୍ଡ ଲୁଟ୍ ହେଉଥିବା ଅଭିଯୋଗ ହେଉଛି। ସ୍କୁଲ ଓ ଅନୁଷ୍ଠାନରେ ତାଲା ପଡ଼ିଥିଲେ ବି ସେଠାରେ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଦର୍ଶାଇ ସରକାରୀ ଅର୍ଥ ହଡ଼ପ କରାଯାଇଛି। ଚଳିତବର୍ଷ ଏନେଇ ଖୋଳତାଡ଼ କରାଯିବା ପରେ ଏଭଳି ଠକେଇ ଘଟଣା ବହୁବର୍ଷ ଧରି ଚାଲିଆସୁଥିବା ତଥ୍ୟ ପଦାକୁ ଆସିଛି। ପ୍ରକୃତରେ କେତେ ନକଲି ଛାତ୍ରୀଛାତ୍ର, କେତେ ନକଲି ସାର୍ଟିଫିକେଟ ଓ କେତେ ଦଲାଲଙ୍କ ଜରିଆରେ ସରକାରୀ ଅର୍ଥ ଆତ୍ମସାତ୍ କରାଯାଇଛି ତାହା ଏଯାଏ ଅନ୍ଧାରରେ ରହିଛି। ସେହିପରି ଜିଲାରେ ଗୋଟିଏ ନମ୍ବରରେ ଏକାଧିକ ଗାଡ଼ି ଚାଲିବା ଘଟଣା ଏଠି ନୂଆକଥା ନୁହେଁ। ଏଭଳି କାରବାର ରୋକିବା ପାଇଁ ଜିଲା ସ୍ତରରେ ଉଚ୍ଚସ୍ତରୀୟ କମିଟି ଗଠନ କରି ବ୍ୟାପକ ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି ବୋଲି ଅନେକ ମତବ୍ୟକ୍ତ କରୁଛନ୍ତି।

– ବିଭୁପ୍ରସାଦ ବେହେରା

# ପ୍ରତିଷ୍ଠା ଦିବସ ପାଳନ ଲାଗି ବିଜେଡି ସଭାପତିଙ୍କ ଚିଠି

## ସବୁ ନିର୍ବାଚନମଣ୍ଡଳୀରେ ପାଳନ ହେବ

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**

ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ପାଳନ କରାଯିବାକୁ ନେଇ ଦଳର ସମସ୍ତ ରାଜ୍ୟ କର୍ମକର୍ତ୍ତା, ପର୍ଯ୍ୟବେକ୍ଷକ, ଏମ୍‌ପି, ବିଧାୟକ, ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ସମସ୍ତ ନେତା, ଜିଲା ସଭାପତି, ଦଳୀୟ ସଂଗଠନଗୁଡ଼ିକର ପ୍ରମୁଖ ନେତା ଏବଂ ବ୍ଲକ ଓ ନଗର ସଭାପତିମାନଙ୍କୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଦ୍ୱାରା ଜଣାଇଛନ୍ତି। ଏନେଇ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ଦଳର ଉପ ସଭାପତି ଦେବୀ ମିଶ୍ର, ମୁଖପାତ୍ର ପ୍ରତାପ ଦେବ ଏବଂ ଯୁବନେତା ବିଜୟ ନାୟକ ସୂଚନା ଦେଇଛନ୍ତି।

ଦଳର ସଭାପତି ଲେଖିଥିବା ଚିଠି ସମ୍ପର୍କରେ ଉଲ୍ଲେଖ କରି ସେମାନେ ଜଣାଇଛନ୍ତି ଯେ, ଆସନ୍ତା ୨୬ ତାରିଖରେ ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ପାଳନ କରିବାକୁ କୁହାଯାଇଛି। ସମସ୍ତ କର୍ମକର୍ତ୍ତା, ଛାମୁଆ ସଂଗଠନର ସକ୍ରିୟ ସଦସ୍ୟ ପ୍ରତି ନିର୍ବାଚନମଣ୍ଡଳୀରେ ପ୍ରତିଷ୍ଠା ଦିବସ ପାଳନ କରିବେ। ଉତ୍ସର୍ଗୀକୃତ ଭାବେ ସେବା ମନୋବୃତ୍ତି ନେଇ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକ ଆଗକୁ ନେବା ସହିତ ବର୍ଷବ୍ୟାପୀ ସାଂଗଠନିକ କାର୍ଯ୍ୟ ଓ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜାରି ରଖିବେ। ଚିଠିରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଯେ ଓଡିଶାବାସୀଙ୍କ ସଦିଚ୍ଛାରେ ବିଜୁ ବାବୁଙ୍କ ଆଦର୍ଶରେ ଗଠିତ ଏହି ଦଳ ରାଜ୍ୟବାସୀଙ୍କ ଆଶା, ଆକାଂକ୍ଷାକୁ ପୂରଣ କରିବା ପାଇଁ ନିଷ୍ଠାପର ଉଦ୍ୟମ ଜାରି ରଖିଛି। ବିଜେଡିର କାର୍ଯ୍ୟକର୍ତ୍ତା ଏବଂ ତୃଣମୂଳସ୍ତରରୁ ଆରମ୍ଭ କରି ସହର, ବସ୍ତିରେ କାମ କରୁଥିବା ଅଗଣିତ କର୍ମୀଙ୍କ ନିଷ୍ଠା, ପରିଶ୍ରମ ଏବଂ କାର୍ଯ୍ୟ ଯୋଗୁ ଦଳ ଲୋକଙ୍କ ନିକଟତର ହୋଇପାରିଛି। ପ୍ରାକୃତିକ ଦୁର୍ବିପାକ ମୁକାବିଲା, ବସ୍ତି ବାସିନ୍ଦାଙ୍କୁ ଅଧିକାର ପାଇଁ କାର୍ଯ୍ୟକ୍ରମ ଆଦି ଆନ୍ତର୍ଜାତିକ ପ୍ରଶଂସା ଓ ସ୍ୱୀକୃତି ଆଣିଦେଇଛି। ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ, ମହିଳା ଓ ଯୁବକଙ୍କୁ ସଶକ୍ତୀକରଣ, ଭିତ୍ତିଭୂମି ବିକାଶ, ଖାଦ୍ୟ ନିରାପତ୍ତା, ସାମାଜିକ ନିରାପତ୍ତା, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ କାର୍ଯ୍ୟ ସର୍ବଭାରତୀୟ ସ୍ତରରେ ପ୍ରଶଂସିତ ହୋଇଛି। ମହାନଦୀ ଓ ପୋଲାଭରମ ସମସ୍ୟାର ସମାଧାନ ଲାଗି ନ୍ୟାୟିକ ଲଢେଇ ଜାରି ରହିଛି। ଜନସାଧାରଣଙ୍କ ନିକଟରେ ଉନ୍ନୟନର ଧାରା ଅଧିକତର ପହଞ୍ଚାଇବା ସକାଶେ ୫-ଟି, ମୋ ସରକାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାସହ ଜୀବନ ବିନ୍ଦୁ ଏବଂ ଓଡିଶା-ମୋ ପରିବାର କାର୍ଯ୍ୟକ୍ରମ ଚାଲିଛି। ସମସ୍ତେ ସକ୍ରିୟ ଭାବେ ଦଳର ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମରେ ଜଡିତ ରହି ୱାର୍ଡସ୍ତରରେ ଜନସାଧାରଣଙ୍କୁ ସଦସ୍ୟ ଅଭିଯାନରେ ସଂଶ୍ଲିଷ୍ଟ କରିଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇବା ସହ ନୂଆବର୍ଷର ଅଭିନନ୍ଦନ ଜଣାଇଛନ୍ତି।

# ଚିଲିକାରେ ହେବ ଫ୍ଲୋଟିଂ ରେସ୍ତୋରାଁ, ହାଉସ୍‌ବୋଟ୍

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**

- ପ୍ରବେଶଶୁଳ୍କ ମୁକ୍ତ ହେଲା 'ମେରାଇନ୍ ଡ୍ରାଇଭ୍ ଇକୋ ରିଟ୍ରିଟ୍'
- ୫ ଦିନରେ ୪୫%ରୁ ଅଧିକ ବୁକିଂ ଶେଷ
- ଶନିବାର ଭୁବନେଶ୍ୱରରୁ ଯିବ ସ୍ୱତନ୍ତ୍ର ବସ୍

ଖୁବ୍‌ଶୀଘ୍ର ଏସିଆ ମହାଦେଶର ସର୍ବବୃହତ୍ ଲୁଣାହ୍ରଦ ଚିଲିକାରେ ଆରମ୍ଭ ହେବ 'ଫ୍ଲୋଟିଂ ରେସ୍ତୋରାଁ' ବା 'ଭାସମାନ ଭୋଜନାଳୟ'। ଚିଲିକାର ରମ୍ଭା ଏବଂ ବଡ଼କୂଳରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ବ୍ୟବସ୍ଥାର ଶୁଭାରମ୍ଭ ହେବ। ଏଥିପାଇଁ ବିଭାଗ ପକ୍ଷରୁ ୬ କୋଟି ୧୦ ଲକ୍ଷ ଟଙ୍କାର ଟେଣ୍ଡର ହୋଇଥିବାବେଳେ ଆସନ୍ତା ୬ ରୁ ୭ ମାସ ମଧ୍ୟରେ ଏହି ସେବା ପର୍ଯ୍ୟଟକଙ୍କ ପାଇଁ ଉପଲବ୍ଧ ହେବ ବୋଲି ଓଟିଡିସି ଏମ୍‌ଡି ହେମାକାନ୍ତ ସଏ କହିଛନ୍ତି। ପର୍ଯ୍ୟଟକମାନେ ଚିଲିକା ଭିତରେ ବୁଲିବା ସମୟରେ ହ୍ରଦର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ସୁସ୍ୱାଦୁ ଖାଦ୍ୟର ମଜା ନେଇପାରିବେ। ଏହାବ୍ୟତୀତ ଚିଲିକାରେ ରାଜ୍ୟର ପ୍ରଥମ ହାଉସ୍‌ବୋଟ୍ ବ୍ୟବସ୍ଥା ଆରମ୍ଭ କରାଯିବ। ଏଥିପାଇଁ ପର୍ଯ୍ୟଟନ ବିଭାଗ ଅର୍ଥ ବରାଦ କରିସାରିଥିବାବେଳେ ଖୁବ୍‌ଶୀଘ୍ର ଏକ ବୈଷୟିକ ଟିମ୍ ଚିଲିକା ହ୍ରଦ ଭ୍ରମଣ କରିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ମୋଟ ୨ଟି ହାଉସ୍‌ବୋଟ୍ ଆସିବାକୁ ଥିବାବେଳେ ଆଇଆଇଟି ମାଡ୍ରାସର ଜଣେ ନାଭାଲ ଆର୍କିଟେକ୍ଟର୍ ଏହାର ଡିଜାଇନ୍ ଦାୟିତ୍ୱରେ ରହିବେ ବୋଲି ସଏ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ କୋଣାର୍କ ନିକଟ ରାମଚଣ୍ଡୀ ବେଳାଭୂମିରେ ଚାଲିଥିବା ପୂର୍ବ ଭାରତର ପ୍ରଥମ 'ଗ୍ଲାମର୍ସ କ୍ୟାମ୍ପିଂ' ଉତ୍ସବ 'ମେରାଇନ୍ ଡ୍ରାଇଭ୍ ଇକୋ ରିଟ୍ରିଟ୍'କୁ ପ୍ରବେଶଶୁଳ୍କ ମୁକ୍ତ କରିଛି ପର୍ଯ୍ୟଟନ ବିଭାଗ। ଏଣିକି ପର୍ଯ୍ୟଟକମାନେ ବିନା ଦେୟରେ ଇକୋ ରିଟ୍ରିଟ୍ ବୁଲିବା ସହ ଲାଇଭ୍ କନ୍‌ସର୍ଟର ମଜା ନେଇପାରିବେ। ପ୍ରତି ଶନିବାର ଖ୍ୟାତନାମା କଳାକାରଙ୍କ ଦ୍ୱାରା ଏଠାରେ ମ୍ୟୁଜିକାଲ କନସର୍ଟ ଆୟୋଜିତ ହେଉଥିବାବେଳେ ଆସନ୍ତା ଶନିବାର ଲୋକପ୍ରିୟ ବ୍ୟାଣ୍ଡ୍ 'ଇଣ୍ଡିଆନ୍ ଓସେନ୍' ସଙ୍ଗୀତ ପରିବେଷଣ କରିବ। ଏହାକୁ ଦୃଷ୍ଟିରେ ରଖି ଓଟିଡିସି ପକ୍ଷରୁ ଭୁବନେଶ୍ୱରରୁ ପର୍ଯ୍ୟଟକ ତଥା ଦର୍ଶକଙ୍କୁ ନେବା ଲାଗି ସ୍ୱତନ୍ତ୍ର ବସ୍ ସୁବିଧା ଉପଲବ୍ଧ କରାଯିବ। ଶନିବାର ଅପରାହ୍ନ ୪ଟାରେ ଖଣ୍ଡଗିରି, ୪ଟା ୩୦ରେ କଳିଙ୍ଗ ଷ୍ଟାଡିୟମ୍ ଏବଂ ୫ଟାରେ କଳ୍ପନାରୁ ଉକ୍ତ ବସ୍ କୋଣାର୍କ ଅଭିମୁଖେ ଯିବ। ପର୍ଯ୍ୟଟକମାନେ ଟେଣ୍ଟରେ ନ ରହିଲେ ବି ପବ୍ଲିକ୍ ଏରିଆରେ ବିଭିନ୍ନ ପ୍ରକାର ୱାଟର୍ ସ୍ପୋର୍ଟସ, ବିଚ୍ ମାର୍କେଟ୍ ଓ ଖାଦ୍ୟପେୟକୁ ଉପଭୋଗ କରିପାରିବେ। ପ୍ରାରମ୍ଭରୁ କେବଳ ପର୍ଯ୍ୟଟନ ବିଭାଗ ଏବଂ ଓଟିଡିସି ୱେବ୍‌ସାଇଟ୍‌ରେ ଇକୋ ରିଟ୍ରିଟ୍ ବୁକିଂ ସୁବିଧା ଉପଲବ୍ଧ ଥିବାବେଳେ ଏବେ ଏମ୍‌ଏମ୍‌ଟି, ଗୋଆଇବିବୋ ଏବଂ ଯାତ୍ରା ଡଟ୍ କମ୍ ୱେବ୍‌ସାଇଟ୍ ଏବଂ ମୋବାଇଲ୍ ଆପ୍‌ରେ ମଧ୍ୟ ବୁକିଂ କରିହେବ। ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ଏହି 'ଗ୍ଲାମର୍ସ କ୍ୟାମ୍ପିଂ' ଇଭେଣ୍ଟକୁ ରାଜ୍ୟ ଏବଂ ରାଜ୍ୟ ବାହାରୁ ଭଲ ରେସ୍‌ପନ୍ସ ମିଳିଥିବାବେଳେ ଏବେ ସୁଦ୍ଧା ମୋଟ ୨୨୫୦ ରୁମ୍‌ରୁ ୧୦୨୦ରୁ ଊର୍ଦ୍ଧ୍ୱ ରୁମ୍ ବୁକିଂ ହୋଇସାରିଛି। ୪୯ ଦିନର ଏହି ଉତ୍ସବ ପାଇଁ ୫ ଦିନରେ ୪୫%ରୁ ଅଧିକ ବୁକିଂ ଶେଷ ହୋଇଥିବାବେଳେ ଏମ୍‌ଏମ୍‌ଟି, ଗୋଆଇବିବୋ ଏବଂ ଯାତ୍ରା ଦ୍ୱାରା ୨୨ ଲକ୍ଷରୁ ଅଧିକ ଟଙ୍କାର ବୁକିଂ ହୋଇଥିବା ସଏ ସୂଚନା ଦେଇଛନ୍ତି।

# ପଞ୍ଚମ ପର୍ଯ୍ୟାୟ ଝାଡ଼ଖଣ୍ଡ ଭୋଟ ଆଜି

**ରାଞ୍ଚି, ୧୯।୧୨(ପି.ଟି.):** ଝାଡ଼ଖଣ୍ଡ ବିଧାନସଭାର ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟ ଲାଗି ୨୦ରେ ମତଦାନ କରାଯିବ। ଏହି ପର୍ଯ୍ୟାୟରେ ୧୬ଟି ଆସନ ଲାଗି ଭୋଟଗ୍ରହଣ କରାଯିବାକୁ ଥିବାବେଳେ ମଇଦାନରେ ୨୯ ମହିଳାଙ୍କୁ ମିଶାଇ ମୋଟ ୨୩୭ ପ୍ରାର୍ଥୀ ରହିଛନ୍ତି। ହେଭିୱେଟ୍‌ଙ୍କ ମଧ୍ୟରେ ଅଛନ୍ତି ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେମନ୍ତ ସୋରେନ୍, ୩ ମନ୍ତ୍ରୀ ରାଜ୍ ପଲିୱାର, ଲୋଇସ୍ ମାରାଣ୍ଡି, ରଣଧୀର ସିଂ ପ୍ରମୁଖ। ଭୋଟ ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ନିର୍ବାଚନମଣ୍ଡଳୀଗୁଡ଼ିକରେ ୪୦ ହଜାରରୁ ଊର୍ଦ୍ଧ୍ୱ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି। ସକାଳ ୭ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ କରାଯିବ। ପାଞ୍ଚ ପର୍ଯ୍ୟାୟ ବିଶିଷ୍ଟ ରାଜ୍ୟ ବିଧାନସଭା ଭୋଟ ଶେଷହେବା ପରେ ୨୩ରେ ଭୋଟଗଣତି କରାଯିବ।

### ଟିଆଇ ପରେଡ ଆଧାରରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

# ନିର୍ଦ୍ଦୋଷରେ ଖଲାସ କଲେ ହାଇକୋର୍ଟ

**କଟକ ଅଫିସ, ୧୯।୧୨:** ଟି.ଆଇ. ପରେଡ୍ ବା ଟେଷ୍ଟ ଆଇଡେଣ୍ଟିଫିକେଶନ୍ ଆଧାରରେ ଜଣେ ଅଭିଯୁକ୍ତଙ୍କୁ କେନ୍ଦ୍ରାପଡ଼ା ଅତିରିକ୍ତ ସେସନ୍ସ ଜଜ୍ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ମାତ୍ର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ହାଇକୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଟି.ଆଇ. ପରେଡ ଆଧାରରେ କାହାରିକୁ ଦୋଷୀ ସାବ୍ୟସ୍ତ କରାଯାଇ ତାଙ୍କ ବିରୋଧରେ ଦଣ୍ଡବିଧାନ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଫଳରେ ତଳ କୋର୍ଟର ଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିବା ସହିତ କେନ୍ଦ୍ରାପଡା ଅଞ୍ଚଳର ଶତ୍ରୁଘ୍ନ ବରାଡ଼ ନାମକ ବ୍ୟକ୍ତିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

୨୦୦୯ ସେପ୍ଟେମ୍ବର ୧୩ରେ କେନ୍ଦ୍ରାପଡ଼ାରେ ଘଟିଥିବା ଏକ ହତ୍ୟା ମାମଲାରେ ଶତ୍ରୁଘ୍ନଙ୍କୁ ତଳ କୋର୍ଟ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ମାମଲାର ବିବରଣୀ ଅନୁଯାୟୀ, ମିର ନବି ବକ୍ସ ନାମକ ଜଣେ ବ୍ୟକ୍ତି ଶତ୍ରୁଘ୍ନଙ୍କ ସହିତ ସନ୍ଧ୍ୟା ସମୟରେ ମେଡିକାଲରୁ ଘରକୁ ଆସୁଥିଲେ। ଏହି ସମୟରେ ସେମାନଙ୍କ ଉପରକୁ ଗୁଳି ଚାଳନା କରାଯାଇଥିଲା। ଗୁଳିକାଣ୍ଡରେ ମିର ନବିଙ୍କର ମୃତ୍ୟୁ ଘଟିଥିଲା। ପରେ ମିର ନବିଙ୍କ ସ୍ତ୍ରୀଙ୍କ ଏତଲା ଆଧାରରେ କେନ୍ଦ୍ରାପଡ଼ା ପୋଲିସ ଶତ୍ରୁଘ୍ନଙ୍କ ସମେତ ଏସ୍‌କେ. ସଲିମଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଥିଲା। ମାମଲାର ଶୁଣାଣି କରି ୨୦୧୦ରେ କେନ୍ଦ୍ରାପଡ଼ା ସେସନ୍ସ କୋର୍ଟ ସଲିମଙ୍କୁ ଦୋଷମୁକ୍ତ କରିବା ସହିତ ଶତ୍ରୁଘ୍ନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ତଳ କୋର୍ଟଙ୍କ ରାୟ ବିରୋଧରେ ଶତ୍ରୁଘ୍ନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଭାଜପା ଅଧ୍ୟକ୍ଷ ନିର୍ବାଚନ ସ୍ଥଗିତ

**ନୂଆଦିଲ୍ଲୀ,୧୯।୧୨ (ଆଇଏଏନ୍‌ଏସ୍):** ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ଲାଗି ନିର୍ବାଚନକୁ ଦଳ ସ୍ଥଗିତ ରଖିଛି। ଏହି ପ୍ରକ୍ରିୟା ଡିସେମ୍ବର ୧୭ରେ ଶେଷ ହେବାକୁ ଥିଲା। ଏହି ପ୍ରକ୍ରିୟା ଜାନୁୟାରୀ ୧୪ରୁ ଆରମ୍ଭ ହେବ ବୋଲି ଏକ ସୂତ୍ରରୁ ଜଣାପଡିଛି। ଭାଜପା ସମ୍ବିଧାନ ଅନୁଯାୟୀ ଅର୍ଦ୍ଧାଧିକ ରାଜ୍ୟରେ ସାଂଗଠନିକ ନିର୍ବାଚନ ଶେଷ ହେବା ପରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା କଥା। ବର୍ତ୍ତମାନ ସୁଦ୍ଧା ୧୮ ରାଜ୍ୟରେ ସାଂଗଠନିକ ନିର୍ବାଚନ ଶେଷ ହେଲାଣି। ତେବେ କେତେଜଣ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ମତରେ ଚଳିତ ମାସ ଶୁଭଙ୍କର ହୋଇ ନ ଥିବାରୁ ଅଧ୍ୟକ୍ଷ ନିର୍ବାଚନକୁ ସ୍ଥଗିତ ରଖାଯାଇଛି। ପ୍ରତି ୩ ବର୍ଷରେ ସାଂଗଠନିକ ନିର୍ବାଚନ ହୋଇଥାଏ। ସାଧାରଣ ନିର୍ବାଚନ ଯୋଗୁ ଚଳିତ ବର୍ଷ ପରିଷଦର କାର୍ଯ୍ୟକାଳ ଡିସେମ୍ବର ପର୍ଯ୍ୟନ୍ତ ବଢ଼ାଇବାକୁ ଦଳରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା।

# 'ସିଏଏ ସହ ଏନ୍‌ଆରସିକୁ ଯୋଡ଼ା ନ ଯାଉ'

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**



ଡ. ଲେନିନ୍ ମହାନ୍ତି

ପାର୍ଲାମେଣ୍ଟରେ ନାଗରିକତ୍ୱ ସଂଶୋଧନ ବିଧେୟକ(ସିଏବି) ଗୃହୀତ ହୋଇ ସାରିଛି। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏହା ଏକ ଆଇନରେ ମଧ୍ୟ ପରିଣତ ହୋଇଛି। ହେଲେ ଏହି ନୂତନ ଆଇନକୁ ବିରୋଧ କରି ଦେଶର ବିଭିନ୍ନ ସ୍ଥାନରେ ପ୍ରତିବାଦ ଜାରି ରହିଛି। ବିଶେଷ ଭାବେ ଦେଶର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ଛାତ୍ର ଆନ୍ଦୋଳନ ଦେଖା ଦେଇଛି। ଓଡ଼ିଶାରେ ଶାସନ କରୁଥିବା ବିଜେଡି ପାର୍ଲାମେଣ୍ଟର ଉଭୟ ସଦନରେ ସିଏବି ସପକ୍ଷରେ ଭୋଟ ଦାନ କରିଥିଲା। ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ସହ ସାରା ଦେଶରେ ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆରସି) ଲାଗୁ ହେବା ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ହେଲେ ସିଏବିକୁ ଆଇନରେ ପରିଣତ କରିବାକୁ ଭୋଟ୍ ଦେଇଥିବା ବିଜେଡି ଏନ୍‌ଆରସି ପ୍ରକ୍ରିୟାକୁ ବିରୋଧ କରିଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ବୁଧବାର ଏହା ସ୍ପଷ୍ଟ କରିଛନ୍ତି। ତେଣୁ ଏହି ପ୍ରସଙ୍ଗ ଉପରେ ଦଳର ଆଭିମୁଖ୍ୟ ଜାଣିବା ପାଇଁ ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତିଙ୍କ ସହ ଆଲୋଚନା କରାଯାଇଥିଲା।

➤ ବିଜେଡି ସିଏଏକୁ ସମର୍ଥନ କରିବା ପରେ ଏନ୍‌ଆରସିକୁ ବିରୋଧ କରିବା କ'ଣ ବାର୍ତ୍ତା ଦେଉଛି। ଏହାର ଏକ ଦୀର୍ଘକାଳୀନ ଉଦ୍ଦେଶ୍ୟ ରହିଛି କି ? ମୁଖ୍ୟମନ୍ତ୍ରୀ ଅନୁଭବ କଲେ କି ଯେ, ମୋଦି ସରକାର ପ୍ରତି ଲୋକଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ହୋଇଛି ?

ବିଜେଡି ଏକ ଆଞ୍ଚଳିକ ଦଳ। ହେଲେ ଜାତୀୟ ସ୍ୱାର୍ଥ କଥା ପଡ଼ିଲେ ଦଳ ସବୁ ସମୟରେ ଦେଶ ହିତକର ପଦକ୍ଷେପରେ ଛିଡା ହୋଇଛି। ସିଏଏ ଦ୍ୱାରା ଦେଶର ନାଗରିକଙ୍କ କୌଣସି ଅସୁବିଧା ହେବାର ନାହିଁ। ଏହା ଶରଣାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ। ଏହାକୁ ନେଇ କରାଯାଉଥିବା ଗୁଜବରେ ବିଶ୍ୱାସ କରା ନ ଯାଉ। ସେହିଭଳି ଏନ୍‌ଆରସି ଏକ ଭିନ୍ନ ପ୍ରସଙ୍ଗ, ଏହାକୁ ବିଜେଡି ସମର୍ଥନ କରେ ନାହିଁ ବୋଲି ଦଳୀୟ ସଭାପତି ସ୍ପଷ୍ଟ କରିସାରିଛନ୍ତି। ରାଜ୍ୟର ସ୍ୱାର୍ଥଦୃଷ୍ଟିରୁ ବିଚାର କରାଯାଇ ଏପରି ନିଷ୍ପତ୍ତି ନିଆଯାଇଛି। ମୋଦି ସରକାର ପ୍ରତି ଦେଶସାରା କ'ଣ ଆଭିମୁଖ୍ୟ ଥାଇପାରେ। ଓଡ଼ିଶାରେ ନବୀନ ବାବୁଙ୍କ ପ୍ରତି ଜନସମର୍ଥନ ରହିଛି।

➤ କେତେକ କ୍ଷେତ୍ରରେ ମୋଦି ସରକାର ପ୍ରତି କରାଯାଇଥିବା ଅକୁଣ୍ଠ ସମର୍ଥନର ପୁନର୍ବିଚାର କରାଗଲା କି। ବିନା ଏନ୍‌ଆରସିରେ ସିଏଏ ସମ୍ଭବ କି ? ଏହି ଦୁଇ ପ୍ରକ୍ରିୟା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ନୁହେଁ ତ ?

ସ୍ୱାଧୀନତା ସମୟରେ ଦେଶ ବିଭାଜନ ହୋଇଥିଲା। ଏହି ସମୟରେ ବହୁ ଲୋକ ସଂଖ୍ୟାଲଘୁଭାବେ ପାକିସ୍ତାନ, ବାଂଲାଦେଶ,ଆଫଗାନିସ୍ତାନ ଇତ୍ୟାଦି ଦେଶରେ ରହିଯାଇଥିଲେ। ହେଲେ ସେଠାରେ ଧର୍ମୀୟ ବିଦ୍ୱେଷର ଶିକାର ହୋଇ ଭାରତ ଶରଣାପନ୍ନ ହୋଇଥିଲେ। ତେଣୁ ସିଏଏ ଦ୍ୱାରା ସେମାନଙ୍କୁ ନ୍ୟାୟ ଦିଆଯାଇ ପାରିବ। ଏନ୍‌ଆରସି ପ୍ରସଙ୍ଗ ମୂଳତଃ ଆସାମକୁ ନେଇ ଉଠିଥିଲା। ଏହା ଦେଶବ୍ୟାପୀ ଲାଗୁ ହେବା ନେଇ କୌଣସି ସୂଚନା ଏଯାବତ୍ ନାହିଁ। ତେଣୁ ସିଏବିକୁ ଏନ୍‌ଆରସି ସହ ଯୋଡା ନ ଯାଉ।

➤ ପାକିସ୍ତାନ, ବାଂଲାଦେଶ ଏବଂ ଆଫଗାନିସ୍ତାନର ସଂଖ୍ୟାଲଘୁଙ୍କୁ ଶରଣ ଦେବା କଥା କହୁଛନ୍ତି। ଧର୍ମନିରପେକ୍ଷ ଭାରତ ବର୍ଷରେ ସିଏଏ ମୁସଲିମ୍‌ମାନଙ୍କ ପ୍ରତି ବିଦ୍ୱେଷ ଭାବ ସୃଷ୍ଟି କରାଯାଉ ନାହିଁ କି ?

ସିଏଏ ଏକ ସକାରାତ୍ମକ ଦିଗ। ପାକିସ୍ତାନ,ବାଂଲାଦେଶ ଏବଂ ଆଫଗାନିସ୍ତାନ ମୁସଲିମ୍ ବହୁଳ ଦେଶ,ସେଠାରେ ସଂଖ୍ୟାଲଘୁଙ୍କୁ ଅତ୍ୟାଚାର କରାଯାଇଛି। ସିଏଏରେ ଶରଣାର୍ଥୀଙ୍କୁ ନ୍ୟାୟ ଦେବା ମୁଖ୍ୟ ଉଦ୍ଦେଶ୍ୟ। ଏହା କୌଣସି ଭାବେ ଭାରତୀୟ ନାଗରିକଙ୍କୁ ପ୍ରଭାବିତ କରିବ ନାହିଁ।

➤ ମୁସଲିମ୍‌ଙ୍କୁ ବାଦ୍ ନେଇ ସିଏଏ ଦ୍ୱାରା ଅନ୍ୟ ଧର୍ମର ବ୍ୟକ୍ତିବିଶେଷଙ୍କୁ ଭାରତରେ ପରୋକ୍ଷରେ ଅନୁପ୍ରବେଶ ପାଇଁ ପ୍ରୋତ୍ସାହିତ କରୁନାହିଁ କି ?

ନାଁ, କରୁନାହିଁ। ଅତ୍ୟାଚାରିତ ହୋଇ ରହିଥିବା ସଂଖ୍ୟାଲଘୁଙ୍କ ସ୍ୱାର୍ଥ କଥା ଦେଖାଯାଇଛି। ସେମାନେ ଆଉ କୌଣସି ଦେଶକୁ ଯିବାର ସମ୍ଭାବନା ନାହିଁ। ତେଣୁ ସେମାନଙ୍କ ନାଗରିକତ୍ୱକୁ ଗୁରୁତ୍ୱ ଦିଆଯାଇଛି।

➤ ଶ୍ରୀଲଙ୍କାରୁ ଶରଣାର୍ଥୀଭାବେ ଆସିଥିବା ବ୍ୟକ୍ତିବିଶେଷଙ୍କୁ ନାଗରିକତ୍ୱ ପ୍ରଦାନ ପାଇଁ ବିଜେଡି ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ହେଲେ ଏହା ହେଲା ନାହିଁ। ଏହା କେନ୍ଦ୍ର ସରକାରଙ୍କ ସ୍ୱେଚ୍ଛାଚାର ନୁହେଁ କି ? ଜାତୀୟସ୍ତରରେ ବିଜେଡି ନିଜର ଗୁରୁତ୍ୱ ହରାଉଛି କି ?

ଓଡ଼ିଶା ଏବଂ ଶ୍ରୀଲଙ୍କାର ଐତିହାସିକ ସମ୍ପର୍କ ରହିଛି। ତେଣୁ ସେମାନଙ୍କ ପ୍ରସଙ୍ଗରେ ବିଜେଡି ଉଭୟ ସଦନରେ ଉଠାଇଥିଲା। ହେଲେ ପ୍ରାଥମିକଭାବେ ଅନ୍ୟ ଦେଶକୁ ଗୁରୁତ୍ୱ ଦିଆଯାଇଛି। ଭବିଷ୍ୟତରେ ଏହି ଦାବି ନେଇ ବିଜେଡି ନିଶ୍ଚୟ ଆଗକୁ ବଢିବ। ନବୀନ ପଟ୍ଟନାୟକ ଧର୍ମନିରପେକ୍ଷତାରେ ସର୍ବଦା ବିଶ୍ୱାସ କରନ୍ତି। ରାଜ୍ୟ ସ୍ୱାର୍ଥକୁ ସର୍ବାଧିକ ପ୍ରାଧାନ୍ୟ ଦେଇଛନ୍ତି। ଅନୁରୂପଭାବେ ଜାତୀୟ ସ୍ୱାର୍ଥ ପ୍ରସଙ୍ଗରେ ଉଚିତ ଆଭିମୁଖ୍ୟ ନେଇଥାଆନ୍ତି। ଜାତୀୟସ୍ତରରେ ବିଜେଡିର ଗୁରୁତ୍ୱ ବଢିଛି।

➤ ସିଏଏ ଏବଂ ଏନ୍‌ଆରସି କିପରି ଅଲଗା କରୁଛନ୍ତି। ଅଣମୁସଲିମ୍‌ଙ୍କୁ ସିଏଏ ନାଗରିକତ୍ୱ ପ୍ରଦାନ କରିବ। ତେବେ ବଙ୍ଗଳା କହୁଥିବା ବାଂଲାଦେଶୀ, ଯେଉଁମାନେ ରାଜ୍ୟର ମାଲକାନଗିରି ଏବଂ ଅନ୍ୟ ଜିଲାରେ ବେଆଇନ ରହୁଛନ୍ତି ସେମାନ ଉପକୃତ ହେବେ ନାହିଁ କି ?

ମାଲକାନଗିରିରେ ରହୁଥିବା ବାଂଲାଦେଶୀଙ୍କୁ ବିଭିନ୍ନ ଆଲୋଚନା ଏବଂ ବିଚାର ମାଧ୍ୟମରେ ନିଆଯାଇଛି। ସିଏଏ ରେ ନାଗରିକତ୍ୱ ପାଇଁ ରହିଥିବା ବର୍ଗରୁ ଯେଉଁମାନେ ଆସିଥିବେ, ସେମାନେ ନାଗରିକତ୍ୱ ପାଇବେ। ଯେଉଁ ମୁସଲିମ୍ ଭାଇମାନେ ବୈଧ ଆକାରରେ ଆସିଛନ୍ତି। ସେମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଆଇନ ରହିଛି। ଏହି ପ୍ରକ୍ରିୟା ଦେଇ ସେମାନଙ୍କ ନିକଟରେ ମଧ୍ୟ ଆବେଦନର ସୁଯୋଗ ରହିବ।

– ସାକ୍ଷାତ୍ : ଚିଦାନନ୍ଦ ଜେନା



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



### ‘ସରଗିଫୁଲ-୨୦୧୯’ ଉତ୍ସବ ଉଦ୍‌ଘାଟିତ

# ‘ଜନଜାତି ପିଲାଙ୍କ ଦକ୍ଷତା କୌଣସି ଗୁଣରେ କମ୍ ନୁହେଁ’

**ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ‘ସରଗିଫୁଲ’ ଗୁରୁବାର ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ବିଭାଗ ଅନ୍ତର୍ଗତ ବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି ଉତ୍ସବ ଆୟୋଜିତ ହେଉଛି। ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ଉତ୍ସବକୁ ଉଦ୍‌ଘାଟନ କରି ଅନୁସୂଚିତ ଜନଜାତି ପିଲାମାନଙ୍କ ଦକ୍ଷତା କୌଣସି ଗୁଣରେ କମ୍ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କରି ବିଦ୍ୟା ରୂପକ ଜ୍ଞାନ ଆହରଣ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ଯୋଗଦେଇ ବିଭାଗୀୟ ବିଦ୍ୟାଳୟଗୁଡ଼ିକରେ ମାଟ୍ରିକ୍ ପରୀକ୍ଷା ପାସ୍ ହାର ରାଜ୍ୟ ପାସ୍ ହାରଠାରୁ ଅଧିକ ବୋଲି କହିଛନ୍ତି। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ସୁଜିତ୍ କୁମାର ଯୋଗଦେଇ କହିଥିଲେ ଯେ, ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଆଦିବାସୀ ଜିଲାଗୁଡ଼ିକୁ ନେଇ ଯେଉଁ ଉନ୍ନୟନ ପରିଷଦ ଗଠନ କରାଯାଇଛି, ତାହା ଦେଶରେ ବିରଳ। ସଂଖ୍ୟାଲଘୁ ବ୍ୟାପାର ଉପଦେଷ୍ଟା ମୁନା ଖାଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଦିବାସୀ ଭାଷାରେ ଭାଷଣ ଦେଇ କହିଲେ, ଖାଲି ଓଡ଼ିଶାରେ ନୁହେଁ, ସାରା ଦେଶରେ ଜନଜାତି ଛାତ୍ରୀଛାତ୍ରଙ୍କ ପ୍ରତିଭା ଲୋକଲୋଚନକୁ ଆସିପାରିଛି। ଏହି ଅବସରରେ ୨୦୧୯ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ଅର୍ଜନ କରିଥିବା ୧୦୧ ଛାତ୍ରୀଛାତ୍ର ଏବଂ ଉତ୍ତମ ସେବା ସହ ବିଭିନ୍ନ ଦିଗରୁ ଶ୍ରେଷ୍ଠ ବିବେଚିତ ହୋଇଥିବା ୫୦ ହାଇସ୍କୁଲକୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହିତ ଉତ୍ସବର ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ଧନ୍ୟବାଦ ଅର୍ପଣ କରିଥିଲେ।

ତିନିଦିନ ହେବାକୁ ଥିବା ଏହି ଉତ୍ସବରେ ୮୬୭ ଛାତ୍ରୀଛାତ୍ର ଏବଂ ୧୩୮ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଛନ୍ତି। ଏଥର ସରଗିଫୁଲ-୨୦୧୯ରେ ଭାଗ ନେଉଥିବା ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ନିମନ୍ତେ ଶିଶୁ ଅଧିକାର କର୍ମଶାଳା ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଛି। ପ୍ରତ୍ୟହ ସକାଳ ୮.୩୦ରୁ ମଧ୍ୟାହ୍ନ ୧୨.୩୦ ପର୍ଯ୍ୟନ୍ତ ବରିଷ୍ଠ ଓ କନିଷ୍ଠ ବର୍ଗପାଇଁ ୩୦ କର୍ମଶାଳା ଆୟୋଜନ କରାଯାଇଛି। ଏଥିସହିତ ୧୯ ଓ ୨୦ ତାରିଖ ଅପରାହ୍ନ ୨ଟା ୩୦ରୁ ୪ଟା ୩୦ ପର୍ଯ୍ୟନ୍ତ ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୭ ବିଭାଗ ପାଇଁ ପ୍ରତିଯୋଗିତା ଆୟୋଜିତ ହେବ। ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ଜିଲାରୁ ଆସିଥିବା ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ବିଜ୍ଞାନମେଳା ଓ ଭଲିବଲ୍ ପ୍ରତିଯୋଗିତା ମଧ୍ୟ ଏହି ମହୋତ୍ସବର ଅଂଶବିଶେଷ।



ଉତ୍ସବରେ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଅନ୍ୟଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ଛାତ୍ର।

## ଆଜି କ’ଣ କେଉଁଠି

**ଅତାବିରା**
- ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ, କୁଲିତାଟୁକୁରା, ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ, ଖୁଣ୍ଟୁଲିପାଲି, ଅପରାହ୍ନ ୩ଟା।

**ଟିଟିଲାଗଡ**
- ମା’ ଘଣ୍ଟାଶୁଣୀ ଲୋକ ଉତ୍ସବ, ହାଇସ୍କୁଲ ପଡିଆ, ପୂର୍ବାହ୍ନ ୧୦ଟା ୩୦।

**ଲାଠୋର**
- ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ଲାଠୋର ଖେଳ ପଡିଆ, ଅପରାହ୍ନ ୩ଟା।

**ଲୋଇସିଂହା**
- ଲୋଇସିଂହା କଲେଜର ବାର୍ଷିକ କ୍ରୀଡା ଉଦ୍‌ଯାପନୀ, କଲେଜ ଖେଳ ପଡିଆ, ପୂର୍ବାହ୍ନ ୯ଟା।
- ଭୂମିହୀନଙ୍କୁ ଜମି ଦାବିରେ ଧାରଣା, ତହସିଲ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା।

**ଖପ୍ରାଖୋଲ**
- ପଞ୍ଚାୟତ ପ୍ରତିନିଧିମାନଙ୍କୁ ନେଇ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନାଚକ୍ର, ବ୍ଲକ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।

**ଦେବଗଡ଼**
- ଶିଶୁ ଚଳଚ୍ଚିତ୍ର ଉତ୍ସବ, ଟାଉନ ହଲ୍, ସକାଳ ସାଢ଼େ ୧୦ଟା।

**ସୁବର୍ଣ୍ଣପୁର**
- ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା, ଗାନ୍ଧୀ ପଡିଆ, ପୂର୍ବାହ୍ନ ୯ଟା।

**ସମ୍ବଲପୁର**
- ଡା. ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ କ୍ରୀଡ଼ା, ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୭ଟା।
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ଜାତୀୟ କର୍ମଶାଳା, ଅମୃତ ବିହାର ପରିସରସ୍ଥ ଅଧ୍ୟାପନା ପ୍ରକୋଷ୍ଠ-୧, ପୂର୍ବାହ୍ନ ୧୦ଟା।
- ଫୁଟବଲ ଖେଳ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ, ମେହେର ଆସୋସିଏଶନ୍ ସଭା କକ୍ଷ, ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ପଟ୍ଟନାୟକ ସ୍ମାରକୀ ବକ୍ତୃତାମାଳା, ସାର୍ବଜନୀନ ଗ୍ରନ୍ଥାଗାର ସଭା କକ୍ଷ, ସନ୍ଧ୍ୟା ସାଢ଼େ ୫ଟା।

### ତିନିଦିନିଆ ଓଡ଼ିଶା ଗସ୍ତରେ ଆସିବେ ରେଳ ସୁରକ୍ଷା କମିଶନର

# ୩ ନିର୍ମାଣାଧୀନ ପ୍ରକଳ୍ପ ନିରୀକ୍ଷଣ କରିବେ

**ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)**

ଦକ୍ଷିଣ-ପୂର୍ବ ସର୍କଲର ରେଳ ସୁରକ୍ଷା କମିଶନର ଏ.କେ. ରାୟ ରବିବାରଠାରୁ ୩ଦିନିଆ ଓଡ଼ିଶା ଗସ୍ତରେ ଆସି ପୂର୍ବତଟ ରେଳପଥର ବିଭିନ୍ନ ରେଳ ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ କରିବେ। ତାଳଚେର-ସୁନାଖଣି, ଝୁମୁରା-ଚାରମାଳ ଓ ଦେଓଗାଁ-ସଇଁତଳା ରେଳ ଲାଇନ ଦୋହରୀକରଣ କାର୍ଯ୍ୟର ନିରୀକ୍ଷଣ କରିବେ। ୧୪୯ କି.ମି. ବିଶିଷ୍ଟ ତାଳଚେର-ବିମଳାଗଡ଼ ରେଳପଥର ତାଳଚେର-ସୁନାଖଣି ମଧ୍ୟରେ ୨୦ କି.ମି. ଲାଇନ କାର୍ଯ୍ୟ ଶେଷ ହୋଇଛି। ପ୍ରଥମ ଦିନ କମିଶନର ରାୟ ଏହି ଲାଇନ୍ ନିରୀକ୍ଷଣ କରିବା ସହ ଲାଇଟ ରେଳ ଇଞ୍ଜିନର ସ୍ପିଡ୍ ଟ୍ରାଏଲ କରାଯିବ। ଏହାପରେ ତାଙ୍କ ଅନୁମୋଦନ ଅନୁସାରେ ଏହି ନବନିର୍ମିତ ରେଳପଥ କାର୍ଯ୍ୟକ୍ଷମ ହେବ। ସୋମବାର ଅନୁଗୋଳ-ସମ୍ବଲପୁର ଦୋହରୀକରଣ କାର୍ଯ୍ୟର ଝୁମୁରା-ଚାରମାଳ ରେଳ ଲାଇନ୍ ଓ ମଙ୍ଗଳବାର ସମ୍ବଲପୁର-ଟିଟିଲାଗଡ଼ ଦୋହରୀକରଣ କାର୍ଯ୍ୟର ଦେଓଗାଁ-ସଇଁତଳା ଲାଇନ୍‌ର ନିରୀକ୍ଷଣ କରିବେ।

ସୂଚନାଯୋଗ୍ୟ, ତାଳଚେର-ବିମଳାଗଡ଼ ନିର୍ମାଣାଧୀନ ରେଳ ଲାଇନ୍ କାର୍ଯ୍ୟକ୍ଷମ ହେବା ପରେ ଭୁବନେଶ୍ୱର-ରାଉରକେଲା ମଧ୍ୟରେ ଦୂରତା ୧୦୦ କି.ମି. କମିଯିବ। ଏହି ନୂଆ ଲାଇନ୍ ପାଇଁ ୧୯୨୮ କୋଟି ଟଙ୍କା ଖର୍ଚ୍ଚ କରାଯିବ। ତାଳଚେର-ସୁନାଖଣି ରେଳ ଲାଇନରେ କମିଶନରଙ୍କ ଅନୁମୋଦନ ପାଇବା ପର୍ଯ୍ୟନ୍ତ ଟ୍ରେନ କିମ୍ବା ଇଞ୍ଜିନର ପରୀକ୍ଷାମୂଳକ ଚଳାଚଳ ଜାରି ରହିବ। ଏହି ସମୟ ମଧ୍ୟରେ ରେଳ ଲାଇନଠାରୁ ଲୋକେ ଓ ଗୃହପାଳିତ ପଶୁଙ୍କୁ ଦୂରେଇ ରଖିବାକୁ ପୂର୍ବତଟ ରେଳପଥ ପକ୍ଷରୁ ପରାମର୍ଶ ଦିଆଯାଇଛି।




**ଭୁବନେଶ୍ୱର-ରାଉରକେଲା ମଧ୍ୟରେ ୧୦୦ କି.ମି. ଦୂରତା କମିବ**

# ଭିଜିଲାନ୍ସ ଜାଲରେ ଏଆର୍‌ଆଇ

**ନବରଙ୍ଗପୁର,୧୯।୧୨(ବି.ପ୍ର.):** ନବରଙ୍ଗପୁର ଜିଲା କୋଡିଙ୍ଗା ତହସିଲ ଅଧୀନ ବଡଆମ୍ବଡା ରାଜସ୍ୱ ନିରିକ୍ଷକ କାର୍ଯ୍ୟାଳୟର ଅତିରିକ୍ତ ରାଜସ୍ୱ ନିରୀକ୍ଷକ (ଏଆରଆଇ) ହରିବନ୍ଧୁ ରନ୍ଧାରୀ ୧୫ ଶହ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। କୋଷାଗୁମୁଡା ବ୍ଲକ ଅଞ୍ଚଳା ଗାଁର ଘାସିରାମ ହରିଜନଙ୍କ ଜମି ଡିମାର୍କେଶନ (ସୀମା ଚିହ୍ନଟ) ପାଇଁ ହରିବନ୍ଧୁ ୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଘାସିରାମ ୫ ଶହ ଟଙ୍କା ଦେଇଥିଲେ। କିନ୍ତୁ ଏଆରଆଇ ଡିମାର୍କେଶନ ନ କରି ଘାସିରାମଙ୍କୁ ବହୁ ହଇରାଣ କରିଥିଲେ। ଏନେଇ ଘାସିରାମ ଜୟପୁର ଭିଜିଲାନ୍ସ ଏସପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଘାସିରାମ ଗୁରୁବାର ୧୫ଶହ ଟଙ୍କା ହରିବନ୍ଧୁଙ୍କୁ କାର୍ଯ୍ୟାଳୟରେ ଦେଇଥିଲେ। ଏହି ସମୟରେ ହରିବନ୍ଧୁଙ୍କ ଠାରୁ ଭିଜିଲାନ୍ସ ଅଧିକାରୀ ମାନେ ଟଙ୍କା ଜବତ କରିବା ସହ ଗିରଫ କରି ଜୟପୁର ନେଇଥିଲେ।

# ଓଟିଡିସି ଡେଷ୍ଟିନେଶନ ୱେଡିଂ କରିବ



- ଉପହାରରେ ମିଳିବ ହନିମୁନ୍, ଆନିଭର୍ସାରି ପ୍ୟାକେଜ୍
- ସରକାରୀ କର୍ମଚାରୀଙ୍କୁ ପାନ୍ଥନିବାସରେ ୩୦% ରିହାତି

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**

ଗୋଆ, ମସୌରୀ, ଉଦୟପୁର ଭଳି ଓଡ଼ିଶାରେ ବି ହେବ ଡେଷ୍ଟିନେଶନ ୱେଡିଂ। ଆକର୍ଷଣୀୟ ପରିବେଶ ମଧ୍ୟରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ସହ ଲୋକେ ନିଜ ଅଭୁଲା ଦିନକୁ ଆହୁରି ସ୍ମରଣୀୟ କରିପାରିବେ। ମେହେନ୍ଦି, ସଙ୍ଗୀତ ସେରିମନିରୁ ଆରମ୍ଭ କରି ବିବାହ ପର୍ଯ୍ୟନ୍ତ ସବୁକିଛି ମହାଆଡ଼ମ୍ବରରେ ହେବ। ଏପରି କି ଚାହିଁଲେ ଓଲିଉଡ୍ ଓ ବଲିଉଡ୍ କଳାକାରଙ୍କୁ ମଧ୍ୟ ନିମନ୍ତ୍ରଣ କରାଯିବ। ଆଗାମୀ ବିବାହ ଋତୁକୁ ଦୃଷ୍ଟିରେ ରଖି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ପ୍ରଥମଥର ପାଇଁ ଡେଷ୍ଟିନେଶନ ୱେଡିଂ ପ୍ୟାକେଜ୍‌ର ଶୁଭାରମ୍ଭ କରାଯାଇଛି। ପ୍ରାକୃତିକ ପରିବେଶ ମଧ୍ୟରେ ରହିଥିବା ଓଟିଡିସିର କିଛି ପ୍ରମୁଖ ପାନ୍ଥନିବାସରେ ଏହି ପ୍ୟାକେଜ୍ ଉପଲବ୍ଧ ହେବ। ପ୍ରଥମ ପର୍ଯ୍ୟାୟରେ ଚିଲିକା କୂଳରେ ଥିବା ରମ୍ଭା ଓ ବଡ଼କୁଲ ପାନ୍ଥନିବାସ, ଗୋପାଳପୁର, ଚାନ୍ଦିପୁର, ପୁରୀ ଓ କୋଣାର୍କ ପାନ୍ଥନିବାସରେ ଏହି ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି କହିଛନ୍ତି ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ର।

ଗୁରୁବାର ଭୁବନେଶ୍ୱର ପାନ୍ଥନିବାସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ମିଶ୍ର କହିଥିଲେ, ରାଜ୍ୟ ଏବଂ ରାଜ୍ୟ ବାହାରର ପର୍ଯ୍ୟଟକମାନେ ନିଜ ବନ୍ଧୁ ପରିଜନଙ୍କ ବିବାହ ଉତ୍ସବ ଉପରୋକ୍ତ ପାନ୍ଥନିବାସ ଗୁଡ଼ିକରେ କରିପାରିବେ। ସାଜସଜ୍ଜାରୁ ଆରମ୍ଭ କରି କ୍ୟାଟରିଂ ପର୍ଯ୍ୟନ୍ତ, ସମ୍ପୂର୍ଣ୍ଣ ବିବାହ ଉତ୍ସବର ଦାୟିତ୍ୱ ଓଟିଡିସି ବହନ କରିବ। ଅତିଥିଙ୍କ ରହଣି ସହ ଖାଦ୍ୟ, ପାନୀୟ, ବ୍ୟାଣ୍ଡବାଜା, ଫ୍ଲୋରାଲ ଡେକୋରେଶନ, ମେହେନ୍ଦି ଓ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ୱତନ୍ତ୍ର ବିଡ଼ସିଆନ୍, ସାଂସ୍କୃତିକ କାର୍ଯ୍ୟକ୍ରମ, ଭିଡ଼ିଓଗ୍ରାଫି ଓ ନିକଟସ୍ଥ ପର୍ଯ୍ୟଟନସ୍ଥଳୀକୁ ଭ୍ରମଣ ସୁବିଧା ସବୁକିଛି ଯୋଗାଇ ଦିଆଯିବ। କେବଳ ଏତିକି ନୁହେଁ, ନିଗମ ପକ୍ଷରୁ ବର ଓ କନ୍ୟାଙ୍କୁ ମାଗଣାରେ ୨ ରାତି ଓ ୩ ଦିନର ଏକ ହନିମୁନ୍ ପ୍ୟାକେଜ୍ ମଧ୍ୟ ଉପହାରଭାବେ ଦିଆଯିବ। ଏହାସହ ଦୁଇଟି ଆନିଭର୍ସାରି ପ୍ୟାକେଜ୍ ବି ମାଗଣାରେ ମିଳିବ। ମୋଟ ୫୦ ଅତିଥିଙ୍କ ପାଇଁ ଅତିକମ୍‌ରେ ପ୍ୟାକେଜ୍‌ର ଦାମ୍ ୨ଲକ୍ଷ ୧୭ ହଜାର ରହିଥିବାବେଳେ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପଲବ୍ଧ କରାଇବାକୁ ହେଲେ ପ୍ରାୟ ୪ଲକ୍ଷ ୭୫ ହଜାର ଦେବାକୁ ପଡ଼ିବ। ଏଥିପାଇଁ ଗ୍ରାହକ ଓଟିଡିସି ୱେବ୍‌ସାଇଟ ସହ ମେକ୍ ମାଇଁ ଟ୍ରିପ୍ (ଏମ୍‌ଏମ୍‌ଟି), ଗୋଆଇବିବୋ ଓ ଯାତ୍ରା ଡଟ୍ କମ୍‌ରେ ବୁକିଂ କରିପାରିବେ। ଏହାବ୍ୟତୀତ ପାନ୍ଥନିବାସରେ ରହଣି ପାଇଁ ମଧ୍ୟ ପର୍ଯ୍ୟଟକମାନେ ଏହି ଆପ୍ ଏବଂ ୱେବ୍‌ସାଇଟରେ ବୁକିଂ କରିପାରିବେ ବୋଲି ମିଶ୍ର ସୂଚନା ଦେଇଛନ୍ତି। ଏହାଛଡ଼ା ପଶ୍ଚିମ ଓଡ଼ିଶାର କଳାହାଣ୍ଡି ଓ ବଲାଙ୍ଗୀର ଜିଲା ପର୍ଯ୍ୟଟନସ୍ଥଳୀଗୁଡ଼ିକ ଭ୍ରମଣ ପାଇଁ ୨ଟି ବସ୍ ଯୋଗାଇ ଦିଆଯିବ। ପ୍ରଥମଥର ପାଇଁ ରାଜ୍ୟ, ଅନ୍ୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଅଧୀନରେ କାମ କରୁଥିବା ସରକାରୀ କର୍ମଚାରୀମାନଙ୍କୁ ପାନ୍ଥନିବାସରେ ୩୦% ରିହାତି ମିଳିବ ବୋଲି ଘୋଷଣା କରାଯାଇଛି।

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR**

**TENDER CALL NOTICE**

No. HO/CIVIL/T&E-E-3809/04/2019/21981 Dt.:17.12.19

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

No.: CAD-714: Name of the Work : Overhauling, Testing, Commissioning with additional spare parts and lubricants of HVAC System (4 × 400TR + 1 × 200TR Chiller of ‘Blue Star’ make with associated pumps, AHU, Cooling Tower and chilled water pipe lines) with SITC of Control Console panel with associates cabling works at Tower - 2010, Mancheswar I.E. Bhubaneswar.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (Civil), IDCO, IDCO Towers, Janpath, Bhubaneswar | Bid ID No. CIVIL/ EST/23/2019-20 | 12.00 Hours of Dt.26.12.2019 | 17.00 Hours of Dt.07.01.2020 |

Further details can be seen from the e-procurement portal **www.tendersodisha.gov.in**. Corrigendum or Addendum, if any will not be published in newspapers and can be seen in e-procurement portal as well as in IDCO website.

Sd./- Chief General Manager (Civil)
IDCO, Bhubaneswar

14003/11/0029/1920

**OFFICE OF THE MUNICIPALITY, PATTAMUNDAI**

No. 5406 dt. 19.12.19

**E- PROCUREMENT NOTICE**

**Bid Identification No. PM-06/2019-20**

The Executive Officer, Pattamundai Municipality, invites percentage wise rate bids for execution of civil works as detailed in the DTCN from Govt. Registered Contractors having valid license. The bidders should submit bids as per their eligibility.

1. Total No. of work for which tender invited- 50 Nos.
2. Place of execution- in Pattamundai Municipal area.
3. Estimated cost of individual work- Rs. 1,99,323/- to Rs. 20,00000/-.
4. Eligible class of contractor- Govt. registered contractors as per OPWD code.
5. The Bid documents will be available in the website from 11.00 AM on dt. 20.12.2019 upto 5 Pm 30.12.2019 for online bidding.
6. The bid documents will be opened at 11.00 AM on dt. 02.01.2020.
7. The bidder has to participate in online bidding only. Further details can be seen from the e-procurement portal **http://www.tendersorissa.gov.in**.

Sd./- Executive Officer, Pattamundai Muicipality

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, Left Canal Division No.III,**
At/P.o- Duburi, Dist.- Jajpur, Odisha, Pin- 755026
Email ID - eelcd3@gmail.com / eelcd3@yahoo.com

No.497-A

**QUOTATION CALL NOTICE No.05/2019-20**

| | | |
|---|---|---|
| PROCUREMENT OFFICER | : | EXECUTIVE ENGINEER, Left Canal Division No.III, At/P.o- Duburi, Dist.- Jajpur, Odisha |
| NAME OF WORK | : | “Procurement of Software for computation of earthwork quantity of Canal section for JICA Project, BLB, Sukinda for the year 2019-20 |
| ESTIMATED COST PUT TO QUOTATION | : | 2.13 Lakh (Appx) |
| PERIOD OF COMPLETION | : | 15 days |
| AVAILABILITY OF QUOTATION FOR SALE | : | From Dt.23.12.2019 at 10.00 A.M. to Dt.03.01.2020 Upto 12.00 P.M. |
| LAST DATE OF SALE | : | 03.01.2020 up to 12.00 P.M. |
| DATE, TIME AND PLACE FOR OPENING OF BID | : | Dt.03.01.2020 at 3.30 P.M. E.E., LCD No.III, Duburi |

Other details can be obtained from Executive Engineer, Left Canal Division No.III, Duburi

Sd./- Executive Engineer
Left Canal Division No.III
Duburi

32367/11/0001/1920

**OFFICE OF THE DIVISIONAL FOREST OFFICER MAHANADI WILDLIFE DIVISION, NAYAGARH**
Tel.:-06753-254015, Fax:-06753-253971, e-mail: mahanadiwl.dfo@gmail.com

**NOTIFICATION**

No.: MM-115: This is for information of all concerned that the following Forest Roads of Mahanadi Wildlife Division in the Districts of Nayagarh & Boudh will remain closer to traffic on 30.12.2019 from zero hour to 24 hours inaccordance with the Rule 284 of the Odisha Forest Department Code, 1979. The movement of traffic on the above date as specific will be violation of Section- 26 of Odisha Forest Act, 1972 and hence will be liable for prosecution.

| Sl. No. | Name of the District | Name of the Forest Road | Lenth in K.M. |
|---|---|---|---|
| 1 | Nayagarh | Gochhabari - Buriapaju | 9.8 |
| 2 | | Geregedi - Duising | 13 |
| 3 | | Sanasilinga - Badmul | 12 |
| 4 | | Duising - Janakjhola | 7 |
| 5 | | Geregedi - Sulia Parvata | 18 |
| 6 | | Bhabapur - Padmtola | 15 |
| 7 | Boudh | Satakhanda - Kutibari | 5 |

Sd./- Divisional Forest Officer
Mahanadi Wildlife Division, Nayagarh

08017/11/0002/1920

**OBSERVATION HOME & SPECIAL HOME, ROURKELA**
**(Child Care Institution)**

Applications are invited from the eligible candidates to be engaged on purely contractual consolidated remuneration basis for different posts lying vacant in Observation Home & Special Home, Rourkela.

The interested Candidates may submit a complete Bio-data with Certificates of Academic & Experience with recent passport size photograph duly self attested should reach by Speed Post/ Registered Post only at the office of the Additional District Magistrate, Sundargarh before 5 PM of 06.01.2020. The candidates are to mention the name of post applied for specifically on the application. Incomplete application or application received after the due date shall be rejected.

| Sl. No. | Name of the Post | No. of Vacancy | Age | Qualification | Monthly Remuneration |
|---|---|---|---|---|---|
| 1 | Counsellor | 2 | 21-35 years | Post Graduates preferably in Sociology/Psychology (Child Psychology)/ Social Work or Social Science with computer skills | Rs. 17,500.00 |
| 2 | Probation Officer/ Case Worker/ Child Welfare Officer | 3 | 21-35 years | Master’s Degree in Social Work, Sociology, Anthropology, Psychology, or any other related field of Humanities or MBA (HR) or any other Master’s Degree and familiarity with computers | Rs. 17,500.00 |
| 3 | House Mother/ Father | 4 | 21-35 years | Graduate in any discipline, preference will be for Home Science, Psychology, Sociology graduates | Rs. 11,000.00 |
| 4 | Store Keeper-cum-Accountant | 1 | 21-35 years | P.G. preferably in Commerce/ MBA (Finance) | Rs. 14,000.00 |
| 5 | Paramedical Staff | 1 | 21-35 years | Compounder/ Pharmacist/ having Diploma in Ayurvedic/ Homeopathic/ Unani from the institution recognized by Govt. of India | Rs. 9,000.00 |
| 6 | Cook | 1 | 21-35 years | Under Matric | Rs. 6,000.00 |
| 7 | Helper | 1 | 21-35 years | Under Matric | Rs. 6,000.00 |

The posts are purely scheme based consolidated contractual and temporary in nature. Period of Engagement may be extended for further period, based upon satisfactory performance. These are not the permanent post and permanent job cannot be claimed.

The Merit list shall be drawn up on the basis of weightage percentage of marks obtained in all categories mentioned in the table above, in case more than on candidate has equal weightage marks, the candidate with past experience of working with children will be given preference. The decision of selection committee in this regard shall be final.

Additional District Magistrate, Sundargarh

**ODISHA STATE CIVIL SUPPLIES CORPORATION LIMITED, DHENKANAL**

No.: 4585 Dated: 17.12.2019

**TENDER CALL NOTICE**

No.: CAD-710: Sealed tenders are invited from interested reputed Travel Agencies/Tour Operators or Private individuals for providing **01(one) No. of vehicle in the model BOLERO (Power plus SLEBS4)** having sitting capacity more than five including driver, which shall confirm to the terms and conditions (Annexure-II) for supervision of Paddy Procurement Operation for the KMS: 2019-20 in the office of the CSO-cum-District Manager, OSCSC Ltd., Dhenkanal on monthly basis:

1. The vehicle must be in road worthy condition & shall not be more than 3 years old from the date of initial registration and must have valid Registration certificate, Insurance certificate, Fitness certificate,valid Contract Carriage permit, proof of up to date Tax payment etc., which are mandatory for paying of vehicle.
2. The driver of vehicle must have a valid driving license for driving light transport passenger vehicle and should be sufficiently experienced in driving transport vehicle.
3. The driver should be well behaved, gentle & obedient in nature.
4. A sum of **Rs.5000.00** shall be deposited by intending bidders in shape of account payee Bank Draft drawn in favour of the CSO-cum-District Manager, OSCSC Ltd., Dhenkanal and submitted along with tender as security deposit. After completion of tender process the amount will be refundable to unsuccessful bidders.
5. The monthly rate of hire charge be quoted separately in the general bid information (excluding Fuel and lubricants).
6. The vehicle must achieve a fuel efficiency of 10 kms per liter.
7. The details of the make and year of manufacture of the vehicle, registration no, milage (kms covered per litre) and name of the driver with Driving licence No. and period of validity should be specifically provided in the general bid information to be furnished with the Tender (Annexure -III ).
8. The tender completed in all respect should reach the undersigned on or before **31.12.2019 by 2.30 P.M.** through **Regd. Post / Speed Post / Courior Service** only. **The Technical Bid shall be opened on Dt.31.12.2019 at 4.00 P.M. and the Price Bid shall be opened on the same day at 5.00 P.M.** in presence of the bidders or their authorized representatives.
9. The application form of tender containing General Bid information & Term and condition for hiring of vehicle etc. will be available in the District Portal i.e. **www.dhenkanal.nic.in** from **Dt.20.12.2019 to Dt.30.12.2019** which can be downloaded & submitted with a Demand Draft of **Rs.100/-** in favour of the District Manager, OSCSC ltd., Dhenkanal towards the cost of the application form.

Sd./- CSO-cum-District Manager
OSCSC Ltd., Dhenkanal

07005/11/0001/1920

# ସିନ୍ଧୁଙ୍କ ପାଇଁ ସ୍ମରଣୀୟ

**୨୦୧୯ ଏବେ ଶେଷ ହେବାକୁ ଯାଉଛି। ଆଉ ଦିନ କେଇଟା ପରେ ନୂଆବର୍ଷ ପଦାର୍ପଣ କରିବ। ଏହି ବର୍ଷ ଜାତୀୟ କ୍ରୀଡ଼ା ପାଇଁ ବିଶେଷ ମହତ୍ତ୍ୱ ରଖୁଛି। ଭାରତ ଓ ଭାରତୀୟ ଖେଳାଳିମାନେ ମିଶ୍ର ପ୍ରଦର୍ଶନ କରି ଉଭୟ ସଫଳତା ଓ ବିଫଳତାର ସମ୍ମୁଖୀନ ହୋଇଛନ୍ତି। ଆଇସିସି ବିଶ୍ୱକପ୍‌ରେ ଭାରତର ବିପର୍ଯ୍ୟୟ ସମସ୍ତଙ୍କୁ ନିରାଶ କରିଥିଲା। ତେବେ ଅଷ୍ଟ୍ରେଲିଆ ମାଟିରେ ଭାରତ ପ୍ରଥମଥର ପାଇଁ ଟେଷ୍ଟ ସିରିଜ ଜିତି ଇତିହାସ ସୃଷ୍ଟି କରିଥିଲା। ସାଫ୍ ଫୁଟବଲରେ ମହିଳା ଓ ପୁରୁଷ ବର୍ଗର ଏକାଧିକ ପ୍ରତିଯୋଗିତାରେ ଭାରତ ବାଜି ମାରିଥିଲା। ଭାରତରେ ଏନ୍‌ବିଏର ସଫଳ ପଦାର୍ପଣ ହୋଇଥିଲା। ପି.ଭି. ସିନ୍ଧୁ ପ୍ରଥମ ଭାରତୀୟ ଭାବେ ବିଶ୍ୱ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ଜିତି ଇତିହାସ ସୃଷ୍ଟି କରିବା ମଧ୍ୟ ଏକ ଉଲ୍ଲେଖନୀୟ ଘଟଣା ଥିଲା।**

## ସଫଳତା

ଡେଭିସ୍‌କପ୍‌ରେ ଭାରତ ୪-୦ରେ ପାକିସ୍ତାନକୁ ପରାସ୍ତ କରି କ୍ଲିନ୍ ସୁଇପ୍ କରିଛି। ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍ ଶୀର୍ଷରେ କୋହଲି। ଦୀପକ ପୁନିଆ 'ଜୁନିୟର ଫ୍ରିଷ୍ଟାଇଲ ରେସଲର ଅଫ ଦି ଇୟର' ବିବେଚିତ। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ମହିଳା ଓ ଟି୨୦ ଦଳରେ ସ୍ମୃତି ମନ୍ଧାନା। ୨୦୨୦ ଅଲିମ୍ପିକ୍ସ ଲାଗି ଭାରତୀୟ ପୁରୁଷ ଓ ମହିଳା ହକି ଦଳର ଯୋଗ୍ୟତା ଅର୍ଜନ। ଭାରତ ବି' ଜିତିଲା ଦେଓଧର ଟ୍ରଫି। ଦିନିକିଆ ସିରିଜରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩-୦ରେ ଭାରତର ସିରିଜ କ୍ଲିନ୍ ସୁଇପ୍। ୧୫ ବର୍ଷରୁ କମ୍ ସାଫ୍ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ବାଂଲାଦେଶକୁ ହରାଇ ଭାରତ ଚାମ୍ପିୟନ। ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ରେ ଦବଙ୍ଗ ଦିଲ୍ଲୀକୁ ୩୪-୩୯ରେ ହରାଇ ବେଙ୍ଗଲ ୱାରିୟର୍ସ ଚାମ୍ପିୟନ। ତାମିଲନାଡୁକୁ ହରାଇ କର୍ନାଟକ ଜିତିଲା ବିଜୟ ହଜାରେ ଟ୍ରଫି। ଆଇସିସି ମହିଳା ଇମର୍ଜିଂ ଟିମ୍ ଏସିଆକପ୍‌ରେ ଶ୍ରୀଲଙ୍କାକୁ ହରାଇ ଭାରତ ଚାମ୍ପିୟନ। ୧୫ ବର୍ଷରୁ କମ୍ ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ରେ ନେପାଳକୁ ୭-୦ ଗୋଲରେ ହରାଇ ଭାରତ ଚାମ୍ପିୟନ। ସିନ୍ଧୁ ଜିତିଲେ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ। ମହାରାଷ୍ଟ୍ରକୁ ୮ ଉଇକେଟରେ ହରାଇ କର୍ନାଟକ ସୟଦ ମୁସ୍ତାକ ଅଲି ଟ୍ରଫି ଚାମ୍ପିୟନ। ଏଫ୍‌ସି ଗୋଆକୁ ହରାଇ ବେଙ୍ଗାଲୁରୁ ଏଫ୍‌ସି ନୂଆ ଆଇଏସ୍‌ଏଲ୍ ଚାମ୍ପିୟନ। ନେପାଳକୁ ୩-୧ ଗୋଲରେ ହରାଇ ଭାରତ ୫ମ ଥର ପାଇଁ ସାଫ୍ ଚାମ୍ପିୟନ। ଆଇପିଏଲ୍ ଦ୍ୱାଦଶ ସଂସ୍କରଣରେ ଚେନ୍ନାଇକୁ ୧ ରନରେ ହରାଇ ମୁମ୍ବାଇ ଚତୁର୍ଥଥର ପାଇଁ ଚାମ୍ପିୟନ। ରୋହିତଙ୍କ ପଞ୍ଚମ ଆଇପିଏଲ୍ ଟାଇଟଲ। ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ସର୍ବବୃହତ୍ (୪-୧) ଦିନିକିଆ ସିରିଜ ବିଜୟ। ୭୧ ବର୍ଷ ପରେ ଅଷ୍ଟ୍ରେଲିଆ ମାଟିରେ ଭାରତ ଟେଷ୍ଟ ସିରିଜ ଜିତିଲା। ପ୍ରୋ କବାଡ଼ି ଲିଗ୍‌ରେ ଗୁଜରାଟ ଫର୍ଚ୍ୟୁନ ଜ୍ୟାଣ୍ଟ୍ସକୁ ହରାଇ ବେଙ୍ଗାଲୁରୁ ବୁଲ୍ସ ଚାମ୍ପିୟନ।



ଆଇପିଏଲ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଦଳ

## ରେକର୍ଡ

ପୂର୍ବତନ ଭାରତୀୟ ମହିଳା କ୍ରିକେଟର ଜି.ଏସ୍. ଲକ୍ଷ୍ମୀ ପ୍ରଥମ ମହିଳା ଭାବେ ପୁରୁଷ ଦିନିକିଆରେ ରେଫରୀ ଦାୟିତ୍ୱରେ ନିଯୁକ୍ତ ହୋଇଛନ୍ତି। ଜାତୀୟ ଜୁନିୟର ଆଥଲେଟିକ ଚାମ୍ପିୟନଶିପ୍‌ରେ ହରିୟାଣାର ପରଶାନ୍ତ ସିଂ କହ୍ନେୟା ପୋଲ ଭୋଲ୍ଟରେ ୩୩ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଲେ। ସର୍ବକନିଷ୍ଠ ଅଧିନାୟକ ଭାବେ ଦେଓଧର ଟ୍ରଫି ଫାଇନାଲ ଖେଳି ଶୁବମନ ଗିଲ୍ ବିରାଟ କୋହଲିଙ୍କୁ ପଛରେ ପକାଇଲେ। ୫୧ ଦିନିକିଆ ଖେଳି ସ୍ମୃତି ମନ୍ଧାନା ୨୦୦୦ ରନ କରିବା ସହ କୋହଲିଙ୍କୁ ପଛରେ ପକାଇଛନ୍ତି। ଦେଶର ସର୍ବ କନିଷ୍ଠ ଖେଳାଳିଭାବେ ଶେଫାଳୀ ବର୍ମା ଆନ୍ତର୍ଜାତୀୟ କ୍ରିକେଟରେ ଅର୍ଦ୍ଧଶତକ ହାସଲ କରି ୩୦ ବର୍ଷର ରେକର୍ଡ ଭାଙ୍ଗିବା ସହ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇଛନ୍ତି। ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟରେ କର୍ନାଟକର ଅଭିମନ୍ୟୁ ମିଥୁନ ହରିୟାଣା ବିପକ୍ଷ ମ୍ୟାଚ୍‌ରେ ହ୍ୟାଟ୍ରିକ ନେବା ସହ ଗୋଟିଏ ଓଭରରେ ୫ ଉଇକେଟ ହାସଲ କରିଛନ୍ତି। ବିଶ୍ୱର ଦ୍ରୁତତମ ବାମହାତୀ ବୋଲରଭାବେ ରବୀନ୍ଦ୍ର ଜାଡେଜା ୨୦୦ ଟେଷ୍ଟ ଉଇକେଟ ଅକ୍ତିଆର କଲେ। ଓପନର ଭାବେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଥମ ଟେଷ୍ଟର ଦୁଇଟି ଇନିଂସରେ ଶତକ ହାସଲ କରି ରୋହିତ ଶର୍ମା ରେକର୍ଡ କରିଛନ୍ତି। ମିଥାଲି ରାଜ ପ୍ରଥମ ମହିଳା କ୍ରିକେଟର ଭାବେ ଦୁଇ ଦଶନ୍ଧି ଖେଳିବାର ରେକର୍ଡ କରିଛନ୍ତି। ୬୧ଟି ଟେଷ୍ଟ ଖେଳି ରନ୍ ଆଉଟ ନ ହୋଇ ଅଜିଙ୍କ୍ୟ ରହାନେଙ୍କ ରେକର୍ଡ। ପ୍ରତିପକ୍ଷ ଦଳକୁ ସର୍ବାଧିକ ଫଲୋଅନ ଡାକିବାରେ ଅଧିନାୟକ କୋହଲିଙ୍କ ରେକର୍ଡ। ପଙ୍କଜ ଆଡଭାନୀ ଜିତିଲେ ୨୨ତମ ବିଶ୍ୱ ଟାଇଟଲ। ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜକୁ ୩୧୮ ରନରେ ହରାଇ ବିଦେଶରେ ଭାରତ ସର୍ବବୃହତ୍ ବିଜୟ ହାସଲ କଲା। ଗୋଟିଏ ବିଶ୍ୱକପ୍‌ରେ ରୋହିତ ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ସର୍ବାଧିକ ୫ଟି ଶତକ ଅର୍ଜନ କରି ରେକର୍ଡ କରିଛନ୍ତି। ସର୍ବାଧିକ ୧୦୮ଟି ମ୍ୟାଚ୍ ଖେଳି ସୁନୀଲ ଛେତ୍ରୀ ବାଇଚୁଙ୍ଗ ଭୁଟିଆ (୧୦୭)ଙ୍କୁ ପଛରେ ପକାଇଛନ୍ତି। ଫୋର୍ବ୍ସ ସର୍ବାଧିକ ଆୟକାରୀ ତାଲିକାରେ କୋହଲି। ଦିନିକିଆରେ କୋହଲି ଦ୍ରୁତତମ ୧୧,୦୦୦ ରନ କରିବାରେ ସଚିନଙ୍କୁ ପଛରେ ପକାଇଛନ୍ତି। ବିଶ୍ୱର ଦ୍ରୁତତମ ବ୍ୟାଟ୍ସମ୍ୟାନ ଭାବେ କୋହଲି ଅନ୍ତର୍ଜାତୀୟ କ୍ରିକେଟରେ ୨୦,୦୦୦ ରନ ପୂରଣ କଲେ। ଅଷ୍ଟ୍ରେଲିଆକୁ ହରାଇ ଭାରତ ୫୦୦ତମ ଦିନିକିଆ ବିଜୟ ହାସଲ କଲା। ଆଇପିଏଲ୍‌ରେ ମୁମ୍ବାଇର ୧୦୦ତମ ବିଜୟ। ଦିନିକିଆରେ ଧୋନୀ ୧୦,୦୦୦ ରନ ପୂରଣ କଲେ। ବିଶ୍ୱର ସର୍ବକନିଷ୍ଠ ବ୍ୟକ୍ତି ଭାବେ ସତ୍ୟରୂପ ସିଦ୍ଧାନ୍ତ ୭ଟି ଉଚ୍ଚତମ ଶୃଙ୍ଗ ଓ ଆଗ୍ନେୟଗିର ଆରୋହଣ କଲେ। ମିଥାଲି ରାଜ ୨୦୦ତମ ଦିନିକିଆ ଖେଳି ରେକର୍ଡ କରିଛନ୍ତି। ୫ଥର ହ୍ୟାଟ୍ରିକ ଛକା ମାରି ଦିନିକିଆ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିଶ୍ୱ ରେକର୍ଡ। ଟି୧୦ରେ ଯୁବରାଜ ସିଂଙ୍କ ପଦାର୍ପଣ। ଆମେରିକାର ବାସ୍କେଟବଲ ଲିଗ୍ ଏନ୍‌ବିଏ ଭାରତରେ ପଦାର୍ପଣ କଲା।

## ନୂଆ ଦାୟିତ୍ୱ

ଭାରତୀୟ ତାରକା ଓପନର ରୋହିତ ଶର୍ମା ଲା ଲିଗା ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ। ସ୍ୱିଡେନର ଥୋମସ ଡେନର୍ବି ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ପାଇଁ ଭାରତୀୟ ମହିଳା ଦଳର କୋଚ୍ ନିଯୁକ୍ତ। ପୂର୍ବତନ ହକି ଅଧିନାୟକ ସନ୍ଦୀପ ସିଂ ହରିୟାଣା କ୍ରୀଡ଼ାମନ୍ତ୍ରୀ ନିଯୁକ୍ତ। ସୌରଭ ଗାଙ୍ଗୁଲି ବିସିସିଆଇ ୩୯ତମ ସଦସ୍ୟ ନିର୍ବାଚିତ। ଅମୋଲ ମଜୁମ୍‌ଦାର ଦକ୍ଷିଣ ଆଫ୍ରିକା ବ୍ୟାଟିଂ କୋଚ୍। ଏସିଆନ୍ ଆଥଲେଟିକ ଆସୋସିଏଶନ (ଏଏଏ) କମିଶନ ମେମ୍ବର ହେଲେ ପି.ଟି. ଉଷା। ରବି ଶାସ୍ତ୍ରୀ ଟିମ୍ ଇଣ୍ଡିଆ ହେଡ କୋଚ୍ ପଦ ବଜାୟ ରଖିଲେ। ପୂର୍ବତନ ସ୍ପିନର ନରେନ୍ଦ୍ର ହିରୱାନୀ ଜାତୀୟ ମହିଳା ଦଳର ସ୍ପିନ ପରାମର୍ଶଦାତା। ଆଇସିସି ହଲ୍ ଅଫ୍ ଫେମ୍‌ରେ ସଚିନ ତେନ୍ଦୁଲକର ସାମିଲ। ଗ୍ରାହାମ ରିଡ ଭାରତୀୟ ପୁରୁଷ ହକି କୋଚ୍ ନିଯୁକ୍ତ। ଏଆଇଏଫ୍‌ଏଫ୍ ଅଧ୍ୟକ୍ଷ ପ୍ରଫୁଲ୍ଲ ପଟେଲ ଫିଫା ସଦସ୍ୟ ନିର୍ବାଚିତ। କ୍ରୋଏସିଆର ଇଗର ଷ୍ଟିମାକ ଭାରତୀୟ ଫୁଟବଲ ହେଡ କୋଚ ନିଯୁକ୍ତ। ନରିନ୍ଦର ବାତ୍ରା ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ସଦସ୍ୟ ଭାବେ ନିଯୁକ୍ତ।



ରମାକାନ୍ତ ଆଚରେକରଙ୍କ ସହ ସଚିନ ଓ କାମ୍ବଲି



ଯୁବରାଜ ସିଂ



ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି



ପି.ଭି. ସିନ୍ଧୁ

## ପୁରସ୍କାର

ଟାଇମ ୧୦୦ ପ୍ରଭାବଶାଳୀ ତାଲିକାରେ ଦୂତୀ ଚାନ୍ଦ। ବିରାଟ କୋହଲି ପିପୁଲ୍ସ ଫର ଦି ଏଥିକାଲ ଟ୍ରିଟ୍‌ମେଣ୍ଟ ଅଫ୍ ଆନିମଲ୍ସ (ପେଟା) ଇଣ୍ଡିଆ ପର୍ସନ ଅଫ୍ ଦି ଇୟର। ପ୍ରିମିୟର ବ୍ୟାଡମିଣ୍ଟନ ଲିଗ୍ (ପିବିଏଲ୍) ଖେଳାଳି ନିଲାମରେ ପି.ଭି. ସିନ୍ଧୁ ଓ ତାଇ ଜୁ ୟିଙ୍ଗ୍ ସବୁଠାରୁ ଦାମୀ। ତୀରନ୍ଦାଜରେ ଦୀପିକା କୁମାରି, ଅଙ୍କିତା ଭକ୍ତଙ୍କୁ ଅଲିମ୍ପିକ୍ ଯୋଗ୍ୟତା। ଟୋକିଓ ଅଲିମ୍ପିକ୍ସରେ ଭାରତକୁ ଆତିଥେୟ ଗୃହ ମିଳିବ। ହକି ଇଣ୍ଡିଆର ସିଇଓ ଏଲିନା ନର୍ମାନ ଇଣ୍ଡିଆ ଅଷ୍ଟ୍ରେଲିଆ ବିଜନେସ୍ ଆଣ୍ଡ କମ୍ୟୁନିଟି ପୁରସ୍କାର ପାଇଛନ୍ତି। ସର୍ବାଧିକ ଆୟକାରୀ ମହିଳା ଆଥଲେଟ ଭାବେ ଫୋବର୍ସ ତାଲିକାରେ ସିନ୍ଧୁ ଏକମାତ୍ର ଭାରତୀୟ। ନାଡ଼ା ଅଧିନକୁ ଆସିଲା ବିସିସିଆଇ। ପାରା ଆଥଲେଟ ଦୀପା ମଲିକଙ୍କୁ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର। ପୁଲେଲା ଗୋପୀଚାନ୍ଦଙ୍କୁ ଆଇଆଇଟି କାନପୁରର ଡକ୍ଟରେଟ୍ ପ୍ରଦାନ। ଗୌତମ ଗମ୍ଭୀରଙ୍କୁ ପଦ୍ମଶ୍ରୀ। ଭାରତ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ଆୟୋଜକ। ରାହୁଲ ଦ୍ରାବିଡଙ୍କୁ ବାର୍ସିଲୋନାର ସ୍ୱତନ୍ତ୍ର ଉପହାର।



ବିଶ୍ୱକପ୍ ସେମିଫାଇନାଲ ପରାଜୟ ପରେ...

## ଅବସର:

ମୁମ୍ବାଇ ଅଲରାଉଣ୍ଡର ଅଭିଷେକ ନାୟାର କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୮୫ ବର୍ଷରେ ଅବସର ନେଲେ ୱେଷ୍ଟଇଣ୍ଡିଜ ପେସ ବୋଲର ସୋସିଲ ରାଇଟ୍। ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ ଭେନୁଗୋପାଳ ରାଓଙ୍କ ଅବସର। ଅନ୍ତର୍ଜାତୀୟ କ୍ରିକେଟରୁ ଯୁବରାଜ ସିଂଙ୍କ ଅବସର। ଭାରତୀୟ ଫୁଟବଲର ଆନସ ଇଡାଥୋଡିକାଙ୍କ ଅବସର।

## ବିଫଳତା:

ଓମାନଠାରୁ ହାରି ଭାରତ ୨୦୨୨ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରୁ ବାଦ୍ ପଡିଛି। ସୁଲତାନ ଜୋହର କପ୍ ହକି ଫାଇନାଲରେ ଇଂଲଣ୍ଡଠାରୁ ୨-୧ ଗୋଲରେ ପରାସ୍ତ ହୋଇ ଭାରତ ରନର୍ସଅପ୍। ଇଂଲଣ୍ଡ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ରେ ଯୁଜବେନ୍ଦ୍ର ଚହଲ ୧୦ ଓଭରରେ ୮୮ ରନ ଦେଇ କୌଣସି ଉଇକେଟ ନ ପାଇ ଅଲୋଡା ରେକର୍ଡର ଅଧିକାରୀ। ଆଇସିସି ବିଶ୍ୱକପ୍ ସେମିଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ହାରି ଭାରତର ବିଦାୟ। ଆଜଲାନ ଶାହ କପ୍ ହକି ଫାଇନାଲରେ ଭାରତ ୪-୨ ଗୋଲରେ କୋରିଆଠାରୁ ହାରିଲା। ଆନ୍ତଃଜିଲା ମହିଳା କ୍ରିକେଟରେ କେରଳର ଏକ ଦଳ ୪ରେ ଅଲଆଉଟ, ସମସ୍ତେ ବୋଲ୍ଡ। ଏସିଆନ କପ୍ ଫୁଟବଲରୁ ଭାରତ ବିଦା। ଡେଭିସ କପ୍ କ୍ୱାଲିଫାୟରରେ ଭାରତ ୩-୧ରେ ଇଟାଲୀଠାରୁ ହାରିଲା।

## ବିବାଦ:

କର୍ନାଟକ ପ୍ରିମିୟର ଲିଗ୍‌ରେ ଅର୍ଥ ନେଇ ମ୍ୟାଚ୍ ଫିକ୍ସିଂ ଅଭିଯୋଗରେ ସି.ଏମ୍. ଗୌତମ ଓ ଅବରାଜ କାଜି ଗିରଫ୍। ନେହେରୁ କପ୍ ହକି ଫାଇନାଲରେ ପଞ୍ଜାବ ପୋଲିସ ଓ ପିଏନ୍‌ବି ଖେଳାଳିଙ୍କ ମଧ୍ୟରେ ମାରପିଟ୍। ପୂର୍ବତନ ଭାରତୀୟ କ୍ରିକେଟର ଅମିଜ ଭଣ୍ଡାରୀଙ୍କୁ ଆକ୍ରମଣ। ପୂର୍ବତନ ହକି ଅଧିନାୟକ ଏନ. ମୁକେଶ କୁମାର ମିଛ ଜନ୍ମ ପ୍ରମାଣପତ୍ର ଦେଇ ଫସିଛନ୍ତି। ପାକିସ୍ତାନ ପ୍ରାୟୋଜିତ ପୁଲବାମା ଆତଙ୍କବାଦୀ ଆକ୍ରମଣ କାରଣରୁ ମୋହାଲି ଷ୍ଟାଡିୟମରୁ ପାକ କ୍ରିକେଟରଙ୍କ ଫଟୋ ହଟାଗଲା। ନାଡ଼ା ଅଧୀନକୁ ଆସିଲା ବିସିସିଆଇ। ଏକ ଟିଭି ଶୋ'ରେ ମହିଳାଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇ ପାଣ୍ଡ୍ୟା ଓ ରାହୁଲ ବାସନ୍ଦ।

## ବ୍ୟାଡ୍‌ମିଣ୍ଟନରୁ ସଫଳତା

ଅଲିମ୍ପିକ୍ ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁଙ୍କ ପାଇଁ ଏହି ବର୍ଷ ସ୍ମରଣୀୟ ହୋଇ ରହିବ। ସେ ପ୍ରଥମ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳିଭାବେ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟଶନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ସେହିପରି ବ୍ରୋଞ୍ଜ୍ ଜିତି ବି. ସାଇ ପ୍ରଣୀତ ଦ୍ୱିତୀୟ ଭାରତୀୟ ପୁରୁଷ ବ୍ୟାଡମିଣ୍ଟନ ଖେଳାଳିଭାବେ ୩୬ ବର୍ଷ ପରେ ବିଶ୍ୱଚାମ୍ପିୟନଶିପ୍‌ରେ ପଦକ ହାସଲ କରିଥିଲେ। ଯୁବ ଖେଳାଳି ଲକ୍ଷ୍ୟ ସେନ୍ ସ୍କଟିଶ୍ ଓପନ ଟାଇଟଲ ଜିତି ଚଳିତ ବର୍ଷରେ ଚତୁର୍ଥ ଟାଇଟଲ ଜିତିଛନ୍ତି। ସେହିପରି ପୁରୁଷ ବ୍ୟାଡମିଣ୍ଟନ ଯୋଡି ସାତ୍ତ୍ୱିକ୍ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଥାଇଲାଣ୍ଡ ଓପନ୍ ଜିତି ପ୍ରଥମ ଭାରତୀୟ ଯୋଡି ଭାବେ ସୁପର ୫୦୦ ଟୁର୍ନାମେଣ୍ଟ ଜିତିଥିଲେ। ସାଇନା ନେହ୍ୱାଲ ବର୍ଷ ପ୍ରାରମ୍ଭରେ ଇଣ୍ଡୋନେସିଆ ମାଷ୍ଟର୍ସ ଟାଇଟଲ ଅର୍ଜନ କରିଥିଲେ। ସେହିପରି ସୌରଭ ବର୍ମା ମଧ୍ୟ ଦୁଇଟି ଟାଇଟଲ ଜିତିଥିଲେ।

## ବିବାହ/ ଜନ୍ମ

କନ୍ୟା ସନ୍ତାନର ପିତା ହେଲେ ଆଜିଙ୍କ୍ୟ ରାହାନେ। ଭାରତୀୟ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ମନୀଷ ପାଣ୍ଡେ ଦୀର୍ଘ ଦିନର ବାନ୍ଧବୀ ଆଶ୍ରିତା ଶେଟ୍ଟୀଙ୍କୁ ବିବାହ କଲେ। ହରିୟାଣା ଝିଅଙ୍କୁ ବିବାହ କଲେ ପାକ କ୍ରିକେଟର ହାସନ ଅଲୀ। ବ୍ୟାଡମିଣ୍ଟନ ତାରକା ଏନ. ସିକ୍କି ରେଡ୍ଡୀ ଓ ବି. ସୁମିଥ ରେଡ୍ଡୀ ବିବାହ ବନ୍ଧନରେ ଆବଦ୍ଧ। ରୋହିତ ଶର୍ମା କନ୍ୟା ସନ୍ତାନର ପିତା ହେଲେ।



ବିବାହ ବନ୍ଧନରେ ମନୀଷ ପାଣ୍ଡେ ଓ ଆଶ୍ରିତା ସେଟ୍ଟୀ

## ପରଲୋକ:

ଅଷ୍ଟ୍ରେଲିଆ କୁଇନ୍ସ କ୍ରିକେଟ କ୍ଲବର ଭାରତୀୟ ବଂଶୋଦ୍ଭବ ଖେଳାଳି ବିକାଶ ମାଲହୋତ୍ରା ୪୩ ବର୍ଷରେ ହୃଦ୍‌ଘାତ କାରଣରୁ ପରଲୋକ ଗମନ କରିଛନ୍ତି। ପୂର୍ବତନ ଭାରତୀୟ ଓପନର ମାଧବ ଆପ୍ତେଙ୍କ ପରଲୋକ। କ୍ରିକେଟ ଭାଷ୍ୟକାର ଅନନ୍ତ ଶୀତଲବାଦଙ୍କ ପରଲୋକ। ପୂର୍ବତନ କ୍ରିକେଟର ଭି.ବି. ଚନ୍ଦ୍ର ଶେଖରଙ୍କ ଆତ୍ମହତ୍ୟା। ପୂର୍ବତନ ଫୁଟବଲ ଖେଳାଳି ଲାଜରୁସ ଲାକ୍ରା ୪୫ ବର୍ଷରେ ମୃତ୍ୟୁ ବରଣ କରିଛନ୍ତି। ପୂର୍ବତନ ରଣଜୀ ଅଧିନାୟକ ଶ୍ୟାମ ସୁନ୍ଦର ମିତ୍ରଙ୍କ ପରଲୋକ। ସଚିନଙ୍କ କୋଚ୍ ରମାକାନ୍ତ ଆଚରେକରଙ୍କ ପରଲୋକ। ପୂର୍ବତନ ଭାରତୀୟ ଫୁଟବଲର ମହମ୍ମଦ ଜୁଲଫିକରୁଦ୍ଦିନ୍‌ଙ୍କ ପରଲୋକ। ପୂର୍ବତନ ହକି ଖେଳାଳି ରାଘବୀର ସିଂ ଭୋଲଙ୍କ ପରଲୋକ।



ମହିଳା ରେଫରି ଜି.ଏସ.ଲକ୍ଷ୍ମୀ

| Dollar | Sensex | Nifty | Gold | Silver |
|---|---|---|---|---|
| 71.03 (6) | 41,673.92 (115.35) | 12,259.70 (38.05) | 38,804.00 (`12) | 45,485.00 (`65) |

"ଦେଶର ଗ୍ରାମାଞ୍ଚଳକୁ ଅବହେଳା କଲେ ଭାରତ ୫ ଟ୍ରିଲିୟନ ଡଲାର ଅର୍ଥନୀତି ହୋଇପାରିବ ନାହିଁ।
– ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ



"ନୂଆ ନେକ୍ସନ ଇଭି ମଡେଲକୁ ବଜାରକୁ ଛାଡି ଅତ୍ୟନ୍ତ ଖୁସି। ମାର୍ଚ୍ଚ ତ୍ରୈମାସରେ ଏହାର ୧୦ ହଜାର ୟୁନିଟ ବିକ୍ରି ନେଇ ଆଶାବାଦୀ।
– ଶୈଳେଶ ଚନ୍ଦ୍ରା, ସଭାପତି, ଟାଟା ମୋଟର୍ସ ଇ-ମୋବିଲିଟି



■ ଟାଟା-ମିସ୍ତ୍ରି ବିବାଦରେ ନୁସ୍‌ଲି ୱାଡିଆଙ୍କ ପ୍ରତିକ୍ରିୟା

# ମିସ୍ତ୍ରିଙ୍କୁ ହଟାଯିବା ପଛରେ ଥିଲା ପ୍ରତିଶୋଧ ଭାବନା



ରତନ ଟାଟା



ନୁସ୍‌ଲି ୱାଡିଆ



ସାଇରସ ମିସ୍ତ୍ରି

ନୂଆଦିଲ୍ଲୀ,୧୯-୧୨

ଟାଟା ସନ୍ସ ଏବଂ ସାଇରସ ମିସ୍ତ୍ରି ବିବାଦ ମାମଲାରେ ଏନ୍‌ସିଏଲ୍‌ଏଟି ବୁଧବାର ମିସ୍ତ୍ରିଙ୍କ ସପକ୍ଷରେ ରାୟ ଶୁଣାଇବା ପରେ ୱାଡିଆ ଗ୍ରୁପ ଅଧ୍ୟକ୍ଷ ନୁସ୍‌ଲି ୱାଡିଆ ପ୍ରତିକ୍ରିୟା ରଖିଛନ୍ତି। ମିସ୍ତ୍ରିଙ୍କ ଉପରେ ପ୍ରତିଶୋଧ ପରାୟଣ ହୋଇ ତାଙ୍କୁ ଟାଟା ସନ୍ସ ଅଧ୍ୟକ୍ଷ ପଦବୀରୁ ହଟାଯାଇଥିଲା ବୋଲି ୱାଡିଆ ଗୁରୁବାର ନିଜ ପ୍ରତିକ୍ରିୟାରେ କହିଛନ୍ତି। ମିସ୍ତ୍ରିଙ୍କୁ ହଟାଇବା ବେଳେ ଜେଆର୍‌ଡି ଟାଟାଙ୍କର ମୂଲ୍ୟବୋଧ, ନୀତି ଏବଂ ଆଦର୍ଶକୁ ଅଣଦେଖା କରାଯାଇଥିଲା ବୋଲି ସେ ମତ ଦେଇଛନ୍ତି। ଏନ୍‌ସିଏଲ୍‌ଏଟି ବୁଧବାର ତାଙ୍କ ରାୟରେ କହିଛନ୍ତି ଯେ, ଟାଟା ସନ୍ସର ଅଧ୍ୟକ୍ଷ ଭାବେ ପୁଣି ଥରେ ମିସ୍ତ୍ରିଙ୍କୁ ଅବସ୍ଥାପିତ କରାଯାଉ। ଏହି ନିଷ୍ପତ୍ତିକୁ ୱାଡିଆ ସ୍ୱାଗତ କରିଛନ୍ତି।

ଟାଟା ସନ୍ସ ବୋର୍ଡରୁ ମିସ୍ତ୍ରିଙ୍କୁ ବେଆଇନ ଭାବେ ହଟାଯିବା ବେଳେ ଏକମାତ୍ର ସ୍ୱାଧୀନ ନିର୍ଦ୍ଦେଶକ ଭାବେ ଏହି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିଥିବାରୁ ଅତ୍ୟନ୍ତ ଗର୍ବିତ ବୋଲି ସେ ମତ ଦେଇଛନ୍ତି। ସେ କହିଛନ୍ତି ଯେ, ସାଇରସ ଟାଟା ସନ୍ସରେ ନିଜର ପାରଦର୍ଶିତାର ପ୍ରମାଣ ଦେଖାଇଥିଲେ। ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ ହେବା ପରେ ଟାଟା ସନ୍ସର କ୍ଷତିରେ ଚାଲୁଥିବା ବ୍ୟବସାୟ ଏବଂ ଭୁଲ ନିବେଶକୁ ସୁଧାରିବା ଦିଗରେ ମିସ୍ତ୍ରି ପଦକ୍ଷେପ ଆରମ୍ଭ କରିଥିଲେ। ଏହା ହିଁ ତାଙ୍କ ଲାଗି ଅସୁବିଧା ସୃଷ୍ଟି କରିଥିଲା। ତାଙ୍କ ବିଦା ହେବା ପଛରେ ଏହି ପ୍ରସଙ୍ଗଗୁଡିକ ପ୍ରମୁଖ କାରଣ ବୋଲି ୱାଡିଆ ସ୍ପଷ୍ଟ କରିଛନ୍ତି। ମିସ୍ତ୍ରିଙ୍କୁ ବିଦା କରି ରତନ ଟାଟାଙ୍କୁ ଟାଟା ସନ୍ସର ଅନ୍ତରୀଣ ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ କରିବା ସମୟରେ ୱାଡିଆ ଆମେରିକାରେ ଥିଲେ। ୱାଡିଆ ରତନ ଟାଟାଙ୍କ ଜଣେ ବନ୍ଧୁ ହୋଇଥିଲେ ମଧ୍ୟ ଏଭଳି ଘଟଣା ପରେ ଦୁଇ ଜଣଙ୍କ ମଧ୍ୟରେ ତିକ୍ତତା ଏବଂ ଦୂରତା ବଢିଯାଇଥିଲା।

ମିସ୍ତ୍ରି, ୱାଡିଆ ଏବଂ ରତନ ଟାଟା ପାର୍ସି ସମ୍ପ୍ରଦାୟର ଏବଂ ଏମାନଙ୍କର ପାରିବାରିକ ସମ୍ପର୍କ ମଧ୍ୟ ରହିଛି। ଟାଟା ଗ୍ରୁପ ସହ ୱାଡିଆଙ୍କର ଦୀର୍ଘ ଦିନର ସମ୍ପର୍କ ରହିଛି। ଟାଟାର ପ୍ରମୁଖ କମ୍ପାନୀଗୁଡିକର ବୋର୍ଡରେ ସେ କାର୍ଯ୍ୟ ମଧ୍ୟ କରିଛନ୍ତି। ଟାଟା ଗ୍ରୁପକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ନେଇଥିବା ଜେଆରଡି ଟାଟାଙ୍କୁ ମେଣ୍ଟର ବୋଲି ୱାଡିଆ ସର୍ବଦା ବିଚାର କରନ୍ତି। ରତନ ଟାଟା ଯେତେବେଳେ ଟାଟା ଗ୍ରୁପର ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ ହେଲେ ୱାଡିଆଙ୍କ ଉପରେ ଅନେକ ମାତ୍ରାରେ ନିର୍ଭରଶୀଳ ଥିଲେ ବୋଲି କୁହାଯାଏ। ଟାଟା ସନ୍ସରେ ଟାଟା ଟ୍ରଷ୍ଟର ଭୋଟିଂ ଅଧିକାର ଲାଗି ୱାଡିଆ ସରକାରଙ୍କ ନିକଟରେ ଲବି କରିଥିଲେ ବୋଲି ଏମାନଙ୍କ ପରିବାର ସହ ଜଡିତ ଜଣେ ବ୍ୟକ୍ତି କୁହନ୍ତି। କିନ୍ତୁ ମିସ୍ତ୍ରିଙ୍କୁ ବିଦା କରିବା ପରେ ଟାଟା କେମିକାଲ୍ସ ଏବଂ ଟାଟା ଷ୍ଟିଲ ବୋର୍ଡ ବୈଠକରେ ୱାଡିଆ ମିସ୍ତ୍ରିଙ୍କୁ ସମର୍ଥନ କରିଥିବା ଦେଖାଯାଇଥିଲା। ବିଦା ହେବା ପରେ ମିସ୍ତ୍ରିଙ୍କ ସହ ୱାଡିଆ ରହିବା ସହ ତାଙ୍କୁ ବିଭିନ୍ନ ପରାମର୍ଶ ଦେଉଥିଲେ ବୋଲି କୁହାଯାଏ। ଏହି ଘଟଣା ପରେ ଟାଟା ସନ୍ସ ଟାଟାର କମ୍ପାନୀ ବୋର୍ଡରୁ ଉଭୟ ମିସ୍ତ୍ରି ଏବଂ ୱାଡିଆଙ୍କୁ ବାଦ୍ ଦେବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏକ ସ୍ୱତନ୍ତ୍ର ପ୍ରକ୍ରିୟା ଦ୍ୱାରା ମିସ୍ତ୍ରି ଏବଂ ୱାଡିଆଙ୍କୁ ହଟାଇବା ନେଇ ନୋଟିସ ଜାରି କରାଯାଇଥିଲା।

## କର୍ମଚାରୀଙ୍କୁ ଚନ୍ଦ୍ରଶେକରନଙ୍କ ଚିଠି

ନ୍ୟାଶନାଲ କମ୍ପାନୀ ଲ ଆପିଲେଟ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଏଟି) ବୁଧବାର ଟାଟା ସନ୍ସ ଅଧ୍ୟକ୍ଷ ଏନ୍.ଚନ୍ଦ୍ରଶେକରନଙ୍କ ନିଯୁକ୍ତିକୁ ବେଆଇନ ଦର୍ଶାଇବା ପରେ ସେ ଟାଟା ଗ୍ରୁପର କର୍ମଚାରୀଙ୍କୁ ଚିଠି ଲେଖିଛନ୍ତି। କମ୍ପାନୀର ପକ୍ଷ ମଜଭୁତ ରହିଥିବା ଚିଠିରେ ଉଲ୍ଲେଖ କରିବା ସହ କର୍ମଚାରୀଙ୍କୁ ଭରସା ଦେଇଛନ୍ତି। କୌଣସି କଥାକୁ ଧ୍ୟାନ ନ ଦେଇ କାରବାର ଧ୍ୟାନ କେନ୍ଦ୍ରିତ କରିବାକୁ ସେ ମତ ରଖିଛନ୍ତି। ସେ କହିଛନ୍ତି ଯେ, ଟାଟା ସନ୍ସର ନିଜ ପକ୍ଷକୁ ନେଇ ବିଶ୍ୱାସ ରହିଛି। ଏହି ମାମଲାରେ ଠିକ୍ ଆଇନଗତ ଦିଗକୁ ବିଚାର କରି ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। କର୍ମଚାରୀଙ୍କ ନିକଟକୁ ବ୍ୟକ୍ତିଗତ ଭାବେ ପହଞ୍ଚିବାର ଉଦ୍ଦେଶ୍ୟ ରହିଥିଲା। ୨୦୧୭ ଫେବୃୟାରୀରେ ଟାଟା ସନ୍ସର ଅଧ୍ୟକ୍ଷ ଭାର ମିଳିବା ବେଳେ କମ୍ପାନୀର ବିତ୍ତୀୟ ସ୍ଥିତିକୁ ମଜଭୁତ କରିବା ସହ ସ୍ଥିରତା ଉପରେ ଫୋକସ ରହିଥିଲା। ବ୍ୟବସାୟରେ ଉଚ୍ଚ ମୂଲ୍ୟବୋଧ ସହ ଟାଟା ଗ୍ରୁପ କାର୍ଯ୍ୟ କରୁଛି। ଏହା ନିକଟରେ ଗତ ୧୫୦ ବର୍ଷର ଲୋକଙ୍କ ଭରସା ମଧ୍ୟ ଯୋଡି ହୋଇ ରହିଛି। ଅଂଶୀଦାରଙ୍କ ଉନ୍ନତି ଲାଗି ଏକଜୁଟ ହୋଇ କାର୍ଯ୍ୟ କରିବାକୁ କର୍ମଚାରୀମାନେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି।

# ୨୧ରୁ ଟିକସ ଉପରେ ଜାତୀୟ ସେମିନାର




ଭୁବନେଶ୍ୱର,୧୯-୧୨

ଇନଷ୍ଟିଚ୍ୟୁଟ୍‌ସ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ(ଆଇସିଏଆଇ) ଟିକସ ଗବେଷଣା ବିଭାଗ ଓ ଏହାର ଭୁବନେଶ୍ୱର ଚାପ୍ଟରର ମିଳିତ ଆନୁକୂଲ୍ୟରେ ଚଳିତ ମାସ ୨୧ ଓ ୨୨ ତାରିଖରେ ୨ ଦିନିଆ ଟିକସ ସଂକ୍ରାନ୍ତ ସେମିନାର କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଅନୁଷ୍ଠିତ ହେବ। ସ୍ଥାନୀୟ ନୟାପଲ୍ଲୀସ୍ଥିତ ସିଏମ୍ଏ ଭବନରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଏଥିରେ କର୍ପୋରେଟ ଜଗତ, ନୀତି ନିର୍ଦ୍ଧାରକ, ବରିଷ୍ଠ ସରକାରୀ ଅଧିକାରୀ, ନିୟାମକ ସଂସ୍ଥାର ପ୍ରତିନିଧି ଓ ସିଏମଏ ପ୍ରାକ୍ଟିସନର ଭଳି ୬୦୦ ପ୍ରତିନିଧି ଯୋଗଦେବେ। ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଯୋଜନା ଏବଂ ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା, ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେବେ। ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସ ବ୍ୟବସ୍ଥା ଉପରେ ପ୍ରସ୍ତୁତ ୧୦ ନିବନ୍ଧ ଏଥିରେ ଉନ୍ମୋଚନ କରାଯିବ। କାର୍ଯ୍ୟକ୍ରମରେ ଆଇସିଏଆଇ ସଭାପତି ବଲବିନ୍ଦର ସିଂ, ଭୁବନେଶ୍ୱର ଚାପ୍ଟର ଅଧ୍ୟକ୍ଷ ଶକ୍ତିଧର ସିଂ, ସମ୍ପାଦକ ହିମୋଜ ମିଶ୍ର, ଆଇସିଏଆଇ-ଇଆର୍‌ଇଆର୍‌ସି ଉପାଧ୍ୟକ୍ଷ ବି. ନାୟକ, ସମ୍ପାଦକ ଉତ୍ତମ ନୁକାର ନାୟକ ପ୍ରମୁଖ ଉପସ୍ଥିତ ରହିବେ ବୋଲି ସୂଚନା ରହିଛି।

# ଯାନ ଦର ବଢ଼ାଇବ ରେନୋ

ନୂଆଦିଲ୍ଲୀ,୧୯-୧୨

ପ୍ରମୁଖ ୟୁରୋପିଆନ ଅଟୋମୋବାଇଲ ବ୍ରାଣ୍ଡ ରେନୋ ପକ୍ଷରୁ ଭାରତ ବଜାର ଲାଗି ଏହାର ବିଭିନ୍ନ ମଡେଲ ଯାନ ଉପରେ ଦର ବୃଦ୍ଧି ସମ୍ପର୍କରେ ଘୋଷଣା କରାଯାଇଛି। ବିଭିନ୍ନ ରେଞ୍ଜର ଯାନ ଉପରେ ଏହି ଦର ବୃଦ୍ଧି ଜାନୁୟାରୀ ପହିଲାରୁ ଲାଗୁ ହେବ ବୋଲି କମ୍ପାନୀ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ଇନ୍‌ପୁଟ ଏବଂ ମାଟେରିଆଲ ମୂଲ୍ୟ ବଢିବା ଯୋଗୁ ଏଭଳି ମୂଲ୍ୟ ବୃଦ୍ଧି ଘଟିଥିବା କମ୍ପାନୀ ସୂତ୍ରରୁ ସୂଚନା ରହିଛି। ଭିନ୍ନ ଭିନ୍ନ ମଡେଲ ଉପରେ ଏହି ମୂଲ୍ୟ ବୃଦ୍ଧି ଅଲଗା ରହିବ। କେଉଁ ମଡେଲ ଉପରେ କେତେ ମୂଲ୍ୟ ବଢିବ ସେ ନେଇ କମ୍ପାନୀ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିପାରିନାହିଁ।

# ନୂଆ ରେକର୍ଡ ସ୍ତରରେ ସେନ୍‌ସେକ୍ସ

ବମ୍ବେ,୧୯-୧୨

ଲଗାତର ଭାବେ ୩ଟି ସେସନ ଲାଗି ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ବୃଦ୍ଧି ଧାରା ଜାରି ରହିଛି। ବୁଧବାର ମଧ ସେନ୍‌ସେକ୍ସ ଏବଂ ନିଫ୍ଟିରେ କାରବାର ନୂଆ ରେକର୍ଡ ସ୍ତର ଛୁଇଁଥିବା ଦେଖାଯାଇଛି। ଶକ୍ତି, ଆଇଟି ଏବଂ ଅଟୋ କ୍ଷେତ୍ରର ଶେୟାର କାରବାର ଉନ୍ନତ ରହିବା ସହ ବିଦେଶୀ ନିବେଶକଙ୍କ ପୁଞ୍ଜି ଆଗମନ ବଢିବାରୁ ସୂଚକାଙ୍କରେ ଏଭଳି ରେକର୍ଡ ବୃଦ୍ଧି ଦେଖାଯାଇଛି। ୩୦ ଶେୟାର ବିଶିଷ୍ଟ ସେନସେକ୍ସର ଦିନ ମଧ୍ୟରେ ୪୧,୭୧୯.୨୯ ବଢିଥିବା ବେଳେ ୧୧୫.୩୫ ବା ୦.୨୮% ଉଚ୍ଚରେ ରହି ୪୧,୬୭୩.୯୨ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଏହା ରେକର୍ଡ ସର୍ବୋଚ୍ଚ ସ୍ତରର କ୍ଲୋଜିଂ। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି ୩୮.୦୫ ପଏଣ୍ଟ ବା ୦.୩୧% ଉଚ୍ଚରେ ରହି ନୂଆ ରେକର୍ଡ ସ୍ତର ୧୨,୨୫୯.୭୦ ପଏଣ୍ଟ ରହିଛି। ଏହା ଦିନ ମଧ୍ୟରେ ୧୨,୨୬୮.୩୫ ସ୍ତର ଛୁଇଁଥିଲା।

# ଉତ୍କଳ କନିକା ଗ୍ୟାଲେରିଆର ଶୁଭାରମ୍ଭ

■ ୨.୫ ଲକ୍ଷ ବର୍ଗଫୁଟ ପରିମିତ ସ୍ଥାନରେ ମଲ୍

■ ବିଭିନ୍ନ ବ୍ରାଣ୍ଡର ଫର୍ମାଟ ଷ୍ଟୋର

■ ୮୦୦ ନୂଆ ନିଯୁକ୍ତି ସୃଷ୍ଟି




ଭୁବନେଶ୍ୱର,୧୯-୧୨

ଉତ୍କଳ ବିଲଡର୍ସ ପକ୍ଷରୁ ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ର ଶୁଭାରମ୍ଭ ସମ୍ପର୍କରେ ଗୁରୁବାର ଏକ ଖବରଦାତା କାର୍ଯ୍ୟକ୍ରମରେ ଘୋଷଣା କରାଯାଇଛି। ସ୍ଥାନୀୟ କଳ୍ପନା ଛକରେ ଏହି ମଲ୍ ୨.୫ ଲକ୍ଷ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ଏଠାରେ ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ବିଭିନ୍ନ ଜାତୀୟ, ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ବ୍ରାଣ୍ଡ ଉପଲବ୍ଧ ହେଉଛି। ଗ୍ରାହକଙ୍କୁ ଗୋଟିଏ ଛାତ ତଳେ, ଫୁଡ,ଫ୍ୟାଶନ, ଏଣ୍ଟରଟେନମେଣ୍ଟ ଏବଂ ଉନ୍ନତ ପରିବେଶ ସହ ଆମୋଦ ପ୍ରମୋଦ ସୁବିଧା ଯୋଗାଣ ଲାଗି ବିଭିନ୍ନ ବ୍ୟବସ୍ଥା ଏଠାରେ ରହିଛି। ଫ୍ୟାଶନ ବର୍ଗରେ ପ୍ରମୁଖ ପ୍ଲାଟଫର୍ମ ସପରଷ୍ଟପ ଓଡ଼ିଶାରେ ଏହାର ପ୍ରଥମ ଷ୍ଟୋର ଏହି ମଲ୍‌ରେ ଖୋଲିଛି। ଏହାବାଦ ଲକଜ୍ୟୁରି ବ୍ରାଣ୍ଡ ପାଇଁ ନୂଆ ରୂପରେ ଅଲଦାଟ ଜାଜ୍, ହାଲଲେଜ, ଟାଇମଜୋନ, ମ୍ୟାକ୍, ଫରେଷ୍ଟ ଏସେନସିଆଲ, ମାର୍କସ ଆଣ୍ଡ ସ୍ପେନସରର ଲଞ୍ଜରୀ, ରତୁ କୁମାର, ଡା, ମିଲାନୋ, ଜିମି ଭଗ୍ ଭଳି ଅନ୍ୟ ଫର୍ମାଟ ରହିଛି। ଏହାବାଦ ବର୍ଗର କିଙ୍ଗ, ପିଜାହଟ, କେଏଫ୍‌ସି, ଏସିଆ ୭, ପଞ୍ଜାବ ଗ୍ରୀଲ ଷ୍ଟ୍ରିଟ ଫୁଡ, ୱାଓ ମୋମୋ, ଦୋଷା ପ୍ଲାଜା, ବମ୍ବେ ଟାଇମ୍ସ ଏଠାରେ ସ୍ଥାପନ କରାଯାଇଛି। ଏହି ମଲ୍ ଦ୍ୱାରା ୮୦୦ ନୂଆ ନିଯୁକ୍ତି ସୃଷ୍ଟି ହେବ ବୋଲି ସୂଚନା ରହିଛି। ନୂଆ ମଲ୍ ଶୁଭାରମ୍ଭ ଦିଗରେ ସମସ୍ତ ସହଯୋଗ ଲାଗି ଉତ୍କଳ ଗ୍ରୁପ ପରିଚାଳନା ନିର୍ଦ୍ଦେଶକ ଶରଦ ବୈଦ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ରାଜ୍ୟ ବିକାଶ ଲାଗି କର୍ପୋରେଟ କ୍ଷେତ୍ରର ଅସୁବିଧାକୁ ବୁଝି ସରକାର ପଦକ୍ଷେପ ନେଉଥିବାରୁ ଏଥିଲାଗି ସେ ରାଜ୍ୟ ସରକାରଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି। ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ଏଠାରେ ବିଭିନ୍ନ କଷ୍ଟମର ଏନ୍‌ଗେଜମେଣ୍ଟ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ଯୋଜନା ରହିଥିବା ଚିଫ୍ ମଲ୍ ମେକାନିକ ସୁଶୀଳ ଦୁଙ୍ଗରୱାଲ କହିଛନ୍ତି।

**Government of Odisha** No.O-623
**Office of the Executive Engineer, Rural Works Division-II, Dhenkanal, Kamakhyanagar**
E-Mail : rw.kamakhyanagarl@yahoo.co.in
e-procurement Notice No.07/ Road Work / 2019-20

1. Name of the work : Road Work
2. Total No. Works : 7(Seven) Nos.
3. Tender Cost : Rs.7.08 to 35.40 lakh (approx.)
4. Class Contractor : "D", "C" & "B" Class
5. Period of completion : 2 Calendar months.
6. Availability of tender online for bidding : 23.12.2019 at 11.00 A.M. to 01.01.2020 up to 5.00 P.M.
7. Last Date & Time of seeking tender clarification : 31.12.2019 upto 4.00 P.M.
8. Date & Time of opening of Technical Bid : 04.01.2020 at 11.00 A.M.
9. Date & Time of opening of Financial Bid : 04.01.2020 at 11.00 A.M.

Other Details can be seen from the website http://tendersorissa.gov.in.

Sd./- Executive Engineer
R.W. Division-II, Dhenkanal
Kamakhyanagar
25094/11/0004/1920

**GOVERNMENT OF ODISHA** No.O-655
**OFFICE OF THE EXECUTIVE ENGINEER**
**RURAL WORKS DIVISION, BALLIGUDA**
Phone No.-06846-243114, Mobile No.: 9437562286, E-Mail: rw_balliguda@yahoo.com
No.4204 / RWDB
Government of Odisha e-Procurement Notice
Dated: 12.12.2019
Bid Identification No. Online Tender/ 14 /EE RWD BLG/2019-20

| | | | |
|---|---|---|---|
| 1 | Name of the work | :: | Road Works. |
| 2 | Total Number of Works | :: | 06 (Six) Nos. |
| 3 | Estimated cost | :: | As per Annexure |
| 4 | Class of Contractors | :: | As per Annexure |
| 5 | Period of Completion | :: | As per Annexure |
| 6 | Others Details | | |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, Rural Works Division, Balliguda | Online Tender/ 14 /EE RWD BLG/ 2019-20 | 23.12.2019 at 10.00 AM | 03.01.2020 up to 5.00 PM |

Further details can be seen from the e-procurement portal website www.tendersorissa.gov.in

Executive Engineer,
Rural Works Division, Balliguda
25150/11/0012/1920

**ZILLA SWASTHYA SAMITI, BOUDH**
Notification No. 2917 Date: 19.12.2019
No.: E-594
**NOTIFICATION**

The database of the candidates attended for the post of Staff Nurses (Corpus Fund), LT, Radiographer and ECG Technician under Nidan at Boudh vide Advt. No. 2374, dtd. 15.10.2019 along with proceedings of the Selection Committee is hereby uploaded in the district webportal https://boudh.nic.in for verification and submission of objections (if any) by the candidates. They are advised to submit their objection (if any) to the email address cdmoboudh11@gmail.com or through post so as to reach at the office of CDM & PHO, Boudh within 7 days from the date of publication of this notice. No additional documents will be entertained.

10107/11/0010/1920
CDM & PHO-cum-District Mission Director, Boudh

**GOVERNMENT OF ODISHA, OFFICE OF THE EXECUTIVE ENGINEER**
**KALAHANDI RWS&S DIVISION, BHAWANIPATNA**
Email: eerwsskld@gmail.com, eerwsskld@nic.in, Phone No. 06670-230784
**INVITATION OF BID THROUGH e-TENDERING**
Bid Identification No. 27/EE/RWSS/2019-20/Bpt, Dated 16.12.2019
No. O-645:-

1. Name of the Works : As per ANNEXURE-A

| Procurement Officer | Bid Identification No. | Availability of tender online for bidding on office hour only | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 27/EE/RWSS/ 2019-20 / Bpt, Dated 16.12.2019 | 23.12.2019 | 03.01.2020 | 04.01.2020 at 10.00 AM onwards |

Cost of tender paper & payment of EMD to be made online payment system.
Further details can be seen from the e-Procurement portal http://tenderodisha.gov.in

25005/11/0018/1920 *Sd./- Executive Engineer, Kalahandi RWS&S Division, Bhawanipatna*

**GOVERNMENT OF ODISHA, OFFICE OF THE EXECUTIVE ENGINEER**
**RURAL WORKS DIVISION: TITILAGARH**
E-Mail ID: eerw_titilagarh@yahoo.co.in
**e Procurement Notice**
IFB IDENTIFICATION NO. EETIG-online-04/2019-20
No. O-631:-

1. Name of work : Road Works
2. Total no of works : 02 (Two) nos.
3. Approximate Estimated Cost : Varies from Rs. 65.00 to 80.00 lakhs
4. Time for completion : 02 (Two) months.
5. Mode of Submission of tender : Tender should be submitted online in www.tenders.ori.nic.in
6. Other details are as follow : As per TCN No._EETIG-online-04/2019-20

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Executive Engineer, R.W. Divn., Titilagarh | EETIG- online-04/2019-20 | 23.12.2019 at 11.00 A.M | 06.01.2020 upto 5.00PM | 04.01.2020 up to 1.00PM | 07.01.2020 at 11.00A.M |

- Further details can be seen from the website www.tenders.ori.nic.in
- Any Corrigendum/Addendum will be displayed in the above e tender website only.

25078/11/0004/1920 Executive Engineer, R.W. Division, Titilagarh

**ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁନ୍ଦରଗଡ**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARGARH**
(ବ୍ଲଡ୍ ବ୍ୟାଙ୍କ ପ୍ରୟୋଗଶାଳା ସାମଗ୍ରୀ କ୍ରୟ ସମ୍ବନ୍ଧେ ବିଜ୍ଞାପନ)
Notice No. 6690 / CDMO/Sub-Store/SNG/Date 18.12.19
TENDER CALL NOTICE

No.E-591:- Sealed tenders are invited from the willing supplier/ wholesaler/manufacturers for quoting the rates of consumable items, reagents, antigens, kits & blood bags etc. mentioned in the Annexure-I. The willing bidders are requested to submit their sealed tender to the office of the undersigned by Speed Post/ Regd Post/ Courier Services only on or before dt. 02.01.20 till 5 PM. The said tender will be opened on dt. 03.01.20 at 11 AM and after due date & time any tender will not be entertained. The bidders or their representatives are requested to remain present in the fixed date & time for opening of tender. The details term & conditions, items list & specification of Glass Distillation Plant can be downloaded from the district website www.sundargarh.nic.in.

The undersigned reserves the right to accept/cancel all the tenders without assigning any reason thereof.

Sd./- Dr. S.K. Mishra,
Chief District Medical & Public Health Officer,
Sundargarh
10100/11/0028/1920

**GOVERNMENT OF ORISSA, OFFICE OF THE EXECUTIVE ENGINEER**
**RURAL WORKS DIVISION, KARANJIA (MAYURBHANJ)**
E-mail ID: - eerwkaranjia@yahoo.com
Letter No. 4837 Date. 17.12.19
**"e" Procurement Notice for Road Works**
Bid Identification No – RWDKNJ – 06/ 2019-20
No. O-661:-

1. Name of the work : Road Works (As per Annexure)
2. Estimated Cost : Rs. 30.97 to 74.15 lakhs (Approximately) (As per Annexure).
3. Class of Contractor : 'C', 'B' & 'A' class, (As per Annexure)
4. Period of Completion : 2 (Two) Calendar months.
5. Tender Paper Cost : Rs.6000/- & Rs.10000.00 (As per Annexure)

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender: O/O E.E., R.W. Division, Karanjia |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Karanjia | RWDKNJ-06/2019-20 | 23.12.19 at 11.00 AM | 01.01.20 up to 3.00 P.M. | 31.12.19 up to 1.00 P.M. | 02.01.20 at 11.30 A.M. |

Further details can be seen from the website www.tendersorissa.gov.in
25086/11/0005/1920 Sd/- Executive Engineer, R.W. Division, Karanjia

**Government of Odisha "e" procurement Notice No -17**
PH. No. 06765-279229. FAX No.06765-279148.
No.b-71 :- E-mail ID- eenhpallahara-od@gov.in
Identification No.17 (N.H.PLR) of 2019-20

| Sl. No. | Name of the work | Value of work. (in ₹) | Period of completion (in calendar months) | Last date / Time for receipt of bids. | Date of opening of tender | Name and address of the officer inviting tender |
|---|---|---|---|---|---|---|
| 01. | Repair to NH 149 from Km. 0.050 to 1.920 Km. except from Km. 0.350 to 0.668 Km. and Km. 1.170 to 1.195 for the year 2019-20 | 2838016.00 | 01 (One) | 06.01.2020 upto 17.30 hours. | 07.01.2020 AT 11.30 hours. | Executive Engineer, N.H. Division, Pallahara. |

02. Further details can be seen from the "e" procurement Website www.tendersodisha.gov.in with effect from 23.12.2019.
03. Corrigendum if required shall be available only in aforesaid website.
04. The authority reserves the right to cancel any/all bids without assigning any reason.

Sd./- Executive Engineer,
N.H. Division, Pallahara
34072/11/0001/1920

“ରୋଜର ଫେଡରରଙ୍କ ଗ୍ରାଣ୍ଡସ୍ଲାମ ରେକର୍ଡ ଭଙ୍ଗ କରିବା ମୋର ଅଭିଳାଷ ନାହିଁ, କିନ୍ତୁ ଯଦି ସମ୍ଭବ ହେଲା ତେବେ ଏହା ଗଜବ କଥା ହେବ ।

–ରାଫାଲ ନାଡାଲ, ବିଶିଷ୍ଟ ଟେନିସ ଖେଳାଳି



“ଆମ ଦଳ ବିପକ୍ଷ ଚଳିତ ଦିନିକିଆ ସିରିଜରେ ଭାରତୀୟ ଅଧିନାୟକ ବିରାଟ କୋହଲି କାହିଁକି ଏତେ ପ୍ରତିକ୍ରିୟାଶୀଳ ହୋଇପଡୁଛନ୍ତି ତାହା ବୁଝାପଡୁନାହିଁ ।

–କିରନ ପୋଲାର୍ଡ, ୱେଷ୍ଟଇଣ୍ଡିଜ ଅଧିନାୟକ



## ସଂକ୍ଷେପରେ

### କଟକ ଦିନିକିଆରେ ଖେଳିବେ ନାହିଁ ଦୀପକ

ନୂଆଦିଲ୍ଲୀ,୧୯।୧୨- କଟକର ବାରବାଟୀ ଷ୍ଟାଡିୟମରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଓ ଭାରତ ମଧ୍ୟରେ ଦିନିକିଆ ସିରିଜ୍‌ର ଅନ୍ତିମ ତଥା ନିର୍ଣ୍ଣାୟକ ମ୍ୟାଚ୍ ଖେଳାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରୁ ମିଡିୟମ ପେସର ଦୀପକ ଚହର ଆହତ ସମସ୍ୟା ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି। ବିଶାଖାପାଟଣାରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ତାଙ୍କ ପିଠିର ତଳ ଭାଗରେ ଆଘାତ ଲାଗିଥିଲା ବୋଲି ବିସିସିଆଇ ପକ୍ଷରୁ ଗୁରୁବାର କୁହାଯାଇଛି। ବୋର୍ଡର ମେଡିକାଲ ଟିମ୍ ଯାଞ୍ଚ କରିବା ପରେ ତାଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇଛନ୍ତି। ଏଣୁ ସେ ୩ୟ ଦିନିକିଆରେ ଖେଳିପାରିବେ ନାହିଁ। ତାଙ୍କ ବଦଳରେ ନବଦୀପ ସାଇନିଙ୍କୁ ଦଳରେ ସାମିଲ କରାଯାଇଛି। ହେଲେ ସେ ଏପର୍ଯ୍ୟନ୍ତ ଦିନିକିଆ ଫର୍ମାଟରେ ପଦାର୍ପଣ କରି ନାହାନ୍ତି। ଏହାସତ୍ତ୍ୱେ ସେ କଟକଠାରେ ଦଳରେ ଯୋଗଦେବେ। ତାଙ୍କ ସହ ମହମ୍ମଦ ଶାମି ଓ ଶାର୍ଦ୍ଦୁଳ ଠାକୁର ଦଳର ପେସ ବିଭାଗ ସମ୍ଭାଳିବେ।

### ଶ୍ରେୟାସଙ୍କ ତ୍ରୁଟିରେ ହସି ହସି ଗଡ଼ିଲେ କୋହଲି

ବିଶାଖାପାଟଣା,୧୯।୧୨- ଏଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଭାରତୀୟ ଦଳର ମଧ୍ୟକ୍ରମ ବ୍ୟାଟ୍ସମ୍ୟାନେ ଶ୍ରେୟାସ ଆୟାର ଏକ କୌତୂହଳପୂର୍ଣ୍ଣ ତ୍ରୁଟି କରିଛନ୍ତି। ସେ ଏହି ମ୍ୟାଚ୍‌ରେ ୩୨ ବଲରୁ ବିସ୍ଫୋରକ ୫୩ ରନ୍‌ର ଇନିଂସ ଖେଳିଥିଲେ। ଏଥିରେ ସାମିଲ ଥିଲା ୪ ଛକା ଓ ୩ ଚୌକା। ଏହି ଇନିଂସ ଅବସରରେ ସେ ଏଭଳି କିଛି କରିଥିଲେ, ଯାହା ଦେଖି ହସି ହସି ଗଡ଼ି ଯାଇଥିଲେ ଭାରତୀୟ ଅଧିନାୟକ ବିରାଟ କୋହଲି। ୪୮ ରନ୍ କରିଥିବାବେଳେ କିମୋ ପଲଙ୍କ ବଲରେ ବାଉଣ୍ଡ୍ରି ଅଞ୍ଚଳକୁ ଖେଳି ଏକ ରନ୍ ନେବା ପରେ ବ୍ୟାଟ ଉଠାଇ ଅର୍ଦ୍ଧଶତକ ହାସଲ କରିବାର ଖୁସି ମନାଇଥିଲେ। ଏହା ଦେଖିବା ପରେ ନିଜ ହସ ରୋକିପାରି ନ ଥିଲେ ଡ୍ରେସିଂ ରୁମ୍‌ରେ ବସିଥିବା କୋହଲି। ତେବେ ତାଙ୍କ ସ୍କୋର ଯେତେବେଳେ ୪୮ ଥିଲା, ଭୁଲ୍‌ବଶତଃ ସ୍କୋର ବୋର୍ଡରେ ୪୯ ଲେଖାଥିଲା। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଛାଇ ହୋଇଯାଇଛି।

### ଚାଇନାରେ ଭିଡିଓ ଗେମ୍‌ରୁ ଓଜିଲ ବାଦ

ସାଂଘାଇ,୧୯।୧୨(ଏଏଫ୍‌ପି)- ଆର୍ସେନାଲ ମିଡ୍‌ଫିଲ୍ଡର ମେସୁଟ ଓଜିଲଙ୍କୁ ଲୋକପ୍ରିୟ ମୋବାଇଲ ଗେମ୍ ପ୍ରୋ ଇଭୋଲ୍ୟୁଶନ ସକର (ପିଇଏସ୍) ଚାଇନିଜ ଭର୍ସନରୁ ଡିଲିଟ୍ କରି ଦିଆଯାଇଛି। ଏ ନେଇ ଚାଇନିଜ ଇଣ୍ଟରନେଟ କମ୍ପାନୀ ନେଟଇଜି ସୂଚନା ଦେଇଛି। ଜର୍ମାନୀର ବାସିନ୍ଦା ଓଜିଲ ଚାଇନାରେ ଅଳ୍ପ ସଂଖ୍ୟକ ମୁସଲମାନଙ୍କ ଉପରେ ଅତ୍ୟାଚାର କରାଯାଉଥିବା ଟୁଇଟ୍ କରି ଏହାର ନିନ୍ଦା ମଧ୍ୟ କରିଥିଲେ। ଏଥିରୁ ଆର୍ସେନାଲ ନିଜକୁ ଦୂରେଇ ରଖିଥିଲା। ଏହାକୁ ଚାଇନା ପକ୍ଷରୁ ବିରୋଧ କରାଯାଇଥିଲା।



ଭୁବନେଶ୍ୱରରେ ପହଞ୍ଚିବା ପରେ (ବାମରୁ) ଭାରତୀୟ ଦଳର ରୋହିତ ଶର୍ମା, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, କୁଳଦୀପ ଯାଦବ ଏବଂ ୱେଷ୍ଟଇଣ୍ଡିଜ ଖେଳାଳିମାନେ ହୋଟେଲ ରୁମ୍‌କୁ ଯାଉଛନ୍ତି। (ଫଟୋ: ମୌସମ ନନ୍ଦ)

# ଭୁବନେଶ୍ୱରରେ ଟିମ୍ ଇଣ୍ଡିଆ, ୱେଷ୍ଟଇଣ୍ଡିଜ

## ବାରବାଟୀରେ ନିର୍ଣ୍ଣାୟକ ଲଢ଼େଇ

ଭୁବନେଶ୍ୱର, ୧୯।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଘରୋଇ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ଦିନିକିଆ କ୍ରିକେଟ ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ରବିବାର କଟକର ଐତିହାସିକ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ବାରବାଟୀ ମ୍ୟାଚ୍ ପାଇଁ ଉତ୍କଣ୍ଠା ବଢ଼ି ଚାଲିଥିବାବେଳେ ଗୁରୁବାର ଅପରାହ୍ନରେ ଉଭୟ ଭାରତ ଓ ୱେଷ୍ଟଇଣ୍ଡିଜ ଦଳ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିଶାଖାପାଟଣାରେ ବୁଧବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌କୁ ୧୦୭ ରନର ବୃହତ୍ ବ୍ୟବଧାନରେ ଜିତି ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ୧-୧ରେ ସମାନସ୍ତରକୁ ଆଣିଛି। ତେଣୁ ସିରିଜର ଏହି ନିର୍ଣ୍ଣାୟକ ମ୍ୟାଚ୍ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଦୁଇ ବର୍ଷର ବ୍ୟବଧାନ ପରେ ବାରବାଟୀକୁ ଅନ୍ତର୍ଜାତୀୟ ମ୍ୟାଚ୍ ଫେରିଥିବାରୁ ଓଡ଼ିଶାରେ ଏବେ କ୍ରିକେଟ୍ ଫିଭର। କ୍ରୀଡ଼ାପ୍ରେମୀ ଅତି ନିକଟରୁ ସେମାନଙ୍କ ଖେଳାଳିଙ୍କ ଖେଳକୁ ଉପଭୋଗ କରିବାର ସୁଯୋଗ ପାଇବେ।

### ଆକର୍ଷଣରେ ରୋହିତ୍, କୋହଲି

ଗୁରୁବାର ଅପରାହ୍ନ ପାଖାପାଖି ୧ଟା ବେଳକୁ ଉଭୟ ଭାରତ ଓ ୱେଷ୍ଟଇଣ୍ଡିଜ ଟିମ୍ ଏକ ସ୍ୱତନ୍ତ୍ର ବିମାନ ଯୋଗେ ବିଶାଖାପାଟଣାରୁ ଆସି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରୁ ଦୁଇଟି ସ୍ୱତନ୍ତ୍ର ବସ୍ ଯୋଗେ ଉଭୟ ଦଳର ଖେଳାଳିଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ହୋଟେଲ ମେ ଫେୟାରକୁ ଅଣାଯାଇଥିଲା। ବିମାନ ବନ୍ଦରରୁ ହୋଟେଲକୁ ଆସିବାକୁ ୨୦-୨୫ ମିନିଟ୍ ସମୟ ଲାଗିଥିଲା। ପ୍ରଥମେ ଭାରତୀୟ ଖେଳାଳିଙ୍କୁ ନେଇ ଆସୁଥିବା ବସ୍ ଓ ପରେ ୱେଷ୍ଟଇଣ୍ଡିଜ ଖେଳାଳିଙ୍କ ବସ୍ ହୋଟେଲ ମଧ୍ୟକୁ ପ୍ରବେଶ କରିଥିଲା। ଏହାପରେ ଜଣଙ୍କ ପରେ ଜଣେ ଖେଳାଳିଙ୍କୁ ହୋଟେଲ ମଧ୍ୟକୁ ପାଛୋଟି ନିଆଯାଇଥିଲା। ଭାରତୀୟ ଖେଳାଳିମାନେ ପ୍ରଥମେ ହୋଟେଲ ମଧ୍ୟକୁ ପ୍ରବେଶ କରିଥିବାବେଳେ ସର୍ବାଗ୍ରେ ରହିଥିଲେ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା। ତାଙ୍କ ପଛକୁ ଦଳର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ, ‘ହିଟ୍‌ମ୍ୟାନ’ ଭାବେ ପରିଚିତ ରୋହିତ୍ ଶର୍ମା, ଅଧିନାୟକ ବିରାଟ କୋହଲି, ଗତ ମ୍ୟାଚ୍‌ର ହ୍ୟାଟ୍ରିକ ହାସଲକାରୀ ବୋଲର କୁଳଦୀପ ଯାଦବଙ୍କ ସମେତ ଅନ୍ୟ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ହୋଟେଲକୁ ଯାଇଥିଲେ। ଏହାପରେ ଅଧିନାୟକ କିରନ ପୋଲାର୍ଡଙ୍କ ସମେତ ୱେଷ୍ଟଇଣ୍ଡିଜ ଖେଳାଳିମାନେ ବସରୁ ଓହ୍ଲାଇଥିଲେ। ସେମାନଙ୍କ ମଧ୍ୟରେ ସିମରନ ହେଟ୍‌ମେର, ନିକୋଲାସ ପୁରାନ, ଶାଇ ହୋପ୍, କେସରିକ ୱିଲିୟମ୍ସ, ଶେଲଡନ କଟ୍ରେଲ ପ୍ରମୁଖ ଆକର୍ଷଣର କେନ୍ଦ୍ରରେ ରହିଥିଲେ।

### ସ୍ୱାଗତରେ ଆଧୁନିକତାର ଛାପ

ଏଥର ଖେଳାଳିମାନଙ୍କୁ ସ୍ୱାଗତ କରିବାରେ ଭିନ୍ନତା ପରିଲକ୍ଷିତ ହୋଇଥିଲା। ପୂର୍ବରୁ ଖେଳାଳିମାନଙ୍କୁ ଓଡ଼ିଶାର ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇ, ଶଙ୍ଖ ଫୁଙ୍କି ହୋଟେଲ ମଧ୍ୟକୁ ପାଛୋଟି ନିଆଯାଇଥିଏ। କିନ୍ତୁ ଚଳିତ ଥର ହୋଟେଲ ପକ୍ଷରୁ ଏକ ଭିନ୍ନ ଆୟୋଜନ କରାଯାଇଥିଲା। ହୋଟେଲର କିଛି ମହିଳା ଓ ପୁରୁଷ କର୍ମଚାରୀ ‘ଝୁନେ ମାରି ଏଣ୍ଟ୍ରି, ଦିଲ୍ ମେ ବାଜି ଘଣ୍ଟି’ ଗୀତର ତାଳେ ତାଳେ ନୃତ୍ୟ କରି ଖେଳାଳିଙ୍କୁ ସ୍ୱାଗତ କରିଥିଲେ। ଏଭଳି ସ୍ୱାଗତ ଉତ୍ସବ ବେଶ୍ ଚର୍ଚ୍ଚାରେ ରହିଥିଲା।

### ‘ମିସ୍ ୟୁ ମାହି’

ନିଜର ପ୍ରିୟ ଖେଳାଳିଙ୍କ ଝଲକ ଟିକେ ପାଇବା ପାଇଁ ବିମାନ ବନ୍ଦରଠାରୁ ଆରମ୍ଭ କରି ହୋଟେଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ କ୍ରୀଡ଼ାପ୍ରେମୀଙ୍କ ବେଶ୍ ଭିଡ଼ ଦେଖିବାକୁ ମିଳିଥିଲା। ସେହିଭଳି ଖେଳାଳି ଆସୁଥିବା ଖବର ପାଇ ହୋଟେଲ ସମ୍ମୁଖରେ ମଧ୍ୟ ଅପରାହ୍ନରୁ ଲୋକଙ୍କ ଗହଳି ଲାଗିବା ଆରମ୍ଭ କରିଥିଲା। କିନ୍ତୁ ଭାରତୀୟ ଦଳର ଅନ୍ୟତମ ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ (ମାହି) ଏଥର ଦଳ ସହ ନ ଥିବାରୁ ଏହାକୁ ନେଇ ଉପସ୍ଥିତ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ନିରାଶ ଦେଖିବାକୁ ମିଳିଥିଲା। କିଛି ଦର୍ଶକ ହାତରେ ‘ମିସ୍ ୟୁ ମାହି’ ଲେଖାଥିବା ପ୍ଲାକାର୍ଡ ଧରି ନିଜର ନିରାଶ ଭାବ ଜଣାଇଥିଲେ।

### କଡ଼ା ସୁରକ୍ଷା ବଳୟ

ଭାରତ ଓ ୱେଷ୍ଟଇଣ୍ଡିଜ ଖେଳାଳିଙ୍କୁ ବିମାନ ବନ୍ଦରରୁ ହୋଟେଲ ପର୍ଯ୍ୟନ୍ତ ଆଣିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଖେଳାଳିଙ୍କ ବସର ଆଗ ଓ ପଛରେ ପୋଲିସ ଗାଡ଼ି ଏସ୍କର୍ଟ କରି ଖେଳାଳିଙ୍କୁ ହୋଟେଲ ପର୍ଯ୍ୟନ୍ତ ନେଇଥିଲା। ସେହିଭଳି ଖେଳାଳିଙ୍କ ବସ୍ ଯିବା ସମୟରେ ବିଭିନ୍ନ ଛକରେ ଟ୍ରାଫିକ ପକ୍ଷରୁ ମଧ୍ୟ କିଛି ସମୟ ପାଇଁ କଟକଣା ଲଗାଯାଇଥିଲା। ହୋଟେଲ ଭିତରେ ଓ ବାହାରେ ମଧ୍ୟ ପୋଲିସ ପକ୍ଷରୁ ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ସୁରକ୍ଷାରେ ଏସ୍‌ଓଜି କମାଣ୍ଡୋଙ୍କୁ ନିୟୋଜିତ କରାଯାଇଥିବାର ଦେଖିବାକୁ ମିଳିଥିଲା।

## ଜାତୀୟ ସବ୍‌ଜୁନିୟର ବ୍ୟାଡମିଣ୍ଟନ

# ମାନ୍ୟା ଅଭ୍‌ଲାନୀଙ୍କୁ ହରାଇଲେ ଅଶିତା

ଭୁବନେଶ୍ୱର, ୧୯।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ଇଷ୍ଟକୋଷ୍ଟ ରେଲୱେ ଇନ୍‌ଡୋର ଷ୍ଟାଡିୟମ ଏବଂ ସହିଦ ନଗରସ୍ଥିତ ଇନ୍‌ଡୋର ହଲ୍‌ରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ତୃତୀୟ ଦିବସ ଖେଳ ଶେଷ ହୋଇଛି। ଗୁରୁବାର ସହିଦ ନଗର ଇନ୍‌ଡୋର ହଲ୍‌ରେ ଅନୁଷ୍ଠିତ ୧୫ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ କର୍ଣ୍ଣାଟକର ଅଶିତା ସିଂ ତୃତୀୟ ସିଡ୍ ମହାରାଷ୍ଟ୍ରର ମାନ୍ୟା ଅଭ୍‌ଲାନୀଙ୍କୁ ୨୧-୧୮, ୨୧-୧୯ରେ ହରାଇ ବଡ଼ ସଫଳତା ପାଇଛନ୍ତି। ଟପ୍ ସିଡ୍ ତଥା ଏସିଆନ ଜୁନିୟର ରନର୍ସଅପ୍ ମହାରାଷ୍ଟ୍ରର ତାହା ଶାହ କିନ୍ତୁ ପ୍ରି-କ୍ୱାର୍ଟର ଫାଇନାଲରେ ନିଜର ସ୍ଥାନ ସୁରକ୍ଷିତ କରି ନେଇଛନ୍ତି। ସେ ରାଜସ୍ଥାନର ଅଂଶିକା କୁମାୱତଙ୍କୁ ୨୧-୧୮, ୨୧-୧୮ ପଏଣ୍ଟରେ ପରାସ୍ତ କରିଛନ୍ତି। ସେହିପରି ଦ୍ୱିତୀୟ ସିଡ୍ ହରିୟାଣାର ଅନୁପମା ଉପାଧ୍ୟାୟ ଏବଂ ଚତୁର୍ଥ ସିଡ୍ ପଞ୍ଜାବର ରାଧିକା ଶର୍ମା ମଧ୍ୟ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନୁପମା ଆନ୍ଧ୍ରପ୍ରଦେଶର କେ. ପେରାମ୍ବୁରିଙ୍କୁ ୨୧-୧୧, ୨୧-୧୩ରେ ଏବଂ ରାଧିକା ତାମିଲନାଡୁର ଶ୍ରୁତି ଡି.ଭି.ଙ୍କୁ ୨୧-୧୦, ୨୧-୧୮ରେ ହରାଇ ଦେଇଛନ୍ତି। ଆସାମର ଯୋହେନ୍‌ବା ସିଂଙ୍କଠାରୁ ୱାକଓଭର ପାଇ ଟପ୍ ସିଡ୍ ହରିୟାଣାର ରାଘବ ୧୫ବର୍ଷରୁ କମ୍ ବାଳକ ସିଙ୍ଗଲ୍ସର ପ୍ରି-କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ୧୭ ବର୍ଷରୁ କମ୍ ମିକ୍ସଡ ଡବଲ୍ସରେ ଆସାମର ଆୟନ ରଶିଦ ଓ ଗୁଜରାଟର ତସନିମ ମିର ଯୋଡ଼ି ରାଜସ୍ଥାନର ହର୍ଷିତ ଗୁପ୍ତ ଓ ଛତିଶଗଡ଼ର ଯସମିନ ରାୱତଙ୍କୁ ୨୧-୧୪, ୨୧-୧୩ରେ ହରାଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।




ଅଶିତା ସିଂ ଏକ ରିଟର୍ନ ଶଟ୍ ଖେଳୁଛନ୍ତି।

## ବାରବାଟୀ ଦିନିକିଆ ଆଉ ୨ ଦିନ

# ଗୋଟିଏ ଦିନରେ ଟିକେଟ୍ ଶେଷ

କଟକ ଅଫିସ,୧୯।୧୨

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ସିରିଜର ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚ ରବିବାର ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ଭୁବନେଶ୍ୱରରେ ଉଭୟ ଦଳର ଖେଳାଳିମାନେ ପହଞ୍ଚିଛନ୍ତି। ଶୁକ୍ରବାର ଉଭୟ ଦଳ ବାରବାଟୀ ଷ୍ଟାଡିୟମ ଅଭ୍ୟାସ କରିବାର କାର୍ଯ୍ୟସୂଚୀ ଥିଲେ ହେଁ ପରେ ଏହାକୁ ବାତିଲ କରାଯାଇଛି। ବାରବାଟୀ ମ୍ୟାଚ୍ ନିମନ୍ତେ ଗୋଟିଏ ଦିନରେ ସମସ୍ତ ଟିକେଟ ଶେଷ ହୋଇଛି। ଗୁରୁବାର କାଉଣ୍ଟରରେ ଉପଲବ୍ଧ ଥିବା ୧୦,୦୩୯ଟି ଯାକ ଟିକେଟ ବିକ୍ରି ହୋଇଯାଇଛି। ପୂର୍ବାହ୍ନରେ ଗ୍ୟାଲେରି ନଂ-୧ ଓ ୩ର କିଛି ଟିକେଟ ବଳକା ରହିଥିବାବେଳେ ଏହା ମଧ୍ୟ ସନ୍ଧ୍ୟା ପୂର୍ବରୁ ଶେଷ ହୋଇଯାଇଥିବା ଜଣାପଡ଼ିଛି।

### ବ୍ୟାଡ୍‌ମିଣ୍ଟନ ଖେଳିବାକୁ ବିରାଟଙ୍କ ବରାଦ

ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି ବ୍ୟାଡମିଣ୍ଟନ ଖେଳିବାକୁ ବରାଦ କରିଛନ୍ତି। ଏଥି ନିମନ୍ତେ ଓସିଏ କ୍ଲବ ହାଉସ ପରିସରରେ ବିରାଟଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ବାରବାଟୀ ଆସିଥିବା ବେଳେ ମଧ୍ୟ ବିରାଟ ଏଠାରେ ବ୍ୟାଡମିଣ୍ଟନ ଖେଳିଥିଲେ।

### ପୋଲିସର ଲାଠିଚାର୍ଜ, ଯୁବକଙ୍କ ମୁଣ୍ଡ ଫାଟିଲା

ପୂର୍ବବର୍ଷଗୁଡ଼ିକ ତୁଳନାରେ ଚଳିତଥର କାଉଣ୍ଟରରେ କମ୍ ସଂଖ୍ୟକ ଟିକେଟ ବିକ୍ରି ନିମନ୍ତେ ରଖାଯାଇଥିଲା। ଯାହା ଫଳରେ ବୁଧବାର ସନ୍ଧ୍ୟାରୁ ଷ୍ଟାଡିୟମ ନିକଟସ୍ଥ ଟିକେଟ କାଉଣ୍ଟରରେ କ୍ରିକେଟପ୍ରେମୀ ଧାଡ଼ି ଲଗାଇଥିଲେ। ବିଳମ୍ବିତ ରାତିରେ ସଚିନ ତେନ୍ଦୁଲକର ଇନଡୋର ହଲ ନିକଟରେ ଥିବା କାଉଣ୍ଟର ସାମ୍ନାରେ କ୍ରିକେଟପ୍ରେମୀ ହୋହାଲ୍ଲା କରିଥିଲେ। ଯାହାଫଳରେ ପୋଲିସ ସେମାନଙ୍କୁ ଘଉଡାଇବାକୁ ଲାଠି ଚାର୍ଜ କରିଥିଲା। ଏଥିରେ ଜଣେ ଯୁବକଙ୍କ ମୁଣ୍ଡ ଫାଟିଯାଇଥିଲା। ଗୁରୁବାର ଦିନରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। କାଉଣ୍ଟର ଗୁଡ଼ିକ ସମ୍ମୁଖରେ ଅସମ୍ଭାଳ ଭିଡ଼ ହେବା ଯୋଗୁ ପୋଲିସ ୪ରୁ ୫ଥର ଲାଠି ଚାର୍ଜ କରିଛି।

### କ୍ରେଜ୍ ଦ୍ୱିଗୁଣା, ବଳିଲାନି ଦାମୀ ଟିକେଟ

ପ୍ରତ୍ୟେକ ବର୍ଷ ଷ୍ଟାଡିୟମର ଭିଭିଆଇପି ଅଞ୍ଚଳ କୁହାଯାଉଥିବା କର୍ପୋରେଟ ବକ୍ସର ଟିକେଟ ବଳକା ପଡ଼େ। ଏହାର ମୂଲ୍ୟ ୮ହଜାର ଟଙ୍କା ଥିବା ବେଳେ ଚଳିତବର୍ଷ ଜିଏସ୍‌ଟି ଟ୍ୟାକ୍ସକୁ ମିଶାଇ ଏହାର ମୂଲ୍ୟ ୯ହଜାର ଟଙ୍କାରୁ ଅଧିକ ରହିଛି। ତେବେ କର୍ପୋରେଟ ବକ୍ସ ଟିକେଟ ଗୁଡ଼ିକ ମଧ୍ୟ ଅପରାହ୍ନ ପୂର୍ବରୁ ଶେଷ ହୋଇ ଯାଇଥିଲା। ଏହାଛଡ଼ା ସ୍ପେଶାଲ ଏନକ୍ଲୋଜର, ନ୍ୟୁ ପ୍ୟାଭିଲିୟନ ଭଳି ଦାମୀ ଟିକେଟ ମଧ୍ୟ ବଳକା ପଡ଼ିନି।

### ଫେରାଇଲେନି ଖୁଚୁରା

ଜିଏସ୍‌ଟି ଟ୍ୟାକ୍ସ ଯୋଡ଼ିହେବା ପରେ ଟିକେଟଗୁଡ଼ିକର ମୂଲ୍ୟ ଅଛିଣ୍ଡା ରହି ଯାଇଥିଲା। ଯେପରିକି ଗ୍ୟାଲେରୀ ନଂ-୧ ଓ ୩ର ଟିକେଟ ମୂଲ୍ୟ ୭୦୮ଟଙ୍କା ଧାର୍ଯ୍ୟ କରାଯାଇଥିଲା। କାଉଣ୍ଟରରେ ୧ହଜାର କିମ୍ବା ୮୦୦ଟଙ୍କା ପୈଠ କରିବା ପରେ ଖୁଚୁରା ଫେରାଇବାକୁ ବିଳମ୍ବ ହେଉଥିଲା। ଧାଡ଼ିରେ ଛିଡ଼ା ହୋଇଥିବା ଅନ୍ୟ ବ୍ୟକ୍ତିବିଶେଷ ଏହାକୁ ବିରୋଧ କରିବା ଯୋଗୁ ଅଧିକାଂଶ ଦର୍ଶକଙ୍କୁ କାଉଣ୍ଟରଗୁଡ଼ିକ ଖୁଚୁରା ଫେରାଇ ନଥିବା ଜଣାପଡ଼ିଛି।

### ଶୀର୍ଷରେ ଶାମି

ବିଶାଖାପାଟଣା,୧୯।୧୨

ଭାରତୀୟ ଦ୍ରୁତ ବୋଲର ମହମ୍ମଦ ଶାମି ନ୍ୟୁଜିଲାଣ୍ଡ ପେସର ଟ୍ରେଣ୍ଟ ବୋଲ୍ଟଙ୍କୁ ଅତିକ୍ରମ କରି ଚଳିତବର୍ଷ ଦିନିକିଆରେ ସର୍ବାଧିକ ଉଇକେଟ ନେଇଥିବା ବୋଲର ହୋଇପାରିଛନ୍ତି। ଏ ବର୍ଷ ୨୦ ମ୍ୟାଚ୍ ଖେଳି ଶାମି ହାତେଇଛନ୍ତି ୪୧ ଉଇକେଟ। ତାଙ୍କ ପଛକୁ ରହିଥିବା ବୋଲ୍ଟ ସମାନ ସଂଖ୍ୟକ ମ୍ୟାଚ୍‌ରେ ୩୮ ଉଇକେଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୱେଷ୍ଟଇଣ୍ଡିଜ ଅଧିନାୟକ କିରନ ପୋଲାର୍ଡ ୨୯ ବର୍ଷୀୟ ଶାମିଙ୍କ ୪୦ତମ ଶିକାର ପାଲଟି ଥିଲେ। ଉଲ୍ଲେଖଥାଉ କି, ଦ୍ୱିତୀୟ ଦିନିକିଆକୁ ଭାରତ ୧୦୭ ରନ୍‌ରେ ଜିତି ସିରିଜ ବରାବର କରିଥିଲା।




ଟିକେଟ ପାଇବା ପରେ ଦୁଇ ଯୁବତୀ ଖୁସି ଜାହିର କରୁଛନ୍ତି। ଜଣେ ଭିନ୍ନକ୍ଷମ ଟିକେଟ ଦେଖାଉଛନ୍ତି। ପୋଲିସ ପକ୍ଷରୁ ଲାଠି ଚାଳନା। ଧାଡ଼ିରେ ଠିଆ ହୋଇ ଅସୁସ୍ଥ ହୋଇପଡ଼ିଥିବା ଜଣେ ଯୁବକଙ୍କୁ ପୋଲିସ ଚିକିତ୍ସା ପାଇଁ ନେଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# କମିନ୍ସ ସବୁଠାରୁ ଦାମୀ ବିଦେଶୀ ଖେଳାଳି

**କୋଲକାତା, ୧୯।୧୨ (ପି.ଟି.)**

ଗୁରୁବାର ଏଠାରେ ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳାଳି ନିଲାମିରେ ଅଷ୍ଟ୍ରେଲୀୟ ଖେଳାଳିଙ୍କ ଅଧିକ ଚାହିଦା ପରିଲକ୍ଷିତ ହୋଇଛି। ଅଷ୍ଟ୍ରେଲିଆର ପ୍ୟାଟ୍ କମିନ୍ସ ସବୁଠାରୁ ଦାମୀ ବିଦେଶୀ ଖେଳାଳି ବିବେଚିତ ହୋଇଛନ୍ତି। ଦୁଇ ଥର ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ (କେକେଆର) ତାଙ୍କୁ ୧୫.୫୦ କୋଟି ଟଙ୍କାରେ କ୍ରୟ କରିଛି, ଯାହା ବିଦେଶୀ ଖେଳାଳିଙ୍କ କ୍ଷେତ୍ରରେ ଲିଗ୍ ଇତିହାସରେ ସର୍ବାଧିକ। କମିନ୍ସ ଏବେ ଭଲ ଫର୍ମରେ ଅଛନ୍ତି। ବୋଲିଂ ବ୍ୟତୀତ ସେ ଭଲ ବ୍ୟାଟିଂ ମଧ୍ୟ କରିପାରନ୍ତି। କୌତୂହଳର ବିଷୟ ଯେ, ଜାନୁୟାରୀରେ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ଅନ୍ତର୍ଜାତୀୟ ଦିନିକିଆ ସିରିଜ ପାଇଁ ଅଷ୍ଟ୍ରେଲିଆ ଦଳରେ ସ୍ଥାନ ପାଇ ନ ଥିବା ଅଲରାଉଣ୍ଡର ମାକ୍ସୱେଲଙ୍କୁ କିଙ୍ଗ୍ସ ଇଲେଭେନ ପଞ୍ଜାବ ୧୦. ୭୫ କୋଟି ଟଙ୍କାରେ କ୍ରୟ କରିଛି। ମାକ୍ସୱେଲଙ୍କୁ ନେବାଲାଗି ଏହି ଫ୍ରାଞ୍ଚାଇଜ୍‌କୁ ଦିଲ୍ଲୀ କ୍ୟାପିଟାଲ ସହିତ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବାକୁ ପଡ଼ିଥିଲା। ଏଥର ଖେଳାଳି କ୍ରୟ କରିବା କ୍ଷେତ୍ରରେ ଅନ୍ୟ

ଫ୍ରାଞ୍ଚାଇଜ୍‌ଗୁଡ଼ିକ ତୁଳନାରେ କିଙ୍ଗ୍ସ ଇଲେଭେନ ହାତରେ ସର୍ବାଧିକ ଅର୍ଥାତ ୪୨.୭୦ କୋଟି ଟଙ୍କା ଉପଲବ୍ଧ ଥିଲା। ଚଳିତ ବର୍ଷ ପ୍ରାରମ୍ଭରେ ମାନସିକ ବ୍ୟାଧି ଯୋଗୁ କ୍ରିକେଟରୁ ନିଜକୁ ଦୂରେଇ ରଖିଥିବା ୩୧ ବର୍ଷୀୟ ମାକ୍ସୱେଲ ଆକସ୍ମିକ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତାଙ୍କର ସାଥୀ ଖେଳାଳି ପେସ୍ ବୋଲର ନାଥାନ କୋଲଟର ନାଇଲଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ୮ କୋଟି ଟଙ୍କାରେ କ୍ରୟ କରିଛି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଅଷ୍ଟ୍ରେଲିଆ ସୀମିତ ଓଭର ଟିମ୍ ଅଧିନାୟକ ଆରୋନ୍ ଫିଞ୍ଚଙ୍କୁ ୪.୪୦ କୋଟି ଟଙ୍କାରେ କ୍ରୟ କରିଛି। ୨୦୧୯ ଆଇପିଏଲରେ ଅଂଶଗ୍ରହଣ କରି ନ ଥିବା ଫିଞ୍ଚଙ୍କୁ କେକେଆର ନେବା ଲାଗି ମଧ୍ୟ ଆଗ୍ରହ ପ୍ରକାଶ କରିଥିଲା। ପୂର୍ବରୁ କୋଲକାତା ନାଇଟ ରାଇଡର୍ସ ରିଲିଜ କରିଥିବା ଅଷ୍ଟ୍ରେଲିଆରେ ବିସ୍ଫୋରକ ଅଲରାଉଣ୍ଡର କ୍ରିସ୍ ଲିନ୍‌ଙ୍କୁ ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ୨ କୋଟି ଟଙ୍କାରେ ନେଇଛି। ସେହିପରି ସିମ୍ ବୋଲର ଜୋସ୍ ହାଜ୍‌ଲେଉଡ୍ ମଧ୍ୟ ତାଙ୍କ ବେସ୍ ପ୍ରାଇସ୍‌ରେ ବିକ୍ରି ହୋଇଛନ୍ତି। ତାଙ୍କୁ ଚେନ୍ନାଇ ସୁପର କିଙ୍ଗ୍ସ ୨ କୋଟି ଟଙ୍କାରେ କ୍ରୟ କରିଛି।

ଅଷ୍ଟ୍ରେଲୀୟ ଖେଳାଳି କମିନ୍ସଙ୍କୁ ନେବା ଲାଗି ପ୍ରଥମେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ତୀବ୍ର ପ୍ରତିଯୋଗିତା ଚାଲିଥିଲା। ଏପରିକି ଉଭୟେ ୧୫ କୋଟି ଟଙ୍କା ପର୍ଯ୍ୟନ୍ତ ଯାଇଥିଲେ। ଶେଷରେ କେକେଆର ଏହି ଖେଳାଳିଙ୍କୁ ୧୫.୫୦ କୋଟି ଟଙ୍କାରେ ନେଇଥିଲା। କମିନ୍ସ ୨୫ ଆଇପିଏଲ ମ୍ୟାଚରେ ୩୨ ଉଇକେଟ ନେଇଛନ୍ତି। ତାଙ୍କ ଇକୋନୋମି ହାର ମାତ୍ର ୬ରୁ ସାମାନ୍ୟ ଅଧିକ। ଅଷ୍ଟ୍ରେଲୀୟ ଖେଳାଳି ବର୍ତ୍ତମାନ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗରେ ନମ୍ବର ୱାନ ରହିଛନ୍ତି। ସେ ଏପର୍ଯ୍ୟନ୍ତ ଖେଳିଥିବା ୭୭ ଟେଷ୍ଟ ମ୍ୟାଚରେ ୯୨ ଉଇକେଟ ଅକ୍ତିଆର କରିଛନ୍ତି। ତାଙ୍କର ଉଇକେଟ ପିଛା ରନ ହାର ୭ରୁ ସାମାନ୍ୟ ଅଧିକ ରହିଛି। ଆସନ୍ତା ଆଇପିଏଲ ପାଇଁ ଜଣେ ବିଦେଶୀ ଖେଳାଳି ହିସାବରେ କମିନ୍ସ ସବୁଠାରୁ ଦାମୀ ଖେଳାଳି ବିବେଚିତ ହେବା ସହ ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ୨୦୧୭ ନିଲାମିରେ ରାଇଜିଂ ପୁଣେ ସୁପର ଜିଆଣ୍ଟ ଏହି ଅଲରାଉଣ୍ଡରଙ୍କୁ ୧୪.୫ କୋଟି ଟଙ୍କାରେ କ୍ରୟ କରିଥିଲା। ପେସ୍ ବୋଲର କମିନ୍ସ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ଖେଳିସାରିଛନ୍ତି।

ଅଧିକ ଦାମ୍‌ରେ ବିକ୍ରି ହୋଇଥିବା ଅନ୍ୟ ଜଣେ ବିଦେଶୀ ଖେଳାଳି ହେଲେ ଦକ୍ଷିଣ ଆଫ୍ରିକାର କ୍ରିସ୍ ମୋରିସ। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ତାଙ୍କୁ ୧୦ କୋଟି ଟଙ୍କା ବିନିମୟରେ କ୍ରୟ କରିଛି। ୱେଷ୍ଟଇଣ୍ଡିଜ ପେସ୍ ବୋଲର ଶେଲ୍‌ଡନ କୋଟ୍ରେଲଙ୍କ ବେସ୍ ପ୍ରାଇସ୍ ସମାନ ମାତ୍ର ୫୦ ଲକ୍ଷ ଟଙ୍କା ଥିଲା। ମାତ୍ର ତାଙ୍କୁ କିଙ୍ଗ୍ସ ଇଲେଭେନ ପଞ୍ଜାବ ୮.୫୦ କୋଟିଟଙ୍କାରେ ନେଇଛି। ୱେଷ୍ଟଇଣ୍ଡିଜର ଅନ୍ୟ ଜଣେ ଷ୍ଟାର ଖେଳାଳି ଶିମରନ ହେଟମେରଙ୍କ ବେସ୍ ପ୍ରାଇସ ସମାନ ୫୦ ଲକ୍ଷ ଟଙ୍କା ଥିବା ବେଳେ ତାଙ୍କୁ ୭.୭୫ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ ନେଇଛି। ଚେନ୍ନାଇରେ ଭାରତ ବିପକ୍ଷ ପ୍ରଥମ ଦିନିକିଆରେ ମ୍ୟାଚ ବିଜୟୀ ଶତକ ଯୋଗୁ ଏହି ଖେଳାଳିଙ୍କ ଚାହିଦା ବୃଦ୍ଧି ପାଇଥିଲା। ଅନ୍ୟପକ୍ଷରେ ଭେଟେରାନ ଭାରତୀୟ ସ୍ପିନର ପୀୟୂଷ ଚାୱଲାଙ୍କୁ ନେବାଲାଗି ମଧ୍ୟ ଫ୍ରାଞ୍ଚାଇଜ୍‌ଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଚାଲିଥିଲା। ଶେଷରେ ଚେନ୍ନାଇ ସୁପର କିଙ୍ଗ୍ସ ତାଙ୍କୁ ୬.୭୫କୋଟି ଟଙ୍କାରେ କ୍ରୟ କରିଥିଲା। ଗୁରୁବାର ଭାରତୀୟଙ୍କ ମଧ୍ୟରେ ସେ ସବୁଠାରୁ ଦାମି ଖେଳାଳି ରହିଛନ୍ତି। କେକେଆର ଇଂଲଣ୍ଡର ବିଶ୍ୱକପ୍ ବିଜୟୀ ଅଧିନାୟକ ଇଅନ ମୋର୍ଗାନଙ୍କୁ ୫.୨୫ କୋଟି ଟଙ୍କାରେ ନେଇଛି। ପୁରୁଖା ଭାରତୀୟ ଖେଳାଳି ରବିନ ଉଥପ୍ପାଙ୍କୁ ରାଜସ୍ଥାନ ରୟାଲ୍ସ ୩ କୋଟି ଟଙ୍କାରେ ନେଇଥିଲା, ଯାହାଙ୍କ ବେସ୍ ପ୍ରାଇସ୍ ୧.୫ କୋଟି ରହିଥିଲା। ପେସ୍ ବୋଲର ଜୟଦେବ ଉନାଡ୍‌କଟ୍‌ଙ୍କ ମୂଲ୍ୟ ଏଥର ହ୍ରାସ ପାଇଛି। ରାଜସ୍ଥାନ ରୟାଲ୍ସ ତାଙ୍କୁ ୩ କୋଟି ଟଙ୍କାରେ ନେଇଛି। ଏହି ଖେଳାଳି ଗତ ଦୁଇଟି ସଂସ୍କରଣରେ ଯଥାକ୍ରମେ ୧୧.୫ କୋଟି (୨୦୧୮) ଓ ୮.୫ କୋଟି (୨୦୧୯) ଟଙ୍କାରେ ବିକ୍ରି ହୋଇଥିଲେ। ୧୯ ବର୍ଷରୁ କମ୍ ବିଶ୍ୱକପ୍ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା ଯଶସ୍ୱୀ ଜଇସ୍ୱାଲଙ୍କୁ ରାଜସ୍ଥାନ ରୟାଲ୍ସ ୨.୪୦ କୋଟି ଟଙ୍କାରେ ନେଇଛି। ଜଇସ୍ୱାଲ ଏକଦା ଗୁପ୍‌ଚୁପ୍ ବିକ୍ରି କରୁଥିଲେ। ରାଜସ୍ଥାନ ଲେଗ୍ ସ୍ପିନର ରବି ବିଶ୍ନୋଇ ତାଙ୍କ ବେସ୍ ପ୍ରାଇସ୍ ତୁଳନାରେ ବହୁମୂଲ୍ୟରେ ବିକ୍ରି ହୋଇଛନ୍ତି। ତାଙ୍କ ବେସ୍ ପ୍ରାଇସ୍ ମାତ୍ର ୨୦ ଲକ୍ଷ ଥିବାବେଳେ କିଙ୍ଗ୍ସ ଇଲେଭେନ ପଞ୍ଜାବ ତାଙ୍କୁ ୪ କୋଟି ଟଙ୍କାରେ କ୍ରୟ କରିଛି। ୧୯ ବର୍ଷରୁ କମ୍ ଅଧିନାୟକ ପ୍ରିୟମ ଗର୍ଗଙ୍କୁ ୧.୯୦ କୋଟି ଟଙ୍କାରେ ସନରାଇଜର୍ସ ହାଇଦ୍ରାବାଦ କ୍ରୟ କରିଛି। ଭାରତର ଦୁଇ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଓ ହନୁମା ବିହାରୀ ବିକ୍ରିହୋଇ ପାରିନାହାନ୍ତି। ଆଇପିଏଲର ସବୁଠାରୁ ବୟସ୍କ ଖେଳାଳି ହେଉଛନ୍ତି ପ୍ରବୀଣ ଟାମ୍ବେ (୪୮ ବର୍ଷ)। ତାଙ୍କୁ କେକେଆର ୨୦ ଲକ୍ଷ ଟଙ୍କାରେ କ୍ରୟ କରିଛି। ସର୍ବ କନିଷ୍ଠ ଖେଳାଳି ହିସାବରେ ଆଇପିଏଲ୍ ନିଲାମିରେ ଅବତୀର୍ଣ୍ଣ ହୋଇଥିବା ଆଫଗାନିସ୍ତାନର ନୁର ଅହମ୍ମଦ (୧୪ ବର୍ଷ)ଙ୍କ ପ୍ରତି କୌଣସି ଫ୍ରାଞ୍ଚାଇଜ୍ ଆଗ୍ରହ ଦେଖାଇ ନାହାନ୍ତି।



ପ୍ୟାଟ୍ କମିନ୍ସ, ଯଶସ୍ୱୀ ଜଇସ୍ୱାଲ ଓ ପିୟୁଷ ଚାୱଲା

## ଆଇପିଏଲ୍ ଖେଳାଳି ନିଲାମ

## ଜନ୍ମଦିନ ଶୁଭେଚ୍ଛା



**Monalisa Pal (Mona)**
Begunia, Khorda
ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ଏବଂ ଖୁସିରେ ରଖନ୍ତୁ। ତୋର ଚଲାପଥ କୁସୁମିତ ହେଉ, ଏତିକି ପ୍ରଭୁଙ୍କ ଚରଣାରବିନ୍ଦରେ ପ୍ରାର୍ଥନା ।
**ଶୁଭେଚ୍ଛା ସହ:**
ନନା, ବୋଉ, ସିଲା ଭାଉଜ, ଭାଇ, ଜସ୍‌ମିନ୍, ଲିପି ଭାଉଜ, ବବୁନା, ଜଗନ୍, ଫିଜା, ବାଙ୍କ, ସାଙ୍ଗମାନେ ଓ ପରିବାରବର୍ଗ ।
ଧ-୧୫୬୭୧

## ପ୍ରଥମ ଜନ୍ମ ଦିନର ଶୁଭେଚ୍ଛା



**Trinabh Kumar Sahoo (Rishi)**
ଫ୍ଲାଟ୍ ନଂ.: ସି/୪୦୬, ଲକ୍ଷ୍ମୀ ଏନ୍‌କ୍ଲେଭ,
ସା/ପୋ.: ଜଗନ୍ନାଥପୁର, ଭୁବନେଶ୍ୱର-୭୫୨୧୦୧
ଆଜି ଏହି ପବିତ୍ର ଜନ୍ମଦିନରେ ତୋର ଉଜ୍ଜ୍ୱଳ ଭବିଷ୍ୟତ ଓ ଚଲାପଥ କୁସୁମିତ କାମନା କରି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
-: ଶୁଭେଚ୍ଛା ସହ :-
ଜେଜେ ମା, ଜେଜେ ବାପା, ଅଜା, ଆଈ, ବଡ ବାପା, ବଡ ମା, ମାମା ଏବଂ ପାପା
ଧ-୧୫୮୧୩

## ଜନ୍ମଦିନ ଶୁଭେଚ୍ଛା



**ସାଇ ସ୍ୱରୂପ ପ୍ରଧାନ (ସାହିଲ୍)**
ୟୁନିଟ୍-୯, ଭୁବନେଶ୍ୱର
ଆଜି ତୋର ଜନ୍ମଦିନରେ ପ୍ରଭୁ ସତ୍ୟସାଇଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ ହେବା ସହ ଭବିଷ୍ୟତ ଜୀବନ ସୁଖମୟ, ଉଜ୍ଜ୍ୱଳମୟ ଓ ଯଶସ୍ୱୀ କରି ରଖନ୍ତୁ।
**ଶୁଭେଚ୍ଛା ସହ**
ପାପା, ମାମା, ଜେଜେ, ମା, ଅଜା, ଆଈ, ମାମୁ, ମାଇଁ, ବଡ଼ପାପା, ବଡ଼ମାମା, ମାଉସୀ, ମଉସା, ଦାଦା, ଖୁଡ଼ୀ, ଦିଦି ଓ ନନା, ସୋନୁ, ଦିଶା ।
ଧ-୧୫୬୬୫

# ପ୍ରଥମ ଦିନରେ ବୋଲରଙ୍କ ରାଜୁତି

**କରାଚି, ୧୯।୧୨ (ଏଏଫପି)**

ଭ୍ରମଣକାରୀ ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ଟେଷ୍ଟ ସିରିଜର ଅନ୍ତିମ ତଥା ୨ୟ ମ୍ୟାଚ୍ ଗୁରୁବାରଠାରୁ ଏଠାରେ ଆରମ୍ଭ ହୋଇଛି। ସ୍ଥାନୀୟ ନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଘରୋଇ ପାକିସ୍ତାନ ୧୯୧ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଜବାବରେ ଷ୍ଟମ୍ପ ଅପସାରଣ ସୁଦ୍ଧା ଶ୍ରୀଲଙ୍କା ୩ ଉଇକେଟ୍ ହରାଇ ୬୪ ରନ୍ ସଂଗ୍ରହ କରିଛି। ଫଳରେ ପ୍ରଥମ ଦିନରେ ବୋଲରମାନେ ମୋଟ୍ ୧୩ ଉଇକେଟ୍ ଅକ୍ତିଆର କରି ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ଦୀର୍ଘ ଏକ ଦଶନ୍ଧି ପରେ ପାକିସ୍ତାନ ମାଟିକୁ ଟେଷ୍ଟ କ୍ରିକେଟ୍ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ସିରିଜର ପ୍ରଥମ ମ୍ୟାଚ୍ ଡ୍ର' ରହିଥିଲା। ତେଣୁ ଉଭୟ ଦଳ ଏହି ମ୍ୟାଚ୍ ଜିତି ସିରିଜ ହାତେଇବା ଲକ୍ଷ୍ୟରେ ରହିଛନ୍ତି।

ପାକିସ୍ତାନ ଅଧିନାୟକ ଆଝାର ଅଲୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଦଳ ପ୍ରାରମ୍ଭରୁ ଓପନର୍ ଶାନ୍ ମାସୁଦ (୫) ଓ ଆଝାର (୦)ଙ୍କ ଉଇକେଟ୍ ହରାଇଥିଲା। ବିଶ୍ୱ ଫର୍ନାଣ୍ଡୋ ୭ମ ଓଭରର ପ୍ରଥମ ଓ ୩ ବଲରେ ଏହି ଦୁଇ ଉଇକେଟ୍ ନେଇ ଶ୍ରୀଲଙ୍କାକୁ ପ୍ରାରମ୍ଭିକ ସଫଳତା ଦେଇଥିଲେ। ଏହାପରେ ଆବିଦ୍ ଅଲୀ (୩୮), ବାବର ଆଜାମ (୬୦) ଓ ଆସଦ୍ ସଫିକ (୬୩) କିଛି ସମୟ ସଂଘର୍ଷ କରି ଦଳୀୟ ସ୍କୋରକୁ ଦେଢ଼ଶହ ଅତିକ୍ରମ କରାଇଥିଲେ। କିନ୍ତୁ ମଧ୍ୟ ଓ ନିମ୍ନକ୍ରମ ବ୍ୟାଟିଂ ବିଫଳତା ଯୋଗୁ ପାକିସ୍ତାନ ୧୯୧ ରନରେ ସୀମିତ ରହିଥିଲା। ଏକଦା ୪ ଉଇକେଟ୍‌ରେ ୧୬୭ ରନ କରିଥିବା ଘରୋଇ ଦଳ ୨୪ ରନରେ ଶେଷ ୬ ବ୍ୟାଟ୍ସମ୍ୟାନଙ୍କୁ ହରାଇଥିଲା। ଦଳ ପକ୍ଷରୁ ୮ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଶ୍ରୀଲଙ୍କାର ଲାହିରୁ କୁମାରା (୪), ବାମହାତୀ ସ୍ପିନର ଲସିଥ୍ ଏମ୍ବୁଲଡେନିୟା (୪) ଓ ଫର୍ନାଣ୍ଡୋ (୨) ମିଳିତ ଭାବେ ଉଇକେଟ୍ ବାଣ୍ଟି ନେଇଥିଲେ। ଜବାବରେ ଶ୍ରୀଲଙ୍କା ୧୯ ଓଭରରେ ୩ ଉଇକେଟ୍ ହରାଇ ୬୪ ରନ କରିଛି। ଓଶାଡା ଫର୍ନାଣ୍ଡୋ ୪, ଅଧିନାୟକ ଦିମୁଥ କରୁଣାରତ୍ନେ ୨୫ ଓ କୁଶଲ ମେଣ୍ଡିସ ୧୩ ରନ କରି ଆଉଟ୍ ହୋଇଛନ୍ତି। ଭେଟେରାନ ଆଞ୍ଜେଲୋ ମାଥ୍ୟୁସ ୮ ଓ ଏମ୍ବୁଲଡେନିୟା ୩ ରନରେ ଅପରାଜିତ ରହିଛନ୍ତି।



ଲାହିରୁ କୁମାରା

## ଜାଫର କିଙ୍ଗ୍ସ ଏକାଦଶ ବ୍ୟାଟିଂ କୋଚ୍

**ଚଣ୍ଡିଗଡ଼, ୧୯।୧୨**

ନିକଟରେ ୧୫୦ତମ ରଣଜୀ ମ୍ୟାଚ୍ ଖେଳିଥିବା ଭେଟେରାନ ଓପନର ୱାସିମ ଜାଫରଙ୍କୁ ଆଇପିଏଲ ଫ୍ରାଞ୍ଚାଇଜ କିଙ୍ଗ୍ସ ଏକାଦଶ ପଞ୍ଜାବର ବ୍ୟାଟିଂ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ତାଙ୍କ ସମୟର ଭାରତୀୟ ଦଳର ଅଧିନାୟକ ଅନିଲ କୁମ୍ବଲେଙ୍କ ନେତୃତ୍ୱରେ ସେ କାର୍ଯ୍ୟ କରିବେ। ମୁଁ କୁମ୍ବଲେଙ୍କୁ ଧନ୍ୟବାଦ ଦେବି। ତାଙ୍କ ନେତୃତ୍ୱରେ ଭାରତ ପାଇଁ ଖେଳିଥିଲି। ମୁଁ ତାଙ୍କଠୁ ବହୁତ କିଛି ଶିକ୍ଷା କରିଛି। ପୁଣି ଥରେ ତାଙ୍କ ସହ କାର୍ଯ୍ୟ କରିବାକୁ ସୁଯୋଗ ମିଳୁଥିବାରୁ ମୁଁ ଉତ୍ସାହିତ ବୋଲି ଜାଫର ଫୋନ ଯୋଗେ ନାଗପୁରରୁ କହିଛନ୍ତି। ସେଠାରେ ରାଜସ୍ଥାନ ବିପକ୍ଷରେ ବିଦର୍ଭ ତା'ର ଦ୍ୱିତୀୟ ରଣଜୀ ମ୍ୟାଚ୍ ଖେଳୁଛି। ୪୧ ବର୍ଷୀୟ ଦକ୍ଷ ବ୍ୟାଟ୍ସମ୍ୟାନ କେବଳ ୨୦୦୮ ଆଇପିଏଲରେ ଖେଳିଥିଲେ। ଏହାପରେ ତାଙ୍କୁ କଦାପି ସୁଯୋଗ ମିଳି ନ ଥିଲା। ସେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ପାଇଁ ୬ ମ୍ୟାଚ୍ ଖେଳି ୧୧୦.୫୭ ଷ୍ଟ୍ରାଇକ ରେଟ୍‌ରେ ୧୧୫ ରନ୍ କରିଛନ୍ତି।



## ୧୭ ବର୍ଷରୁ କମ୍ ମହିଳା ଫୁଟବଲ
## ଭାରତକୁ ହରାଇ ସ୍ୱିଡେନ ଚାମ୍ପିୟନ

ମୁମ୍ବାଇ, ୧୯।୧୨ (ପି.ଟି.)- ଏଠାରେ ଖେଳାଯାଇଥିବା ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ସ୍ୱିଡେନ ଟାଇଟଲ ହାସଲ କରିଛି। ଗୁରୁବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଭାରତକୁ ୪-୦ ଗୋଲରେ ହରାଇ ସ୍ୱିଡେନ ଚାମ୍ପିୟନ ହୋଇଛି। ମ୍ୟାଚ୍‌ର ଚତୁର୍ଥ ମିନିଟ୍‌ରେ ସୁରସୁଶ କାଫାଜି ପ୍ରଥମ ଗୋଲ ସ୍କୋର କରି ସ୍ୱିଡେନକୁ ଅଗ୍ରଣୀ କରାଇଥିଲେ। ସେହିପରି ୧୬ତମ ମିନିଟ୍‌ରେ ହେଡ ଜରିଆରେ ସ୍ୱିଡେନ ଅଧିନାୟିକା ଏଲମା ନେଲହାଜ ଗୋଲ ଦେଇଥିଲେ। ଏହାର ଦୁଇ ମିନିଟ ପରେ ଏଭେଲିନା ଦୁଲଜାନ ଗୋଲ ଦେଇ ଭାରତକୁ ନିରାଶ କରିଥିଲେ। ଏହାପରେ ଖେଳ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏହାପରେ ମୋନିକା ଚତୁର୍ଥ ଗୋଲ ଦେଇ ସ୍ୱିଡେନକୁ ବିଜୟୀ କରାଇଥିଲେ। ଟୁର୍ନାମେଣ୍ଟରେ ଏଭେଲିନା ଦୁଲଜାନ ମୋଷ୍ଟ ଭ୍ୟାଲୁଏବଲ ପ୍ଲେୟାର, ମୋନିକା ବାହ ସର୍ବାଧିକ ଗୋଲ ସ୍କୋରର ଓ ଏଲିନା ଭାନ ଶ୍ରେଷ୍ଠ ଗୋଲ କିପର ନିଯୁକ୍ତ ହୋଇଥିଲେ। ଭାରତର ସିଲ୍‌କି ଦେବୀ ଶ୍ରେଷ୍ଠ ଉଦୀୟମାନ ଖେଳାଳି ବିବେଚିତ ହୋଇଥିଲେ।




ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ଦୃଷ୍ଟିହୀନ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଗୁରୁବାର କର୍ଣାଟକକୁ ୮୭ ରନରେ ହରାଇ ଚାମ୍ପିୟନ ହୋଇଥିବା ଓଡ଼ିଶା ଦଳ।

## ଫିଫା ର୍‍ୟାଙ୍କିଙ୍ଗ୍: ଭାରତ ସ୍ଥିର

**ନୂଆଦିଲ୍ଲୀ, ୧୯।୧୨ (ପି.ଟି.)**

ସଦ୍ୟ ପ୍ରକାଶିତ ଫିଫା ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ପୁରୁଷ ଫୁଟବଲ ଦଳ ବର୍ଷ ଶେଷରେ ୧୦୮ତମ ସ୍ଥାନରେ ପୂର୍ବପରି ସ୍ଥିର ରହିଛି। ତେବେ ଗତ ଗୋଟିଏ ବର୍ଷରେ ଭାରତ ୧୧ଟି ସ୍ଥାନ ତଳକୁ ଖସିଛି। ଗତବର୍ଷ ଡିସେମ୍ବର ମାସରେ ଭାରତ ୯୭ତମ ସ୍ଥାନରେ ଥିଲା। ଏପ୍ରିଲ ଓ ଜୁନ୍‌ରେ ଭାରତ ୧୦୧ତମ ସ୍ଥାନରେ ରହି ଚଳିତ ବର୍ଷ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲା। ୧୧୮୭ ପଏଣ୍ଟ ସହ ଭାରତ ଏସୀୟ ଦେଶମାନଙ୍କ ମଧ୍ୟରେ ୧୯ତମ ସ୍ଥାନରେ ରହିଥିବାବେଳେ ଜାପାନ ଶୀର୍ଷରେ ରହିଛି। ତେବେ ଜାପାନ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୨୮ତମ ସ୍ଥାନରେ ରହିଛି। ଏସୀୟ ର୍‍ୟାଙ୍କିଙ୍ଗ୍‌ରେ ଜାପାନ ପଛକୁ ଇରାନ (୩୩), କୋରିଆ (୪୦), ଅଷ୍ଟ୍ରେଲିଆ (୪୨) ଓ ଏସୀୟ ଚାମ୍ପିୟନ କାତାର (୫୫) ରହିଛି।

କାତାର ୨୦୨୨ ବିଶ୍ୱକପ୍ ଆୟୋଜନ କରିବ। ଏସିଆନ୍ କପ୍ ହାସଲ କରି ଗତ ଏକ ବର୍ଷ ମଧ୍ୟରେ କାତାର ସର୍ବାଧିକ ୧୩୮ ପଏଣ୍ଟ ହାସଲ କରି ୩୮ଟି ସ୍ଥାନ ଉପରକୁ ଉଠିଥିଲା। ସେହିପରି ଆଲଜେରିଆ ୩୨ ଓ ଜାପାନ ୨୨ଟି ସ୍ଥାନ ଉପରକୁ ଉଠିଥିଲା। ୨୦୧୮ ବିଶ୍ୱକପ୍ ରନର୍ସ-ଅପ ବେଲଜିୟମ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଶୀର୍ଷ ସ୍ଥାନରେ ରହିଛି। ୨୦୧୫ ଓ ୨୦୧୮ରେ ମଧ୍ୟ ବେଲଜିୟମ ଶୀର୍ଷରେ ରହିଥିଲା। ସେହିପରି ବିଶ୍ୱଚାମ୍ପିୟନ ଫ୍ରାନ୍ସ ଦ୍ୱିତୀୟ ଓ ବ୍ରାଜିଲ ତୃତୀୟ ସ୍ଥାନରେ ରହିଛି। ଇଂଲଣ୍ଡ ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥ ସ୍ଥାନରେ ରହିଥିବା ବେଳେ ଉରୁଗୁଏ ପଞ୍ଚମ, କ୍ରୋଏସିଆ ଷଷ୍ଠ, ପର୍ତ୍ତୁଗାଲ ସପ୍ତମ, ସ୍ପେନ୍ ଅଷ୍ଟମ, ଆର୍ଜେଣ୍ଟିନା ନବମ ଓ କଲମ୍ବିଆ ଦଶମ ସ୍ଥାନରେ ରହିଛି।

## ରାହୁଲ କିଙ୍ଗ୍ସ ଏକାଦଶ ପଞ୍ଜାବ ଅଧିନାୟକ

**ନୂଆଦିଲ୍ଲୀ, ୧୯।୧୨ (ପି.ଟି.)**

ଭାରତୀୟ ଓପନର ଲୋକେଶ ରାହୁଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଫ୍ରାଞ୍ଚାଇଜ୍ କିଙ୍ଗ୍ସ ଏକାଦଶ ପଞ୍ଜାବର ଅଧିନାୟକ ନିଯୁକ୍ତ ହୋଇଛନ୍ତି। ଆଗାମୀ ୨୦୨୦ ସେସନରେ ସେ ଦଳର ନେତୃତ୍ୱ ନେବେ। ସର୍ବସମ୍ମତିକ୍ରମେ ରାହୁଲଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ଦଳର ମାଲିକ ନେସ ୱାଡିଆ କହିଛନ୍ତି। ଗତ ସଂସ୍କରଣରେ ରାହୁଲ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ଏବେ ସେ ତାଙ୍କ ସମାଲୋଚକଙ୍କୁ ଚୁପ୍ କରାଇଛନ୍ତି। କେବଳ ଜଣେ ବ୍ୟାଟ୍ସମ୍ୟାନ ନୁହଁ, ଜଣେ ଅଧିନାୟକ ଭାବେ ସେ ସଫଳ ହେବେ ବୋଲି ୱାଡିଆ ଆଶାପ୍ରକାଶ କରିଛନ୍ତି। ଉଲ୍ଲେଖଥାଉ କି, ୨୦୧୮ ସେସନରେ ରାହୁଲଙ୍କୁ ୧୧ କୋଟି ଟଙ୍କା ବିନିମୟରେ ପଞ୍ଜାବ କ୍ରୟ କରିଥିଲା। ଗତମାସରେ ରବିଚନ୍ଦ୍ରନ ଅଶ୍ୱିନ ଦିଲ୍ଲୀ କ୍ୟାପିଟାଲ୍ସରେ ଯୋଗଦେବା ଫଳରେ ରାହୁଲ ଅଧିନାୟକ ହେବେ ବୋଲି ଆଶା କରାଯାଉଥିଲା। ବୁଧବାର ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆରେ ସେ ୧୦୨ ରନର ଶତକୀୟ ପାଳି ଖେଳିଥିଲେ। ଆଗାମୀ ଆଇପିଏଲ୍ ଟୁର୍ନାମେଣ୍ଟରେ ସେ ସଫଳ ହେବେ ବୋଲି ୱାଡିଆ କହିଛନ୍ତି।




## ଦେବାଶିଷ ଦ୍ୱିଶତକରୁ ବଞ୍ଚିତ

# ଇନିଂସ ବିଜୟ ଆଶାରେ ଓଡ଼ିଶା

**ରଣଜୀ ଟ୍ରଫି**

**କଟକ ଅଫିସ, ୧୯।୧୨**

ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା-ସର୍ଭିସେସ୍ ରଣଜୀ ମ୍ୟାଚ୍‌ର ୩ୟ ଦିବସ ଖେଳ ଶେଷ ହୋଇଛି। ଘରୋଇ ମାଟିରେ ଓଡ଼ିଶା ପାଇଁ ଇନିଂସ ବିଜୟ ସୁଯୋଗ ରହିଛି। ସର୍ଭିସେସ୍‌ର ପ୍ରଥମ ଇନିଂସ ୨୭୧ ରନରେ ସୀମିତ ରହିବା ପରେ ଓଡ଼ିଶା ପ୍ରଥମ ଇନିଂସରେ ୫୪୦ ରନ ସଂଗ୍ରହ କରିଛି। ବାମହାତୀ ବ୍ୟାଟ୍ସମ୍ୟାନ ଦେବାଶିଷ ସାମନ୍ତରାୟ ଏହି ମ୍ୟାଚ୍‌ରେ କ୍ୟାରିୟରର ଶ୍ରେଷ୍ଠ ଇନିଂସ ଖେଳିଛନ୍ତି। ୧୯୫ ରନ କରିଥିବା ଦେବାଶିଷ ଅଳ୍ପକେ ଦ୍ୱିଶତକରୁ ବଞ୍ଚିତ ହୋଇଛନ୍ତି। ଗୁରୁବାର ଷ୍ଟମ୍ପ ଅପସାରଣ ବେଳକୁ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ସର୍ଭିସେସ୍ ୩ ଉଇକେଟ ହରାଇ ୮୬ ରନ କରିଛି। ସର୍ଭିସେସ୍ ୧୮୩ ରନ ପଛରେ ଥିବା ବେଳେ ବିଜୟ ନିମନ୍ତେ ଓଡ଼ିଶାକୁ ୭ଉଇକେଟ ଆବଶ୍ୟକ ହେଉଛି।

ଦ୍ୱିତୀୟ ଦିବସର ଅସମାପ୍ତ ଇନିଂସ୍ ୨୮୦/୬ରୁ ଓଡ଼ିଶା ଗୁରୁବାର ଖେଳ ଆରମ୍ଭ କରିଥିଲା। ୯୬ ରନରେ ଅପରାଜିତ ଥିବା ଦେବାଶିଷ ୨୪୯ ବଲରୁ ଶତକ ପୂରଣ କରିଥିଲେ। ପ୍ରଥମ ଶ୍ରେଣୀ କ୍ରିକେଟରେ ଦେବାଶିଷଙ୍କର ଏହା ଦ୍ୱିତୀୟ ଶତକ। ୮ ରନରେ ଅପରାଜିତ ଥିବା ପେସ୍‌ବୋଲର ଦେବବ୍ରତ ପ୍ରଧାନ ମଧ୍ୟ ଏଠାରେ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ। ୭ଟି ଚୌକା ଓ ୨ଟି ଛକା ବଳରେ ଦେବବ୍ରତ ୫୭ ରନରେ ଆଉଟ ହୋଇଥିଲେ। ନିମ୍ନକ୍ରମର ବ୍ୟାଟ୍ସମ୍ୟାନଙ୍କ ସହାୟତାରେ ଦେବାଶିଷ ଦଳୀୟ ସ୍କୋରକୁ ୫୦୦ ରନ୍ ଅତିକ୍ରମ କରାଇଥିଲେ। ପେସ୍ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ ବିସ୍ଫୋରକ ଇନିଂସ ଖେଳିଥିଲେ। ସେ ୨୮ଟି ବଲରୁ ୪ ଚୌକା ଓ ୬ ଛକା ସହାୟତାରେ ୬୪ରନ କରିଥିଲେ। ଏହାଛଡ଼ା ରାଜେଶ ମହାନ୍ତି ୨୭ ଓ ବସନ୍ତ ମହାନ୍ତି ୧୪ ରନ କରିଥିଲେ। ୪୦୩ ବଲ ଖେଳି ୨୩ଟି ଚୌକା ସହାୟତାରେ ୧୯୫ ରନ କରି ଦେବାଶିଷ ଅନ୍ତିମ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହୋଇଥିଲେ। ସର୍ଭିସେସ୍ ଅଲରାଉଣ୍ଡର ଅରୁଣ ବାମଲ ସର୍ବାଧିକ ୪ଟି ଏବଂ ଦିୱେଶ ପଠାନିଆ, ସାଦବ ନଜାର, ସଚ୍ଚିଦାନନ୍ଦ ପାଣ୍ଡେ ୨ଟି ଲେଖାଏ ଉଇକେଟହାସଲ କରିଥିଲେ। ପ୍ରଥମ ଇନିଂସରେ ଓଡ଼ିଶା ୨୬୯ ରନର ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ସର୍ଭିସେସ ପ୍ରଥମ ଉଇକେଟରେ ୫୯ ରନ ଯୋଡ଼ିଥିଲା। ଓପନର ନକୁଲ ବର୍ମା ୩୧ ରନ କରିଥିବା ବେଳେ ଅଭିଷେକ ରାଉତଙ୍କ ଦ୍ୱାରା ରନଆଉଟ ହୋଇଥିଲେ। ପରେ ଅନ୍ୟତମ ଓପନର ମୁମତାଜ କାଦିର ୩୧ ରନରେ ଓ ରବି ଚୌହ୍ୱାନ ୨ରନରେ ରାଜେଶ ମହାନ୍ତିଙ୍କ ଶିକାର ହୋଇଥିଲେ। ଅଧିନାୟକ ରଜତ ପଲିୱାଲ ୬ ରନରେ ଓ ରାହୁଲ ସିଂ ୧୪ରନରେ ଅପରାଜିତ ଅଛନ୍ତି।



ଦେବାଶିଷ ସାମନ୍ତରାୟ

## ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ



**ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଅଭୟାନନ୍ଦ ତ୍ରିପାଠୀ**
ଚାରମାଲ, ରେଢ଼ାଖୋଲ, ସମ୍ବଲପୁର
ଆବିର୍ଭାବ: ୧୯।୦୧।୧୯୩୩
ତିରୋଧାନ: ୦୯।୧୨।୨୦୧୯
ଆପଣଙ୍କ ହଠାତ୍ ବିୟୋଗରେ ଆମ୍ଭେମାନେ ସ୍ତବ୍ଧ ଓ ମର୍ମାହତ। ଅନେକ ସଂଗ୍ରାମ କରି ନିଜକୁ ପ୍ରତିଷ୍ଠିତ କରିପାରିଥିଲ। ଆପଣଙ୍କର ସେ ହସ ହସ ମୁହଁ ଆଉ ଦେଖାଯାଉନି, ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ପରୋପକାରିତା ଆମ୍ଭମାନଙ୍କ ଜୀବନର ଉତ୍ସ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ଅନେକ ପ୍ରାର୍ଥନା।
**ଶୋକସନ୍ତପ୍ତ ତ୍ରିପାଠୀ ପରିବାର**
ଚାରମାଳ ଓ ଢେଙ୍କାନାଳ
ବଡ଼ଜ୍ୱାଇଁ: ମୁନା, ବାବୁ ଓ କୁନ୍‌ମୁନ୍, ମିଶ୍ରପଡ଼ା, ଅନୁଗୁଳ
ଧ-୧୫୮୧୨

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ବୁଦ୍ଧନାଥ ବେହେରା**
ଆବିର୍ଭାବ: ୧୯୧୩
ତିରୋଧାନ: ୧୦।୧୨।୨୦୧୯
ତଲଉ, ସିଉଳା, ପିପିଲି
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଅବଦାନ ଆମର ପାଥେୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ପୁତ୍ର, ପୁତ୍ରବଧୂ, କୃଷ୍ଣଚନ୍ଦ୍ର, ବିଷ୍ଣୁଚନ୍ଦ୍ର, ମହେଶ୍ୱର, ଝିଅ, ଜ୍ୱାଇଁ, ନାତି, ଅଣନାତି, ବନ୍ଧୁ ଓ ପରିବାରବର୍ଗ ।
ଧ-୬୮୭୩୧

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଚୌଧୁରୀ ଚନ୍ଦ୍ରଶେଖର ଦାସ**
ଦୁଲଭରାମ ଲେନ୍, ଦାଣ୍ଡିମାଳ ସାହି, ପୁରୀ
ତିରୋଧାନ: ୦୮।୧୨।୨୦୧୯
(ମାର୍ଗଶିର ମାସ ଶୁକ୍ଳପକ୍ଷ ଏକାଦଶୀ)
ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ହତଭାଗ୍ୟ ପୁତ୍ରମାନେ: ଜଗନ୍ନାଥ (ବାବୁଲି), କୁନା, ଟିକି, ରବି, ଟୁକୁ, ସୁବାସ, ବିଲୁ, ସୁରେନ୍ଦ୍ର
ପୁତ୍ରବଧୂ: ସନ୍ଧ୍ୟା, ଟିକି, ଲିନା, କୁଲି, ପିଙ୍କି ।
ଝିଅ ଜ୍ୱାଇଁମାନେ: ସଞ୍ଜୁ-ଗଗନ, ମନାସ-ବିଷ୍ଣୁ, ସୁକାନ୍ତି-ଅରୁଣ, ମଞ୍ଜୁ-ରବୀନ୍ଦ୍ର । ନାତି ନାତୁଣୀ: ବାପି-ତେଜସ୍ୱୀ, ଲିପା-ଗଣେଶ, କୁନ୍‌ମୁନ୍-ଆଶିଷ, ମାମା, ବିଙ୍କିଲ୍, ସିଜଲ୍, ସୋନଲ୍, ପୂଜା, ଗୁଲୁ, ମେଘା, ରେହାନ୍, ଆରିୟନ୍, ଯିଲୁ, ଇଲୁ ।
ଅଣନାତୁଣୀ ନାତି: ତ୍ରିଶା, ଅଂଶ୍ ।
ବନ୍ଧୁ ଓ ପରିବାରବର୍ଗ ।
ଧ-୬୯୦୦୩

■ ସିଏଏ ନିଆଁରେ ଓଡ଼ିଆ ଯୁବକ ପ୍ରସଙ୍ଗ

# ‘ପାଗଳ କାର୍ତ୍ତିକ’ ପୋଷ୍ଟକୁ ନେଇ ଚର୍ଚ୍ଚା

**ବରଗଡ଼ ଅଫିସ/ପଦ୍ମପୁର,୧୯।୧୨**

ବୁଧବାର ନୂଆଦିଲ୍ଲୀରେ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)ବିରୋଧୀ ଆନ୍ଦୋଳନ ଚାଲିଥିବା ବେଳେ ଇଣ୍ଡିଆ ଗେଟ୍ ନିକଟରେ କାର୍ତ୍ତିକ ମେହେର ନାମକ ଜଣେ ଓଡ଼ିଆ ଯୁବକ ନିଜ ଦେହରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିଲେ। ତାଙ୍କ ଶରୀର ପ୍ରାୟ ୯୦ ଭାଗ ପୋଡ଼ିଯାଇଛି । ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ରାମ ମନୋହର ଲୋହିଆ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଏହି ରିପୋର୍ଟ ଲେଖା ହେବା ବେଳକୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଖବର ମିଳିଛି। ଚିକିତ୍ସାଧୀନ ଥିବା କାର୍ତ୍ତିକଙ୍କ ଘର ବରଗଡ଼ ଜିଲା ପଦ୍ମପୁର ନିକଟ ବୁଧାପାଲି ଗ୍ରାମରେ। ତେବେ ସେ କେଉଁ କାରଣରୁ ଏଭଳି ପଦକ୍ଷେପ ନେଲେ ତାହା ଏଯାଏ ଅସ୍ପଷ୍ଟ ରହିଛି। ଏ ନେଇ କାର୍ତ୍ତିକଙ୍କ ଭାଇ ବିକ୍ରମ ମଧ୍ୟ କୌଣସି ସ୍ପଷ୍ଟ ଉତ୍ତର ରଖି ପାରି ନାହାନ୍ତି। ତେବେ ସେ କହିଛନ୍ତି, କାର୍ତ୍ତିକ କାହିଁକି ଆତ୍ମାହୁତି ଉଦ୍ୟମ କଲେ ତା’ର ପ୍ରକୃତ କାରଣ ଖୋଜାଯାଉ। ଯଦି ପ୍ରକୃତ କାରଣ କେହି ଜାଣିବାକୁ ଚାହୁଁଛନ୍ତି କାର୍ତ୍ତିକଙ୍କ ‘ପାଗଳ କାର୍ତ୍ତିକ’ଫେସବୁକ୍ ଆକାଉଣ୍ଟକୁ ଗଲେ



କାର୍ତ୍ତିକ ମେହେର।

ସେଥିରେ ସବୁ ସ୍ପଷ୍ଟ ଭାବେ ଉଲ୍ଲେଖ ଥିବା ସେ କହିଛନ୍ତି । ବିକ୍ରମଙ୍କ କହିବା ଅନୁଯାୟୀ, କାର୍ତ୍ତିକଙ୍କ ଏକ ଫେସବୁକ୍ ଆକାଉଣ୍ଟ ରହିଛି। ‘ପାଗଳ କାର୍ତ୍ତିକ’ଙ୍କ ନାମରେ ସେ ସେହି ଆକାଉଣ୍ଟ ଖୋଲିଛନ୍ତି। ସେହି ଆକାଉଣ୍ଟରେ କାର୍ତ୍ତିକ ଗତ କିଛିଦିନ ତଳେ ଏକ ପୋଷ୍ଟ କରିଛନ୍ତି ଏବଂ ସେଥିରେ ଯାହା କିଛି ଉଲ୍ଲେଖ ରହିଛି, ତାହା ହିଁ ତାଙ୍କ ଆତ୍ମାହୁତି ଉଦ୍ୟମର କାରଣ ହୋଇଥାଇପାରେ ବୋଲି ବିକ୍ରମ କହିଛନ୍ତି। ସେହି ପୋଷ୍ଟରେ ପଦ୍ମପୁର ଉପଜିଲାପାଳଙ୍କ ଠିକଣାରେ ଏକ ଦରଖାସ୍ତ

■ ଆତ୍ମାହୁତି ଉଦ୍ୟମର କାରଣ ଅସ୍ପଷ୍ଟ

■ ଆଗରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ଜୋତା ଫିଙ୍ଗିଥିଲେ

■ ରବିବାର ଘରୁ ବାହାରି ଫେରି ନ ଥିଲେ

ଲେଖାଯିବା ସହିତ ବିଭିନ୍ନ ଦାବି ଉଲ୍ଲେଖ କରାଯାଇଛି। ସେହି ଦାବି ନେଇ ସେ ଗତ ୧୩ତାରିଖରେ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା, ଅନଶନ କରିବେ ବୋଲି ଲେଖିଛନ୍ତି । ଏହା ସତ୍ତ୍ୱେ ଦାବି ପୂରଣ ନ ହେଲେ ଗୃହମନ୍ତ୍ରୀ, ସୁପ୍ରିମକୋର୍ଟ କିମ୍ବା ରାଷ୍ଟ୍ରପତି ଭବନ ସମ୍ମୁଖରେ ଇଚ୍ଛାମୃତ୍ୟୁ ପାଇଁ ବାଧ୍ୟ ହେବେ ବୋଲି ଉଲ୍ଲେଖ କରିଛନ୍ତି। ଏହି ପୋଷ୍ଟ କାର୍ତ୍ତିକଙ୍କ ଅଟେ ବୋଲି ବିକ୍ରମ କହୁଛନ୍ତି। ଦିଲ୍ଲୀ ଯାଇ ସେଠାରେ ସେ ଆତ୍ମାହୁତି ଉଦ୍ୟମ କରିବା ଯୋଗୁ ଉକ୍ତ ଫେସବୁକ୍ ପୋଷ୍ଟ ସହିତ ତା’ର ସମ୍ପର୍କ ଥାଇପାରେ ବୋଲି ଅନୁମାନ କରାଯାଉଛି। ବିକ୍ରମ ଆହୁରି କହିଛନ୍ତି, ଗତ ରବିବାର କାର୍ତ୍ତିକ ଘରୁ ବାହାରି ଆଉ ଫେରି ନାହାନ୍ତି। ଘରକୁ ଫେରି ନ ଥିବାରୁ ଗତ କିଛିଦିନ ତଳେ ସେ ଫୋନ୍ କରିଥିଲେ ଏବଂ ସେ ଦିଲ୍ଲୀ ଯାଉଥିବା ନେଇ ତାଙ୍କୁ କହିଥିଲେ ବୋଲି ବିକ୍ରମ ପ୍ରକାଶ କରିଛନ୍ତି। ଅନ୍ୟପଟେ ବୁଧବାର ସନ୍ଧ୍ୟାରେ ଜଣେ ପୋଲିସ କର୍ମଚାରୀ ତାଙ୍କୁ ଫୋନ କରି ଦିଲ୍ଲୀରେ କାର୍ତ୍ତିକ ଆତ୍ମାହୁତି ଉଦ୍ୟମ କରିଥିବା କହିଥିଲେ ବୋଲି ବିକ୍ରମ କହିଛନ୍ତି ।

ସୂଚନାଯୋଗ୍ୟ, ୨୦୧୮ ବିଜେପୁର ଉପନିର୍ବାଚନ ସମୟରେ ଅର୍ଥାତ୍ ଫେବୃୟାରୀ ୨୦ରେ ବରପାଲି ବ୍ଲକ କୁମ୍ଭାରୀରେ ଏକ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଥିବାବେଳେ କାର୍ତ୍ତିକ ତାଙ୍କ ଉପରକୁ ଜୋତା ଫିଙ୍ଗି ଥିଲେ। ଏହା ପୂର୍ବରୁ ପଦ୍ମପୁରରେ ଅନ୍ୟ ଏକ ସଭା ଚାଲିଥିବାବେଳେ କାର୍ତ୍ତିକ ଏକ କୋଠା ଉପରକୁ ଚଢ଼ି କଳା ପତାକା ପ୍ରଦର୍ଶନ କରି ଚର୍ଚ୍ଚାକୁ ଆସିଥିଲେ। ଏକ ବୁଣାକାର ପରିବାରରେ ଜନ୍ମିତ କାର୍ତ୍ତିକଙ୍କ ପରିବାରରେ ମା’ ବାପା, ଭାଇ, ଭଉଣୀ ଅଛନ୍ତି।






■ କେନ୍ଦ୍ରିକଳା ଜଙ୍ଗଲ ରାସ୍ତା କଡ଼ରୁ ମିଳିଲା ମୃତଦେହ

# ତଣ୍ଟି କାଟି ଯୁବକଙ୍କୁ ହତ୍ୟା

**ବଣାଇଁ,୧୯।୧୨(ସ୍ୱ.ପ୍ର.)**

ସୁନ୍ଦରଗଡ଼ ଜିଲା ବଣାଇ ଥାନା ଅନ୍ତର୍ଗତ କେନ୍ଦ୍ରିକଳା ଗାଁ ଜଙ୍ଗଲ ରାସ୍ତା କଡରୁ ଗୁରୁବାର ସକାଳେ ରକ୍ତଜୁଡୁବୁଡୁ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ସେ ହେଲେ ବଣାଇଗଡ଼ ସହରରେ ରହୁଥିବା ଅନିଲ ମୁଣ୍ଡା(୩୫)। ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଅନୀଲଙ୍କ ବାପା ଏତୁଆ ମୁଣ୍ଡା ବଣାଇଁଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଦଫା ୩୦୨ରେ ଏକ ହତ୍ୟା ମାମଲା(ନଂ.୧୫୫/୨୦୧୯) ରୁଜୁକରି ଅଧିକ ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ଅନିଲ ବୁଧବାର ରାତିରେ ଏକ ବାଇକ୍(ନଂ.ଓଆର୧୪ଭି–୫୫୭୧)ରେ ସାଙ୍ଗମାନଙ୍କ ସହ ଯାଇଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ। ଗୁରୁବାର ସକାଳେ ସ୍ପଞ୍ଜ କାରଖାନାରେ କାମ କରୁଥିବା ଶ୍ରମିକମାନେ କେନ୍ଦ୍ରିକଳା ଗ୍ରାମ ଜଙ୍ଗଲ ରାସ୍ତା କଡରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନେ କେନ୍ଦ୍ରିକଳା ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ବଣାଇ ଥାନା ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର, ଏସ୍‌ଆଇ ଭୂପେନ୍ଦ୍ର ମାଝି, ବଣାଇଁ ଉପଖଣ୍ଡ ପୋଲିସ ଅଧିକାରୀ ଅବକାଶ ରାଉତରାୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ରାଉରକେଲାରୁ ସାଇଣ୍ଟିଫିକ ଟିମ୍ ସନ୍ଧାନୀ କୁକୁର ସହ ପହଁଞ୍ଚିବା ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ପୋଲିସ ତଦନ୍ତ ବେଳେ ଅନୀଲଙ୍କ ଗଳା କଟା ହେବା ସହ ମୁଣ୍ଡକୁ ପଥରେ ଛେଚି ହତ୍ୟା କରାଯାଇଥିବା ଦେଖିବାକୁ ମିଳିଥିଲା। ପୋଲିସ ଘଟଣାସ୍ଥଳରୁ ମଦ ଓ ପାଣି ବୋତଲ, ପ୍ଲାଷ୍ଟିକ ଗ୍ଲାସ, ସିଝା ଅଣ୍ଡା ସହ ଏକ ଧାରୁଆ ବ୍ଲେଡ୍, ରକ୍ତ ଲାଗିଥିବା ପଥର ଜବତ କରିଛି। ଅନିଲଙ୍କ ବାଇକ୍‌କୁ ଘଟଣାସ୍ଥଳରୁ ଜବତ କରାଯାଇଛି। ସାଙ୍ଗମାନଙ୍କ ମଧ୍ୟରେ କୌଣସି କଥା କଟାକଟିକୁ କେନ୍ଦ୍ର କରି ଏହି ହତ୍ୟାକଣ୍ଡ ଘଟିଥିବା ପୋଲିସ ଅନୁମାନ କରୁଛି। ଖୁବ୍ ଶୀଘ୍ର ଘଟଣାର ପର୍ଦ୍ଦାଫାଶ କରାଯିବ ବୋଲି ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ରାଉତରାୟ ପ୍ରକାଶ କରି ଛନ୍ତି ।

# କୂଅରେ ପଡ଼ି ଜୀବନ ଗଲା

**ଠାକୁରମୁଣ୍ଡା,୧୯।୧୨(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ ବାଟଗୌଡ଼ଗାଁ ଗ୍ରାମର ଜଣେ ଦିବ୍ୟାଙ୍ଗ ବୃଦ୍ଧ ହାତୀ କବଳରୁ ରକ୍ଷା ପାଇବାକୁ ଯାଇ କୂଅରେ ପଡ଼ି ମୃତ୍ୟୁ ବରଣ କରିଛନ୍ତି। ମୃତକ ଜଣକ ହେଲେ ଦ୍ୱାରୀ ନାଏକ (୬୫)। ସେ ଅତ୍ୟନ୍ତ ଗରିବ ହୋଇଥିବାରୁ ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।






# ସ୍ୱାମୀଙ୍କ ଶାବଳ ମାଡ଼ରେ ସ୍ତ୍ରୀ ଗୁରୁତର

**ବଡ଼ଗାଁ,୧୯।୧୨(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅନ୍ତର୍ଗତ ସିଆଁମାଲ(ବଜାରପଡ଼ା) ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ବୃଦ୍ଧଙ୍କ ଶାବଳ ମାଡ଼ରେ ସ୍ତ୍ରୀ ଗୁରୁତର ହୋଇଛନ୍ତି । ସଂପୃକ୍ତ ମହିଳାଙ୍କ ଗୁପ୍ତାଙ୍ଗରେ କ୍ଷତ ସୃଷ୍ଟି ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ବଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ପ୍ରାୟ ୫ଟା ସମୟରେ ଅଲେଖ ମିରିଙ୍ଗ(୬୦) ନିଶାସକ୍ତ ଅବସ୍ଥାରେ ଘରକୁ ଆସିଥିଲେ। ମଦ୍ୟପାନକୁ ନେଇ ସ୍ତ୍ରୀଙ୍କ ସହ ଅଲେଖଙ୍କ ପାଟିତୁଣ୍ଡ ହୋଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ଅଲେଖ ଘରେ ଥିବା ଏକ ଶାବଳ ବାହାର କରି ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଅଲେଖଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।

# ମଧ୍ୟପ୍ରଦେଶ ଫେରିଯିବ ‘ସୁନ୍ଦରୀ’

**ଭୁବନେଶ୍ୱର, ୧୯।୧୨(ବ୍ୟୁରୋ):** ସାତକୋଶିଆରୁ ମଧ୍ୟପ୍ରଦେଶ ଫେରିଯିବ ବାଘୁଣୀ ‘ସୁନ୍ଦରୀ’। ଯଥାଶୀଘ୍ର ଫେରାଇ ଦେବାକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି।



ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ମହାବୀର ବାଘର ମୃତ୍ୟୁ ଏବଂ ସୁନ୍ଦରୀ ବାଘୁଣୀକୁ ପରିଚାଳନାରେ ବିଫଳତା ପାଇଁ ଓଡ଼ିଶା ବନ ବିଭାଗକୁ ଦାୟୀ କରିଛି ଏନ୍‌ଟିସିଏ। ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଟିସିଏ ଗୁରୁବାର ଲେଖିଥିବା ଚିଠିରେ କଡ଼ା ଭାଷାରେ ଭର୍ତ୍ସନା କରାଯାଇଛି। ବନ ବିଭାଗର ସବୁ ଦୋଷ ଓ ଦୁର୍ବଳତାକୁ ଚିଠିରେ ଚିକିନିଖି ଉଲ୍ଲେଖ କରିଛନ୍ତି ଏନ୍‌ଟିସିଏ ଡିଆଇଜି ସୁରେନ୍ଦର୍ ମେହେଟ୍ଟା। ମହାବୀରର ମୃତ୍ୟୁ ପରେ ଏନ୍‌ଟିସିଏ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ଚିଠି ଲେଖିଥିଲେ। ମୃତ୍ୟୁର ଏକାଧିକ କାରଣ ଦର୍ଶାଇବା ସହ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସୁପାରିସ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ତେଣୁ ଏଥର ଆଉ ବନ ବିଭାଗକୁ ଭରସା ନ କରି ଏନ୍‌ଟିସିଏ ସିଧା ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ବନ ବିଭାଗର କାରସାଦିକୁ ଖୁଲାସା କରିଥିବା କୁହାଯାଉଛି। ଏହି ଚିଠିରେ ୪ ମୁଖ୍ୟ ବିଷୟରେ ବନ ବିଭାଗର ଅନେକ ଦୁର୍ନୀତି ଏବଂ ଅବହେଳା ଉଲ୍ଲେଖ କରାଯାଇଛି। ପ୍ରଥମତଃ ବନ ବିଭାଗ ତରଫରୁ ମହାବୀର ଓ ସୁନ୍ଦରୀକୁ ମନିଟରିଂବେଳେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁୟର(ଏସ୍‌ଓପି) ପାଳନ ହୋଇ ନ ଥିଲା। ଏନ୍‌ଟିସିଏ ବାରମ୍ବାର ଚିଠି ଲେଖିଥିଲେ ମଧ୍ୟ ବନ ବିଭାଗ ଆଦୌ ଗୁରୁତ୍ୱ ଦେଇ ନ ଥିଲା। ଦ୍ୱିତୀୟତଃ ସୁନ୍ଦରୀକୁ ଧରିବାବେଳେ ଏନ୍‌ଟିସିଏ ଗାଇଡ୍‌ଲାଇନ ପାଳନ ହୋଇନାହିଁ ଏବଂ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ର ଉଲ୍ଲଂଘନ ହୋଇଛି। ଖାଲି ସେତିକି ନୁହେଁ, ୧ ବର୍ଷରୁ ଅଧିକ ସମୟ ଧରି ଏକ ଛୋଟ ଏନ୍‌କ୍ଲୋଜର ମଧ୍ୟରେ ଆବଦ୍ଧ କରି ରଖାଯାଇଥିବାବେଳେ ତାକୁ ପୁନର୍ବାର ଜଙ୍ଗଲରେ ଛାଡ଼ିବା ପାଇଁ ବ୍ୟବସ୍ଥା କରାଗଲା ନାହିଁ।








Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଯିଏ ମୃତ୍ୟୁ ପର୍ଯ୍ୟନ୍ତ ମଧ କିଛି ଦାନ ନ କରେ
ତାହାଠାରୁ ବଳି ହତଭାଗ୍ୟ ଆଉ କେହି ନାହାନ୍ତି।
- ସେକ୍ସପିଅର



## ସଂକ୍ଷେପରେ

### ବିଗ୍ରହ ପ୍ରତିଷ୍ଠା ଉତ୍ସବ ଉଦ୍‌ଘାଟିତ

ଅତାବିରା, ୧୯।୧୨ (ଡି.ଏନ.ଏ)

ଅତାବିରା ବ୍ଲକ କୁଲିତାଟୁକୁରା ଗ୍ରାମରେ ନବନିର୍ମିତ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବକୁ ଗୁରୁବାର ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଉଦଘାଟନ କରିଛନ୍ତି । ସକାଳ ୧୦ଟାରୁ ଅଙ୍କୁରରୋପଣ ଓ କଳସ ଯାତ୍ରା ହୋଇଥିଲା । ଆସନ୍ତା ୨୦ ତାରିଖରେ ପ୍ରତିଷ୍ଠା ଓ ଯୂପ ପ୍ରତିଷ୍ଠା, ୨୧ରେ ମହାପ୍ରଭୁଙ୍କ ମହାସ୍ନାନ, ପ୍ରାଣ ପ୍ରତିଷ୍ଠା ଓ ସହସ୍ର ନାମହୋମ, ୨୨ରେ ଚଣ୍ଡିପାଠ ହୋମ, ୨୩ରେ ଯଜ୍ଞ ମଣ୍ଡପ ପୂର୍ଣ୍ଣାହୁତି ଏବଂ ବିଗ୍ରହମାନଙ୍କ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ରାମଲୀଳା ମୁଖ୍ୟ ଆକର୍ଷଣ ରହିଛି। ଏହି ଉପଲକ୍ଷେ ସନ୍ଧ୍ୟାରେ ରାମଲୀଳାକୁ ମଧ ମୁଖ୍ୟଅତିଥି ଛୁରିଆ ଉଦଘାଟନ କରିଥିଲେ। କମିଟି ସଭାପତି ପୀତାମ୍ବର ସାହୁ, ଭଗବାନ ସାହୁ, ବିଶ୍ୱଜିତ ସାହୁ, ଲକ୍ଷ୍ମଣ ଦାଶ, ଅଶ୍ୱିନୀ ସାହୁ, ରବିନ୍ଦ୍ର ସାହୁ, ବାବୁଲୁ ସାହୁ ପ୍ରମୁଖ ସହଯୋଗ କରିଛନ୍ତି ।

### ବିଦ୍ୟୁତ୍ ସଂସ୍ପର୍ଶରେ ମୃତକଙ୍କ ସ୍ତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ

ମନମୁଣ୍ଡା, ୧୯।୧୨ (ଡି.ଏନ.ଏ)

ବିଦ୍ୟୁତ ସଂସ୍ପର୍ଶରେ ମୃତ୍ୟୁ ହୋଇଥିବା କନ୍ଧମାଳ ବ୍ଲକ ଘିକୁଣ୍ଡି ପଞ୍ଚାୟତ ରତାଖଣ୍ଡି ଗ୍ରାମର ଶ୍ରମିକ ଶୁକଦେବ ତରିଆ (୨୭)ଙ୍କ ସ୍ତ୍ରୀ ରୀତାଞ୍ଜଳିଙ୍କୁ ପ୍ରଶାସନ ତରଫରୁ ୧୦ ହଜାର ଟଙ୍କା ଚେକ୍ ପ୍ରଦାନ କରାଯାଇଛି । ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ କନ୍ଧମାଳ ତହସିଲଦାର ତଥା ବିଡିଓ ବନ୍ଦନା ଖଟୁଆ ବୁଧବାର ଅପରାହ୍ନରେ ମୃତକଙ୍କ ଘରକୁ ଯାଇ ତାହା ପ୍ରଦାନ କରିଥିଲେ । ପ୍ରକାଶଥାଉକି, ଗତ ୯ତାରିଖରେ ଦେଉଳି (ମନମୁଣ୍ଡା)ଠାରେ ଶୁକଦେବ ଜଣଙ୍କ ଘର କାମ କଲାବେଳେ ଆକସ୍ମିକ ଭାବେ ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯିବାରୁ ତାଙ୍କ ଶରୀରର ୫୪ ପ୍ରତିଶତ ପୋଡି ଯାଇଥିଲା। ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୩ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା ।

### ୨ଶହ ଲୋକଙ୍କ ଚକ୍ଷୁ ପରୀକ୍ଷା

ବୌଦ୍ଧ,୧୯।୧୨(ସ୍ୱ.ପ୍ର)

ହରଭଙ୍ଗାର ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟରେ ଗୁରୁବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି । ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ପ୍ରିୟନାଥ ଶର୍ମା ଉଦଘାଟନ କରିଥିଲେ। ବୌଦ୍ଧ ଜିଲା ୟୁଥ ରେଡକ୍ରସ କୋର୍ଡିନେଟର ଅଧ୍ୟାପକ ସୁରେଶ୍ୱର ଯୋଶୀ, ଟେକ୍ସିଆନ ସୁଜିତ ଥାପା, ସରୋଜ ସିଂ, ଚନ୍ଦ୍ରଶେଖର ନନ୍ଦ, ଧର୍ମରାଜ ନାଏକ, ପ୍ରଗତି ମିଶ୍ର, ଲକି ଭୋଇ ଓ ଅଧ୍ୟାପକ ସୁଦାମ ଚରଣ ପୃଷ୍ଟି, ମନୋଜ କୁମାର ପ୍ରହରାଜ, ହିମାଂଶୁ ଶେଖର ରାଉତ, ଓ ରେଡକ୍ରସର ସ୍ୱେଚ୍ଛାସେବୀ ମାନେ ଶିବିର ପରିଚାଳନା କରିଥିଲେ । ଏଥିରେ ୨୦୦ରୁ ଅଧିକ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା ।

# ଟୋକନ ଦାବିରେ ଗଣଧାରଣା

ପାଇକମାଳ, ୧୯।୧୨ (ଡି.ଏନ.ଏ)



ଚାଷୀମାନେ ଆର୍‌ଆଇ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି ।

ପାଇକମାଳ ବ୍ଲକ ଜାମସେଠ ସମବାୟ ସମିତିର ଶହ ଶହ ଚାଷୀ ସେମାନଙ୍କ ଖରିଫ ଧାନ ବିକ୍ରୟ ପାଇଁ ଟୋକନ ପାଇବାରେ ବିଳମ୍ବ ହୋଇଛି । ଏହାର ପ୍ରତିବାଦରେ ମାଣ୍ଡୋସିଲ ଆଞ୍ଚଳିକ କୃଷକ ମହାସଂଘ ଜାମସେଠ ଆର୍‌ଆଇ ଅଫିସ ସମ୍ମୁଖରେ ଦେଇଥିବା ଗଣଧାରଣା ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ଧାରଣାସ୍ଥଳକୁ କୌଣସି ପ୍ରଶାସନିକ ଅଧିକାରୀ ଆସିନାହାନ୍ତି। ବୁଧବାର ଜାମସେଠ ସମବାୟ ସମିତିର ସମ୍ପାଦକ ଦାମୋଦର ରଣା ଚାଷୀମାନଙ୍କ ଠାରୁ ଦାବିପତ୍ର ଗ୍ରହଣ କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ସୂଚନାଯୋଗ୍ୟ, ଏହି ସେବା ସମବାୟ ସମିତିରେ ଡିସେମ୍ବର ୩୦ ତାରିଖ କୃଷି ଋଣ ପରିଶୋଧ ପାଇଁ ସରକାର ଧାର୍ଯ୍ୟ କରିଥିବା ବେଳେ ଚାଷୀମାନେ ଧାନ ବିକ୍ରୟ କରି ନ ପାରୁଥିବାରୁ ସେମାନେ ଋଣ କିପରି ପରିଶୋଧ କରିବେ ଓ ରବି ଚାଷ କିପରି କରିବେ ସେହି ଚିନ୍ତାରେ ରହିଛନ୍ତି । ତେଣୁ ଜିଲାପାଳ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି । ଏହି ଆନ୍ଦୋଳନରେ ଗିରିଶ ତନସନା, ଚନ୍ଦ୍ରମଣି ସାହୁ, ତରଣୀ ଷଡଙ୍ଗୀ, ଦଶରଥ ବିନାଟ, ବଲ୍ଲି ପାପ୍ପା ରାଓ, ରେଙ୍ଗିନାଗାସାଇ ରମେଶ, ଭଲ୍ଲରୀବୀର ରାଜୁ, ସିରମଣୀ ସାହୁ ପ୍ରମୁଖ ଭାଗ ନେଇଥିଲେ ।

# ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

ବରଗଡ଼ ଅଫିସ୍,୧୯।୧୨

ବରଗଡ଼ ଟାଉନ ଥାନା ଅନ୍ତର୍ଗତ ବାନ୍ଧୁଟିକ୍ରାର ଜଣେ ମହିଳାଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ଗୁରୁବାର ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତ୍ତି କରି ପୋଲିସ ଦଫା ୪୯୮(ଏ), ୩୦୨, ୩୦୪(ବି), ୩୪ଆଇପିସି ଏବଂ ୪ଡିପି ଆକ୍ଟରେ ଏକ ମାମଲା ରୁଜୁ କରିଛି । ଏହା ସହିତ ମୃତ ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖି ଅଧିକ ପଚରାଉଚୁରା କରାଯାଉଛି ।

ସୂଚନା ଅନୁଯାୟୀ, ଛତିଶଗଡ଼ ଜିଲା ରାୟଗଡ଼ ଜିଲା ଗଡ଼ଉମରିଆ ଗ୍ରାମର ଡିଲେଶ୍ୱର ମେହେରଙ୍କ ଝିଅ ଆରତୀ ଗତ ତିନିବର୍ଷ ତଳେ ବରଗଡ଼ ବାନ୍ଧୁଟିକ୍ରା ନିବାସୀ ହାଡୁ ମେହେରଙ୍କ ପୁଅ ପିଣ୍ଟୁଙ୍କୁ ବିବାହ କରିଥିଲେ। ବିବାହ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ଆରତୀଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦେଇ ଆସୁଥିବା ଅଭିଯୋଗ ହୋଇଛି । ତେବେ ଆରତୀ ଶିଶୁକନ୍ୟା ଜନ୍ମ ଦେବା ପରେ ତାଙ୍କ ପ୍ରତି ଶାଶୁଘର ଲୋକଙ୍କ ନିର୍ଯାତନା ବଢ଼ିଯାଇଥିଲା ଏବଂ ଏ ନେଇ ଆରତୀ ତାଙ୍କୁ କହିଥିଲେ ବୋଲି ତାଙ୍କ ବାପା ଡିଲେଶ୍ୱର ଅଭିଯୋଗ କରିଛନ୍ତି । ସେହିପରି ଆରତୀଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର ୧୦ଭରି ସୁନା ଏବଂ ୨ଲକ୍ଷ ଟଙ୍କା ଦାବି କରି ଆସୁଥିବା ଡିଲେଶ୍ୱର କହିଛନ୍ତି । ତାହା ସେ ଦେବାରେ ଅକ୍ଷମ ହେବାରୁ ଶାଶୁଘର ଲୋକେ ବୁଧବାର ରାତ୍ରିରେ ଆରତୀଙ୍କ ତଣ୍ଟି ଚିପି ହତ୍ୟା କରିଛନ୍ତି ଏବଂ ଏହି ଘଟଣାକୁ ଭିନ୍ନରୂପ ଦେବା ପାଇଁ ଉଦ୍ୟମ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି । ସ୍ଥାନୀୟ ଟାଉନ ଥାନା ପୋଲିସ ଜିଲା ମୁଖ୍ୟ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇଛି। ସେହିପରି ପୋଲିସ ମୃତା ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ କରୁଛି ବୋଲି ଟାଉନ ଥାନା ଅଧିକାରୀ ସଦାନନ୍ଦ ପୂଝାରୀ କହିଛନ୍ତି ।

# ରାଜସ୍ଥାନ, ଗୁଜରାଟ ବଜାର ବୁଲିଲେ ଆରଏମସି କର୍ମଚାରୀ

ବରଗଡ଼ ଅଫିସ୍,୧୯।୧୨

କୃଷକମାନଙ୍କ ଆର୍ଥିକ ଅଭିବୃଦ୍ଧି, କୃଷିଜାତ ଦ୍ରବ୍ୟର ସୁବିପଣନ, ବଜାର ପ୍ରାଙ୍ଗଣରେ ଆନୁସଙ୍ଗିକ ଭିତ୍ତିଭୂମିର ଦୃଢ଼ୀକରଣ, ଇ-ମାର୍କେଟିଂ, ମାନବ ସମ୍ବଳର ଉପାଦେୟତା ଉପରେ ଜ୍ଞାନ ଆହରଣ ଓ ଅଭିଜ୍ଞତା ହାସଲ ପାଇଁ ରାଜସ୍ଥାନ, ଗୁଜୁରାଟ ଯାଇ ସେଠାକାର ବିଭିନ୍ନ ବଜାର ପରିଦର୍ଶନ ପରେ ବରଗଡ଼ ନିୟନ୍ତ୍ରିତ ବଜାର କମିଟିର ସଭ୍ୟ ତଥା କର୍ମଚାରୀମାନେ ଏଠାକୁ ଫେରିଛନ୍ତି । ବରଗଡ଼ ଅତିରିକ୍ତ ଜିଲାପାଳ ତଥା ନିୟନ୍ତ୍ରୀତ ବଜାର କମିଟି(ଆରଏମସି)ର ଅଧ୍ୟକ୍ଷ ମିର୍ଧା ଟପ୍ପୋଙ୍କ ନିର୍ଦ୍ଦେଶ ଏବଂ ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆଙ୍କ ଉଦ୍ୟମରେ ଆରଏମସି କର୍ମଚାରୀ ଗିରିଧାରୀ ମହାକୁରଙ୍କ ତତ୍ତ୍ୱାବଧାନରେ ସେମାନେ ରାଜସ୍ଥାନର ବିକଶିତ ଚୋମୁ, କିଶନଗଡ଼, ମାଉଣ୍ଟ ଆବୁ ରୋଡ୍ ମାର୍କେ ଏବଂ ଗୁଜୁରାଟର ଆନନ୍ଦ ମାର୍କେଟ୍, ଜୁନାଗଡ଼ ମାର୍କେଟ୍, ରାଜକୋଟ, ରାଜପିପିଲି ମାର୍କେଟ ଆଦି ସ୍ଥାନ ପରିଦର୍ଶନ କରିଥିଲେ । ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଉପାଧ୍ୟକ୍ଷ ବିଦ୍ୟାଧର ଭୋଇ, ସଦସ୍ୟ ସୁକାନ୍ତ କୁମାର ଦାଶ, ସୁବାସ ଚନ୍ଦ୍ର ପଣ୍ଡା, ଦିଲୀପ ପ୍ରଧାନ, ନିର୍ମଳ ପାତ୍ର, ହେମନ୍ତ ପଣ୍ଡା, ରଜନୀକାନ୍ତ ବାରିକ, ସୁଜିତ କୁମାର ମହାନ୍ତି, ସଞ୍ଜିତ୍ ହନୁମାନ ପ୍ରମୁଖ ପରିଦର୍ଶନକାରୀ ଦଳରେ ରହିଥିଲେ ।

ଗୁଜୁରାଟ ଓ ରାଜସ୍ଥାନର ଆଧୁନିକ, ଉନ୍ନତ ବୈଷୟିକ ପଦ୍ଧତିରେ ପରିଚାଳିତ ବଜାର ବ୍ୟବସ୍ଥାରେ ସଭ୍ୟମାନେ ସନ୍ତୋଷ ପ୍ରକଟ କରିବା ସହିତ ସେଠାରେ ଉପଲବ୍ଧ ଉନ୍ନତ ଧରଣର ଆନୁସଙ୍ଗିକ ଭିତ୍ତିଭୂମି, ସୁବ୍ୟବସ୍ଥା ସେମାନଙ୍କୁ ପ୍ରଭାବିତ କରିଥିଲା ବୋଲି ସେମାନେ କହିଛନ୍ତି । ରାଜସ୍ଥାନ, ଗୁଜୁରାଟ ରାଜ୍ୟର ମାର୍କେଟ ଗୁଡ଼ିକରେ ନିୟୋଜିତ କର୍ମଚାରୀଙ୍କ କାର୍ଯ୍ୟଶୈଳୀ, କାର୍ଯ୍ୟଦକ୍ଷତା, ଦାୟିତ୍ୱ, ନିଷ୍ଠାପରତା ମଧ୍ୟ ସେମାନଙ୍କୁ ପ୍ରଭାବିତ କରିଥିବା କହିଛନ୍ତି । ଓଡ଼ିଶାର ନିୟନ୍ତ୍ରିତ ବଜାର କମିଟି ଅଧୀନରେ ବଜାର ଗୁଡ଼ିକରେ ମଧ୍ୟ ସେହିଭଳି ସୁବ୍ୟବସ୍ଥା, ଆନୁସଙ୍ଗିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଆରଏମସି କର୍ମଚାରୀ, ସଭ୍ୟମାନେ ଗୁରୁତ୍ୱାରୋପ କରିଛନ୍ତି। କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ଉନ୍ନତମାନର ବଜାର ପ୍ରତିଷ୍ଠା ଦିଗରେ ସରକାର, ଜିଲା ପ୍ରଶାସନ, ଜନପ୍ରତିନିଧିମାନେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସଭ୍ୟମାନେ ଦୃଷ୍ଟି ଆକର୍ଷଣ କରିଛନ୍ତି ।



ରାଜସ୍ଥାନ, ଗୁଜରାଟ ପରିଦର୍ଶନ କରିଥିବା ଆରଏମସି ସଭ୍ୟ, କର୍ମଚାରୀବୃନ୍ଦ ।

## ■ ମୋବାଇଲ ଚୋରି ଘଟଣାର ପର୍ଦ୍ଦାଫାଶ
# ୫ ଅଭିଯୁକ୍ତ କୋର୍ଟଚାଲାଣ



ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତମାନଙ୍କୁ ହାଜର କରିଛି ।

ପଦ୍ମପୁର,୧୯।୧୨(ଡି.ଏନ.ଏ)

ବରଗଡ଼ ଜିଲା ପାଇକମାଳର ଏକ ମୋବାଇଲ ଦୋକାନରୁ ଗତ ୧୧ତାରିଖ ରାତ୍ରିରେ ହୋଇଥିବା ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି। ପୋଲିସ ଏହି ଘଟଣାରେ ୫ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ଅନ୍ୟ ୩ ନାବାଳକଙ୍କୁ ମଧ୍ୟ ଧରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାଇକମାଳ ଥାନା ଝୁନଗାଡିହି ଗ୍ରାମର ଲଳିତ ବରିହା(୨୬), ପଦ୍ମପୁର ଥାନା ମହୁଲପାଲିର ଦିନେଶ ସାହୁ(୨୦), ପଦ୍ମପୁର ଥାନାପଡ଼ାର ଗୋପୀ ଓରଫ ଗୋପାଳ ଯଶୱାନୀ(୨୯), ଦେଉଳି ଗ୍ରାମର ଯୁଗଳ କିଶୋର ଭୋଇ(୨୩) ଏବଂ ଦର୍ବେକେଲା ଗ୍ରାମର ଭୁବନ ସାହୁ ଓରଫ ଜୟଦେବ ସାହୁ । ଗିରଫ ଅଭିଯୁକ୍ତମାନଙ୍କୁ ଗୁରୁବାର ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପଦ୍ମପୁର ସବଜେଲକୁ ପଠାଇ ଦିଆଯାଇଛି । ସେହିପରି ଧରାପଡ଼ିଥିବା ଅନ୍ୟ ୩ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସଙ୍କ ପାଖକୁ ପଠାଯିବ ବୋଲି ପୋଲିସ କହିଛି । ସେମାନଙ୍କ ପାଖରୁ ୨୨ଟି ମୋବାଇଲ, ଚିପ୍ସ, ପେନ୍ ଡ୍ରାଇଭ, ଚୋରିରେ ବ୍ୟବହୃତ ଏକ କାର୍ (ନଂ.ଓଡ଼ି୧୭/୯୭୮୬), ଛୁରୀ ଜବତ କରାଯାଇଛି ।

ଏ ନେଇ ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସଡ଼ିପିଓ ପ୍ରଦୀପ କୁମାର ସାହୁ ସୂଚନା ଦେଇ କହିଥିଲେ, ପାଇକମାଳ ଥାନା ଡୁଙ୍ଗୁରିପାଲି ଗ୍ରାମର ପରମାନନ୍ଦ ସୁନା ପାଇକମାଳରେ ଏକ ମୋବାଇଲ ଦୋକାନ ଦେଇଛନ୍ତି । ଗତ ୧୧ତାରିଖ ବିଳମ୍ବିତ ରାତ୍ରିରେ ସେହି ଦୋକାନରୁ ମୋବାଇଲ, ଚିପ୍ସ, ପେନଡ୍ରାଇଭ ଆଦି ଚୋରି ହୋଇ ଯାଇଥିଲା। ଏ ନେଇ ପରମାନନ୍ଦ ଗତ ୧୩ତାରିଖରେ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ଏହାର ତଦନ୍ତ କରିଥିଲା । ପାଇକମାଳ ଥାନା ଅଧିକାରୀ ବିଶ୍ୱଜିତ୍ ମନବୋଧଙ୍କ ନେତୃତ୍ୱରେ ଗଠିତ ଏକ ଟିମ୍ ଏ ନେଇ ତନାଘନା ଚଳାଇଥିଲେ ଏବଂ ପରେ ସମସ୍ତ ଚୋରି ସାମଗ୍ରୀ ଉଦ୍ଧାର ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ । ଖବରଦାତା ସମ୍ମିଳନୀରେ ପାଇକମାଳ ଥାନା ଅଧିକାରୀ ମନବୋଧ ଉପସ୍ଥିତ ଥିଲେ ।

## ଗାଇସିଲେଟରେ ଲିପିକାଙ୍କୁ ସମ୍ବର୍ଦ୍ଧନା

ଗାଇସିଲେଟ,୧୯।୧୨(ଡି.ଏନ.ଏ)

ବରଗଡ଼ ଜିଲା ଗାଇସିଲେଟ ଆଦର୍ଶ ବିଦ୍ୟାଳୟରେ ପର୍ବତାରୋହୀ ଲିପିକା ସେଠକୁ ବୁଧବାର ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅବସରରେ ଅଧ୍ୟକ୍ଷ ପ୍ରସନ୍ନ କୁମାର ବେହେରା ଲିପିକାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶୁଭ ପ୍ରଧାନ ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟକ୍ଷ ବେହେରା ସ୍ୱାଗତ ଭାଷଣ ଦେଇଥିଲେ । କାର୍ଯ୍ୟକ୍ରମରେ ଲିପିକା ମୁଖ୍ୟଅତିଥି ଭାବେ ମଧ୍ୟ ଯୋଗଦାନ କରିଥିଲେ ଏବଂ କ୍ରୀଡ଼ା କ୍ଷେତ୍ରରେ ଆଗ୍ରହ ସୃଷ୍ଟି ପାଇଁ ବକ୍ତବ୍ୟ ରଖିଥିଲେ । କ୍ରୀଡ଼ା ଶିକ୍ଷକ ଅମରଦୀପ କୁଜୁରଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସରୋଜିନୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।



ପର୍ବତାରୋହୀ ଲିପିକା ସେଠଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

# ଗଡ଼ଜାତ ଲୋକ ମହୋତ୍ସବ ଉଦ୍‌ଯାପିତ

ବୌଦ୍ଧ,୧୯।୧୨(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ତୃତୀୟ ରାଜ୍ୟସ୍ତରୀୟ ଗଡଜାତ ଲୋକ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଜିଲାର କଳା, ସଂସ୍କୃତି ଓ ଐତିହ୍ୟକୁ ନେଇ ବୀରନରସିଂହପୁର ଗଡଜାତ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଲୋକ ମହୋତ୍ସବ ୫ ଦିନ ଧରି ସାଧୁଚରଣ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିଲା। ଉଦଯାପନୀ ସନ୍ଧ୍ୟାରେ ଗଡଜାତ ସାଂସ୍କୃତିକ ପରିଷଦ ସଭାପତି ବିଶ୍ୱଜିତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶକ୍ତି, କ୍ଷୁଦ୍ରଶିଳ୍ପ ଓ ଗୃହ ବିଭାଗ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟଅତିଥି, ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ, ଟିଁକିଟି ବିଧାୟିକା ଉଷାଦେବୀ, ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଭୁବନେଶ୍ୱର ରୋଟାରି କ୍ଲବର ସହ ଗଭର୍ଣ୍ଣର ଅଶୋକ କୁମାର ଅଗ୍ରୱାଲା ସମ୍ମାନିତ ଅତିଥି ଏବଂ ଇଂ. ସଞ୍ଜୟ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସ୍ଥାନୀୟ ସରପଞ୍ଚ ସୁବର୍ଣ୍ଣ ମଲିକ ମଞ୍ଚାସୀନ ଥିଲେ । ଗଡଜାତ ମହୋତ୍ସବର ମୁଖପତ୍ର ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଭାମଞ୍ଚକୁ ହାଡିବନ୍ଧୁ ମହାକୁଳ ପରିଚାଳନା କରିଥିବା ବେଳେ ପରିଷଦର ସମ୍ପାଦକ ଦେବାଶିଷ ମହାକୁଡ ବିବରଣୀ ପାଠ କରିଥିଲେ । ଉଦଯାପନୀ ସନ୍ଧ୍ୟାରେ ଆଞ୍ଚଳିକ କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ରଙ୍ଗଶାଳା ପୁରୀ, ବଲାଙ୍ଗୀରର ସମ୍ବଲପୁରୀ ନୃତ୍ୟ, ଘୁଡୁକା ନୃତ୍ୟ, ଓଡିଆ ସିନେଜଗତର ତାରକା ଚାନ୍ଦିନୀ ଓ ଇତିଶ୍ରୀ ଯୋଗ ଦେଇ ମଞ୍ଚରେ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଉଦଯାପନୀ ଦିବସରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୨୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।



ଲୋକ ମହୋତ୍ସବ ଉଦ୍‌ଯାପନୀ ମଞ୍ଚରେ ଉପସ୍ଥିତ ଅତିଥି ।

## ■ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ
# ସେମିରେ ପଦ୍ମପୁର, ବରଗଡ଼



ଖେଳ ପଡିଆରେ ଅତିଥିଙ୍କ ଗହଣରେ ଖେଳାଳିମାନେ ।

ପଦ୍ମପୁର, ୧୯।୧୨ (ଡି.ଏନ.ଏ)

ବରଗଡ଼ ଜିଲା ରାଜବୋରାସମ୍ବର ହାଇସ୍କୁଲ ଖେଳ ପଡିଆରେ ପଞ୍ଚମ ରାଜେଶ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ଦିନ ପ୍ରଥମ ମ୍ୟାଚ୍‌ରେ ବରିଷ୍ଠ ଖେଳ ପ୍ରଶିକ୍ଷକ ଦୁଃଶାସନ ବୁଡେକ ମୁଖ୍ୟଅତିଥି ଓ ଦ୍ୱିତୀୟ ମ୍ୟାଚ୍‌ରେ ରାଜବୋରାସମ୍ବର ହାଇସ୍କୁଲର ପ୍ରଧାନଶିକ୍ଷକ ସରୋଜ କୁମାର ଭୁଏ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ପ୍ରଥମେ ପଡିଆ ମଧ୍ୟରେ ସ୍ୱର୍ଗତ ରାଜେଶ କାଲସାଏଙ୍କ ସ୍ମୃତିରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଚ୍ଚିଦାନନ୍ଦ ବହିଦାର, ଗୋପାଳ ସାହୁ, କେଶରଞ୍ଜନ ପ୍ରଧାନ, ନବୀନ ସାହୁ, ଦ୍ୱାଦଶ ପ୍ରଧାନ, ନନ୍ଦକିଶୋର ଧରୁଆ, ବାସୁଦେବ ଦାଶ, ସାମାଜିକ କର୍ମୀ ନିରୋଜ ଦୋରା, ନୀଳମଣି ସାହୁ, ପ୍ରମୋଦ କାଲସାଏ, ସୁକୁମାରୀ ତାଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ପ୍ରଥମ ମ୍ୟାଚରେ ପଦ୍ମପୁର ବୋରାସମ୍ବର ଓ ବଲାଙ୍ଗୀର ସାଇଟ୍ ମଧ୍ୟରେ ଓ ଦ୍ୱିତୀୟ ମ୍ୟାଚ ବରଗଡ ୟୁନାଇଟେଡ ଓ କୁଚିଣ୍ଡା ବିଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ର ବିଜେତା ପଦ୍ମପୁର ଓ ଦ୍ୱିତୀୟ ମ୍ୟାଚ୍‌ର ବିଜେତା ବରଗଡ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ପଞ୍ଚାନନ ପାତ୍ର, ସୁଜିତ ରାଜହଂସ, ସୁଧାଂଶୁ ସେଠ, ଦୀପକ ରାଜହଂସ, ଚନ୍ଦ୍ରମଣୀ ସାହୁ, ଚିତ୍ତରଞ୍ଜନ ପାଣ୍ଡେ ପ୍ରମୁଖ ଆଜିର ଖେଳ ପରିଚାଳନା କରିଥିଲେ । କୁନାଲ ସିଂ ବରିହା, ଅଶୋକ କାଲସାଏ, ନରେଶ ବାରିକ, ପ୍ରଦୀପ ପାତ୍ର, ନରୋତ୍ତମ ପ୍ରଧାନ, ଅନ୍ନଦା ବହିଦାର, ପ୍ରଦୀପ୍ତ ପଣ୍ଡା, ରାଜୁ ଦାନୀ, ପ୍ରଦୀପ ଜାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### କଣ୍ଢେଲ ସେଣ୍ଟ୍ରାଲ ବ୍ୟାଙ୍କ ସ୍ଥାନାନ୍ତରକୁ ବିରୋଧ

ବାରକୋଟ, ୧୯।୧୨ (ଡି.ଏନ.ଏ): ଦେବଗଡ ଜିଲା ବାରକୋଟ ବ୍ଲକ କଣ୍ଢେଲଠାରେ ଥିବା ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାକୁ ଅନ୍ୟତ୍ର ସ୍ଥାନାନ୍ତରକୁ ଜନସାଧାରଣଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ୩୦ବର୍ଷରୁ ଉର୍ଦ୍ଧ୍ୱ ହେବ କଣ୍ଢେଲରେ ସେଣ୍ଟ୍ରାଲ ବ୍ୟାଙ୍କର ଶାଖା କାର୍ଯ୍ୟ କରୁଛି। ଏଥିରେ ୭ଟି ପଞ୍ଚାୟତର ଲୋକ ରାଷ୍ଟ୍ରାୟତ ବ୍ୟାଙ୍କର ସୁବିଧା ପାଉଛନ୍ତି । କିନ୍ତୁ ବ୍ୟାଙ୍କ କର୍ତ୍ତୃପକ୍ଷ କଣ୍ଢେଲରେ ସ୍ଥାନ ଅଭାବ ଦର୍ଶାଇ ଏହାକୁ ବଳମ ଗ୍ରାମକୁ ସ୍ଥାନାନ୍ତର କରୁଥିବା ଖବର ଜଣାପଡିବା ପରେ ଜନଅସନ୍ତୋଷ ଦେଖାଦେଇଛି । ଗୁରୁବାର କଣ୍ଢେଲ ସରପଞ୍ଚ ବିରଞ୍ଚି ବେହେରାଙ୍କ ନେତୃତ୍ୱରେ ଦେବଗଡ ଜିଲା ପରିଷଦ ଉପାଧ୍ୟକ୍ଷ ଜୟକୃଷ୍ଣ ପ୍ରଧାନ, କଣ୍ଢେଲ ସମିତି ସଭ୍ୟ ବିଶ୍ୱନାଥ ସାହୁ, ସାମାଜିକ କର୍ମୀ ହୀରାଲାଲ ସାହୁଙ୍କ ସମେତ ଅନେକ ବ୍ୟକ୍ତି ବ୍ୟାଙ୍କକୁ ଯାଇ ସେଣ୍ଟ୍ରାଲ ବ୍ୟାଙ୍କ ଆରଏମଙ୍କ ନିକଟକୁ କଣ୍ଢେଲ ଶାଖା ପରିଚାଳକଙ୍କ ମାଧ୍ୟମରେ ଏକ ଦାବିପତ୍ର ଦେଇଛନ୍ତି । ବଳମ ଗ୍ରାମରେ ଏକ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖାଥିବା ବେଳେ ସେଠାରେ ବାରମ୍ବାର ବ୍ୟାଙ୍କ ଡକାୟତି ସାଙ୍ଗକୁ ଅସାମାଜିକ କାର୍ଯ୍ୟ କଳାପ ଘଟୁଥିବାରୁ ଗ୍ରାହକ ତଥା ବ୍ୟାଙ୍କ ସୁରକ୍ଷିତ ରହିବ ନାହିଁ ବୋଲି ଜଣାଇଛନ୍ତି । ଯଦି କର୍ତ୍ତୃପକ୍ଷ ବଳପୂର୍ବକ ବ୍ୟାଙ୍କ ସ୍ଥାନାନ୍ତରିତ କରନ୍ତି, ତାହେଲେ ଅଞ୍ଚଳବାସୀ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବେ ବୋଲି ଜଣାଇଛନ୍ତି ।

### ବିପୁଳ ପରିମାଣର ପୋଚ ଓ ମଦ ଜବତ, ୩ ଗିରଫ

ସୋନପୁର,୧୯।୧୨(ନି.ପ୍ର.): ସୁବର୍ଣ୍ଣପୁର ଜିଲା ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚୋରା ମଦ କାରବାରକୁ ରୋକିବା ପାଇଁ ମିଳିତ ଚଢାଉକୁ ଜୋରଦାର କରାଯାଇଛି। ବୁଧବାର ଓ ଗୁରୁବାର ତରଭା ଥାନା ଅନ୍ତର୍ଗତ ଅର୍ଡା, ବଲାଡି, ନମ୍ବପାଲି, ଖାରୀ ଓ ସୋନପୁର ଥାନା ମଲ୍ଲିକମୁଣ୍ଡାର ଜଙ୍ଗଲ ଅଞ୍ଚଳରେ ଦେଶୀ ମହୁଲି ମଦ ରନ୍ଧା ସ୍ଥାନ ଓ ଚୋରା ମଦ ବିକ୍ରି ସ୍ଥାନରେ ଚଢାଉ ହୋଇଥିଲା । ବଲାଡିର ଯଜ୍ଞ ସାହୁ ଓ ଅର୍ଡାର ମାନଭଞ୍ଜନ କର୍ମୀଙ୍କୁ ଗିରଫ ସହ ସେମାନଙ୍କ ଠାରୁ ୬୫ ଲିଟର ଦେଶୀ ମଦ ଜବତ ହୋଇଛି । ୮୫୦ ଲିଟର ମହୁଲି ପୋଚକୁ ଘଟଣାସ୍ଥଳରେ ନଷ୍ଟ କରା ଯାଇଛି । ସେହିପରି କମସରାର ମିଟୁ ରଣାଙ୍କ ନିକଟରୁ ୯ ଲିଟର ଦେଶୀ ମଦ ଜବତ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ ଯଜ୍ଞ, ମାନଭଞ୍ଜନ ଓ ମିଟୁଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଅଧିକ୍ଷକ ସାମୁଏଲ ଏକ୍କାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ନୀରିକ୍ଷକ ପ୍ରଶାନ୍ତ କହଁର ଓ କର୍ମଚାରୀଙ୍କ ସହ ତରଭା ଥାନା ଅଧିକାରୀ ଡୋଲାମଣି ଭୋଇ ଓ ଏପିଆର ଫୋର୍ସ ଏହି ଚଢାଉରେ ସାମିଲ ଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଉଲୁଣ୍ଡା ଧନୁଯାତ୍ରାର ଷଷ୍ଠ ରଜନୀ

# ପୁତନା ବଧ, କୃଷ୍ଣବଧ ପାଇଁ ଷଡ଼ମଲ୍ଲ ପ୍ରେରଣ

ଉଲୁଣ୍ଡା,୧୯।୧୨(ଡି.ଏନ.ଏ.)



ଉଲୁଣ୍ଡା ଧନୁଯାତ୍ରା ମହୋତ୍ସବରେ ପୁତନା ବଧର ଦୃଶ୍ୟ ।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ତରଫରୁ ଆୟୋଜିତ ହେଉଥିବା ବିରାଟ ଧନୁଯାତ୍ରା ମହୋତ୍ସବର ଗୁରୁବାର ଥିଲା ଷଷ୍ଠ ରଜନୀ। ହରିବଂଶ ପୌରାଣୀକ କଥାବସ୍ତୁ ଉପରେ ଆଧାରିତ ଆଜିର ନାଟ୍ୟାଭିନୟରେ କୃଷ୍ଣ ଓ ବଳରାମଙ୍କୁ ନିଧନ ସକାଶେ ଗୋପପୁରକୁ କଂସ ପ୍ରେରଣ କରିଥିବା ବିଷକନ୍ୟା ପୁତନାକୁ ବାଳକୃଷ୍ଣ କ୍ଷୀର ସଙ୍ଗେ ତାର ପ୍ରାଣ ଶୋଷି ଉଦ୍ଧାର କରନ୍ତି। ରାକ୍ଷସୀ ପୁତନା ନିଧନ ଦେଖି ଗୋପପତୀ ନନ୍ଦ ଅରିଷ୍ଟ ଶାନ୍ତି ପାଇଁ ଶାନ୍ତିଯଜ୍ଞର ଆୟୋଜନ କରନ୍ତି। ସେହିପରି ମଥୁରାଅଧିପତି କଂସ ଗୁପ୍ତଚରଠାରୁ ପୁତନା ନିଧନ ଖବର ପାଇ ବ୍ୟସ୍ତବିବ୍ରତ ହୋଇପଡିଛନ୍ତି। କଳେ ବଳେ ଅବା ଛଳେ ମୃତ୍ୟୁର କାରଣ ସାଜିଥିବା ଦେବକୀର ଅଷ୍ଟମଗର୍ଭ ସନ୍ତାନକୁ ବଧ କରିବା ପାଇଁ ମନ୍ତ୍ରୀ ପାରିଷଦଙ୍କ ସହିତ ଆପାତ ଆଲୋଚନା କରନ୍ତି। ଏହି ସମୟରେ ହଠାତ ଦେବର୍ଷୀ ନାରଦଙ୍କ ପରାମର୍ଶ କ୍ରମେ ଅଙ୍ଗିରା ନଦୀତଟେ ଥିବା ଅଷ୍ଟମଲ୍ଲ ସଖା ଅକା, ବକା, ଧେନୁକା, ତୃଣା, ଷଣ୍ଡା, ଶକଟା, ଚାଣୁର ଓ ମୁଷ୍ଟିକଙ୍କୁ ସିଦ୍ଧମନ୍ତ୍ର ଜପି ସ୍ମରଣ କରନ୍ତି ମହାରାଜ କଂସ। କୃଷ୍ଣ ବଧର ଉଦ୍ଦେଶ୍ୟ ନେଇ ଚାଣୁର ଓ ମୁଷ୍ଟିକ ବ୍ୟତୀତ ଜାଳେନ୍ଦ୍ରି ବିଦ୍ୟାରେ ସିଦ୍ଧହସ୍ତ ଷଡମଲ୍ଲଙ୍କୁ ଗୋପପୁରକୁ ପ୍ରେରଣ କରନ୍ତି କଂସ। ଗୁରୁବାର ଦରବାରରେ ରାଜ ଅତିଥି ଭାବେ ଯୋଗଦେଇଥିବା ସୁବର୍ଣ୍ଣପୁର ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରମେଶ କୁମାର ପାଣିଗ୍ରାହୀ ମହାରାଜ କଂସଙ୍କ ନିର୍ଦ୍ଦେଶରେ ଆୟୋଜକ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରଷିକୁମାର ପଟେଲ ସମ୍ବର୍ଦ୍ଧିତ କରିଥିଲେ। ଜିଲାର ଆଇନଶୃଙ୍ଖଳାକୁ କଡାକଡି କରିବା ପାଇଁ ମଥୁରାଧିପତି କଂସ ଅତିଥିଙ୍କୁ ତାଗିଦ୍ କରିଥିଲେ। ସେହିପରି ଶ୍ରୀକୃଷ୍ଣ ମଣ୍ଡପରେ ଢଭଲା ଗ୍ରାମର ବନ୍ଦିତା ନାୟକଙ୍କ ସଙ୍ଗୀତମୟ ସୁନ୍ଦରାକାଣ୍ଡ ଆଧ୍ୟାତ୍ମପ୍ରେମୀଙ୍କୁ ବାନ୍ଧି ରଖିଥିଲା। ମୀନାବଜାରର ବିଭିନ୍ନ ଦୋଳିର ମଜା ନେବାସହ ଘାରୋଇ ଉପକରଣ କିଣାବିକାର ଲାଭ ଉଠାଇଥିଲେ ଦର୍ଶକ।



ବଜ୍ରପାତରେ ମୃତ କମିରାର ସୁଦନ ଛନ୍ଦଙ୍କ ପରିବାରକୁ ତହସିଲଦାର ତ୍ରିପୁର ମହାନନ୍ଦ ସହାୟତା ଚେକ୍ ପ୍ରଦାନ କରୁଛନ୍ତି।

## ସାପକାମୁଡ଼ା, ବଜ୍ରପାତରେ ମୃତ ୩ ପରିବାରକୁ ସହାୟତା

ବିନିକା,୧୯।୧୨(ଡି.ଏନ୍.ଏ.)

ବଜ୍ରପାତ ଓ ସାପକାମୁଡ଼ାରେ ମୃତ୍ୟୁବରଣ କରିଥିବା ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଞ୍ଚଳର ୩ ପରିବାରକୁ ସୁବର୍ଣ୍ଣପୁର ଜିଲା ବିନିକା ତହସିଲ ପ୍ରଶାସନ ପକ୍ଷରୁ ୧୨ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏଥିରେ ସାପ କାମୁଡାରେ ଦୁଇ ଓ ବଜ୍ରପାତରେ ମୃତ ଜଣେ ବ୍ୟକ୍ତିଙ୍କ ପରିବାର ଅନ୍ତର୍ଭୁକ୍ତ। ୨୦୧୯ ଜୁନ ୨୯ତାରିଖରେ ସର୍ପାଘାତରେ ମୃତ୍ୟୁବରଣ କରିଥିଲେ ମହାଦେବପାଲି ଗ୍ରାମର ମହିମା କୁଡା। ତାଙ୍କ ପରିବାରକୁ ୪ଲକ୍ଷ ଟଙ୍କାର ସହାୟତା ମିଳିଛି। ୨୦୧୯ ଜୁନ ୨୫ତାରିଖରେ ରହିଲା ଗ୍ରାମର ବିବେକ ବେହେରାଙ୍କ ସାପକାମୁଡ଼ାରେ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାରକୁ ମଧ୍ୟ ୪ଲକ୍ଷ ଟଙ୍କା ସହାୟତା ପ୍ରଦାନ ହୋଇଛି। ସେହିପରି ୨୦୧୯ଜୁନ ୧୫ତାରିଖରେ ବଜ୍ରପାତରେ ମୃତ୍ୟୁ ଘଟିଥିବା ତହସିଲ ଅନ୍ତର୍ଗତ କମିରା ଗ୍ରାମର ସୁଦନ ଛନ୍ଦଙ୍କ ପରିବାରକୁ ମଧ୍ୟ ୪ଲକ୍ଷ ଟଙ୍କାର ସହାୟତା ରାଶି ମଳିଛି । ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ତହସିଲଦାର ତ୍ରିପୁର ମହାନନ୍ଦ ପ୍ରତ୍ୟେକ ମୃତକଙ୍କ ପରିବାର ଲୋକଙ୍କୁ ସହାୟତା ଚେକ ପ୍ରଦାନ କରିଥିଲେ ।

## ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

ସୋନପୁର,୧୯।୧୨(ନି.ପ୍ର.)

ସୋନପୁର ବ୍ଲକ ବୈଦ୍ୟନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ତରଭା ଏଇଏସ କଲେଜର ପ୍ରାକ୍ତନ ଅଧକ୍ଷ ଶମ୍ଭୁଭୂଷଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଇଂରାଜୀ ଭାଷା କେତେ ସହଜ ଓ ସରଳ ତାହା ବୁଝାଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୂର୍ଯ୍ୟକୁମାର ମିଶ୍ର ଯୋଗଦାନ କରି ଛାତ୍ରୀଛାତ୍ର ମାନେ କିଭଳି ସହଜରେ ପ୍ରତ୍ୟେକ ବିଷୟ ଭଲ ଭାବେ ବୁଝି ପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ର ସୁନାଗରିକ ହୋଇ ଦେଶ ପାଇଁ କାର୍ଯ୍ୟ କରିବାକୁ କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ସୁରଥ ବାଘ ସଭାରେ ଅଧକ୍ଷତା କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବରେ ଶତାଧିକ ଅଭିଭାବିକା ଅଭିଭାବକ ତଥା ଅଞ୍ଚଳର ଜନସାଧାରଣ ସାମିଲ ହୋଇଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷକ ଘନଶ୍ୟାମ ମିଶ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲା ବେଳେ ଶିକ୍ଷୟତ୍ରୀ ନର୍ମଦା ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ହିମାଞ୍ଚଳ ସାହୁ, କାହ୍ନୁ ସୁନ୍ଦର ନାଗ, ବିନୋଦ ମେହେର ଓ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟାସଭ୍ୟ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ ।



ମୁଖ୍ୟ ଅତିଥି ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି ।

## ମଲେହିପଡ଼ା ପାଣି ପଞ୍ଚାୟତ ନିର୍ବାଚନ

ରିଆମାଳ,୧୯।୧୨(ଡି.ଏନ.ଏ.)

ରିଆମାଳ ବ୍ଲକ ଅନ୍ତର୍ଗତ ମଲେହିପଡା ଗ୍ରାମ ମଣ୍ଡପଠାରେ ମଲେହିପଡା ମା'ଯୋଗମାୟା ପାଣି ପଞ୍ଚାୟତ ନଂ-୧୦ ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗୋହିରା ପାଣି ପଞ୍ଚାୟତ ଇଲେକଶନ ଅଫିସରଏସଡିଓ ଘନଶ୍ୟାମ ଦ୍ୱିବେଦୀ ,ପୋଲିଂ ଅଫିସର ତଥା ସହକାରୀକନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର କିସାନ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି- ରାଜେଶକୁମାର ନନ୍ଦ,ସମ୍ପାଦକ- ସୟକୁମାର ପ୍ରଧାନ ଓ କୋଷାଧ୍ୟକ୍ଷ- ବଟକୃଷ୍ଣ ବେହେରା ପାଣି ପଞ୍ଚାୟତ ପାଇଁ ନିର୍ବାଚିତ ହୋଇଛନ୍ତି। ଏଥିରେ ହୃଦାନନ୍ଦ ପୃଷ୍ଟି, କୁମୁଦ ବନ୍ଧୁ ପ୍ରଧାନ, ଅଜୟ କୁମାର ମି,ବସନ୍ତ ଧୀର, ସତ୍ୟ ନାରାୟଣ ଦେହୁରୀ,ସହଯୋଗ କରିଥିଲେ । ଗୋହିରା ଡ୍ୟାମ ଜଳସେଚନ ପ୍ରକଳ୍ପ ଅଧୀନସ୍ଥ ସମସ୍ତ ୧୯ ଗୋଟି ପାଣି ପଞ୍ଚାୟତର ନିର୍ବାଚନ ପ୍ରକ୍ରିୟା ଡିସେମ୍ବର ୧୨ରୁ ଆରମ୍ଭ ହୋଇଯାଇଛି । ଗୁରୁବାର ମଲେହିପଡା ପାଣି ପଞ୍ଚାୟତର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି।



ଟ୍ରଫିକୁ ଉନ୍ମୋଚନ କରାଯାଉଛି ।

## ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ୨୩ରୁ

ସୋନପୁର,୧୯।୧୨(ନି.ପ୍ର.)

୮ମ ସୁଜନ ନାଗ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଆସନ୍ତା ୨୩ ତାରିଖରୁ ଆରମ୍ଭ ହେବ । ରୟାଲ ପଡିଆ ଠାରେ ଆୟୋଜିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ୨୯ ତାରିଖ ରବିବାର ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ରୟାଲ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ସମ୍ବଲପୁର, ବଲାଙ୍ଗୀର, ଭୁବନେଶ୍ୱର, ଆଠମଲ୍ଲିକ, ଫୁଲବାଣୀ, ସୋନପୁର ଓ ଝାରସୁଗୁଡା ଭଳି ୮ଟି ଦଳ ଏହି ଟୁର୍ନାମେଣ୍ଟରେ ଭାଗ ନେବେ। ଗୁରୁବାର ସନ୍ଧ୍ୟାରେ କ୍ଲବର ସଭାପତି ଅରବିନ୍ଦ ବାରିକ, କ୍ରୀଡା ସମ୍ପାଦକ ରାକେଶ ନାଗ, କୋଷାଧକ୍ଷ ଶରତ ମହାପାତ୍ର ଓ ପ୍ରାୟଜକଙ୍କ ଉପସ୍ଥିତିରେ ଟୁର୍ନାମେଣ୍ଟର ଟ୍ରଫି ଉନ୍ମୋଚିତ ହୋଇଛି ।

## ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଲାଠୋର, ୧୯।୧୨ (ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ସରେଇବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ମିଠାଲାଲ ସୁନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ଷଷ୍ଠୀ ଝାଙ୍କର ଯୋଗଦେଇଥିଲେ।

## ରିଆମାଳ କଲେଜରେ ଅଭିଭାବକଙ୍କ ବୈଠକ

ରିଆମାଳ,୧୯।୧୨(ଡି.ଏନ.ଏ.)

ରିଆମାଳ ସ୍ନାତକ ମହାବିଦ୍ୟାଳୟରେ ଗୁରୁବାର ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଫକୀରମୋହନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ମାନିତ ଅତିଥି ଭାବେ ପଦ୍ମ ଚରଣ ମାଝି, ମମତାବାଳାବେହେରା, ଜୟନ୍ତୀ ଧଳ ଓ ଆସିଷ୍ଟାଣ୍ଟ ଲାଇବ୍ରେରିଆନ ସନ୍ତୋଷ କୁମାର ପ୍ରଧାନ ଯୋଗ ଦେଇଥିଲେ । ଏହି ବୈଠକରେ ଛାତ୍ରଛାତ୍ରୀମାନେ କିପରି ଉତ୍ତମ ଶିକ୍ଷା ବ୍ୟବସ୍ଥା ପାଇପାରି ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା । ଦୈନିକ କ୍ଲାସରେ ଯୋଗଦାନ ଦେବା ସହ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ବିଷୟରେ ଆଲୋଚନା କରାଯାଇଥିଲା । ମହାବିଦ୍ୟାଳୟର ସନ୍ତୋଷ କୁମାର ସାହୁ, ରଜତ କୁମାର ବିଶ୍ୱାଳ ଓ ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ । ଏଥିରେ ୭୦ରୁ ଉର୍ଦ୍ଧ୍ୱ ଅଭିଭାବକ ଯୋଗ ଦେଇଥିଲେ ।

## ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୧୯।୧୨(ଡ଼ି.ଏନ୍.ଏ.)

ଡିଭାଇନ ପବ୍ଲିକ ସ୍କୁଲରେ ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡ଼.ପୂର୍ଣ୍ଣଚନ୍ଦ୍ର ପ୍ରଧାନ ତମାଖୁ ବ୍ୟବହାରର ଅପକାରିତା ବିଷୟରେ ଉଦ୍‌ବୋଧନ ଦେଇଥିଲେ । ଏହି ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କୁ ନେଇ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଆଁସିକା ପାତ୍ନା ପ୍ରଥମ ଓ ଅବିପସା ବାର୍ଲା ଦ୍ୱିତୀୟ ଏବଂ ସଗୁପ୍ତା ଯସ୍ମିନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସ୍କୁଲ ଅଧକ୍ଷା ତିମିର ନାଶିନୀ ନନ୍ଦ ପୁରସ୍କାର ପ୍ରଦାନ କରିଥିଲେ ।

## ସି.କେ. ନାଇଡୁ ଟ୍ରଫି : ଓଡ଼ିଶା ୨୬୨/୬

ବଲାଙ୍ଗୀର ଅଫିସ, ୧୯।୧୨

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଗୁରୁବାରଠାରୁ ଓଡିଶା ଓ ବିହାର ମଧ୍ୟରେ ୨୩ ବର୍ଷରୁ କମ୍ କର୍ଣ୍ଣଲ ସିକେ ନାଇଡୁ ଟ୍ରଫି କ୍ରିକେଟ ମୁକାବିଲା ଆରମ୍ଭ ହୋଇଛି। ଟସ୍ ଜିଣି ବିହାର ପ୍ରଥମେ ଫିଲ୍‌ଡିଂ ନିଷ୍ପତ୍ତି ନେଇଥିଲା। ଓଡିଶା ଦଳ ବ୍ୟାଟିଂ କରି ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୨୬୨ ରନ୍ ସଂଗ୍ରହ କରିଛି । ଦଳ ପକ୍ଷରୁ ଅମିତ ଖଟୁଆ ସର୍ବାଧିକ ୯୮ରନ୍, ସୌରବ ଗୌଡ ୭୪ ରନ୍, ବିନିତ ମହାନ୍ତି୩୫ ରନ୍ ଓ କାର୍ତ୍ତିକ ବିଶ୍ୱାଳ ଅପରାଜିତ ୨୯ ରନ୍ କରିଛନ୍ତି । ବିହାର ପକ୍ଷରୁ ସାବିର ଖାନ, ପ୍ରଶାନ୍ତ କୁମାର ସିଂ ଓ ଅମରଜିତ ରାୟ ପ୍ରତ୍ୟେକ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଛନ୍ତି । ବଲାଙ୍ଗୀର ଏସ୍‌ପି ସନ୍ଦୀପ ମାଡକର ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଜିଲ୍ଲା କ୍ରୀଡା ସଂସଦ ସଭାପତି ଡ. ଶ୍ରୀକର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, କ୍ରିକେଟ ସମ୍ପାଦକ ଓମ୍‌ପ୍ରକାଶ ଚାନ୍ଦ, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ପ୍ରହ୍ଲାଦ ଶତପଥୀ ଉପସ୍ଥିତ ଥିଲେ । ପୃଥ୍ୱୀରାଜ ହାଇସ୍କୁଲ ଛାତ୍ରଙ୍କ ବ୍ୟାଣ୍ଡ ଦଳ ଅତିଥିଙ୍କୁ ସ୍ୱାଗତ କରିଥିଲେ।



ସି.କେ. ନାଇଡୁ ମ୍ୟାଚ୍ ଉଦ୍‌ଘାଟନୀ ଅବସରରେ ଉଭୟ ଦଳର ଖେଳାଳି ଓ ଖେଳ ଅଧିକାରୀଙ୍କ ସହ ଏସ୍‌ପି ସନ୍ଦୀପ ମାଡକର।

## ବୌଦ୍ଧିକ ବିକାଶ ବାଧିତ ଭିନ୍ନକ୍ଷମଙ୍କ ଜିଲାସ୍ତରୀୟ କ୍ରୀଡ଼ା

ସୋନପୁର,୧୯।୧୨(ନି.ପ୍ର.)

ସୋନପୁର ରୟାଲ ପଡିଆଠାରେ ବୌଦ୍ଧିକ ବିକାଶ ବାଧିତ ଭିନ୍ନକ୍ଷମଙ୍କ ଜିଲାସ୍ତରୀୟ କ୍ରୀଡା ମହୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। କ୍ରୀଡା ମହୋତ୍ସବ ଭିନ୍ନକ୍ଷମଙ୍କ ଦକ୍ଷତା ପରିପ୍ରକାଶ କରିବାରେ ସହାୟକ ହୋଇଥାଏ। ତେଣୁ ଭିନ୍ନକ୍ଷମ ଶିଶୁମାନଙ୍କ ପ୍ରତିଭା ଓ କ୍ରୀଡା ପ୍ରତି ଥିବା ଆଗ୍ରହକୁ ବଜାୟ ରଖିବା ପାଇଁ ପଣ୍ଡା ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା କ୍ରୀଡା ଅଧିକାରୀ ଶରତ ଚନ୍ଦ୍ର ନନ୍ଦ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ପ୍ରଶିକ୍ଷକ ଉମାକାନ୍ତ ଷଡଙ୍ଗୀ, ତ୍ରିନାଥ ସାମଲ, ଝସକେତନ ସାହୁ ଓ ଗିରିଧାରୀ ମେହେର ବିଭିନ୍ନ କ୍ରୀଡା ପ୍ରତିଯୋଗିତାର ପରିଚାଳନା କରିଥିଲେ। ୧୦୦ ମିଟର ଦୌଡକୁଦ, ୫୦ ମିଟର ଦୌଡକୁଦ, ପୋଚି, ଲମ୍ଫଡିଆଁ, ହୁଇଲ ଚେୟାର ରେସ, ବକେଟ ବ୍ୟାଲେନସିଂ, ସଟ୍ ଫୁଟ୍ ଥ୍ରୋ ଓ ସଟ୍ ବଲ ଥ୍ରୋ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୋନପୁର ବ୍ଲକରୁ ୩୧ ଜଣ, ବିନିକାରୁ ୩୨ଜଣ, ଡୁଙ୍ଗୁରିପାଲିଇରୁ ୭ଜଣ, ଉଲୁଣ୍ଡାରୁ ୧୨ ଜଣ, ତରଭାରୁ ୨୫ ଜଣ ଓ ବୀରମହାରାଜପୁର ବ୍ଲକରୁ ୧୩ ଜଣ ଭିନ୍ନକ୍ଷମ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ ମୁଖ୍ୟ ଅତିଥି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସମ୍ମାନିତ ଅତିଥି, ସଚ୍ଚିଦାନନ୍ଦ ପଧାନ ଓ ରେଆର ସଭାପତି ଗୌରିଶ୍ୟାମ ପଣ୍ଡା ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କ ପାଇଁ କ୍ରୀଡା ଏବଂ ଏହାର ଉପକାରିତା ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ଆୟୋଜିତ ସଫ୍ଟ ବଲ ଥ୍ରୋରେ ଲକ୍ଷ୍ମୀ ପାଣ୍ଡେ ପ୍ରଥମ, ସ୍ୱାତୀମୟୀ ପ୍ରଧାନ ଦ୍ୱିତୀୟ ଓ ଲକି ଛତ୍ରିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ । ୧୦୦ ମିଟର ଦୌଡରେ ସୁଜିତା ମିଶ୍ର ପ୍ରଥମ, ଚନ୍ଦ୍ରମଣି ରଣା ଦ୍ୱିତୀୟ, ରିଙ୍କୁ ସାହୁ ତୃତୀୟ, ୫୦ ମିଟର ଦୌଡରେ ତୁଳସୀ କର୍ମୀ ପ୍ରଥମ, ସାବିତ୍ରୀ ଜଗଦଲା ଦ୍ୱିତୀୟ ଓ ଶ୍ରାବଣୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସଟ୍ ଫୁଟ ଥ୍ରୋରେ ଫିଲିପ୍ ନାଗ ପ୍ରଥମ, ସୁଜିତ ମିଶ୍ର ଦ୍ୱିତୀୟ ଓ ଆନନ୍ଦ ପାତ୍ର ତୃତୀୟ, ବକେଟ ବ୍ୟାଲେନ୍ସିଂରେ ଗୌରି କ୍ଷେତି ପ୍ରଥମ, ପରି ମଲ୍ଲିକ ଦ୍ୱିତୀୟ ଓ ଅର୍ପିତ ପ୍ରଧାନ ତୃତୀୟ। ଲମ୍ଫ ଡିଆଁରେ ଶେଷଦେବ ନାୟକ ପ୍ରଥମ, ଆଶୁତୋଷ କର୍ମୀ ଦ୍ୱିତୀୟ ଓ ଚନ୍ଦ୍ରମଣି କର୍ମୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଜିତେନ୍ଦ୍ରୀୟ ପୂଜାହାରୀ, ଲକ୍ଷ୍ମଣ ସା, ଶ୍ୱେତା ରାୟ, ଶିଲ୍ପାଞ୍ଜଳି ତିର୍କୀ, ନନ୍ଦିନୀ ଦୋରା, ଗୁଣନିଧି ମାଝି, ସୁଦାମ ଗାଇଗରିଆ, ସନତ ମିଶ୍ର, ସୋମନାଥ ସାହୁ ଓ ବିଶ୍ୱମ୍ଭର ସାହୁ ସହଯୋଗ କରିଥିଲେ । ସମଗ୍ର ଶିକ୍ଷା ଅଭିଯାନ ଓ ରେଆରର ମିଳିତ ଆୟୋଜନରେ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହାୟତାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।



ଜଣେ ଭିନ୍ନକ୍ଷମ ଛାତ୍ର ସଟ୍ ଫୁଟ୍ ଥ୍ରୋ କରୁଛନ୍ତି ।

## ସଂକ୍ଷେପରେ

### ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଲାଠୋର, ୧୯।୧୨ (ଡି.ଏନ୍.ଏ.):** ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ସରେଇବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ମିଠାଲାଲ ସୁନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ଷଷ୍ଠୀ ଝାଙ୍କର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ମମତା ଭୋଇ, ଟଙ୍କପାଣି ସରପଞ୍ଚ ଉତ୍ତର କୁମାର ଭୋଇ, ଭିକାରୀ ବିଶ୍ୱାଳ, ସରୋଜ କୁମାର ବିଶ୍ୱାଳ ଯୋଗଦେଇଥିଲେ। ଦୁଇ ଦିନ ଧରି ଚାଲିଥିବା ଉକ୍ତ ବାର୍ଷିକ କ୍ରୀଡାରେ କୃତକାର୍ଯ୍ୟ ହୋଇଥିବା ୯୦ ଜଣ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ପ୍ରଦୀପ କୁମାର ସାହୁ ଖେଳ ପରିଚାଳନ ଥିବା ବେଳେ ପ୍ରତାପ କୁମାର ଷଡଙ୍ଗୀ, ସନ୍ତୋଷ କୁମାର ମେହେର, ଡୋଳାମଣି ହଂସ, ଅଭିମନ୍ୟୁ ନାଏକ, ମନୋଜ କୁମାର କହଁର ଏଥିରେ ସହଯୋଗ କରିଥିଲେ।

# ସି.କେ. ନାଇଡୁ ଟ୍ରଫି : ଓଡ଼ିଶା ୨୬୨/୬

**ବଲାଙ୍ଗୀର ଅଫିସ, ୧୯।୧୨**

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଗୁରୁବାରଠାରୁ ଓଡିଶା ଓ ବିହାର ମଧ୍ୟରେ ୨୩ ବର୍ଷରୁ କମ୍ କର୍ଣ୍ଣଲ ସିକେ ନାଇଡୁ ଟ୍ରଫି କ୍ରିକେଟ ମୁକାବିଲା ଆରମ୍ଭ ହୋଇଛି। ଟସ୍ ଜିଣି ବିହାର ପ୍ରଥମେ ଫିଲ୍‌ଡିଂ ନିଷ୍ପତ୍ତି ନେଇଥିଲା। ଓଡିଶା ଦଳ ବ୍ୟାଟିଂ କରି ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୨୬୨ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ଅମିତ ଖଟୁଆ ସର୍ବାଧିକ ୯୮ ରନ୍, ସୌରବ ଗୌଡ ୭୪ ରନ୍, ବିନିତ ମହାନ୍ତି ୩୫ ରନ୍ ଓ କାର୍ତ୍ତିକ ବିଶ୍ୱାଳ ଅପରାଜିତ ୨୯ ରନ୍ କରିଛନ୍ତି। ବିହାର ପକ୍ଷରୁ ସାବିର ଖାନ, ପ୍ରଶାନ୍ତ କୁମାର ସିଂ ଓ ଅମରଜିତ ରାୟ ପ୍ରତ୍ୟେକ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଛନ୍ତି। ବଲାଙ୍ଗୀର ଏସ୍‌ପି ସନ୍ଦୀପ



ସି.କେ. ନାଇଡୁ ମ୍ୟାଚ୍ ଉଦ୍‌ଘାଟନୀ ଅବସରରେ ଉଭୟ ଦଳର ଖେଳାଳି ଓ ଖେଳ ଅଧିକାରୀଙ୍କ ସହ ଏସ୍‌ପି ସନ୍ଦୀପ ମାଡକର।

ମାଡକର ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା କ୍ରୀଡା ସଂସଦ ସଭାପତି ଡ. ଶ୍ରୀକର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, କ୍ରିକେଟ ସମ୍ପାଦକ ଓମ୍‌ପ୍ରକାଶ ଚାନ୍ଦ, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ପ୍ରହ୍ଲାଦ ଶତପଥୀ ଉପସ୍ଥିତ ଥିଲେ। ପୃଥ୍ୱୀରାଜ ହାଇସ୍କୁଲ ଛାତ୍ରଙ୍କ ବ୍ୟାଣ୍ଡ ଦଳ ଅତିଥିଙ୍କୁ ସ୍ୱାଗତ କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ଟଙ୍କାରେ କେତେ
ନା ମୋ ମାଣକ ମଠରେ ଫୁଟୁଛି।**

ମାଗଣାରେ ମିଳୁଥିବା ଜିନିଷର ପ୍ରକୃତ ଦରଦାମ ବୁଝିବା ସେତେ ଆବଶ୍ୟକ ପଡ଼ି ନ ଥାଏ। ପରାନ୍ନଭୋଜି ବ୍ୟକ୍ତି ପକ୍ଷରେ ଚାଉଳ ପ୍ରଭୃତିର ଦର ବୁଝିବା ଅନାବଶ୍ୟକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାକୁଣ୍ଡା ଗୋଟାଡୁଲେ ଯାଉଛି
ପାନରୁ ଶିର କଢ଼ା ହଉଛି।**

କେଉଁଠି ଅଜସ୍ର ଖର୍ଚ୍ଚ ତ କେଉଁଠି ସାମାନ୍ୟ ଖର୍ଚ୍ଚ ଉପରେ ନାନା କଟକଣା। ଅଜସ୍ର ଅର୍ଥ ଅଯଥାରେ ବ୍ୟୟ ହୋଇଯାଉଥିବା ବେଳେ ସେଥିପ୍ରତି ଅନେକେ ଦୃଷ୍ଟି ଦେଇ ନ ଥାନ୍ତି। ଅଥଚ ଅଳ୍ପ କେତେକ ଧନ ରକ୍ଷା ହେବା ନିମନ୍ତେ ଅକ୍ଲାନ୍ତ ଚେଷ୍ଟା ଚଳାଇଥାନ୍ତି। ଅନ୍ୟ ଦିଗରେ ବହୁତ ଖର୍ଚ୍ଚ ହେଲାବେଳେ ସାମାନ୍ୟ କଥାରେ କୃପଣତା ଭାବ ପ୍ରଦର୍ଶନ କରିବା ମୂର୍ଖାମିର ଲକ୍ଷଣ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଲାଗି ରହିଛି ହାତୀ ଉପଦ୍ରବ

**ଦେଓଗାଁ, ୧୯।୧୨ (ଡି.ଏନ.ଏ.)**

**ଦେଓଗାଁ ବ୍ଲକ**
- ଘଉଡ଼ାଇବା ବେଳେ ବନ କର୍ମଚାରୀ ଆହତ
- ଉଜାଡୁଛନ୍ତି ଧାନ ଖରି
- ଚିନ୍ତାରେ ଚାଷୀ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର, ଫଟାମୁଣ୍ଡା, ରାଏପାଲି, ଘୁଁଚିପାଲି, ଶିରାବାହାଲ ଆଦି ଗାଁରେ ହାତୀପଲ କିଛିଦିନ ହେଲା ବ୍ୟାପକ ଉପଦ୍ରବ ଚଳାଇଛନ୍ତି। ଚାଷୀଙ୍କ ଧାନଖରୀ ଉଜାଡିବା ସହ ବିଭିନ୍ନ ଚାଷକୁ ନଷ୍ଟ କରୁଛନ୍ତି। ଜଙ୍ଗଲ ବିଭାଗ ଉକ୍ତ ହାତୀପଲକୁ ଘଉଡାଇବାରେ ସଫଳ ହେଉନାହିଁ। ବିଭାଗ ତରଫରୁ ଆଜକୁ ୧୨ଦିନହେଲା ରାତି ଉଜାଗର ରହି ଘଉଡାଇବାର ପ୍ରୟାସ ଜାରୀ ରହିଛି। ବିଭାଗୀୟ ସୂଚନା ଅନୁସାରେ ପଲରେ ଗୋଟିଏ ଶାବକ ସହ ୧୧ଟି ହାତୀ ରହିଛନ୍ତି। ଏମାନେ ଖାଦ୍ୟ ଅନ୍ୱେଷଣରେ ବୌଦ୍ଧ ଜିଲା କଣ୍ଟାମାଳ ଅଞ୍ଚଳରୁ ତେଲନଦୀ ପାର ହୋଇ ଦେଓଗାଁ ବ୍ଲକ ଭୀମପାହାଡ ଜଙ୍ଗଲରେ ପ୍ରବେଶ କରିଥିଲେ। ପରେ ରୁଗୁଡିପାଲି ଦେଇ ଉପରଝର ଆଟଗାଁ ଘାଟିରାସ୍ତା ଦେଇ ଉପରଝର ଅଞ୍ଚଳରେ ଉପଦ୍ରବ ଚଳାଇଛନ୍ତି। କିଛିଦିନ ତଳେ ଉକ୍ତ ଅଞ୍ଚଳରେ ଏକହାତୀ ଶାବକ ଜନ୍ମ ନେଇଥିଲା। ଉକ୍ତ ଶାବକକୁ ହାତୀମାନେ ଘେରି ରହିବା ପରେ ମଠଖାଇ ସଂରକ୍ଷିତ ଜଙ୍ଗଲକୁ ଚାଲିଯାଇଥିଲେ। ଏବେ ପୁନଶ୍ଚ ଉକ୍ତ ହାତୀପଲ ଘୁଁଚିପାଲି ଖର୍ସେଲଡୁଙ୍ଗୁରୀ ଅଞ୍ଚଳକୁ ଆସି ଚାଷୀଙ୍କ ଧାନଚାଷ ନଷ୍ଟ କରିଥିଲେ। ତେବେ ବୁଧବାର ରାତିରେ ହାତୀ ଘଉଡାଇବା ସମୟରେ ଜଙ୍ଗଲ ବିଭାଗ ପାରାଷ୍ଟାଫ ବୁଲୁ ବେହେରା ତଳେ ପଡିଯାଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସହ କର୍ମଚାରୀମାନେ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିବା ଦାୟିତ୍ୱରେ ଥିବା ରେଞ୍ଜର ଆନନ୍ଦଚନ୍ଦ୍ର ବିଶି ସୂଚନା ଦେଇଛନ୍ତି।

# ଟ୍ରାନ୍ସଫର୍ମର ଖୋଲି ନେଉଥିଲେ, ଧରିଲେ ଗ୍ରାମବାସୀ

**ସଇଁତଲା, ୧୯।୧୨ (ଡି.ଏନ.ଏ.)**

ସଇଁତଲା ବ୍ଲକ ଡଙ୍ଗରମୁଣ୍ଡା ଗ୍ରାମରୁ ଦିନଦ୍ୱିପ୍ରହରରେ ଟ୍ରାନ୍ସଫର୍ମର ଖୋଲି ନିଆଯାଉଥିବାବେଳେ ଗ୍ରାମବାସୀ ଧରିଛନ୍ତି। ଗ୍ରାମରେ ଥିବା ଓଭରହେଡ୍ ଟ୍ୟାଙ୍କରୁ ଜଳଯୋଗାଣ ପାଇଁ ଟ୍ରାନ୍ସଫରମର ଲଗାଯାଇଛି। ଗୁରୁବାର ମଧ୍ୟାହ୍ନରେ ଗୋଟିଏ ଟାଟା ୨୦୭ ଗାଡି ନଂ. ଓଆର ୧୦ ଡି ୨୨୨୩ ରେ ଛଅଜଣ ଲୋକ ନଦୀକୂଳରେ ଥିବା ଉକ୍ତ ପମ୍ପ ଘରକୁ ଆସିଥିଲେ। ସେଠାରେ ଲାଗିଥିବା ଟ୍ରାନ୍ସଫର୍ମରକୁ ଉକ୍ତ ଗାଡ଼ିରେ ଲଦି ନେଉଥିଲେ। ଏହି ସମୟରେ ଗ୍ରାମର କେତେକ ଲୋକ ଦେଖି ବରଗାଁକୁ ଫୋନ କରିଥିଲେ। ବରଗାଁରେ ଉକ୍ତ ଗାଡ଼ିକୁ ଅଟକ ରଖିବା ସହ ଗାଡ଼ିକୁ ପୁଣି ପମ୍ପ ଘରକୁ ଆଣିଥିଲେ। ଗାଡ଼ିରେ ଥିବା ତୁଳାରାମ ପଟେଲଙ୍କୁ ପଚାରିବାରୁ ମୋତେ ମୋ ମାଲିକ ରମେଶ କୁମାର ଅଗ୍ରୱାଲ ଟ୍ରାନ୍ସଫରମର ଖୋଲି ଆଣିବାକୁ ପଠାଇଥିଲେ ବୋଲି କହିଥିଲେ। ଟ୍ରାନ୍ସଫର୍ମର ଖୋଲିବାକୁ କାହାର ଅନୁମତି ଆଣି ନ ଥିବା ଏବଂ ବିଦ୍ୟୁତ ଛିନ୍ନ କରିବା ପାଇଁ ମଧ୍ୟ କୌଣସି ଅଧିକାରୀଙ୍କଠାରୁ ଅନୁମତି ମଧ୍ୟ ନେଇ ନ ଥିବା କହିଥିଲେ। ଏହାସହ ଅଗ୍ରୱାଲ ଟ୍ରାନ୍ସଫର୍ମର ଖୋଲି ଟିଟିଲାଗଡ଼ ଆଣି ଆସିବାକୁ ମୋତେ କହିଥିଲେ ଏବଂ ମୋ ସହ ଚାରିଜଣ କର୍ମଚାରୀ ଏବଂ ଡ୍ରାଇଭର ନେବାକୁ ଆସିଥିଲୁ ବୋଲି କହିଥିଲେ। ସଇଁତଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଟକ ଛଅଜଣଙ୍କୁ ପଚରାଉଚୁରା କରିଥିଲେ। ଦିନ ୩ଟାରେ ରମେଶ କୁମାର ଅଗ୍ରୱାଲ ଗ୍ରାମରେ ପହଞ୍ଚିଥିଲେ। ଏ ବିଷୟରେ ଅଗ୍ରୱାଲଙ୍କୁ ପଚାରିବାରୁ ଟ୍ରାନ୍ସଫରମର ବିଲ ହେଉ ନ ଥିବାରୁ ମୋତେ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ଟ୍ରାନ୍ସଫରମର ଖୋଲି ନେଇଯିବାକୁ କହିଥିଲେ ବୋଲି କହିଥିଲେ। ଏ ବିଷୟରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଅଧିକାରୀ ପ୍ରଭାତ କୁମାର ସେଠୀଙ୍କୁ ପଚାରିବାରୁ ସେ ମୋତେ କହି ନ ଥିବା କହିଥିଲେ। ସଇଁତଲା ପୋଲିସ ଏସଆଇ କମଳା ବିଶ୍ୱାଳ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀ ଏବଂ ଠିକାଦାରଙ୍କ ସହ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ କହିବା ଅନୁସାରେ ଠିକାଦାର ଅଗ୍ରୱାଲ ନୂତନ ଟ୍ରାନ୍ସଫର୍ମରକୁ ଉକ୍ତ ସ୍ଥାନରେ ଲଗାଇବା ସହ ଜଳଯୋଗାଣ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବାପରେ ପୋଲିସ ପ୍ରଶାସନ ଓ ଗ୍ରାମବାସୀ ଠିକାଦାରଙ୍କୁ ଛାଡ଼ି ଦେଇଥିବା ଜଣାଯାଏ।

### କୋଚ୍ ଶିବ ପ୍ରସାଦ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

# ବ୍ଲାକ୍ ଡାଇମଣ୍ଡ, ଅମାମୁଣ୍ଡା ଦଳ ବିଜୟୀ

**ବଲାଙ୍ଗୀର ଅଫିସ, ୧୯।୧୨**

ବଲାଙ୍ଗୀର ନିକଟସ୍ଥ ଖଲିଆପାଲି ଆମ୍ବେଦକର ଷ୍ଟାଡିୟମଠାରେ ଜଗନ୍ନାଥ ସ୍ପୋର୍ଟିଂ, ଖଲିଆପାଲି ଓ ସ୍ପୋର୍ଟସ୍ ହଷ୍ଟେଲ ବଲାଙ୍ଗୀର ଆନୁକୂଲ୍ୟରେ ଚାଲିଥିବା କୋଚ ଶିବପ୍ରସାଦ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟରେ ଗୁରୁବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ଅମାମୁଣ୍ଡା ଦଳ ୧-୦ ଗୋଲରେ ଇଲେଭେନ୍ ଷ୍ଟାରକୁ ପରାସ୍ତ କରିଥିଲା। ସେହିପରି ଖାଲିଆପାଲି କପ ଫୁଟ୍‌ବଲ ଖେଳରେ ବ୍ଲାକ ଡାଇମଣ୍ଡ ଓ ମହୀମୁଣ୍ଡା ମଧ୍ୟରେ ଅନୁଷ୍ଠିତ ଖେଳ ନିର୍ଦ୍ଧାରିତ ସମୟ ମଧ୍ୟରେ ଡ୍ର ରହିଥିଲା। ପରେ ଟାଇବ୍ରେକର ୪-୩ ଗୋଲରେ ବାକ ଡାଇମଣ୍ଡ ବିଜୟୀ ହୋଇଥିଲା। ଅତିଥିଭାବେ ବଲାଙ୍ଗୀର ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, କ୍ରୀଡା ସଂସଦ ସଦସ୍ୟ ଜୟରାମ ମିଶ୍ର, କ୍ରୀଡା ସଙ୍ଗଠକ କାଳିଆ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ ବରିହା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ହେମନ୍ତ କୁମାର ବେହେରା, ଫୁଟବଲ କୋଚ୍ ପରାଶର ବାଗ, ଆୟୋଜନ କମିଟି ଅଧ୍ୟକ୍ଷ ଅଭିମନ୍ୟୁ ପାଣ୍ଡେ, ଅନୁପ ସାଏ, ଚିତ୍ତରଞ୍ଜନ ବିଶ୍ୱାଳ, ମନୋରଞ୍ଜନ ବିଶ୍ୱାଳ, ପ୍ରଶାନ୍ତ ପ୍ରଧାନ, ବିଶ୍ୱନାଥ ସୁନା, ନାରାୟଣ ବିଶ୍ୱାଳ ମଞ୍ଚାସୀନ ହୋଇଥିଲେ।

# ବଏସ୍ ୮୦, ଭତାରୁ ବଁଚିତ୍ ବିଭୀଷଣ, ସୁଗ୍ରୀ

**ଖପ୍ରାଖୋଲ, ୧୯।୧୨ (ଡି.ଏନ୍.ଏ.)**



ଭତାରୁ ବଁଚିତ୍ ଦୁଇ ବୁଢ଼ୁଧ୍ ବିଭୀଷଣ ରଣା ଆର ସୁଗ୍ରୀ ବରିହା।

ସରକାର ଅସାହା ଗରିବ୍ ବୁଢ଼ାବୁଢ଼ିକୁଁ ୬୦ ବଛର ହେଲେ ଭତା ଯୁଗେଇଦେବାର ବେବସ୍‌ତା କରିଛନ୍। ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଦମେଇପାଲି ଗାଁର ବିଭୀଷଣ ରଣା ଆର ସୁଗ୍ରୀ ବରିହାକଁର ବଏସ୍ ତାକର କହେବାର ହିସାବେ ୮୦ ଟପିଗଲାନ। ଆଏଁଖିକେ ଠିକ୍‌ରେ ନାଇଁ ଦିଶୁଥିଲାବେଲେ ଚାଲବାର ଲାଗି ବପୁ ନାଁଇଁନ। ବାଡ଼ି ଧରି ଚାଲବାର ବି ତାକର ପକ୍ଷେ ସମ୍‌ଭବ ନାଇଁ ହେବାର। ଦେଖିଲେ ବଏସ୍ ବି ବାରି ହେଉଛେ। ହେଲେ ଆଏଜତକ ଉଭଏ ଭତାରୁ ବଁଚିତ୍ ଥିବାର ଅଭିଯୋଗ କରିଛନ୍। ମାସେ ତଲେ ସେମାନକର ନାଁରେ ଭତା ମଂଜୁର ହେଇଥିବାର ଶୁନ୍‌ବାକେ ପାଇଥିଲେ। ହେଲେ ଆଏଜ୍‌ତକ ଭତା ନାଇଁ ପାଇଥିବାର ଜାତୀୟ ସାମାଜିକ ସହାୟତା ଯୋଜନାର ସାମାଜିକ ସମୀକ୍ଷା କରୁଥିବାର ଦଲ ଆଘେ କଁଦ୍‌କଁଦ୍‌ନିଆଁ ହେଇ ଦୁଇ ବୁଢ଼ୁଧ୍ ଅଭିଯୋଗ କରିଛନ୍। ଇ ବାବ୍‌ଦେ ଖପ୍ରାଖୋଲ ବିଡିଓ ତରଣୀ ସୁନାକୁଁ ପଚ୍‌ରାଲାରୁ ତାକର ନାଁରେ ଭତା ମଂଜୁର ହେଇଛେ। ଶୁକ୍ରବାର ଉଭଏକଁର ଘରକେ ଯାଇ ଭତା ଟଁକା ଦିଆଯିବା ବଲି ସେ କହିଛନ୍।

# ଶିକ୍ଷକ କସ୍ତୁରିଚରଣ ରାଉତ ସମ୍ବର୍ଦ୍ଧିତ



କଟକ ଶ୍ରୀରାମଚନ୍ଦ୍ର ଭବନଠାରେ କସ୍ତୁରି ଚରଣ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଦେଓଗାଁ, ୧୯।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଧଣ୍ଡାମାଲ ସତ୍ୟବାଦୀ ହାଇସ୍କୁଲର ଶିକ୍ଷକ କସ୍ତୁରୀ ଚରଣ ରାଉତଙ୍କୁ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଓଡିଶା ପ୍ରତିଭା ପୂଜାସଂସଦର ଉନବିଂଶତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ଆଦର୍ଶ ଶିକ୍ଷକ-୧୯ ସମ୍ମାନରେ ସମ୍ମାନୀତ କରାଯାଇଛି। ଉତ୍ସବରେ ଡ.ସତ୍ୟ ରାୟ, ଜଷ୍ଟିସ ଏ.ଏସ. ନାଇଡୁ ଓ ସମ୍ପାଦକ ଦିଲୀପ ଦାସ ଉପସ୍ଥିତ ରହି ରାଉତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାପୂର୍ବରୁ ବିଶିଷ୍ଟ ସାହିତ୍ୟିକ ରାଉତଙ୍କୁ କୋଣାର୍କରୁ ସତ୍ୟନାରାୟଣ ପ୍ରତିଭା ସମ୍ମାନ, କେନ୍ଦୁଝରରୁ ଅତିବଡି ଜଗନ୍ନାଥ ଦାସ ସ୍ମୃତି ସମ୍ମାନ, ବଲାଙ୍ଗୀର ନାଟ୍ୟଗ୍ରାମରୁ ରବିଚନ୍ଦ୍ର ପଟ୍ଟନାୟକ ସ୍ମୃତି ସମ୍ମାନ ଆଦିରେ ସମ୍ମାନୀତ ହୋଇଥିଲେ। ଆଦର୍ଶ ଶିକ୍ଷକ ସମ୍ମାନ ମିଳିବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ମିଳିବାରେ ଲାଗିଛି।

# ପଟ୍ଟାରେ ଜାତି ବଦଳିଗଲା, ପଟ୍ଟାଧାରୀ ହଟହଟା

**ଲୋଇସିଂହା, ୧୯।୧୨ (ଡି.ଏନ.ଏ)**

ଆରଓଆର(ରେଭିନ୍ୟୁ ଅଫିସ ରେକର୍ଡ) ପଟ୍ଟା ପାଇଁ ତହସିଲରେ କର୍ମଚାରୀ ୫ଶହ ଟଙ୍କା ମାଗିଲେ। ନ ଦେବାରୁ ଆରଓଆରରେ ଉଦ୍ଦେଶ୍ୟମୂଳକଭାବେ ଜାତିକୁ ବଦଳା ଯାଇଥିବା ଅଭିଯୋଗ ହୋଇଛି। ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ନଅଗାଁ(ଖ) ଗାଁର ଜପମଣୀ ସାହୁ ଏଭଳି ଅଭିଯୋଗ ଆଣିଛନ୍ତି। ଅଭିଯୋଗ ମତେ, ବଲାଙ୍ଗୀର ତହସିଲ ଅଧୀନ ଚନ୍ଦନଭାଟି ଆଇଆରଆଇ ସର୍କଲ ବୀରମୁଣ୍ଡା ଗାଁର ଜିତେନ୍ଦ୍ର କୁମାର ଦାଶ ଓ ଅନ୍ୟାମାନଙ୍କଠାରୁ ନଅଗାଁ(ଖ)ର ଜପମଣୀ ସାହୁଙ୍କ ପରିବାର ଜମି କିଣିଛନ୍ତି। ସାହୁଙ୍କ ପରିବାର ଜମିକିଣା ବିକାବେଳେ ରେଜିଷ୍ଟ୍ରି ଷ୍ଟାମ୍ପ ପେପରରେ ସ୍ପଷ୍ଟ ଭାବେ ତାଙ୍କ ଜାତି କୁଳିତା ବୋଲି ଦଲିଲ ଲେଖକ ଦର୍ଶାଇଛନ୍ତି। ରେଜିଷ୍ଟ୍ରି ଷ୍ଟାମ୍ପ ପେପରକୁ ଆଧାର କରି ତହସିଲରେ ରେଜିଷ୍ଟ୍ରି କରାଯାଇଥାଏ ଓ ଆରଓଆର ବା ପଟ୍ଟା ପ୍ରସ୍ତୁତ ହୋଇଥାଏ। ହେଲେ ସେମାନଙ୍କୁ ମିଳିଥିବା ପଟ୍ଟାରେ ଜାତି କୁଳିତା ବଦଳରେ ତେଲି ଉଲ୍ଲେଖ କରାଯାଇଛି। ତହସିଲରେ ରେଜିଷ୍ଟ୍ରି ସମୟରେ ଡିମାର୍କେସନ, ୟୁଜରର୍ସ ଫି ଓ ଅନ୍ୟାନ୍ୟ ଆବଶ୍ୟକ ଟଙ୍କା ପୈଠ ହୋଇଛି। ଆରଓଆର ଗ୍ରହଣ ବେଳେ ଆଉ ଟଙ୍କା ଦେବର ଆବଶ୍ୟକତା ନ ଥିଲା। ପ୍ରତି ଆରଓଆର ପାଇଁ ୫ ଶହ ଟଙ୍କା ମାଗିବାରୁ ରସିଦ ମାଗିଥିଲି। ତହସିଲ କର୍ମଚାରୀ ଉଦ୍ଦେଶ୍ୟମୂଳକ ଭାବେ ଜାଣିଶୁଣି ଅସୁବିଧାରେ ପକାଇବା ପାଇଁ ଏପରି ତ୍ରୁଟି କରିଥିବା ସାହୁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଲଲାଟ ଲୁହାରଙ୍କୁ ପଚାରିବାରୁ ୟୁଜରର୍ସ ଫି ଦେବାକୁ ସମସ୍ତେ ବାଧ୍ୟ। ଏହା ସରକାରଙ୍କ ପାଖକୁ ଯାଇଥାଏ। ଅନେକ ସମୟରେ ଏପରି ତ୍ରୁଟି ଦେଖିବାକୁ ମିଳୁଛି। କାହାକୁ ଟଙ୍କା ଦେବାର ଆବଶ୍ୟକତା ନାହିଁ। ସେଲଡିଟ ଓ ପଟ୍ଟା ଧରି ଅଭିଯୋଗକାରୀ ଅଫିସ ଆସି ଦେଖାକଲେ ତାହାକୁ ସଂଶୋଧନ କରାଯିବ ବୋଲି କହିଥିଲେ।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

FINANCE

NEW YEAR DHAMAKA
ହର୍ କଦମ ଆପକେ ସାଥ୍
ବନ୍ଧନ ଋଣ 1993ରୁ ଆପଣଙ୍କର ସେବାରେ (NBFC Registered) କମ୍ପାନୀ ଦ୍ୱାରା ଏଜୁକେଶନ୍, ସମ୍ପତି, ପେ-ସ୍ଲିପ୍ ଗ୍ରୁପ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। (ଖର୍ଚ୍ଚ ଲୋନ ପାସ୍ ହେଲା ପରେ) 2% ସୁଧ 40% ଛାଡ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
9520405151
9520334141

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

FINANCE
ପ୍ରଧାନମନ୍ତ୍ରୀ ଯୋଜନା ଦ୍ୱାରା All India ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Sadhana - 8878040214
Priyanka - 7649016745
Manisha - 9753016278
Manasi - 8827505029
Sweta - 8963979286
Nidhi - 8878026907
Vasundhara Mall, West Boring Canal Rd, Rajapur, Patna, Bihar 800001

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add :- 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ ୨୦,୦୦୦,୦୦/- ପାଆନ୍ତୁ ଓ ମାସକୁ ଭଡା ୫୫,୦୦୦/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ + Bike Free ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

INDIAN TELICOM TOWER
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ 4G ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଦରମା - 20,000/ +୨୦ ବର୍ଷର ଏଗ୍ରୀମେଣ୍ଟ
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
7752975969

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। ଅଗ୍ରିମ ୨୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

DHARITRI Career appointment Every Wednesday and Saturday

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସୈପତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।
- ଲେନିନ୍



## ସଂକ୍ଷେପରେ

### ଜୁଆ ଆଡ୍ଡା ଉପରେ ଚଢ଼ାଉ, ୪ ଗିରଫ

**ଲୋଇସିଂହା, ୧୯।୧୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ଆଗଲପୁର ବ୍ଲକ ରାମପୁରରେ ଚାଲିଥିବା ଜୁଆଆଡ୍ଡା ଉପରେ ଚଢାଉ କରି ୪ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି।ପୋଲିସ ଘଟଣାସ୍ଥଳରୁ ଘୁଡୁଘୁଡୁ ପଟି, ୬ ଗୋଟି, ୨ ଗ୍ୟାସ ଲାଇଟ, ଗୋଟିଏ ମଶିଣା ସହ ୪ହଜାର ୫୭୦ ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ରାମପୁରର ସେବକ ସାହୁ, ଶିବ ସାହୁ, ଝାରବନ୍ଧଲିର ଦୁର୍ବାସା ସା ଓ ସୁବର୍ଣ୍ଣପୁର ଜିଲା କେନ୍ଦୁପାଲି ଗାଁର ବାଳକ ମହାକୁଡ । ପୋଲିସ ସୂଚନାମତେ, ବେନ୍ଦ୍ରା ପଞ୍ଚାୟତ ରାମପୁରଠାରେ ଏକ ଅପେରା ଦଳ ନାଟକ ପରିବେଷଣ କରୁଥିଲା । ଏହି ସମୟରେ ଘୁଡଘୁଡୁ ପଟି ଖେଳ ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଆଇଆଇସି ଲିଲିତା ଲେକ୍ରା ଖବର ପାଇଥିଲେ। ତାଙ୍କ ନିର୍ଦ୍ଦେଶରେ ଏସଆଇ ସୀନା ଡୁମଡୁମ, ଏଏସଆଇ ମାନା କୁମ୍ଭାର, ଆନନ୍ଦ ନାଏକ ଓ ଷ୍ଟାପ ଚଢାଉ କରିଥିଲା ।

### ନେତ୍ରଭାନୁ ହାଇସ୍କୁଲ ୧୯୬୭ ମାଟ୍ରିକ ବ୍ୟାଚ ବନ୍ଧୁମିଳନ

**ଦେଓଗାଁ,୧୯।୧୨(ଡି.ଏନ.ଏ.):** ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଜରାସିଂହା ଲକ୍ଷ୍ମଣଝୁଲାଠାରେ ଜରାସିଂହା ନେତ୍ରଭାନୁ ହାଇସ୍କୁଲର ୧୯୬୭ ମାଟ୍ରିକ ବ୍ୟାଚ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଗୋପବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦିବଂଗତ ବନ୍ଧୁମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ ମୁଖ୍ୟତଃ ପଲିଥିନ ବ୍ୟବହାର ନ କରିବା ପାଇଁ ସଚେତନ ରହିବାକୁ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ବଳଭଦ୍ର ସାହୁ, ବେଣୁଧର ଦଲାଇ, ଗିରିଧାରୀ ମନହୀରା, ରଘୁମଣି ମେହେର, ଭୋଲାନାଥ ସାହୁ, ଶ୍ରୀହରି ପଧାନ, ବନବାସ ଚାନ୍ଦ, ଗୋପାଳ ପାଣ୍ଡିଆ, ସର୍ବେଶ୍ୱର ମିଶ୍ର, ଗିରିଜାକାନ୍ତ ମିଶ୍ର, ଶ୍ରୀବତ୍ସ ସାହୁ, ଗୋପାଳ ପୁରୋହିତ ଓ ଅରୁଣ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ ।

### ପ୍ରଗତିଶୀଳ ପତ୍ରିକା ଅନ୍ୱେଷା ଉନ୍ମୋଚିତ

**ବଲାଙ୍ଗୀର ଅଫିସ,୧୯।୧୨:** ବଲାଙ୍ଗୀର ସରକାରୀ ବସଷ୍ଟାଣ୍ଡର ଚଏସ୍ ବୁକ୍ ସେଣ୍ଟର ଠାରେ ପ୍ରଗତିଶୀଳ ପତ୍ରିକାର ଅକ୍ଟୋବର-ଡିସେମ୍ବର ସଂଖ୍ୟା ଗୁରୁବାର ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ସମ୍ପାଦକ ସରୋଜ ମହାନ୍ତି, ଗରୁଶ୍ରୀ ଡ ଘାସିରାମ ମିଶ୍ର, ସଞ୍ଚାରଶ୍ରୀ ଗୋବର୍ଦ୍ଧନ ପାଣ୍ଡିଆ, ଚଏସ୍ ବୁକ୍ ସେଣ୍ଟରର ପ୍ରୋପାଇଟର ଗୋପବନ୍ଧୁ ଶତପଥି, ବୀରେନ୍ଦ୍ର କୁମାର ଝାଙ୍କର, ଦୀନବନ୍ଧୁ ଶତପଥି ଓ ଦାଶରଥି ବାବୁ ପତ୍ରିକା ଉନ୍ମୋଚନ କରିଥିଲେ । ଚଳିତ ସଂଖ୍ୟାରେ କାଶ୍ମୀର ପ୍ରସଙ୍ଗ, ଆର୍ଥିକ ମାନ୍ଦାବସ୍ଥା, ଦଳିତ ଆନ୍ଦୋଳନ, ଗାନ୍ଧୀ ଓ ଦଳିତ ପ୍ରଶ୍ନ ଓ ଅନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଉପାଦେୟ ଲେଖା ରହିଛି ।

### ହାଇକୋର୍ଟ ବେଞ୍ଚ, ଲୋୟର ସୁକତେଲ, ବାଇପାସ୍ ରାସ୍ତା ଦାବି

# ସରିଲା ଅଫିସ ବନ୍ଦ ଆନ୍ଦୋଳନ

**ବଲାଙ୍ଗୀର ଅଫିସ,୧୯।୧୨**

ବଲାଙ୍ଗୀରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପୁନଃ ସ୍ଥାପନ ଦାବି ସହ ଲୋୟର ସୁକତେଲ ପ୍ରକଳ୍ପ କାମ ଶୀଘ୍ର ଆରମ୍ଭ ଓ ବାଇପାସ୍ ରାସ୍ତା ନିର୍ମାଣ ଦାବିରେ ଆକ୍ସନ କମିଟି ପକ୍ଷରୁ ବୁଧବାରଠାରୁ ଆରମ୍ଭ ହୋଇଥିବା ଦୁଇଦିନିଆ ସରକାରୀ ଅଫିସ ବନ୍ଦ ଆନ୍ଦୋଳନ ଗୁରୁବାର ଶେଷ ହୋଇଛି। ଆନ୍ଦୋଳନ ଫଳରେ ଗୁରୁବାର ମଧ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ, ସିଭିଲ କୋର୍ଟସମେତ ସମସ୍ତ ସରକାରୀ ଅଫିସ, ବ୍ୟାଙ୍କ, ଡାକଘର, ବୀମା ପ୍ରତିଷ୍ଠାନ ବନ୍ଦ ରହିଥିଲା । ଜିଲାପାଳ କାର୍ଯ୍ୟାଳୟ ଏବଂ ସିଭିଲ କୋର୍ଟ ସମ୍ମୁଖରେ ଧାରଣା ଦିଆଯାଇଥିଲା । ଆକ୍ସନ କମିଟି ଆବାହକ ଗୋପାଲଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ଜାତି ସମାଜ, ରାଜନୈତିକ ଦଳ କର୍ମକର୍ତ୍ତା, ଜିଲା ଓକିଲ ସଂଘ ସଭ୍ୟ ସାମିଲ ହୋଇଥିଲେ । ପାଟଣାଗଡ଼ର ପୂର୍ବତନ ବିଧାୟକ ତଥା ବରିଷ୍ଠ ଭାଜପା ନେତା କନକ ବର୍ଦ୍ଧନ ସିଂଦେଓ ଧାରଣାରେ ଯୋଗଦେଇ ଆନ୍ଦୋଳନକୁ ସମର୍ଥନ ଘୋଷଣା କରିଥିଲେ । ଏହି ଅବସରରେ ବଲାଙ୍ଗୀର ବାଇପାସ୍ ରାସ୍ତା ନିର୍ମାଣ ସକାଶେ କେନ୍ଦ୍ର ସରକାର ୧୯୦ କୋଟି ଟଙ୍କା ମଞ୍ଜୁର କରିଥିବା ସୂଚନା ଦେଇଥିଲେ । ଏଥିପାଇଁ ବଲାଙ୍ଗୀରବାସୀଙ୍କ ତରଫରୁ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନିତିନ ଗଡକରି ଓ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସିଂଦେଓ କୃତଜ୍ଞତା ଜଣାଇଥିଲେ । ବାଇପାସ୍ ରାସ୍ତା ପାଇଁ ଅର୍ଥ ମଞ୍ଜୁରୀ ସକାଶେ ଏମପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ମଧ୍ୟ ଆକ୍ସନ କମିଟି ତରଫରୁ କୃତଜ୍ଞତା ଜଣାଯାଇଥିଲା । ସଭାରେ ଜିଲା ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ଆଦିବାସୀ କଲ୍ୟାଣ ସଂଘ ସଭାପତି ବ୍ରଜକିଶୋର ସିଂଭୋଇ, ଆକ୍ସନ କମିଟିର ରଞ୍ଜିତା ପାଣିଗ୍ରାହୀ, କୋସଲବାଦୀ ନେତା ବିଭୁଦତ୍ତ ମିଶ୍ର, କ୍ଷେତ୍ରୀୟ ଖଣ୍ଡାୟତ ସମାଜର ଅଶୋକ ରାଉତ, ବଲାଙ୍ଗୀର ୟୁଥ ଆକ୍ସନ କମିଟିର ସଭାପତି ବିନୋଦ କାଲସାଏ, ଯୁବ ସଂଗଠକ ରିଲୁ ରଥ, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଓଡ଼ିଶା ଜନମୋର୍ଚ୍ଚା ସଙ୍ଗଠନର ବାସୁଦେବ ରଥ, ଟଙ୍ଗିଆ ଜାମ୍ କମିଟି ଗୋପାଳ ଚନ୍ଦ୍ର ହୋତା, କୋସଲବାଦୀ ନେତା ମନୋରଞ୍ଜନ ସାହୁ, ଜିଲା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ, ଉପସଭାପତି ବାସୁଦେବ ବାରିକ, ସମ୍ପାଦକ ଅମନ ନାଗ ଉଦ୍‌ବୋଧନ ଦେଇଥିଲେ । ଶେଷରେ ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ । ବାଇପାସ୍ ରାସ୍ତା ସକାଶେ ୧୯୦କୋଟି ଟଙ୍କା ମଞ୍ଜୁର ହେବା ଖୁସିରେ ଏଠାରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

**ବାଇପାସ୍ ରାସ୍ତା ସକାଶେ ଅର୍ଥ ମଞ୍ଜୁରୀକୁ କେନ୍ଦ୍ର ସରକାରଙ୍କୁ କୃତଜ୍ଞତା**




ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ ପ୍ରତିବାଦ ସଭାରେ ଉପସ୍ଥିତ ଆନ୍ଦୋଳନକାରୀ ।

### ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ
## ମୁରିବାହାଲ-ଉଦ୍ୟାନବନ୍ଧ ଫାଇନାଲ ଆଜି

**ଲାଠୋର, ୧୯।୧୨ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋର ଖେଳ ପଡିଆରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମି ଧଣ୍ଡାମୁଣ୍ଡା ଏବଂ ମୁରିବାହାଲ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ବରାବର ରହିବାରୁ ପେନାଲଟି ସୁଟ୍‌ଆଉଟ୍‌ର ସାହାରା ନିଆଯାଇଥିଲା। ଏଥିରେ ଧଣ୍ଡାମୁଣ୍ଡାକୁ ୫-୪ ଗୋଲରେ ହରାଇ ମୁରିବାହାଲ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚରେ ଉଦ୍ୟାନବନ୍ଧ ଲାଠୋରକୁ ୩-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଫାଇନାଲ ମ୍ୟାଚରେ ମୁରିବାହାଲ ଉଦ୍ୟାନବନ୍ଧକୁ ଭେଟିବ। ଖେଳ ପରିଚାଳନା ମକସିର ମଲ୍ଲିକ, ଲାଇନରେ କିଶୋର ଧରୁଆ ଓ ଶମ୍ଭୁଦତ୍ତ ମିଶ୍ର ଦାୟିତ୍ୱ ତୁଲାଇଥିଲେ। ଗୋଲ ଜଜ ଭାବେ ଭୁବନ କଠାର ଏବଂ ଗଜିନ୍ଦ୍ର ବେହେରା ଦାୟିତ୍ୱ ତୁଲାଇଥିଲେ। ଜୟମାଁ ବସ୍ତ୍ରେନ ଟାଉନ ଫୁଟବଲ କ୍ଲବ ସଭାପତି ଲାଏବାନ ସୁନାଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ।

### ଇନ୍‌ଟାକ୍ ପକ୍ଷରୁ ଆଲୋଚନାଚକ୍ର
## 'ପ୍ରକୃତି ଓ ଲୋକକଳା ଅଙ୍ଗାଙ୍ଗୀ ଭାବେ ଜଡିତ'

**ବଲାଙ୍ଗୀର ଅଫିସ,୧୯।୧୨**

ଇନ୍‌ଟାକ୍ ବଲାଙ୍ଗୀର ଚାପ୍ଟର ପକ୍ଷରୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଟାଉନ୍ ବାଳିକା ଉଚ୍ଚବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରକୃତି ସମ୍ପର୍କଚ୍ୟୁତ ସମାଜ ପ୍ରସଙ୍ଗରେ ଲୋକକଳାର ମହତ୍ତ୍ୱ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଇନ୍‌ଟାକ୍ ବଲାଙ୍ଗୀର ଚାପ୍ଟର ସଂଯୋଜକ ପ୍ରଫେସର ଡ ଶିବପ୍ରସାଦ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଲୋକକଳା ଓ ସଂସ୍କୃତି ଗବେଷକ ଡ ଘାସିରାମ ମିଶ୍ର ଯୋଗଦାନ କରି ପ୍ରକୃତି ଓ ଲୋକକଳା ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡିତ ବୋଲି କହିଥିଲେ । ପଞ୍ଚବାଦ୍ୟର ସୃଷ୍ଟି କଥା କହି ଆକାଶରୁ ଢ଼ୋଲ, ଜଳରୁ ନିଶାନ୍, ଭୂମିରୁ ଟିମକିଡି, ଅଗ୍ନିରୁ ତାସା ଓ ବାୟୁରୁ ମୁହୁରୀର ସୃଷ୍ଟି ବୋଲି କହିଥିଲେ । ପ୍ରକୃତି ଭିତରେ ବଞ୍ଚି ଆସିଥିବା ମଣିଷ କିଭଳି ଲୋକକଳା ଶିଖିଲା ସେ ନେଇ ବିସ୍ତୃତ କହିଥିଲେ। ପ୍ରକୃତି ଭିତରେ ଲୋକକଳା ଓ ଲୋକକଳା ଭିତରେ ପ୍ରକୃତିର ରୁପଛଟା ମଣିଷକୁ ବାନ୍ଧି ରଖିଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଶିକ୍ଷାବିତ୍ ପ୍ରଫେସର ମଧୁସୂଦନ ପତି ପ୍ରକୃତି ଭିତରେ ହିଁ ମଣିଷ ଜୀବନ ଜୀଇଁବାର ଅନେକ ଉପାଦାନ ପାଇଛି। ଏଣୁ ପ୍ରକୃତିକୁ ନଷ୍ଟ କରି ମଣିଷ ବଞ୍ଚିପାରିବନାହିଁ ବୋଲି କହିଥିଲେ। ଶେଷରେ ଇନ୍‌ଟାକ୍ ସଭ୍ୟ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ଧନ୍ୟବାଦ୍ ଅର୍ପଣ କରିଥିଲେ।




ଇନ୍‌ଟାକ୍ ବଲାଙ୍ଗୀର ଚାପ୍ଟରର ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

### ନାବାଳିକା ଅପହରଣ, ବଳାତ୍କାର ଅଭିଯୋଗରେ ଯୁବକ ଗିରଫ



ଅଭିଯୁକ୍ତ ପ୍ରଶାନ୍ତ ଭୋଇ ।

**ଲୋଇସିଂହା,୧୯।୧୨(ଡି.ଏନ.ଏ)**

ଆଗଲପୁର ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରାଯାଇଥିବା ଲୋଇସିଂହା ଥାନାରେ ଅଭିଯୋଗ ହୋଇଛି । ଗୁରୁବାର ଲୋଇସିଂହା ପୋଲିସ ନାବଳିକା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରିଛି। ଦଫା ୩୬୩, ୩୭୬/(୨)(ଏନ) ଆଇପିସି/୬ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ. ୩୩୮/୧୯) ରୁଜୁ କରି ପୋଲିସ ଅଭିଯୁକ୍ତ ନଅଗାଁ(କ)ର ପ୍ରଶାନ୍ତ ଭୋଇ(୨୨)ଙ୍କୁ କୋର୍ଟଚାଲାଣ କରିଛି । ନଅଗାଁ(କ)ର ପ୍ରଶାନ୍ତ ଜଣେ ୧୭ବର୍ଷୀୟା ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ବରଗଡ ଜିଲା ଲାଉମୁଣ୍ଡା ଅଞ୍ଚଳରେ ରଖି ତାଙ୍କୁ ବଳାତ୍କାର କରିଥିଲେ । ନାବାଳିକାଙ୍କ ପରିବାର ଲୋକେ ଲାଉମୁଣ୍ଡାରୁ ତାଙ୍କୁ ଉଦ୍ଧାର କରିଥିଲେ। ପୀଡିତା ଗତ ୧୭ତାରିଖ ଲୋଇସିଂହା ଥାନାରେ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଅପହରଣ ଓ ବଳାତ୍କାର ଅଭିଯୋଗ ଆଣିଥିଲେ ।

### ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଖପ୍ରାଖୋଲ ଗସ୍ତ
## ଚଙ୍ଘରିଆ ଗାଁକୁ ଯାଇ ଦେଖିଲେ ପ୍ରଧାନମନ୍ତ୍ରୀ ଆବାସ ଘର

**ଖପ୍ରାଖୋଲ, ୧୯।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲାପାଳ ଅରିନ୍ଦମ୍ ଡାକୁଆ ଓ ଜଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡା.ମହେଶ୍ୱର ସ୍ୱାଇଁ ଗୁରୁବାର ଖପ୍ରାଖୋଲ ବ୍ଲକ ଗସ୍ତ କରିଥିଲେ । ସେମାନେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଲା ବେଳକୁ ଅନେକ କର୍ମଚାରୀ ପହଞ୍ଚି ନ ଥିଲେ। କିଛି ସମୟ ରହି ବ୍ଲକରେ ଉଭୟ ଅଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ । ପରେ ବ୍ଲକର ଚଙ୍ଘରିଆ ଗାଁକୁ ଯାଇ ସେଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ଦେଖିବା ସହ ହିତାଧିକାରୀଙ୍କୁ ପଚାରି ବୁଝିଥିଲେ । ପରେ ଚଙ୍ଘରିଆରେ ଥିବା ଆବାସିକ ବିଦ୍ୟାଳୟ ବୁଲି ଦେଖିଥିଲେ । ଗସ୍ତ ଅବସରରେ ଡିଆରଡିଏ କାର୍ଯ୍ୟକ୍ରମ ଅଧିକାରୀ କ୍ଷୀରୋଦ ମିଶ୍ର, ଏପିଡି ଗ୍ରାମୀଣ ଆବାସ ଯୋଜନା ଅନନ୍ୟା ଆଚାର୍ଯ୍ୟ, ଏମସି ଅରୁଣ କୁମାର ସାହୁ , ବିଡିଓ ତରଣୀ ସୁନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିୟା, ପିଇଓ ରାଧେଶ୍ୟାମ ମେହେର, ଜିଆରଏସ୍ ସୁନିତା ବାରିକଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।



ଜିଲାପାଳ ଓ ପିଡି ଚଙ୍ଘରିଆ ଗାଁରେ ଆବାସ ଯୋଜନା ଘର କାମ ବୁଲି ଦେଖୁଛନ୍ତି ।

## ଚାଲାଣ ବେଳେ ୮ ଦାଦନ ଶ୍ରମିକ ଉଦ୍ଧାର

**ଲାଠୋର, ୧୯।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ଥାନା ପୋଲିସ ବୁଧବାର ରାତିରେ ହରିଶଙ୍କର ରୋଡ ରେଳ ଷ୍ଟେଶନରୁ ଚାଲାଣ ବେଳେ ୮ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଖପ୍ରାଖୋଲ ଶ୍ରମ ନିରୀକ୍ଷକ ସୁଧୀର କୁମାର ସାହୁ ଥାନାକୁ ଆସି ତଦନ୍ତ କରିଥିଲେ। ତୁରେକେଲା ଥାନା ଗଭରାର ଦାଦନ ସର୍ଦ୍ଦାର ଜଗଦୀଶ ଖୁରା ଲାଠୋର ଥାନା ଭରୁଆମୁଣ୍ଡାର ହରିଶ ତାଣ୍ଡି, ଜମୁନା ତାଣ୍ଡି, ପ୍ରେମା ତାଣ୍ଡି, ସରସ୍ୱତୀ ତାଣ୍ଡି, ହେମସାଗର ତାଣ୍ଡି , କ୍ଷିରସିନ୍ଧୁ ତାଣ୍ଡି, କ୍ଷୀରବତୀ ତାଣ୍ଡି, ତିଲୋତ୍ତମା ତାଣ୍ଡିଙ୍କୁ ତେଲେଙ୍ଗାନା ରାଜ୍ୟ କରମିନଗରକୁ ପଠାଇବାର ବ୍ୟବସ୍ଥା କରିଥିଲେ। ସେଠାକାର ଏକ ଇଟାଭାଟିରେ କାମ କରିବା ପାଇଁ ଜଣ ପିଛା ୩୦ହଜାର ଟଙ୍କା ଅଗ୍ରୀମ ଦେଇ ଚାଲାଣ କରାଯାଉଥିଲା। ଶ୍ରମିକଙ୍କ ସହ ୨ଜଣ ଶିଶୁ ରହିଛନ୍ତି। ଉଦ୍ଧାର ଶ୍ରମିକଙ୍କୁ ସେମାନଙ୍କ ଘରକୁ ପଠାଯାଇଛି। ଚାଲାଣକାରୀ ସର୍ଦ୍ଦାର, ଡ୍ରାଇଭର ଫେରାର ହୋଇଯାଇଛନ୍ତି। ସେମାନଙ୍କ ବିରୋଧରେ ଲାଠୋର ଥାନାରେ ଦଫା ୪୨୦, ୩୭୪, ୩୪, ୨୫ ଆଇଏସଏମଡବ୍ଲୁ ଆକ୍ଟରେ ଏକ ମାମଲା (ନଂ. ୧୩୫/୧୯)ରୁଜୁ କରାଯାଇଛି ବୋଲି ଏଏସଆଇ ଜଗଦୀଶ ସାହୁ ସୂଚନା ଦେଇଛନ୍ତି। ତେବେ ପୋଲିସ ସର୍ଦ୍ଦାର ଏବଂ ଡ୍ରାଇଭର ଫେରାର ହୋଇଯାଇଥିବା କହୁଥିବା ବେଳେ ସମ୍ପୃକ୍ତ ସର୍ଦ୍ଦାର ବୁଧବାର ରାତିରେ ହିଁ ସମ୍ପୃକ୍ତ ଶ୍ରମିକମାନଙ୍କୁ ଧମକ ଚମକ ଦେଇ ବାହାର ରାଜ୍ୟକୁ ଚାଲାଣ କରି ଦେଇଥିବା ଜଣେ ଶ୍ରମିକ ନିଜ ନାମ ଗୋପନ ରଖିବା ସ୍ୱତ୍ତ୍ୱରେ ଫୋନ ଯୋଗେ ସୂଚନା ଦେଇଛନ୍ତି।

## ଜିଲା କଳାକାର ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

**ବଲାଙ୍ଗୀର ଅଫିସ,୧୯।୧୨**

ବଲାଙ୍ଗୀର ଜିଲା କଳାକାର ସଂଘ ପକ୍ଷରୁ ଗୁରୁବାର ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ଅବଦୁଲ ଜମାଲ ଖାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ସାହିତ୍ୟିକ ତଥା ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା, ସମ୍ମାନିତ ଅତିଥି ନାଟ୍ୟଶିଳ୍ପୀ ଶୁଭ୍ରାଂଶୁ ଶେଖର ମିଶ୍ର ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ କଳାକାର ବିଥିକା ଚଟର୍ଜୀ ଓ ଆଲୋକ ପ୍ରସାଦ ଦାସ, ଉପସଭାପତି ବାସୁଦେବ ମେହେର ଓ କୋଷାଧ୍ୟକ୍ଷ ପ୍ରଭଞ୍ଜନ ରାୟଗୁରୁ ଉପସ୍ଥିତ ଥିଲେ । ସଭାକୁ ଯୁଗ୍ମ ସମ୍ପାଦକ ମଧୁସୂଦନ ନାୟକ ସଂଯୋଜନା କରିଥିଲେ । ସମ୍ପାଦକ ପ୍ରଭାକର ମିଶ୍ର ସମସ୍ତଙ୍କୁ ସ୍ୱାଗତ କରି ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅବସରରେ ସମ୍ମାନପ୍ରାପ୍ତ କଳାକାର ବିଥିକା ଚଟର୍ଜୀ ଓ ଆଲୋକ ପ୍ରକାଶ ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ବରିଷ୍ଠ କଳାକାର ରମେଶ ପୁରୋହିତ, ସନାତନ ଠାକୁର, ନୀଳମଣି ପଟେଲ, ପ୍ରଶାନ୍ତ ଖମାରୀ, ବାସୁଦେବ ମେହେର ଓ ପ୍ରଭଞ୍ଜନ ରାୟଗୁରୁ ବକ୍ତବ୍ୟ ରଖିଥିଲେ । ସୁରେଶ ଚନ୍ଦ୍ର ସାହୁ ଓ ମୁରଲୀଧାରୀ ପତି ମାନପତ୍ର ପଠନ କରିଥିଲେ । ଏହି ଉତ୍ସବ ଅବସରରେ ୪୧ ଜଣ କଳାକାର ଓ ସଙ୍ଗଠକ ଜିଲା କଳାକାର ସଂଘ ସଦସ୍ୟତା ଗ୍ରହଣ କରିଥିଲେ । ସଂଘ ତରଫରୁ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା ।



ବଲାଙ୍ଗୀର ଜିଲା କଳାକାର ସଂଘ ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି ।

## ଡୁମେରତଲିଏନ୍ ମହୋତ୍ସବ ଉଦ୍‌ଯାପିତ
### ଶେଷ ରଜନୀରେ କଂସ ବଧ ମଞ୍ଚସ୍ଥ

**ଖପ୍ରାଖୋଲ, ୧୯।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଗ୍ରୀଡଠାରେ ଚାଲିଥିବା ଡୁମେରତଲିଏନ୍ ମହୋତ୍ସବ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କଂସ ଦରବାର କାର୍ଯ୍ୟକ୍ରମର ଅନ୍ତିମ ରଜନୀରେ କଂସ ବଧ ନାଟକ ମଞ୍ଚସ୍ଥ ହୋଇଥିଲା। ଉଦ୍‌ଯାପନୀ ଦିବସରେ କୃଷ୍ଣ ବଳରାମ ଅକ୍ରୁରଙ୍କ ସହିତ ଗାଁ ପରିକ୍ରମା କରି କଂସ ଦରବାରରେ ପହଞ୍ଚିଥିଲେ । ସେଠାରେ କୃଷ୍ଣଙ୍କୁ ଦେଖି କଂସାସୁର ସିଂହାସନରୁ ପଡିଯାଇଥିଲେ। କୃଷ୍ଣ ତାଙ୍କୁ ବଧ କରିଥିଲେ । ପରେ ଉଗ୍ରସେନଙ୍କୁ ମଥୁରାର ରାଜା ହୋଇଥିଲେ । ଶେଷ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା । ଡୁମେରତଲିଏନ୍ ଯୁବକ ସଂଘ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ହୋଇଥିଲା। କଂସ ଭୂମିକାରେ ବରଗଡ ଜିଲା ମେଲଛାମୁଣ୍ଡାର ନିର୍ମଳ କୁମାର ମେହେର ଅଭିନୟ କରିଥିଲେ। କୃଷ୍ଣ ଭୂମିକାରେ ଶିଶୁ କଳାକାର ବିଜୟଲକ୍ଷ୍ମୀ ହଂସ, ବଳରାମ ଭୂମିକାରେ ଅଙ୍କିତା ବରିହାଙ୍କ ଅଭିନୟ ବେଶ ଚିତ୍ତାକର୍ଷକ କରିଥିଲେ । ଯୁବକ ସଂଘ ସଭାପତି ବୁଲୁ ପଣ୍ଡା, ରଞ୍ଜନ ସାହୁ, ବିନୋଦ ସାହୁ, ବାଦଲ ଦଣ୍ଡସେନା, ସୁରୁକୁନୁ ସାହୁ, ସୁଶାନ୍ତ ପଧାନ, ରୋହିତ ଶଗଡିଆ, ରାଜୁ ବାରିକ, ଆଶିସ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିଲେ ।



ମଞ୍ଚରେ କଂସ ବଧର ଦୃଶ୍ୟ ।

### ଯୁବକଙ୍କ ଉନ୍ମତ୍ତକାଣ୍ଡ
## ରାସ୍ତାରେ ନିଜ ବାଇକ୍‌କୁ ପୋଡ଼ିଦେଲେ

**ଲୋଇସିଂହା,୧୯।୧୨(ଡି.ଏନ.ଏ.)**

ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ଛକ ନିକଟରେ ଗୁରୁବାର ସକାଳେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା । ଜଣେ ଯୁବକ ନିଜ ବାଇକକୁ ପୋଡି ଦେଇ ସେ ବାଇକରେ ବସି ରହିଥିବା ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ପରେ ଘଟଣାସ୍ଥଳକୁ ଲୋଇସିଂହା ପୋଲିସ ପହଞ୍ଚି ପୋଡା ବାଇକୁ ଜବତ କରି ଥାନାକୁ ନେଇ ଯାଇଥିଲେ। ଯୁବକଙ୍କ ହାବଭାବରୁ ମାନସିକସ୍ଥିତ ଭଲ ନଥିବା ଜାଣିବାକୁ ପାଇଥିଲା ପୋଲିସ। ପୋଲିସ ସୂଚନା ମତେ, ବରଗଡ ଜିଲା ବରପାଲି ଧୋବାପଡା ଅଞ୍ଚଳରେ ଜଣେ ଯୁବକ ପଲସର ବାଇକ ଧରି ବୁଧବାର ସନ୍ଧ୍ୟା ସମୟରୁ ଲୋଇସିଂହା-ବୁର୍ଡା ଅଞ୍ଚଳରେ ବୁଲାବୁଲି କରୁଥିଲେ। ଗୁରୁବାର ଭୋରରୁ କେହି ଜଣେ ବିକଟାଳ ଚିତ୍କାର କରୁଥିବା ବୁର୍ଡା ଲୋକେ ଶୁଣିବାକୁ ପାଇଥିଲେ । ଏହାର କିଛି ସମୟ ପରେ ବରଗଡ-ବଲାଙ୍ଗୀର ୨୬ ନଂ ଜାତୀୟ ରାଜପଥ ବୁର୍ଡା ଛକ ନିକଟରେ ଜନୈକ ଯୁବକ ନିଜ ବାଇକକୁ ପୋଡି ଦେଇଥିବା ଖବର ମିଳିଥିଲା । ସ୍ଥାନୀୟ ଲୋକେ ଓ ରାଜପଥ ଯାତ୍ରୀମାନେ ଏହା ଦେଖି ଅବାକ ହୋଇଯାଇଥିଲେ । ବାଇକ ଜଳି ପାଉଁଶ ହୋଇଯାଇଥିଲା । ଧୂଆଁ ବାହାରୁ ଥିବ ବାଇକରେ ଯୁବକ ଜଣକ ନିଶ୍ଚିନ୍ତ ବସି ରହିଥିବା ଦେଖିବାକୁ ପାଇଥିଲେ। ପରେ ଲୋଇସିଂହା ପାଲିସ ଘଟଣା ସ୍ଥଳକୁ ଆସି ବାଇକକୁ ଜବତ କରି ଥାନାକୁ ନେଇଥିଲେ । କେଉଁ କାରଣକୁ ନେଇ ଯୁବକ ଜଣକ ବାଇକ ପୋଡିଥିଲେ ତାହା ଜଣାପଡି ନାହିଁ।



ପୋଡି ଦେଇଥିବା ବାଇକ ନିକଟରେ ଯୁବକ ଜଣକ।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର



## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ବୃଦ୍ଧା ଗୁରୁତର, ଭବାନୀପାଟଣା ମେଡିକାଲ ସ୍ଥାନାନ୍ତର

**କୋକସରା,୧୯।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ଡେଙ୍ଗାଗୁଡା ଗ୍ରାମରେ ଗୁରୁବାର ଭୋର ସମୟରେ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସୁରେଖା ବାଗ (୬୦)। ସେ ଶୌଚ ପାଇଁ ଘର ନିକଟରେ ଥିବା ରାସ୍ତା କଡକୁ ଯାଇଥିବା ବେଳେ ହଠାତ ଏକ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଆକ୍ରମଣରେ ବୃଦ୍ଧାଙ୍କ ବାମ ହାତ ଭାଙ୍ଗି ଯାଇଥିବା ବେଳେ ପାପୁଲିକୁ ଭାଲୁ କାମୁଡି ରକ୍ତାକ୍ତ କରି ଦେଇଥିଲା। ବୃଦ୍ଧାଙ୍କ ଚିତ୍କାର ଶୁଣି ପରିବାରବର୍ଗ ଆସି ଭାଲୁ କବଳରୁ ଉଦ୍ଧାର କରିବା ପରେ କୋକସରା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରିଥିଲେ ତେବେ ଡାକ୍ତର କରିଥିଲେ। ପରେ ତାଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ଏ ନେଇ ବେହେରା ସେକସନ ଫରେଷ୍ଟର ସୁରେଶ ରାଉତଙ୍କୁ ପଚାରିବାରୁ ସରକାରୀ ନୀୟମ ମୁତାବକ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ବୃଦ୍ଧା ଗରିବ ହୋଇଥିବାରୁ ତାଙ୍କ ସମସ୍ତ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୋକସରା,୧୯।୧୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ଡେଙ୍ଗାଗୁଡା ଗ୍ରାମ ନିକଟରେ ଥିବା ଏକ ଚାଷ ଜମି ହିତରେ ଥିବା ନିମ୍ବ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଆମପାଣି ପୋଲିସ ଉଦ୍ଧାର କରିଛି। ମୃତକ ହେଲେ କୁମନ୍ତ ମାଝି (୨୨) ଓରଫ ମୁନ୍ନା । କୁମନ୍ତଙ୍କ ମା'ବାପା ପୂର୍ବରୁ ମୃତ୍ୟୁ ଘଟିଥିବା ବେଳେ ସେ ନିଜ ବଡଭାଇ ଘରେ ରହୁଥିଲେ। ଗୁରୁବାର କୌଣସି କାରଣକୁ ନେଇ ସେ ନିଜ ଚାଷ ଜମିରେ ଥିବା ନିମ୍ବ ଗଛରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ । ନିମ୍ବ ଗଛରେ ମୃତଦେହ ଝୁଲୁଥିବା ଦେଖି ଗ୍ରାମବାସୀ ଆମପାଣି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରିବା ପରେ ଯୁବକ ଡେଙ୍ଗାଗୁଡା ଗ୍ରାମର ସ୍ୱର୍ଗତ ଲାବାଣ୍ୟ ମାଝିଙ୍କ ପୁଅ କୁମନ୍ତ ଓରଫ ମୁନ୍ନା ବୋଲି ଜଣାପଡ଼ିଥିଲା। ଘଟଣାସ୍ଥଳରେ ଆମପାଣି ଥାନା ଅଧିକାରୀ ପୁଷ୍ପାଞ୍ଜଳୀ ନେଙ୍ଗି ଓ ତଦନ୍ତକାରୀ ପୋଲିସ ଏଏସଆଇ ପୀତବାସ ପୁରୋହିତ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲେ। ଏ ନେଇ ଆମପାଣି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୯/୧୯) ରୁଜୁ ହୋଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ତଦନ୍ତକାରୀ ପୋଲିସ ସୂଚନା ଦେଇଛି ।

### ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘ

# ଦିନିକିଆ ଉପବାସ ଧର୍ମଘଟ

**ଭବାନୀପାଟଣା,୧୯।୧୨ (ଡି.ଏନ.ଏ.)**

ଗୁରୁବାର ସ୍ଥାନୀୟ ଷ୍ଟେଡ୍ୟୁଛକ ନିକଟରେ ଥିବା ଜିଲା ମୁଖ୍ୟ ଡାକଘର ପରିସରରେ ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘ ପକ୍ଷରୁ ଏକ ୧୦ ଦଫା ଦାବି ନେଇ ଦିନିକିଆ ଉପବାସ ଧାରଣାରେ ବସିଛନ୍ତି। ଦେଶରେ ଦୁଇଲକ୍ଷ ଅଶି ହଜାର ଗ୍ରାମିଣ ଡାକ ସେବକ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ଚାକିରୀ ଜୀବନ ଅତି ଦୁଃସମୟ ଓ ସରକାରଙ୍କ ଦ୍ୱାରା ଅବହେଳିତ ଏବଂ ନିର୍ଯାତିତ। ଗ୍ରାମୀଣ ଡାକସେବକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଉଚ୍ଚ ନ୍ୟାୟାଳୟର ରାୟ ପ୍ରଦାନ କରିଥିବା ବେଳେ କର୍ମଚାରୀମାନଙ୍କ କମିଶନ ରିପୋର୍ଟ ପ୍ରଦାନ କରିଥିଲେ ମଧ୍ୟ ସରକାର ଆଦୌ ଗ୍ରହଣ କରୁନାହାନ୍ତି। ଗଠିତ କମଲେସ ଚନ୍ଦ୍ରା କମିଟି ତାର ରିପୋର୍ଟ ସୁପାରିସ ପ୍ରଦାନ କରି ପ୍ରାୟ ୩ ବର୍ଷ ହୋଇଥିଲେ ହେଁ ତାହା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହେଇପାରିନି ବୋଲି ସଭାପତି ହରକିଶନ ଦଣ୍ଡସେନା, ସମ୍ପାଦକ କଳ୍ପପଟ୍ଟ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଖିତେନ୍ଦ୍ର ଠାକୁର ପ୍ରକାଶ କରିଛନ୍ତି। କର୍ମଚାରୀମାନେ ଦୁଇ ଦୁଇ ଥର ଧର୍ମଘଟ କରି ମଧ୍ୟ ଠିକ୍ ଦରମା ଖଣ୍ଡିକ ବି ହରାଇଛନ୍ତି। ତଥାପି ଗ୍ରାମୀଣ



ଜିଲା ମୁଖ୍ୟ ଡାକଘର ପରିସରରେ ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘର ଧାରଣା।

#### ୧୦ ଦଫା ଦାବି

ଡାକ ସେବକ (ଜିଡିଏସ)ମାନଙ୍କ ପ୍ରତି ସରକାରଙ୍କ ଦରଦ ନାହିଁ। କମଲେଶ ଚନ୍ଦ୍ରା କମିଟି ସୁପାରିଶକୁ ଡାକ ବିଭାଗ କିଛି କାର୍ଯ୍ୟକାରୀ କରିବା ପାଇଁ ଆଦେଶ କରି ସାରିଥିବା ବେଳେ ଏ ପର୍ଯ୍ୟନ୍ତ ବିଭାଗ କାର୍ଯ୍ୟକାରୀ ନ କରିବା ଦୁଃଖର ବିଷୟ। କେନ୍ଦ୍ର ସଂଘ ବାରମ୍ବାର ଡାକ ବିଭାଗ ଉପରେ ଚାପ ପ୍ରୟୋଗ କଲେ ମଧ୍ୟ ବିଭାଗ ମଉନ ରହୁଥିବା ଜଣାପଡୁଛି।

ଜିଡିଏସମାନଙ୍କୁ କାର୍ଯ୍ୟ ନିର୍ଘଣ୍ଟ ଆଠ ଘଣ୍ଟାକୁ ବୃଦ୍ଧି କରି ବିଭାଗୀୟ ମାନ୍ୟତା ଦେବା ବିଷୟ ପୁନଶ୍ଚ କମିଟି ଦ୍ୱାରା ଅନୁଧ୍ୟାନ ଚାଲିଛି। ମହାଡାକପାଳ ଏଚ.ସି. ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଗୋଟିଏ ତିନି ଜଣିଆ କମିଟି ଗଠନ ହୋଇଥିବା ବେଳେ ଏହି କମିଟି ବ୍ରାଞ୍ଚ ପୋଷ୍ଟ ଅଫିସର କାର୍ଯ୍ୟଭାର ଅନୁଧ୍ୟାନ କରି ତାଙ୍କ ରିପୋର୍ଟ ଆସନ୍ତା ଫେବୃୟାରୀରେ ଡାକ ବିଭାଗକୁ ହସ୍ତାନ୍ତର କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ କମଲେଶ ଚନ୍ଦ୍ରା କମିଟି ସୁପାରିଶରେ ଥିବା ନିମ୍ନାଙ୍କିତ ଦଶଟି ଦାବି ଶୀଘ୍ର କାର୍ଯ୍ୟକାରୀ ନିମନ୍ତେ ଆଦେଶ ପ୍ରଦାନ କରିବାକୁ ଦାବି ରଖି ଗୁରୁବାର ଦେଶର ପ୍ରତ୍ୟେକ ଡିଭିଜନ ଅଫିସ ସମ୍ମୁଖରେ ଏକ ଦିବସୀୟ ଭୁକ ହରତାଲ (ଉପବାସ ଧାରଣା)ରେ ବସିଛନ୍ତି। ସେମାନଙ୍କ ଦାବିଗୁଡିକ ହେଲା ଜିଡିଏସମାନଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା ଦେଇ, ବିଭାଗୀୟ କର୍ମଚାରୀ ପାଉଥିବା ସମସ୍ତ ସୁବିଧା ଯୋଗାଇ ଦିଆଯିବା, କମଲେସ ଚନ୍ଦ୍ରା କମିଟି ସୁପାରିସ ଅନୁସାରେ ଇନ୍କ୍ରିମେଣ୍ଟ ପ୍ରଦାନ କରିବା, ଗ୍ରୁପ ଇନ୍ସୁରେନ୍ସ ୫ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯିବା, ୧୮୦ ଦିନ ସବେତନ ଛୁଟି ମଞ୍ଜୁର କରାଯିବା, ଏକ ପଦବୀ ବ୍ରାଞ୍ଚ ପୋଷ୍ଟ ଅଫିସ କର୍ମଚାରୀଙ୍କୁ ସଂଯୁକ୍ତ କାର୍ଯ୍ୟ ଭତ୍ତା ଦିଆଯିବା, ଜିଡିଏସମାନଙ୍କୁ ସ୍ୱାସ୍ଥ୍ୟ ବିମା ଶୀଘ୍ର ମଞ୍ଜୁର କରିବା, ବଦଳି ନୀୟମ ପରିବର୍ତ୍ତନ କରିବା, କମିଶନ ଦେବା ନୀୟମ ଉଚ୍ଛେଦ କରିବା, ଅବସରକାଳିନ ଭତ୍ତା ପ୍ରଦାନ କରିବା ଓ ଜିଡିଏସ୍‌ମାନଙ୍କୁ ବ୍ୟବସାୟୀକ ଟାର୍ଗେଟ ନାମରେ ହଇରାଣ ବନ୍ଦ କରିବା ପ୍ରଭୃତି ଦାବି ରହିଛି।

### କଳାହାଣ୍ଡି ଜିଲାପାଳଙ୍କ ଲଇତର ଗ୍ରାମପଞ୍ଚାୟତ ପରିଦର୍ଶନ

## ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଜଣାଇଲେ ଗ୍ରାମବାସୀ

**କେସିଙ୍ଗା,୧୯।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଲଇତର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଜିଲାପାଳ ପରାଗ ହର୍ସଦ ଗଭାଲି ଗୁରୁବାର ପରିଦର୍ଶନ କରିଥିଲେ। ଗ୍ରାମପଞ୍ଚାୟତ ବିଭିନ୍ନ କାଗଜାତ ତଦନ୍ତ କରିଥିଲେ। ଏହି ପରିଦର୍ଶନ ସମୟରେ ଗ୍ରାମବାସୀ ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟଭତ୍ତା, ଚାଉଳ, ରାଶନ କାର୍ଡ, ରାସ୍ତାଘାଟ ସମେତ ହିତାଧିକାରୀମାନେ ଠିକ ଭାବେ କିରୋସିନ ପାଉ ନ ଥିବା ମଧ୍ୟ ଅଭିଯୋଗ କରିଥିଲେ। ଲଇତର ଗ୍ରାମର ଲଇତରା ଉଚ୍ଚ ବିଦ୍ୟାଳୟ, ଡେଣ୍ଡୋଗୁଡା, ଜଳଛାୟା ମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବୁଲି ଦେଖିଥିଲେ। ଏହି ପରିଦର୍ଶନରେ ଭାରପ୍ରାପ୍ତ ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝି, କେସିଙ୍ଗା ବିଡିଓ ଭୀମସେନ ଶବର, ଗ୍ରାମପଞ୍ଚାୟତ ଅଧିକାରୀ ସଞ୍ଜୟ କୁମାର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ଶତପଥି, କାଣ୍ଡେଲ ପିଇଓ ପ୍ରମୁଖ ଅଧିକାରୀ ପ୍ରମୁଖ ସାମିଲ ହୋଇଥିଲେ ।




ଲଇତରା ଗ୍ରାମପଞ୍ଚାୟତରେ ଜିଲାପାଳ ଓ ଅଧିକାରୀଗଣ ।



ସନ୍ଥ ଗୁରୁ ଘାସିଦାସ ବାବାଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଶୋଭାଯାତ୍ରା।

## ସନ୍ଥ ଗୁରୁ ଘାସିଦାସ ବାବାଙ୍କ ଜୟନ୍ତୀ

**କୋକସରା,୧୯।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଳାଠାରେ ସତନାମୀ ସମାଜ କାଉଡୋଳା ଗ୍ରାମ ଆନୁକୁଲ୍ୟରେ ସନ୍ଥ ଗୁରୁ ଘାସିଦାସ ବାବାଙ୍କ ୨୬୩ତମ ଜନ୍ମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ସତନାମ ଧର୍ମର ପ୍ରତିକ ଜୈତ ସ୍ତମ୍ଭରେ ଧ୍ୱଜାରୋହଣ ଅନୁଷ୍ଠିତ ହୋଇଥିଲା। ସକାଳେ ଧର୍ମଗଡ ବିଧାୟକ ମୌଷଧି ବାଗ ଯୋଗଦେଇ ଥିବା ବେଳେ ଅପରାହ୍ନରେ କଳସଯାତ୍ର ଓ ନଗର ପରିକ୍ରମା କରାଯାଇଥିଲା। ସତନାମୀ ସେବା ସଂଘ ସଭାପତି ଗଣେଶ ସତନାମୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ସମ୍ମାନିତ ଅତିଥି ଭାବେ ଲଡୁଗାଁ କଲେଜ ଅଧ୍ୟକ୍ଷ ଡ. ନିହାରକାନ୍ତ ପଣ୍ଡା, ସତନାମୀ ସେବା ସଂଘ ଉପସଭାପତି ଶତ୍ରୁଘ୍ନ ସତନାମୀ, ସତନାମୀ ସମାଜ ଜିଲା ସମ୍ପାଦକ ଗୋବିନ୍ଦ ସତନାମୀ, କାଉଡୋଳା ସମିତିସଭ୍ୟ ସାଧୁ ବେମାଲ, କାଉଡୋଳା ସରପଞ୍ଚ ଜମ୍ଭୁବତୀ ସାହୁ, ନାଏବ ସରମଞ୍ଚ ଦେବୀସିଂ ତାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ । ଘାସିଦାସ ବାବା ଦେଇଥିବା ଜ୍ଞାନକୁ ଆହୋରଣ କରି ଜୀବନର ପଥକୁ ଆଗାଇ ନେବାକୁ ବକ୍ତାମାନେ କହିଥିଲେ । ମୁଖ୍ୟବକ୍ତା ଭାବେ ଟେମରା ହାଇସ୍କୁଲ ସଂସ୍କୃତ ଶିକ୍ଷକ ଲକ୍ଷ୍ମୀଧର ସାହୁ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ଅଧାପକ ଜଳଧର ସତନାମୀ ମଞ୍ଚ ପରିଚାଳନା କରିଥିଲେ। ପ୍ରେମଲାଲ ସତନାମୀ, ଆଲୋକ ରନ ସତନାମୀ, ସୁରେଶ ସତନାମୀ, ସୁଶିଲ ସତନାମୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପୂର୍ବତନ ଡିସିସି ସଭାପତିଙ୍କ ବିୟୋଗରେ ଶୋକସଭା

**ଭବାନୀପାଟଣା,୧୯।୧୨ (ଡି.ଏନ.ଏ.)**

ପୂର୍ବତନ ଜିଲା କଂଗ୍ରେସ ସଭାପତି ହାଇଦର ଅଲ୍ଲିଙ୍କ ଅକାଳ ବିୟୋଗରେ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ଜିଲା କଂଗ୍ରେସ ଉପସଭାପତି ଉତ୍ସବ ସାହୁଙ୍କୁ ଅଧକ୍ଷତାରେ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସ୍ୱର୍ଗତ ହାଇଦର ଅଲ୍ଲିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଉପସ୍ଥିତ କର୍ମୀମାନେ ସ୍ୱର୍ଗତ ଅଲ୍ଲିଙ୍କ ବାସଭବନକୁ ଯାଇ ତାଙ୍କ ମରଶରୀରରେ ଦଳିୟ ପତକା ଦେବା ସହିତ ପୁଷ୍ପମାଲ୍ୟମାଲ୍ୟ ଦେଇ ସମ୍ମାନ ଜଣାଇଛନ୍ତି। ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଶୋକସଭାରେ ଜିଲା ସମ୍ପାଦକ ବ୍ରହ୍ମମୋହନ ସାହୁ, ସୁରେଶ ପଟ୍ଟନାୟକ, ଆଦିବାସୀ ନେତା ପରମାନନ୍ଦ ମାଝି, ଉପଦେଷ୍ଟା ସିଦ୍ଧାର୍ଥ ନାୟକ, ଆଇନଜୀବୀ ନିମାଞ୍ଚଳ ନାଏକ, ଶରତ ନାଏକ, ସୁବାଶ ପ୍ରଧାନ, ଚନ୍ଦ୍ର ଯୋଷୀ, ଭାଗବତ୍ ଯାଦବ, ସୁଦର୍ଶନ ବିଶ୍ୱାଳ, ଗଗନ୍ ପ୍ରଧାନ, ସୁକାନ୍ତି ସରାଫ, ମାଣିକ୍ୟ ସୁନା, ସତ୍ୟା ପ୍ରଧାନ, ଧନୁ ଗହିର, ତ୍ରିଲୋଚନ ପାଣିଗ୍ରାହୀ, ସାଗର ପଟ୍ଟନାୟକ, ସାବିର ମହମ୍ମଦ, ମହମ୍ମଦ ସାଜିଦ୍, ସୁବ୍ରତ ବହିଦାର ପ୍ରମୁଖ ସ୍ୱର୍ଗତ ଅଲ୍ଲିଙ୍କ ସ୍ମୃତିଚାରଣ କରିଥିଲେ।

### ବିଜୁ ଯୁବ ସଶକ୍ତୀକରଣ ଯୋଜନା

## ୩୯୧ ଛାତ୍ରୀଛାତ୍ରଙ୍କୁ ମାଗଣାରେ ଲାପ୍‌ଟପ୍ ବଣ୍ଟନ

**ଭବାନୀପାଟଣା,୧୯।୧୨ (ଡି.ଏନ.ଏ.)**

ବିଜ୍ଞାନ ଶିକ୍ଷାପ୍ରତି ଛାତ୍ରମାନଙ୍କୁ ଅଧିକରୁ ଅଧିକ ଉତ୍ସାହିତ କରିବା ଏବଂ ବିଜ୍ଞାନ ପଢିବା ପାଇଁ ଉପଯୋଗ ହେଉଥିବା ଅତ୍ୟାଧୁନିକ ଲାପଟପ୍ କୃତୀ ଛାତ୍ରୀଛାତ୍ରମାନଙ୍କୁ ମାଗଣାରେ ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ବିଜୁ ଯୁବ ସଶକ୍ତି କରଣ ଯୋଜନା ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ନୋଡାଲ ସେଣ୍ଟରଠାରେ କଳାହାଣ୍ଡି ଜିଲାର ୩୯୧ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ମାଗଣାରେ ଲାପ୍‌ଟପ୍ ବଣ୍ଟନ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ଭବାନୀପାଟଣା ମହାବିଦ୍ୟାଳୟ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ଅନ୍ୟତମ ଅତିଥି ଭାବେ ବିରୋଧୀ ଦଳ ନେତା ତଥା ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାଏକ, ବିଜୁ ଜନତାଦଳର ଭବାନୀ ଶଙ୍କର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ଦଳେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମହାବିଦ୍ୟାଳୟ ଅଧାପକ ମହେଶ୍ୱର ଦୁରିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମଞ୍ଚରେ ବରିଷ୍ଠ ଅଧାପକ ପଦ୍ମଲୋଚନ ଭୋଇ ଓ ହିମାଂଶୁ ଷଡଙ୍ଗୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡିଆ ଅଧାପିକା ଡ. ପଲ୍ଲିଶ୍ରୀ ପଟ୍ଟନାୟକ ଲାପ୍‌ଟପ୍ ବଣ୍ଟନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଯେ, ଯୁକ୍ତ ୨ ପରୀକ୍ଷାରେ ୭୦% ନମ୍ବର ରଖି ପାସ କରିଥିବା ଛାତ୍ରୀଛାତ୍ରମାନଙ୍କୁ ବିଜୁ ଯୁବ ସଶକ୍ତି କରଣ ଯୋଜନାରେ ମାଗଣାରେ ଲାପ୍‌ଟପ୍ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିଲା।




ଲାପ୍‌ଟପ୍ ବଣ୍ଟନ କାର୍ଯ୍ୟକ୍ରମରେ ଏମ୍‌ପି ବସନ୍ତ କୁମାର ପଣ୍ଡା ଉଦ୍‌ବୋଧନ ଦେଉଛନ୍ତି।




ଏମ୍‌ପି ଓ ଅତିଥିଙ୍କ ଗହଣରେ ଖେଳାଳିମାନେ ।

### ଜେଡିସିସି କ୍ରିକେଟ କପ୍ ଉଦ୍‌ଘାଟିତ

## ଲକ୍ଷ୍ମୀସାଗରପଡ଼ା, ବ୍ରାହ୍ମଣୀଗୁଡ଼ା ବିଜୟୀ

**ଜୁନାଗଡ,୧୯।୧୨ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ଭୈରବ ପଡିଆଠାରେ ଜୟ ଦୁର୍ଗା କ୍ରିକେଟ କ୍ଲବ ଆନୁକୁଲ୍ୟରେ ଜେଡିସିସି କ୍ରିକେଟ କପ୍ ୨୦୧୯-୨୦ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଲକ୍ଷ୍ମୀସାଗରପଡା ଏବଂ ଆୟୋଜକ ଜେଡିସିସି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀସାଗରପଡା ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ୧୨ ଓଭରରେ ଦଳର ମଣ୍ଟୁଙ୍କ ୪୦ ବଲରେ ଅପରାଜିତ ୧୨୦ ରନ ବିନିମୟରେ ୨ ଉଇକେଟ ହରାଇ ୧୮୬ ରନ ସଂଗ୍ରହ କରିଥିଲା। ଜବାବରେ ଆୟୋଜକ ଜେଡିସିସି ଦଳ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୯୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ମଣ୍ଟୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ ସନ୍ୟାସୀ କୁଣ୍ଡାମାଲ ଏବଂ ବ୍ରାହ୍ମଣୀଗୁଡା ମଧ୍ୟ ରେହୋଇଥିଲା। ସନ୍ୟାସୀ କୁଣ୍ଡାମାଲ ଟସ୍ ଜିଣି ବୋଲିଂର ନିଷ୍ପତ୍ତି ନେଇଥିଲା।

ବ୍ରାହ୍ମଣୀଗୁଡା ୧୧ ଓଭରରେ ସମସ୍ତ ଉଇକେଟ ହରାଇ ୧୦୫ ରନ କରିଥିଲା। ଜବାବରେ ସନ୍ୟାସୀ କୁଣ୍ଡାମାଲ ୧୧.୪ ଓଭରରେ ୭୦ ରନ ସଂଗ୍ରହ କରି ସମସ୍ତ ଉଇକେଟ ହରାଇଥିଲା। ବ୍ରାହ୍ମଣୀଗୁଡାର ଦିବ୍ୟ ୩ ଓଭରରେ ୩ ଉଇକେଟ ସହ ତିନି ରନ ଦେଇଥିବାରୁ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଖେଳକୁ ଶତିଷ ପ୍ରଧାନ ଓ ଶିବ ବାରିକ ପରିଚାଳନା କରିଥିବା ବେଳେ ଟଙ୍କଧର ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ। କଳାହାଣ୍ଡି ଏମ୍‌ପି ତଥା ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଏହା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ ମନୋଜ ମେହେର, ଏମ୍‌ପି ପ୍ରତିନିଧି ମୁକେଶ ଅଗ୍ରୱାଲ, କ୍ଲବ ସଭାପତି ସୁମେଶ ବରାଡ, ସମ୍ପାଦକ କୃଷ୍ଣଚନ୍ଦ୍ର ନାଏକ, କୋଷାଧକ୍ଷ ଜଳନ୍ଧର ଛତ୍ରିଆ, ରଷି ଶର୍ମା, ରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ଧାନ ବସ୍ତା ଓଜନକୁ ନେଇ ମିଲର୍ସ ଓ ଚାଷୀଙ୍କ ବିବାଦ

# ଚିଲଗୁଡ଼ା ମଣ୍ଡି ବନ୍ଦ, ଚାଷୀଙ୍କ ଅସନ୍ତୋଷ

**ଜୁନାଗଡ,୧୯।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମୁଣ୍ଡରାଗୁଡା ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଥିବା ଚିଲଗୁଡା ମଣ୍ଡିରେ କଟନି ଛଟନିକୁ ନେଇ ମିଲର୍ସ ଓ ଚାଷୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଫଳରେ ଗୁରୁବାର ମଣ୍ଡି କାର୍ଯ୍ୟ ବନ୍ଦ ରହିଛି। ଯାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜିଲାପାଳ ଖୋଲା ଅଖା (ଧାନ) ବସ୍ତାର ଓଜନ ୬୫୦ ଗ୍ରାମ କାଟିବାକୁ ନିର୍ଦ୍ଦେଶନାମା ଜାରି କରିଥିବା ବେଳେ ଏହି ମଣ୍ଡିରେ ମିଲର୍ସ ଏଜେଣ୍ଟମାନେ ୧୧ ଶହ କିଗ୍ରା କାଟିବାକୁ ମନ ବଳାଇଥିଲେ। ଚାଷୀମାନେ ଏହାକୁ ବିରୋଧ କରିଥିବାରୁ ମଣ୍ଡି କାର୍ଯ୍ୟ ବନ୍ଦ ରହିଥିଲା। ବସ୍ତା ପିଛା ୪୦ କିଗ୍ରାର ଧାନ ଓଜନ ହେଉଥିବା ବେଳେ ଅଖା ବସ୍ତାର ଓଜନକୁ ମିଶାଇ ୪୦ କିଗ୍ରା ୬୫୦ ଗ୍ରାମ ରହିବା କଥା । କିନ୍ତୁ ଏଠାରେ ୪୧ କିଗ୍ରା ପାଖାପାଖି ମିଲର୍ସ ଏଜେଣ୍ଟ କାଟୁଥିବାରୁ ଏହାକୁ ଚାଷୀ ବିରୋଧ କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଧାନ ଉଠାଣ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ସ୍ଥାନୀୟ ଧାନ କ୍ରୟ ଅଧିକାରୀ ଘନଶ୍ୟାମ ନାଏକଙ୍କୁ ପଚାରିବାରୁ ମଣ୍ଡି ବନ୍ଦ ସମ୍ପର୍କରେ ଜୁନାଗଡ ବ୍ଲକ ଯୋଗାଣ ନିରୀକ୍ଷକଙ୍କୁ ଜଣାଇଛି ବୋଲି କହିଥିଲେ। ଜୁନାଗଡ ବ୍ଲକ ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ଗୁଡୁଙ୍କୁ ପଚାରିବାରୁ ଶୁକ୍ରବାରଠାରୁ ମଣ୍ଡି କାର୍ଯ୍ୟ ଚାଲିବ। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ୬୫୦ ଗ୍ରାମ ଅଖାବସ୍ତାର ଓଜନ କଟାଯିବ, ତାହାଠାରୁ ଅଧିକ କଟାଯିବ ନାହିଁ ବୋଲି କହିଥିଲେ। ପ୍ରକାଶ ଯେ, ବର୍ତ୍ତମାନ ସୁଦ୍ଧା ଚିଲଗୁଡା ମଣ୍ଡିରେ ୭୮ଜଣ ଚାଷୀ ୩୧୫୦ କୁଇଣ୍ଟଧାନ ବିକ୍ରି କରି ସାରିଛନ୍ତି। ସେହିପରି ଏବେ ୨୦ ଜଣ ଚାଷୀଙ୍କ ୧୭୭୫ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ମଣ୍ଡିରେ ପଡିରହିଛି। ଏହି ମଣ୍ଡିରେ ଚିଲଗୁଡା ଓ ଖସିଗୁଡା ଗ୍ରାମ ଚାଷୀ ଧାନ ବିକ୍ରି କରିଥାନ୍ତି। ଧାନ କ୍ରୟ କରିବା ପାଇଁ ଏଥର ନୀଳକଣ୍ଠ ଉଦ୍ୟୋଗ କୋଲିଗାଁ, ଶ୍ୟାମଜୀ ବ୍ରାହ୍ମଣୀଗୁଡା, ରବୀନ ଫୁଡ ବନମାଳୀପୁର, ଶ୍ରୀବାଲାଜୀ ବୁଡିପଦର ଓ ରାକେଶ ଟ୍ରେଡ୍‌ସ୍ କୋଦୋଗୁଡା ଆଦି ନିୟୋଜିତ ହୋଇଛନ୍ତି। ଗୁରୁବାର ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିପାରି ନ ଥିବାରୁ ହାଡ ଭଙ୍ଗା ଶୀତ କାକରରେ ପଡି ରହିଛନ୍ତି।

#### ଜିଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର



ଧାନ ବିକ୍ରି କରି ପାରି ନ ଥିବା ଚାଷୀମାନେ ।



"ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### କୋମନାରେ ଟ୍ରାକ୍ଟର ମାଲିକ ସଂଘ ଗଠିତ

**କୋମନା,୧୯।୧୨(ଡି.ଏନ.ଏ.):** ନୂଆପଡା ଜିଲା କୋମନାସ୍ଥିତ ଜିତାମିତ୍ର ହାଇସ୍କୁଲ ପ୍ରାଙ୍ଗଣରେ ସ୍ଥାନୀୟ ଟ୍ରାକ୍ଟର ମାଲିକ ସଚିଦାନନ୍ଦ ଭୋଇଙ୍କ ସଭାପତିତ୍ୱରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଯାଇଛି। ବୈକରେ କୋମନା ଅଞ୍ଚଳର ବହୁ ଟ୍ରାକ୍ଟର ମାଲିକ ଯୋଗଦାନ କରି ନିଜ ପ୍ରମୁଖ ସମସ୍ୟାଗୁଡିକ ଉପସ୍ଥାପନା କରିଥିଲେ। ଏହା ପରେ ମାଲିକ ସଂଘ ଏକ ପରିଚାଳନା କମିଟି ଗଠନ କରିବା ପାଇଁ ସଭାରେ ଗୃହିତ ହୋଇଥିଲା। ସଂଘ ସଭାପତି ଭାବେ ରମେଶ ପାତ୍ର, ଉପସଭାପତି ଭାବେ ଅଶୋକ କୁମାର ହୋତା, ସମ୍ପାଦକ ଭାବେ ବେଦବ୍ୟାସ ପୁରୋହିତ, ସହସମ୍ପାଦକ ଭାବେ ରଞ୍ଜିତ ପଣ୍ଡା, କୋଷାଧ୍ୟକ୍ଷ ସୁରେଶ କୁମାର ସାହୁ ପ୍ରମୁଖଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ପରିଚାଳନା କମିଟି ସଦସ୍ୟ ଭାବେ ଗିରି ବନ୍ଛୋର, ସଚିଦାନନ୍ଦ ଭୋଇ, ଦେବଦତ ସାହୁ, ସୁଶୀଲ ପାଢ଼ୀ ଓ ହୃଦାନନ୍ଦ ସରାଫ ପ୍ରମୁଖ ସାମିଲ ରହିଛନ୍ତି। ପୀତାମ୍ବର ନାଗ, ଆଭାସ ମିଶ୍ର, ଉମେଶ ଚନ୍ଦ୍ର ପାଣ୍ଡେ, ଉପେନ୍ଦ୍ର ଚାନ୍ଦ, ସୁଶୀଲ କୁମାର ପାଢ଼ୀ ଓ ନୀଳାମ୍ବର ପଣ୍ଡାଙ୍କ ସମେତ ଅନ୍ୟ ମାଲିକ ଉପସ୍ଥିତ ଥିଲେ।

### ସୁନେତ୍ର ଚକ୍ଷୁ ଚିକିତ୍ସା ଶିବିର
### ୭୭୫ ଜଣଙ୍କ ଚକ୍ଷୁ ପରୀକ୍ଷା

**ନୂଆପଡା ଅଫିସ,୧୯।୧୨:** ସ୍ଥାନୀୟ ଖରିଆରରୋଡସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଜିଲା ସ୍ୱାସ୍ଥ୍ୟ ସମିତି ଏବଂ ସମଗ୍ର ଶିକ୍ଷା ଅଭିଯାନ ନୂଆପଡା ମିଳିତ ଆନୁକୂଲ୍ୟରେ ଏକ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷାଧିକାରୀ ଡ. ରେଶମଲାଲ ନାଏକ ସଭାପତିତ୍ୱ କରିଥିବାବେଳେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟଅତିଥି, ଅର୍ନ୍ତନିବେଶୀ ଶିକ୍ଷା ସଂଯୋଜକ ହେମନ୍ତ କୁମାର ଭୋଇ, ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଜିତ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ବ୍ଲକର ୩ଟି କ୍ଲଷ୍ଟର ଡୁମେରପାଣି, ବୁଢ଼ିପାଲି ଏବଂ ଖରିଆରରୋଡରୁ ଆସିଥିବା ୭୭୫ଜଣ ଛାତ୍ରୀଛାତ୍ରଙ୍କୁ ପରୀକ୍ଷଣ କରାଯାଇଥିଲା । ତନ୍ମଧ୍ୟରୁ ୧୫୧ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିବାବେଳେ ୯ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ଉପରିସ୍ଥ ଚିକିତ୍ସାଳୟକୁ ପ୍ରେରଣ କରାଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ସୀମାଞ୍ଚଳ ଶତପଥି, ସୋମନାଥ ଖମାରୀ ଏବଂ ମଳୟ ମହାନ୍ତି ଚକ୍ଷୁ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ବିଆରଟି ଉପେନ୍ଦ୍ର ସାମଲ ଏବଂ କାର୍ତ୍ତିକ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିବା ବେଳେ ସମସ୍ତ ସିଆରସିସି ଏବଂ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ସିଆରସିସି ସୁନୀତା ଅଗ୍ରୱାଲ ଧନ୍ୟବାଦ ଜ୍ଞାପନ କରିଥିଲେ।

ବନଖଣ୍ଡ ଅଧିକାରୀଙ୍କୁ ଭେଟିଲେ କେନ୍ଦୁପତ୍ର ତୋଳାଳି ସଂଘ

# ବିଭିନ୍ନ ଦାବି ଉପରେ ଆଲୋଚନା

■ ୪୪,୮୫୫ ଆକାଉଣ୍ଟରେ ଟଙ୍କା ଜମା

**ନୂଆପଡା ଅଫିସ,୧୯।୧୨**



ବନଖଣ୍ଡ ଅଧିକାରୀଙ୍କ ସହ କେନ୍ଦୁପତ୍ର ସଂଘ କର୍ମକର୍ତ୍ତା ଆଲୋଚନା କରୁଛନ୍ତି ।

ନୂଆପଡା ଭଳି ଜିଲାରେ ଅର୍ଦ୍ଧାଧିକ ଅଞ୍ଚଳ ବଣଜଙ୍ଗଲରେ ପରିପୂର୍ଣ୍ଣ ରହିଥିବାରୁ ଏହା ଲୋକଙ୍କୁ ବର୍ଷ ଯାକର ଜୀବନଜିବିକା ଯୋଗାଇଦେଇଥାଏ। ହେଲେ ଉପଯୁକ୍ତ ସରକାରୀ ପ୍ରୋତ୍ସାହନ ଅଭାବରୁ ଲୋକଙ୍କ ସମସ୍ୟା ସୁଧୁରିପାରୁନାହିଁ। ବିଶେଷ କରି କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଧାର୍ଯ୍ୟ ସରକାରୀ ସୁବିଧା ସୁଯୋଗ ଠିକ ସମୟରେ ଉପଲବ୍ଧ ହୋଇପାରୁ ନ ଥିବାରୁ ଗରିବ ଖଟିଖିଆ ଶ୍ରମିକଙ୍କ ଅବସ୍ଥା ଯଥା ପୂର୍ବଂ ତଥା ପର ହୋଇରହିଛି । ଏହା ଉପରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ନୂଆପଡା ଶାଖା ପକ୍ଷରୁ କର୍ମକର୍ତ୍ତାମାନେ ବନଖଣ୍ଡ ଅଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି । ସଂଘ ସମ୍ପାଦକ ଯଦୁମଣୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଟିମ ଖଡିଆଳ ବନଖଣ୍ଡ କାର୍ଯ୍ୟାଳୟରେ ବନଖଣ୍ଡ ଅଧିକାରୀ ପ୍ରଭଞ୍ଜନ ପ୍ରଧାନଙ୍କୁ ଭେଟିଥିଲେ। କେନ୍ଦୁପତ୍ର ତୋଳାଳି, ବନ୍ଧାଳି, ସିଜିନାଲ ଷ୍ଟାପ ପାଇଁ ଉଦ୍ଦିଷ୍ଟ ସାମାଜିକ କଲ୍ୟାଣ ଯୋଜନାକୁ ଠିକ ଭାବରେ ଲାଗୁ କରିବାକୁ ଅବହେଳା କରାଯାଉଥିବା ଅଭିଯୋଗ ହୋଇଥିଲା। ସେହିଭଳି ବନ୍ଧାଳି ଏବଂ ସିଜିନାଲ ଷ୍ଟାଫମାନଙ୍କ ଇନସେନଟିଭରେ ବକେୟା ପ୍ରାପ୍ୟ ପ୍ରଦାନ, କମ ଉତ୍ପାଦନ ନାମରେ ଫଡି ଘର ଉଚ୍ଛେଦ, ବିଭିନ୍ନ ରେଞ୍ଜ ମଧ୍ୟରେ ଫଡି ଘରଗୁଡିକର ସଂରଚନା, ନୂତନ ଫଡିଘର ପାଇଁ ପ୍ରସ୍ତାବ ଆଣିବା ସହ ଠିକ ଭାବେ ଗୋଛା କଟାଇ ଫଡି କମିଟିକୁ କାଗଜପତ୍ରରେ ନ କରି ଠିକ ଭାବେ ଗଠନ କରିବା, ଖଡିଆଳ ଡିଭିଜନରେ ବାକିଥିବା ୫ଟି ସିଜିନାଲ ଚେକର ପଦବୀ ତୁରନ୍ତ ପୂରଣ କରିବା ଆଦି ସମ୍ପର୍କରେ ଚର୍ଚ୍ଚା ହୋଇଥିଲା। ଆଗାମୀ ଦିନରେ ଯେପରି କୌଣସି ଫଡିଘର, ସେକ୍ସନ କିମ୍ବା ରେଞ୍ଜକୁ ଉଚ୍ଛେଦ କରିବାକୁ ଯେଉଁ ଷଡଯନ୍ତ୍ର ଚାଲିଛି ତା ବିରୋଧରେ ସଂଘ କର୍ମକର୍ତ୍ତାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଚଳିତବର୍ଷ ତୋଳାଳି ଏବଂ ଅନ୍ୟ ଶ୍ରମିକମାନଙ୍କୁ ଶହେ ପ୍ରତିଶତ ବୋନସ ଦେବା ପାଇଁ ଦାବି କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିବା କେତୋଟି ଦାବି ପୂରଣ ହୋଇଥିବାରୁ ଶ୍ରମିକମାନେ ଖୁସି ପ୍ରକଟ କରିଥିଲେ। ତେବେ ଟୋପି ପାଇଁ ୧୦୦ ଟଙ୍କା, କେରପାଲ କପଡା ପାଇଁ ୨୦୦ ଟଙ୍କା, ଚପଲ ସକାଶେ ୧୨୦ ଟଙ୍କା କରି ମୋଟ ୪୨୦ଟଙ୍କା ଜିଲାର ସମସ୍ତ ଶ୍ରମିକଙ୍କୁ ପ୍ରଦାନ କରାଯାଇଛି। ଜିଲାରେ ମୋଟ ୪୪ ହଜାର ୬୦୩ଜଣ ଶ୍ରମିକଙ୍କ ଆକାଉଣ୍ଟକୁ ଟଙ୍କା ଯାଇଥିବା ଡିଏଫଓ ପ୍ରକାଶ କରିଛନ୍ତି । ଏହି ସୂଚନା ମିଳିବା ପରେ ଶ୍ରମିକ ଏବଂ ସଂଘ କର୍ମକର୍ତ୍ତା ଖୁସି ହୋଇଥିଲେ। ସେହିଭଳି ୨୫୨ଜଣ ବନ୍ଧାଳିଙ୍କ ଆକାଉଣ୍ଟକୁ ମଶାରୀ ଓ କମ୍ବଳ ବାବଦକୁ ୭ ଶହ ଟଙ୍କା କରି ଜମା କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଅବଦୁଲ ରସିଦ, ଡୋରେଶ୍ୱର ପଟେଲ, ବସନ୍ତ ମାଝି, ମଙ୍ଗଳସାଏ ବର୍ଗତି, ଉପେନ୍ଦ୍ର ନାଗ, ଦମନ ସିଂ ନାଗ, ନଟବର ନାଗ,ରୁଦ୍ରଦେବ ନାଗ, କ୍ଷେତ୍ର ପଟେଲ, କୃଷ୍ଣ ବଲ୍ଲଭ ବାରିକ, ବାବୁଲାଲ ପଟେଲ, ଗୟା ବାଗ ପ୍ରମୁଖ ସାମିଲ ଥିଲେ। ଏହି କମିଟି ପକ୍ଷରୁ ଆଗାମୀ ଦିନରେ ସମ୍ବଲପୁରରେ ହେବାକୁ ଥିବା ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ ପୂର୍ବୋକ୍ତ ଦାବିଗୁଡିକୁ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ହୋଇଛି।

# ୨ ଶିଶୁଙ୍କ ସମେତ ୧୩ ଦାଦନ ଶ୍ରମିକ ଉଦ୍ଧାର

**କୋମନା,୧୯।୧୨ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଉଦ୍ୟାନବନ୍ଧ ବସଷ୍ଟାଣ୍ଡରୁ ବୁଧବାର କୋମନା ପୋଲିସ ୧୩ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକମାନଙ୍କୁ କୋମନା ପୋଲିସ ସେମାନଙ୍କ ଗାଁରେ ଛାଡି ଦେଇଛି । ଏହି ଘଟଣାରେ ୩ ଜଣ ଶ୍ରମିକ ସର୍ଦ୍ଦାରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ କୋମନା ବ୍ଲକ ବାଲିପାଟି ଗାଁର ୨ ସର୍ଦ୍ଦାର ପଦ୍ମନ ବରିହା ଓ ଜଳନ୍ଧର ବରିହା ଏବଂ ଲଖନା ଥାନା ଡଙ୍ଗରପଡା ଗାଁର ଜଣେ ସର୍ଦ୍ଦାର ଗୁର୍‌ଜୀ ବରିହା ମିଶି ସେମରିଆ, ସରେଇପାଲି (ବେଲଟୁକ୍ରି) ଓ ଟୁହୁଙ୍ଗିଦାଦର ଗ୍ରାମର ୧୩ ଜଣ ଶ୍ରମିକଙ୍କୁ ଆନ୍ଧ୍ରପ୍ରଦେଶର ଏକ ଇଟାଭାଟିରେ କାମ କରାଇବା ପାଇଁ ଚାଲାଣ କରୁଥିଲେ। ଏମାନେ ୧୩ ଜଣ ଶ୍ରମିକଙ୍କୁ ବେଲଟୁକ୍ରି ଅଞ୍ଚଳରୁ ୫୫ କି.ମି. ଦୂର ଉଦ୍ୟାନବନ୍ଧ ବସଷ୍ଟାଣ୍ଡ ନିକଟକୁ ଆଣିଥିଲେ। କୋମନା ପୋଲିସ କୌଣସି ବିଶେଷ ସୂତ୍ରରୁ ଖବର ପାଇ ଉଦ୍ୟାନବନ୍ଧ ବସଷ୍ଟାଣ୍ଡ ନିକଟରେ ଚଢ଼ାଉ କରିଥିଲା। ସମ୍ଭବତଃ ଉଦ୍ୟାନବନ୍ଧରୁ ଲାଠୋର ନେବା ପାଇଁ ଉଦ୍ୟମ କରୁଥିବା ସମୟରେ ସମସ୍ତ ୧୩ ଜଣ ଶ୍ରମିକଙ୍କୁ ଉଦ୍ଧାର କରିବା ସହ ୩ ସର୍ଦ୍ଦାରଙ୍କୁ ଗିରଫ କରିଥିଲା। ଏ ନେଇ କୋମନା ପୋଲିସ ଏକ ମାମଲା (ନଂ.୩୩୫/୧୯) ରୁଜୁ କରି ଗିରଫ ୩ ସର୍ଦ୍ଦାରଙ୍କୁ କୋର୍ଟଚାଲାଣ କରିଥିବା କୋମନା ଥାନଧିକାରୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ସୂଚନା ଦେଇଛନ୍ତି।



ପୋଲିସ ଦ୍ୱାରା ଉଦ୍ଧାର ଶ୍ରମିକମାନେ।



କମ୍ବଳ ଗ୍ରହଣ କରିଥିବା ବଢାବୁଢୀଙ୍କ ଗହଣରେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର ।

# କମ୍ବଳ ବାଣ୍ଟିଲେ ବ୍ଲକ ଅଧ୍ୟକ୍ଷ

**କୋମନା,୧୯।୧୨(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଅଞ୍ଚଳରେ ବର୍ତ୍ତମାନ ଶୀତ ବଢିବାରେ ଲାଗିଛି। କିଛି ଲୋକ ଏମିତି ବି ଅଛନ୍ତି ଯାହାଙ୍କ ପାଖରେ ଶୀତରୁ ରକ୍ଷା ପାଇବା ପାଇଁ ଗରମ ପୋଷାକ ଅଭାବ ରହିଛି। ଏହାକୁ ଦୃଷ୍ଟିରେ ରଖି କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର କୋମନା ବ୍ଲକର ବିଭିନ୍ନ ଗ୍ରାମର ଗରିବ ବୁଢାବୁଢୀଙ୍କୁ ଗାଁକୁ ଯାଇ ଶୀତବସ୍ତ୍ର କମ୍ବଳ ଦେଇ ନିଜ ମାନବିକତା ଦେଖାଇଛନ୍ତି। ଗୁରବାର କୋମନା ବ୍ଲକ ଭେଲା ଗ୍ରାମପଞ୍ଚାୟତ ବିଭିନ୍ନ ଗାଁର ୬୦ ଜଣ ବୁଢାବୁଢୀଙ୍କୁ ଗୋଟିଏ ଗୋଟିଏ କମ୍ବଳ ଦେଇଛନ୍ତି। ଏହା ପୂର୍ବରୁ ଏହି ବ୍ଲକର ବେଲଗାଁ, ରଜନାରେ ମଧ୍ୟ ବୁଢାବୁଢୀଙ୍କୁ କମ୍ବଳ ଦେଇଥା ଅଧ୍ୟକ୍ଷ ମିଶ୍ର କହିଛନ୍ତି। ଆଗକୁ ଅନେକ ଗାଁରେ ଗରିବ ବୁଢାବୁଢୀଙ୍କୁ କମ୍ବଳ ବଣ୍ଟନ କରିବାର ଲକ୍ଷ ରଖିଛନ୍ତି।

### ଥ୍ରେସର ମେଶିନରେ ଡ୍ରାଇଭରଙ୍କ ହାତ କଟିଲା

**ନୂଆପଡା ଅଫିସ/କୋମନା, ୧୯।୧୨ (ଡି.ଏନ.ଏ.)**

ଥ୍ରେସର ମେଶିନରେ ଧାନ ମଡାଇବା ସମୟରେ ସୁବାସ ପ୍ରଧାନ(୩୦)ନାମକ ଜଣେ ଡ୍ରାଇଭରଙ୍କ ଡାହାଣ ହାତ କଟିଯାଇଛି। ତାଙ୍କୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଉଛି। ଡ୍ରାଇଭରଙ୍କ ଘର କୋମନା ଥାନା ଅନ୍ତର୍ଗତ ସିଙ୍ଗାରୀ ଗ୍ରାମରେ ବୋଲି ଜଣାପଡିଛି। ଗୁରୁବାର ସନ୍ଧ୍ୟାରେ କୋମନା ଗାଁର ଜଣେ ଚାଷୀଙ୍କ ଖଳାରେ ଧାନ ମଡାଉଥିଲେ। କୌଣସି ଯାନ୍ତ୍ରିକ ତ୍ରୁଟିଯୋଗୁ ହଠାତ ଡାହାଣ ହାତର କହୁଣୀ ତଳକୁ କଟିଗଲା। ଚିତ୍କାର କରିବା ପରେ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ନୂଆପଡାକୁ ସ୍ଥାନାନ୍ତର କରାଯାଇଛି ।

# ସିନାପାଲିରେ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

**ସିନାପାଲି,୧୯।୧୨ (ଡି.ଏନ.ଏ.)**



ନିଯୁକ୍ତି ପରାମର୍ଶ ଶିବିରରେ ଯୋଗଦେଇଥିବା ଯୁବତୀଯୁବକମାନେ ।

ନୂଆପଡ଼ା ଜିଲା ସିନାପାଲି ବ୍ଲକ୍ ପରିସରରେ ସିନାପାଲି ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଓଡିଶା ସରକାର ଅଧୀନ ଓରମାସ୍, ଓଏଲ୍ଏମ୍, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଦୀନଦୟାଲ ଉପାଧ୍ୟାୟ, ଗ୍ରାମୀଣ କୌଶଲ୍ୟ ଯୋଜନା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ସିନାପାଲି ବ୍ଲକ ଅଧକ୍ଷା ତପସ୍ୱିନୀ ମାଝି ମୁଖ୍ୟଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିବା ବେଳେ ସିନାପାଲି ବିଡିଓ ସୁରେନ୍ଦ୍ର ମେହେର, ଡେପୁଟି ସିଇଓ ଓରମାସ୍ ରବୀନ୍ଦ୍ର କୁମାର ପ୍ରଧାନ, ଜିଲା ସଂଯୋଜକ କମଳାକାନ୍ତ ରଥ, ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର, ଗିରିରାଜ ମାଝି, ଓଏଲ୍ଏମ୍ ବିପିଏମ୍ ସୁରେଶ ଚନ୍ଦ୍ର ମଲ୍ଲିକ, ବିଏଲ୍ସି ଖଗେଶ୍ୱର ମେହେର, ରୋହିତ କୁମାର ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ନିଯୁକ୍ତିଦାତା ଓ ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗଦେଇଥିଲେ। ଅଞ୍ଚଳର ୫ମରୁ ସ୍ନାତକ ପାସ୍ କରିଥିବା ୧୮ରୁ ୩୫ ବର୍ଷ ଆଗ୍ରହୀ ଯୁବତୀଯୁବକମାନଙ୍କୁ କେତେକ ସଂସ୍ଥା ସ୍ୱଳ୍ପକାଳୀନ ତାଲିମ ପ୍ରଦାନ କରି ନିଯୁକ୍ତି ଦେବା ଯୋଜନା ରହିଛି। ଏହିକ୍ରମରେ ପ୍ରାୟ ଶତାଧିକ ଯୁବତୀଯୁବକ ଶିବିରରେ ନିଜର ନାମ ପଞ୍ଜୀକରଣ କରିଥିଲେ। ପଞ୍ଜୀକୃତ ଯୁବକଯୁବତୀମାନଙ୍କୁ ମାଗଣା ତାଲିମ ପରେ ନିଯୁକ୍ତି ଦିଆଯିବ ବୋଲି ଉପସ୍ଥିତ ସଂସ୍ଥା ଅଧିକାରୀମାନେ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସିନାପାଲି ବ୍ଲକ୍ ଅନ୍ତର୍ଗତ ସମସ୍ତ ସିଆର୍‌ପି, ଏମ୍‌ବିକେ, କୃଷିମିତ୍ର, ପ୍ରାଣୀମିତ୍ର , ସିନାପାଲି ବ୍ଲକ୍ ବିଜୁ ଯୁବ ବାହିନୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପଞ୍ଚାୟତ ସମିତି କଲେଜରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**କୋମନା,୧୯।୧୨ (ଡି.ଏନ.ଏ.)**





ମଶାଲ ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଏବଂ ଅତିଥିମାନେ ।

ନୂଆପଡା ଜିଲା କୋମନାସ୍ଥିତ ପଞ୍ଚାୟତ ସମିତି ଜୁନିୟର କଲେଜରେ ଚଳିତବର୍ଷର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ସିଧେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୂଆପଡା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ପ୍ରାତଃ ୮ଟାବେଳେ ସ୍ଥାନୀୟ ମା' ସମଲେଇ ପୀଠରୁ ମଶାଲ ବାହାର କରି ଏକ ବିଶାଳ ଶୋଭାଯାତ୍ରାରେ କୋମନା ସହର ପରିକ୍ରମା ହୋଇଥିଲା। ଏଥିରେ ବିଧାୟକ ଓ ଜିଲା ପରିଷଦ ଅଧ୍ୟକ୍ଷା ପ୍ରମୁଖ ମଧ୍ୟ ସାମିଲ ରହି କଲେଜ ପଡିଆରେ ପହଞ୍ଚି ଆନୁଷ୍ଠାନିକ ବାର୍ଷିକ କ୍ରୀଡା ଶୁଭାରମ୍ଭ କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ବାଳକ ବିଭାଗର ୧୦୦ ମିଟର ଦୌଡ, ଡିସକସ୍ ଥ୍ରୋ, ଲଙ୍ଗ ଜମ୍ପ,୨ ୦୦ ମିଟର ରେସ (ଉଭୟ ବାଳକବାଳିକା) ବିଭାଗ ଓ ଅନ୍ୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ । ଅପରାହ୍ନରେ ସମ୍ମାନିତ ଅତିଥି ଭାବେ କଲେଜ ଫାଉଣ୍ଡର ସଦସ୍ୟ ଗଙ୍ଗାଧର ହୋତା, ଶରତ ଚନ୍ଦ୍ର ପାଣିଗ୍ରାହୀ ଓ ପ୍ରମୋଦ କୁମାର ପାଢୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉନ୍ନତମାନ ଖେଳ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ। ଏଥିରେ କ୍ରୀଡା ଶିକ୍ଷକ ଶଙ୍କର ବୈଠାରୁଙ୍କ ସମେତ କଲେଜ ସମସ୍ତ ଅଧ୍ୟାପକଅଧ୍ୟାପିକା ସହଯୋଗ କରିଥିଲେ।



ଜିଏମ୍ ନାରାୟଣ ପ୍ରସାଦ ମେହେର।

### ୫୪ ଘଣ୍ଟା ପରେ ବି ନିଖୋଜ ଜିଏମ୍‌ଙ୍କ ପତ୍ତା ମିଳିନି

**ଜୟପାଟଣା,୧୯।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ମୁଖିଗୁଡ଼ା ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଜିଏମ୍ ନିଖୋଜ ହେବା ଘଟଣାକୁ ୫୪ ଘଣ୍ଟା ବିତି ଯାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଖୋଜଖବର ମିଳିନାହିଁ। ଏହାକୁ ନେଇ ପରିବାର ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସୂଚାନା ଯେ, ଓଡ଼ିଶା ଜଳ ବିଦ୍ୟୁତ ନିଗମ ମୁଖିଗୁଡ଼ାରେ କାର୍ଯ୍ୟରତ ଜିଏମ୍ ନାରାୟଣ ପ୍ରସାଦ ମେହେର ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଓଏଚ୍‌ପିସି କାର୍ଯ୍ୟାଳୟକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଏପରି କି ଦିନ ଦି ପ୍ରହରରେ ଘରକୁ ମଧ୍ୟାହ୍ନ ଭୋଜନ ପାଇଁ ମଧ ଆସି ନ ଥିଲେ। ସନ୍ଧ୍ୟାରେ ଘରକୁ ନ ଫେରିବାରୁ ତାଙ୍କୁ ଖୋଜାଖୋଜି କରାଯାଇଥିଲେ ହେଁ କୌଣସି ସନ୍ଧାନ ମିଳି ନ ଥିଲା। ତାଙ୍କ ମୋବାଇଲକୁ ଫୋନ୍ କଲେ କେବଳ ଫୋନ୍ ରିଙ୍ଗ୍ ହେଉଥିଲା କୌଣସି ଉତ୍ତର ନ ମିଳିବାରୁ ଜିଏମ୍‌ଙ୍କ ସ୍ତ୍ରୀ ମେହେରଙ୍କ ନିଖୋଜ ସମ୍ପର୍କରେ ମୁଖିଗୁଡ଼ା ଫାଣ୍ଡିରେ ସୂଚନା ଦେଇଥିଲେ। ମଙ୍ଗଳବାର ରାତିରୁ ପୋଲିସ ଏବଂ ଓଏଚ୍‌ପିସିର କିଛି କର୍ମଚାରୀ ଖୋଜାଖୋଜି କରିଥିଲେ ହେଁ ଜିଏମ୍‌ଙ୍କ ଅଦ୍ୟାବଧି କୌଣସି ସନ୍ଧାନ ମିଳିନାହିଁ। ଗତ ବୁଧବାର ଜଳ ବିଦ୍ୟୁତ୍ ନିଗମ ଏସ୍.ଜି.ଏମ୍. କଳାହାଣ୍ଡି ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ପରିବାର ଲୋକଙ୍କ ଆବେଗ ବଢ଼ି ଚାଲିଥିବାରୁ ପୋଲିସ ତତ୍ପରତା ଦେଖାଇବା ପାଇଁ ଦାବି ହେଉଛି।

# ସ୍ୱାଧୀନ କ୍ଲବ କର୍ଲାପଡ଼ାକୁ ହରାଇ ଇଭିନିଂ ବିଜୟୀ

**ଭବାନୀପାଟଣା,୧୯।୧୨ (ଡି.ଏନ.ଏ.)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରିଡା ମନ୍ତ୍ରଣାଳୟ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଓ ସ୍ୱାଧୀନ ଯୁଥ କ୍ଲବ କର୍ଲାପଡାର ମିଳିତ ସହଯୋଗରେ ଭବାନୀପାଟଣା ବ୍ଲକ କର୍ଲାପଡାଠାରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଗ୍ରାମାଞ୍ଚଳରେ କ୍ରୀଡା ବିକାଶ, ପ୍ରଚାର ପ୍ରସାର ଓ ଯୁବପିଢୀଙ୍କ ମଧ୍ୟରେ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ ଏହି ପ୍ରତିଯୋଗୀତା କରାଯାଇଛି। ଗୁରୁବାର ଇଭିନିଂ କ୍ଲବ ଭବାନୀପାଟଣା ଏବଂ ସ୍ୱାଧୀନ ଯୁଥ କ୍ଲବ ମଧ୍ୟରେ ଏକ ଖେଳ ହୋଇଥିଲା। ଇଭିନିଂ କ୍ଲବ ଭବାନୀପାଟଣା ଦଳ ସ୍ୱାଧୀନ ଯୁଥ କ୍ଲବ କର୍ଲାପଡା ଦଳକୁ ୩-୦ ଗୋଲ ଦେଇ ବିଜୟ ଲାଭ କରିଥିଲା। ଖେଳକୁ ସନ୍ତୋଷ ନାୟକ, ସୁରେଶ ନାୟକ, ମନୋଜ ବିଶ୍ୱାଳ ନିର୍ମଳ ଚନ୍ଦ୍ର ପ୍ରଧାନ, ଖେଳ ପରିଚାଳନା କରିଥିଲେ। ମିଲନ କିଶୋର କୁମାର ଧାରା ବିବରଣୀ ପ୍ରଦାନ କରିଥିଲେ। ଯୁବ ଅନୁଷ୍ଠାନ ସଭାପତି ଧ୍ରୁବ ଚରଣ ପ୍ରଧାନ, ସମ୍ପାଦକ ଅଞ୍ଜନ ପ୍ରଧାନ, ଜଗଦାନନ୍ଦ ପ୍ରଧାନ, ବବୁଲୁ ପ୍ରଧାନ, ଆଲୋକ ଜାଲ, ସଞ୍ଜୟ ଚନ୍ଦନ, ଶ୍ରୀକାନ୍ତ ପ୍ରଧାନ, ଶଙ୍କର ଦୀପ, ଦୁଷ୍ମନ୍ତ ଭୋଇ ଏବଂ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ନେହେରୁ ଯୁବକେନ୍ଦ୍ର ଯୁବ ସଂଯୋଜକ ପ୍ରସନ୍ନ ମେହେର ଓ ଲେଖାପାଳ ଦ୍ୱିତୀୟା ବଂଛୋରଙ୍କ ତତ୍ତ୍ୱାବଧାନରରେ ଆୟୋଜିତ ପ୍ରତିଯୋଗିତାରେ ଗୁରୁବାର ଅନୁଷ୍ଠିତ ଚତୁର୍ଥ ଦିବସରେ କର୍ଲାପଡା ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ଅକ୍ଷୟ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପ୍ରବନ୍ଧକ ଆଦିତ୍ୟ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।


**ୟୁକୋ ବ୍ୟାଙ୍କ** | ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ | **ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ବିଭିନ୍ନ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୦୪.୦୧.୨୦୨୦ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡିକ **ତା.୦୭.୦୧.୨୦୨୦ରିଖ ଅପରାହ୍ନ ୩.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ମିର୍‌ଗାନଗୁଡା ଶାଖା, ମିର୍‌ଗାନଗୁଡା, ଜିଲ୍ଲା: ନବରଙ୍ଗପୁର, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ସୀମାଞ୍ଚଳ ଗାମ୍ପା, ଫୋନ୍: ୮୦୯୩୫୯୦୭୫୬** | | |
| ୧. | **ବିପିନ ବିହାରୀ ଶତପଥୀ,** ପିତା: ଶରତ ଚନ୍ଦ୍ର ଶତପଥୀ, ସା.: ଏକମ୍ବା, ଥାନା: ନନ୍ଦାହାଣ୍ଡି, ଜିଲ୍ଲା: ନବରଙ୍ଗପୁର / **୨୮୪୯୦୬୧୦୦୦୩୧୫୨** | ଟ.୯୮,୬୨୭/- + ସୁଧ ଓ ଅନ୍ୟାନ୍ୟ ଦେୟ | ୬୪.୮୦୦ |
| ୨. | **ଜି. ଗୋପି କ୍ରାଷ୍ଣା,** ପିତା: ଜି. ଭାସ୍କର ରାଓ, ସା.: ନିଉ ଟ୍ୟାଙ୍କ ଷ୍ଟ୍ରିଟ୍, ଜିଲ୍ଲା: ନବରଙ୍ଗପୁର / **୨୮୪୯୦୬୧୦୦୦୫୧୭୦** | ଟ.୨,୩୮,୫୫୦/- + ସୁଧ ଓ ଅନ୍ୟାନ୍ୟ ଦେୟ | ୧୭୦.୨୦୦ |
| ୩. | **ରଶ୍ମିତା ବୁଟ୍ଟୁ,** ସ୍ୱାମୀ: ତୁଷାରକାନ୍ତ ପରିଡା, ସା.: ଗାଦବାଗୁଡା, ଜିଲ୍ଲା: ନବରଙ୍ଗପୁର / **୨୮୪୯୦୬୧୦୦୦୬୪୩୬, ୨୮୪୯୦୬୧୦୦୦୫୮୩୫** | ଟ.୧,୨୬୫/- + ଟ.୨,୮୪,୧୪୭/- ମୋଟ: ଟ.୨,୮୫,୪୧୨/- + ସୁଧ ଓ ଅନ୍ୟାନ୍ୟ ଦେୟ | ୧୭.୫୮୦ |
| | **ମୈତ୍ରୀ ବିହାର ଶାଖା, ଜିଲ୍ଲା: ଖୋର୍ଦ୍ଧା, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ସୁବ୍ରତ କୁମାର ନାୟକ, ଫୋନ୍: ୭୬୬୭୫୩୯୨୯୬** | | |
| ୪. | **ଶରତ କୁମାର ପାଣିଗ୍ରାହୀ,** ଫ୍ଲାଟ୍ ନଂ.: ସି-୨୦୬, ବ୍ରାଇଟ୍ ରେସିଡେନ୍ସି, ଜଗନ୍ନାଥ ନଗର, ରୋଡ୍ ନଂ.: ୧୨, ଜିଜିପି କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା / **୧୮୩୯୦୬୧୦୦୦୯୫୩୬** | ଟ.୧,୭୪,୫୫୭/- + ସୁଧ ଓ ଅନ୍ୟାନ୍ୟ ଦେୟ | ୮୯.୦୦୦ |
| | **ଛତ୍ରପୁର ଶାଖା, ଜିଲ୍ଲା: ଗଞ୍ଜାମ, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀମତୀ ସ୍ନିଗ୍ଧାରାଣୀ ମଙ୍ଗରାଜ, ଫୋନ୍: ୭୯୭୮୬୩୨୮୫୨** | | |
| ୫. | **ଶ୍ରୀ ଚିତ୍ତ ରଞ୍ଜନ ବେହେରା,** ପିତା: ବିପିନ ଚନ୍ଦ୍ର ବେହେରା, ସା.: ତଡାପଲ୍ଲୀ ଷ୍ଟ୍ରିଟ୍, ପୋ./ଥାନା: ଛତ୍ରପୁର, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୨୯୧୭୬** | ଟ.୯୧,୭୬୫/- + ସୁଧ ଓ ଅନ୍ୟାନ୍ୟ ଦେୟ | ୬୨.୦୦୦ |
| ୬. | **ଅଶ୍ୱିନ କୁମାର ଗୌଡ,** ପିତା: ରମେଶ ଚନ୍ଦ୍ର ଗୌଡ, ସା/ପୋ.: ପୋଡାପଦର, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୨୯୨୬୮** | ଟ.୬୯,୩୩୪/- + ସୁଧ ଓ ଅନ୍ୟାନ୍ୟ ଦେୟ | ୪୬.୦୦୦ |
| ୭. | **ଦେବରାଜ ନାୟକ,** ପିତା: କମା ନାୟକ, ଗଙ୍ଗାପୁର, ପଟଳାମପୁର, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୨୮୪୯୦** | ଟ.୪୧,୯୪୪/- + ସୁଧ ଓ ଅନ୍ୟାନ୍ୟ ଦେୟ | ୧୬.୫୦୦ |
| ୮. | **ତ୍ରିନାଥ ପାଲ,** ପିତା: ଶରତ ଚନ୍ଦ୍ର ପାଲ, ସା.: ଶାନ୍ତି ନଗର, ୪ର୍ଥ ଲେନ୍, ଛତ୍ରପୁର, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୨୭୨୦୨** | ଟ.୧,୩୫,୧୮୭/- + ସୁଧ ଓ ଅନ୍ୟାନ୍ୟ ଦେୟ | ୮୯.୯୧୦ |
| ୯. | **ଏନ୍. ଶିବ ପ୍ରସାଦ ରାଓ,** ପିତା: ଏନ୍. ଲକ୍ଷ୍ମୀ ନାରାୟଣ ରାଓ, ସା/ପୋ.: ମୋଚି ଷ୍ଟ୍ରିଟ୍, ରିକାପଲ୍ଲୀ, ଜିଲ୍ଲା: ଗଞ୍ଜାମ / **୨୩୪୦୦୬୧୦୦୩୦୬୭୭** | ଟ.୧୦,୭୧୮/- + ସୁଧ ଓ ଅନ୍ୟାନ୍ୟ ଦେୟ | ୭.୨୦୦ |
| | **ହିଞ୍ଜିଳିକାଟୁ ଶାଖା, ଜିଲ୍ଲା: ଗଞ୍ଜାମ, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ଭାଗିରଥୀ ନାୟକ, ଫୋନ୍: ୯୪୩୭୯୭୭୬୮୬** | | |
| ୧୦. | **ବାପୁଜୀ ପାତ୍ର,** ପିତା: ଜବାହର ଲାଲ ପାତ୍ର, ରଘୁପତି ନଗର, ୧ମ ଗେଟ୍, ପାଣିଗ୍ରାହୀପେଣ୍ଠ, ଜିଲ୍ଲା: ଗଞ୍ଜାମ / **୦୪୨୧୦୬୧୦୦୦୬୫୪୨** | ଟ.୩,୩୦,୭୦୪/- + ସୁଧ ଓ ଅନ୍ୟାନ୍ୟ ଦେୟ | ୧୩୩.୦୦୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**
୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ **ତା.୦୬.୦୧.୨୦୨୦ରିଖ ଦିନ** କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାର ଗୁଡିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୯.୧୨.୨୦୧୯** | **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୦ ଡିସେମ୍ବର, ୨୦୧୯



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।

- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### କଷ୍ଟ ଅଡିଟ ଉପରେ ଆଲୋଚନାଚକ୍ର

**ରାଉରକେଲା ଅଫିସ, ୧୯।୧୨:** ରାଉରକେଲା ସେକ୍ଟର-୧୭ରେ ଥିବା କଷ୍ଟ ଆକାଉଣ୍ଟାଣ୍ଟସ ସ୍ଥାନୀୟ ଚାପ୍ଟର ପକ୍ଷରୁ ଗୁରୁବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରଫେସନାଲ ଡେଭଲପମେଣ୍ଟ ପ୍ରୋଗ୍ରାମ ଅନ୍ତର୍ଗତ ଏହି ଆଲୋଚନାଚକ୍ର କଷ୍ଟ ଅଡିଟ ଓ ରିସେଣ୍ଟ ଚେଞ୍ଜେସ ଶୀର୍ଷକ ବିଷୟବସ୍ତୁ ଉପରେ କରାଯାଇଥିଲା। ଏଥିରେ ଏନ. କେ ନନ୍ଦ, ଏସ. ସି ସାହୁ, ମିହିର ନାଥ ପ୍ରମୁଖ ଯୋଗ ଦେଇ କଷ୍ଟ ଆକାଉଣ୍ଟ ନେଇ ପରିବର୍ତ୍ତିତ ଅବସ୍ଥା ଓ ଏହାର ନୀତିନିୟମ ଉପରେ ଆଲୋକପାତ କରିଥିଲେ । କଷ୍ଟ ଅଡିଟ ନେଇ ବ୍ୟବସ୍ଥିତ ବ୍ୟବସ୍ଥା ସହ ସମସ୍ତଙ୍କୁ ଅବଗତ କରାଇବା ଏହାର ମୂଳ ଉଦ୍ଦେଶ୍ୟ ବୋଲି କୁହାଯାଇଛି । ଶେଷରେ ପି. କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

### ବଡ଼ଗାଁ ଷ୍ଟାଡିୟମ ପାର୍ଶ୍ୱରେ ବସ୍‌ଷ୍ଟାଣ୍ଡ ପାଇଁ ଜମି ଚିହ୍ନଟ

**ବଡଗାଁ,୧୯।୧୨(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବଡଗାଁସ୍ଥିତ ମିନି ଷ୍ଟାଡିୟମ ପାର୍ଶ୍ୱରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ଚିହ୍ନଟ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ଼ ଆର୍‌ଟିଓ ରାମନିବାସ ସିକ୍କା ଜମି ଚିହ୍ନଟ କରିବାକୁ ଆସିଥିଲେ। ତହସିଲ କାର୍ଯ୍ୟାଳୟର ଅମିନ ରାଜୀବ ବଗାର ଆର୍‌ଟିଓ ସିକ୍କାଙ୍କୁ ଷ୍ଟାଡିୟମ ପାର୍ଶ୍ୱରେ ଥିବା ସରକାରୀ ଜମି ଦେଖାଇଥିଲେ। ବଡଗାଁ ବସ୍‌ଷ୍ଟାଣ୍ଡରେ ବୃହତ ଏକ ଗୋଲେଇ ଛକ ନିର୍ମାଣ କରାଯାଇଥିବାରୁ ବସ୍ ରହଣୀ ପାଇଁ ଜାଗାର ଅଭାବ ହେଉଛି । ଫଳରେ ଗାଡି ମଟରଗୁଡିକ ରାସ୍ତାର ଉଭୟ ପାର୍ଶ୍ୱରେ ରହୁଛି। ଫଳରେ ଟ୍ରାଫିକ ସମସ୍ୟା ଦେଖାଦେଉଛି।

## ନାଗରିକତ୍ୱ ଆଇନକୁ ବିରୋଧ

# ଆମ୍ବେଡକର ଛକରେ ଧାରଣା

**ରାଉରକେଲା ଅଫିସ, ୧୯।୧୨**



ଦଳୀୟ କର୍ମୀ ଓ ନେତାମାନେ ଧାରଣାରେ ବସିଛନ୍ତି ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ଇଙ୍ଗିତରେ ପରିଚାଳିତ କେନ୍ଦ୍ର ଭାଜପା ସରକାର ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ବାଡ ହୁଡିବାକୁ ବସିଛି। ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହ ମନ୍ତ୍ରୀ ଅମିତ ଶାହା ଦେଶବାସୀଙ୍କୁ ଧର୍ମ ଭିତ୍ତିରେ ଭାଗ ଭାଗ କରିବାକୁ ଚକ୍ରାନ୍ତ କରୁଛନ୍ତି। ନାଗରିକତ୍ୱ ସଂଶୋଧନ ଆଇନ ପ୍ରଚଳନ କରି ଏଭଳି ବିଭାଜନ ବ୍ୟବସ୍ଥା କରାଯାଉଛି। ଏହାକୁ କଦାଚିତ୍ ସଫଳ ହେବାକୁ ଦିଆଯିବ ନାହିଁ। ଗୁରୁବାର ସିପିଆଇ, ସିପିଆଇ(ଏମ) ଓ ସିପିଆଇ ଏମଏଲ(ଲିବରେଶନ)ର ବରିଷ୍ଠ ନେତାମାନେ ଉଦିତନଗର ଆମ୍ବେଡକର ଛକରେ ଆୟୋଜିତ ଧାରଣାରେ ଯୋଗଦେଇ ଏଭଳି ଘୋଷଣା କରିଛନ୍ତି।

ନେତୃମଣ୍ଡଳୀ ଆହୁରି କହିଥିଲେ, ଦେଶର ସମ୍ବିଧାନ ଧର୍ମ, ଜାତି, ଭାଷା, ସମ୍ପ୍ରଦାୟ ଓ ଲିଙ୍ଗଭେଦ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ଦେଇଛି। ଏହାକୁ ମୋଦି ସରକାର ପରିବର୍ତ୍ତନ କରି ପାରିବେ ନାହିଁ । ନୀତି ନିୟମକୁ ବେଖାତିର କରି ନରେନ୍ଦ୍ର ମୋଦି ଓ ଅମିତ ଶାହା ଆଇନରେ ସଂଶୋଧନ ଆଣି ଧର୍ମ ଭିତ୍ତିରେ ଦେଶକୁ ଭାଗ କରିବାକୁ ବସିଛନ୍ତି । ଯାହାକୁ ଦେଶବାସୀ ଆଦୌ ଗ୍ରହଣ କରିବା ଅବସ୍ଥାରେ ନାହାନ୍ତି । ଲାଠିମାଡ ଦେଇ ଲୋକଙ୍କ ମୁହଁ ବନ୍ଦ ପାଇଁ ଯେଉଁ ଯୋଜନା ଚାଲିଛି ତାକୁ ବରଦାସ୍ତ କରାଯିବନି ବୋଲି ଉପସ୍ଥିତ ନେତୃମଣ୍ଡଳୀ ପ୍ରକାଶ କରିଥିଲେ।

ଗତ ୨୦୧୪ ଡିସେମ୍ବର ୩୧ରେ ଯେଉଁ ହିନ୍ଦୁ ଶିଖ୍, ବୌଦ୍ଧ ପାର୍ଶି ଓ ଖ୍ରୀଷ୍ଟିଆନ ପାକିସ୍ଥାନ, ବାଂଲାଦେଶ ଓ ଆଫଗାନିସ୍ଥାନରୁ ଭାରତକୁ ଆସିଛନ୍ତି ସେମାନଙ୍କୁ ଭାରତୀୟ ନାଗରିକ ଅଧିକାର ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି କରିଛନ୍ତି। ପୂର୍ବ ଆଇନ ଅନୁସାରେ ଜଣେ ୧୧ ବର୍ଷ ଭାରତରେ ବସବାସ କରି ରହିଥିଲେ ତାଙ୍କୁ ନାଗରିକ ଭାବେ ବିଚାର କରାଯାଇପାରିବ। ଅର୍ଥାତ ସେ ନାଗରିକତ୍ୱ ନେଇ ଆବେଦନ କରିପାରିବେ। ତେବେ ଏହି ଆଇନ ମୁସଲମାନଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ। ଏହା ସତ୍ତ୍ୱେ ମାତ୍ର ୪ ଦିନ ମଧ୍ୟରେ ମୋଦି ସରକାର ତରବରିଆ ଭାବେ ଏହି ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ପାଶ୍ କରାଇ ନେଇଛନ୍ତି। ଏହି ଆଇନ ବଳରେ ଆସନ୍ତା ୨୦୨୪ ମଧ୍ୟରେ ନାଗରିକ ପଞ୍ଜୀକରଣ କାର୍ଯ୍ୟ ଶେଷ କରାଯିବ । ଯେଉଁ ଭାରତୀୟ ନାଗରିକ ନିଜ ନାଗରିକତ୍ୱ ପ୍ରମାଣ ଦେଇ ପାରିବେ ନାହିଁ ସେମାନେ ଦେଶହରା ହେବେ । ଏହାଠୁ ବଳି ବଡ ବିଡମ୍ବନା ଆଉ କଣ ଥାଇପାରେ ବୋଲି ଉପସ୍ଥିତ ନେତୃମଣ୍ଡଳୀ କ୍ଷୋଭ ପ୍ରକାଶ କରିଥିଲେ । ଏଭଳି ଦେଶହରା ଲୋକଙ୍କ ସ୍ଥିତି କଣ ହେବ, ସେମାନେ କୁଆଡେ ଯିବେ, କଣ କରିବେ ସେ ନେଇ ଅନିଶ୍ଚିତତା ଦେଖାଦେବ। ଏହା ମୋଦି ସରକାରଙ୍କ ଦେଶବାସୀଙ୍କ ପ୍ରତି ବଡ ବିଶ୍ୱାସଘାତ ବୋଲି କହିଥିଲେ ଦଳୀୟ ନେତୃବୃନ୍ଦ । ଏହାକୁ ବିରୋଧ କରି ଦେଶରେ ଯେଉଁ ଉଗ୍ର ହିଂସାକାଣ୍ଡ ସୃଷ୍ଟି ହୋଇଛି, ସେଥିପାଇଁ ଏଥିରେ କେନ୍ଦ୍ର ସରକାରଙ୍କୁ ଦାୟୀ କରାଯାଇଛି। ସରକାରଙ୍କ ଏଭଳି ବିଭାଜନ ନୀତିକୁ ପ୍ରତିହତ କରି ସାମ୍ବିଧାନିକ ମୌଳିକତା ବଜାୟ ରଖିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସିପିଏମ ନେତା ବିଷ୍ଣୁ ମହାନ୍ତି, ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାସ, ବିପି ମହାପାତ୍ର, ରାଜକିଶୋର ପ୍ରଧାନଙ୍କ ସମେତ ପ୍ରଭାତ ମହାପାତ୍ର, ଚନ୍ଦ୍ରଭାନୁ ଦାସ, ପ୍ରଦୋଷ ମହାନ୍ତି, ସଦାନନ୍ଦ ସାହୁ, ଅପର୍ଣ୍ଣା ରାଉତରାୟ, ପଞ୍ଚାନନ ସୁନା ପ୍ରମୁଖ ଉପସ୍ଥିତ ଥିଲେ ।

## ଏସ୍‌ୟୁସିଆଇର ବିକ୍ଷୋଭ

ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟିକାରୀ ନାଗରିକ ସଂଶୋଧନ ଆଇନ ବାତିଲ ଦାବିରେ ଏସୟୁସିଆଇ(ସି) ପକ୍ଷରୁ ବୁଧବାର ସନ୍ଧ୍ୟାରେ ବିର୍ସା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କେନ୍ଦ୍ରୀୟ କମିଟି ଆହ୍ୱାନ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ନେତୃମଣ୍ଡଳୀ ମୋଦି ସରକାରଙ୍କୁ କଠୋର ସମାଲୋଚନା କରିଥିଲେ। ବରିଷ୍ଠ କର୍ମକର୍ତ୍ତା ସତ୍ୟପ୍ରିୟ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଗଣ ବିକ୍ଷୋଭରେ ଶ୍ରୀନିବାସ ସେଠୀ, ବିଷ୍ଣୁ ପଣ୍ଡା, ବିଦ୍ୟୁତ ମହାନ୍ତ, ବିଜୟ ସାହୁ, ବିରେନ ନାୟକ, ଶେଖ ଇସଲାମ, ଧୋବେଇ ବେହେରା, ଗଣେଷ ବେହେରା, ସୁବାଶ ଦଣ୍ଡପାଟ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଇନକୁ ଗଣତାନ୍ତ୍ରିକ ଢଙ୍ଗରେ ବିରୋଧ କରୁଥିବା ସଙ୍ଗଠନ କର୍ମକର୍ତ୍ତାଙ୍କ ଉପରେ ପୋଲିସ ଲାଠିମାଡକୁ ଏଥିରେ ନିନ୍ଦା କରାଯାଇଥିଲା। ଦେଶର ସମ୍ବିଧାନକୁ ବେଖାତିର କରି ମୋଦି ସରକାର ଯେଉଁ ମନମାନି ଚଳାଇଛନ୍ତି ତାକୁ ଦୃଢ ବିରୋଧ କରିଥିଲେ ଏସୟୁସିଆଇ ନେତୃମଣ୍ଡଳୀ। ବିଭିନ୍ନ ସମୟରେ ମୋଦି ସରକାର ଯେଉଁ ଯୋଜନା କରିଛନ୍ତି ତାକୁ ଲୋକେ ଗ୍ରହଣ କରିବା ଦୂର କଥା ଏଥିରେ ପଡି ଛଟପଟ ହେବା ସାର ହୋଇଛି ବୋଲି କୁହାଯାଇଥିଲା। କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିକୁ ଦୃଢ ବିରୋଧ ନେଇ ଦେଶବାସୀ ସାଲିସହୀନ ସଂଗ୍ରାମ କରିବାକୁ ଲେଲିନ ଟେଟେ, ଗୁରୁମୋହନ ସିଂ, କିନୁ ଲୋହାର, କ୍ଷେତ୍ରବାସୀ ସେଠୀ, କବିତା ମହାନ୍ତି, ଦେବରାଜ ଦାସ, ପରମେଶ୍ୱର ଓରାମ, ସଂଗ୍ରାମ ପରିଡା, ପ୍ରମିଳା ବେହେରା ପ୍ରମୁଖ ଆହ୍ୱାନ ଦେଇଥିଲେ ।

### ବଡ଼ଗାଁରେ ଜେଏମ୍‌ଏଫ୍‌ସି କୋର୍ଟ ହେବ

**ବଡଗାଁ,୧୯।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡଗାଁରେ ଜେଏମ୍‌ଏଫସି କୋର୍ଟ ହେବ । ଏନେଇ ତହସିଲ ଅଫିସ ପାର୍ଶ୍ୱରେ ଥିବା ସରକାରୀ ଜମି ଚିହ୍ନଟ କରାଯାଇଛି । ୩ ମାସ ତଳେ ରାଜଗାଙ୍ଗପୁର ସିଭିଲ ଜଜ୍ ସିଦ୍ଧାର୍ଥ ସାହୁ ତହସିଲ ଅଫିସକୁ ଆସି ଜମି ବାବଦରେ ଆଲୋଚନା କରିଥିଲେ। ବଡଗାଁରେ କୋର୍ଟ ହେଲେ ୩୦ କି.ମି. ଦୂର ରାଜଗାଙ୍ଗପୁର କୋର୍ଟକୁ ଲୋକଙ୍କୁ ଯିବାକୁ ପଡିବ ନାହିଁ। ଫଳରେ ଜନସାଧାରଣ ଖର୍ଚ୍ଚାନ୍ତରୁ ବଞ୍ଚିତ ହେବା ସହ ପାଖରେ ସମସ୍ତ ସୁବିଧା ପାଇପାରିବେ।

### ଗାନ୍ଧୀ କ୍ଲବ କବାଡ଼ି ଟୁର୍ନାମେଣ୍ଟ ଚତୁର୍ଥ ଦିବସ

**ସୁନ୍ଦରଗଡ଼,୧୯।୧୨(ଡି.ଏନ୍.ଏ.)**

ସ୍ଥାନୀୟ ଗାନ୍ଧୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା କବାଡ଼ ଟୁର୍ନାମେଣ୍ଟର ଗୁରୁବାର ଚତୁର୍ଥ ଦିବସରେ ବୀର ବିର୍ସା ମୁଣ୍ଡା କ୍ଲବ ଆର୍‌ଏଟ୍‌ଏସ୍ କଲୋନୀ ଏବଂ ଜୟଦୁର୍ଗା କ୍ଲବ ରଂଗାଡିପା ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । ଏଥିରେ ବୀର୍ସା ମୁଣ୍ଡା କ୍ଲବ ୨୭ ପଏଣ୍ଟ ପାଇଥିବା ବେଳେ ଜୟଦୁର୍ଗା କ୍ଲବ ୩୦ ପଏଣ୍ଟ ପାଇ ବିଜୟୀ ହୋଇଥିଲା। ଆସିଷ୍ଟେଣ୍ଟ କଲେକ୍ଟର ସାରିକା ଧମେଲ୍ ମୁଖ୍ୟଅତିଥି, ସମ୍ମାନିତ ଅତଥି ଭାବେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ବିଜେଡି ନେତା ଜୟନାରାୟଣ ତ୍ରିପାଠୀ ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ । ଜୟଦେବ ପାତ୍ର, ଚିନ୍ତାମଣି ଭିନ୍ତ୍ରିଆ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ। ଆୟୋଜକ ଗାନ୍ଧୀ କ୍ଲବର ସଭାପତି ତ୍ରିଲୋଚନ କାକ ଓ ସମ୍ପାଦକ ଗଣେଶ ଘାସୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ନାମେଣ୍ଟକୁ କ୍ଲବ ସଦସ୍ୟ ପରିଚାଳନା କରୁଛନ୍ତି। ଟୁର୍ନାମେଣ୍ଟର ଫାଇନାଲ ଖେଳ ୨୨ତାରିଖ ରବିବାର ଅନୁଷ୍ଠିତ ହେବ।



କୁରାଳ ସମାଜର ବନ୍ଧୁମିଳନ ଅବସରରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

## କୁରାଳ ସମାଜର ବନ୍ଧୁମିଳନ

**କୁଆଁରମୁଣ୍ଡା,୧୯।୧୨ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ପାନପୋଷ ଉପଖଣ୍ଡ ଅନ୍ତର୍ଗତ ଉପରବାଲିଯୋଡିରେ ଗୁରୁବାର କୁରାଳ ସମାଜର କର୍ମକର୍ତ୍ତାଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବବର୍ଷର ଅବ୍ୟବହିତ ପୂର୍ବରୁ ଉପରବାଲିଯୋଡିସ୍ଥିତ କୁରାଳ ସମାଜର ସଭାନେତ୍ରୀ ନମିତା ବେହେରାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲାସ୍ଥିତ ହନୁମାନବାଟିକାରେ କୁରାଳ ସମାଜ ପକ୍ଷରୁ ନିର୍ମିତ ନାରାୟଣ ମନ୍ଦିରର ପରିଚାଳନା ଦାୟିତ୍ୱ ସମସ୍ତ କର୍ମକର୍ତ୍ତା ପାଳି କରି ତୁଲାଇବେ ବୋଲି ନିଷ୍ପତ୍ତି ହୋଇଥିବା କୁରାଳ ସମାଜର ସଭାନେତ୍ରୀ ନମିତା ବେହେରା ସୂଚନା ଦେଇଛନ୍ତି। ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରଜେଶ ବେହେରା, ଦେବାନନ୍ଦ ବେହେରା, ବିଭୂତି ପରିଡା, କମଳାକାନ୍ତ ମୁଦୁଲି, ସନ୍ଧେଶ୍ୱର ରଣା, ସଂଯୁକ୍ତା ବେହେରା, ମମତା ସାହୁ, ସଞ୍ଜୁ ସାହୁ, ସଂଯୁକ୍ତା ବେହେରା, ତ୍ରିନାଥ ବେହେରା, କୌଶଲ୍ୟା ବେହେରା, ସନାତନ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଡକାୟତି ଉଦ୍ୟମ: ୨ ଗିରଫ, ବନ୍ଧୁକ, ଭୁଜାଲି ଜବତ

**କୁଆଁରମୁଣ୍ଡା,୧୯।୧୨ (ଡି.ଏନ୍.ଏ.)**



ଡକାୟତି ଯୋଜନାରେ ଗିରଫ ଅଭିଯୁକ୍ତଙ୍କ ସହ ଜବତ ହୋଇଥିବା ମାରଣାସ୍ତ୍ର ।

ସୁନ୍ଦରଗଡ଼ ଜିଲା ରାଏବୋଗା ଥାନା ଅଧୀନ ଘୋଘର ଗ୍ରାମର ଲୁଡୁକି ନଦୀ ପାଖରେ ମଙ୍ଗଳବାର ରାତି ପ୍ରାୟ ସାଢେ ୨ଟା ବେଳେ କେତେଜଣ ଯୁବକ ଏକାଠି ହୋଇ ଡକାୟତି ଯୋଜନା କରୁଥିଲେ। ସେତିକିବେଳେ ପାଟ୍ରୋଲିଂରେ ଥିବା ଏକ ପୋଲିସ ଟିମ୍ ଚଢାଉ କରିବାରୁ ଯୁବକମାନେ ଛତ୍ରଭଙ୍ଗ ଦେଇ ନିକଟସ୍ଥ ଲୁଡୁକି ନଦୀ ପାରହୋଇ ଫେରାର ହେବାକୁ ଉଦ୍ୟମ କରିଥିଲେ। ହେଲେ ପୋଲିସ କୌଶଳ କ୍ରମେ ୨ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଅନ୍ୟପକ୍ଷେ ଘଟଣାସ୍ଥଳରୁ ୪ଜଣ ଫେରାର ହୋଇଯାଇଥିବା ଜଣାପଡିଛି। ପୋଲିସ ଘଟଣାସ୍ଥଳରୁ ଏକ ପଲସର ବାଇକ୍, ଭୁଜାଲି, ମଦ ବୋତଲ, ୨ଟି ମୋବାଇଲ ଫୋନ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କାଦୋବାହାଲ ଗ୍ରାମର ସନ୍ଦୀପ ଏକ୍କ(୨୪) ଓ ବଡ଼ମାଲ ଅଞ୍ଚଳର ଅଭିଷେକ ଏକ୍କା(୨୨)। ପୋଲିସ ଅଭିଷେକଙ୍କ ନିକଟରୁ ଏକ ବନ୍ଧୁକ ସହ ୨୨୦ ଟଙ୍କା ଜବତ ହୋଇଥିବା ବୀରମିତ୍ରପୁର ଉପଖଣ୍ଡ ପୋଲିସ ଅଧିକାରୀ ନିବେଦିତା ସୋରେନ ସୂଚନା ଦେଇଛନ୍ତି। ଏନେଇ ପୋଲିସ ରାଏବୋଗା ଥାନାରେ ଏକ ମାମଲା(ନଂ.୭୩/୧୯) ରୁଜୁକରି ଗିରଫ ଯୁବକ ଦ୍ୱୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଚଢାଉରେ ରାଏବୋଗା ଥାନା ଅଧିକାରୀ ବିଜୟ କୁମାର ସିଂଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ସାମିଲ ଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ସୁନ୍ଦରଗଡ଼,୧୯।୧୨ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଭେଡାବାହାଲ ପଞ୍ଚାୟତ ସମିତି ବିଜ୍ଞାନ ଓ କଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମେଘନାଦ ନାଏକ ଯୋଗଦେଇ ଖେଳକୁଦର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଅଧ୍ୟକ୍ଷ ବିଜୟ କୁମାର ସାହୁ ଆୟୋଜିତ ସମାରୋହରେ ଅଧ୍ୟକ୍ଷତା କରି କ୍ରୀଡ଼ା ସହ ଶିକ୍ଷାର ସମ୍ପର୍କ ଉପରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ । ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଖେଳ ଶିକ୍ଷକ ସୁନୀଲ କୁମାର ସିଂ ପ୍ରତିଯୋଗିତାକୁ ପରିଚାଳନା କରିଥିବା ବେଳେ ଅଧ୍ୟାପକ ପ୍ରଶାନ୍ତ ଭୋଇ, ପ୍ରିୟଦର୍ଶୀ ଅଶୋକ ବରାଇଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ । ଆଲୋକ କୁମାର ଦାସ ଧନ୍ୟବାଦ ଦେଇଥିଲେ।



ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ରାଉରକେଲାରେ ବୁଲା କୁକୁର ଦୌରାତ୍ମ୍ୟ

# ଏଡିଏମ୍‌ଙ୍କୁ ଦାବିପତ୍ର ଦେଲା ଭାଜପା

**ରାଉରକେଲା ଅଫିସ,୧୯।୧୨**



ଭାଜପା ନେତାମାନେ ଏଡିଏମଙ୍କୁ ଭେଟି ଆଲୋଚନା କରୁଛନ୍ତି ।

ଭେକ୍ସିନ ଅଭାବ ସାଙ୍ଗକୁ ବୁଲା କୁକୁରଙ୍କ ଦୌରାତ୍ମ୍ୟ ରାଉରକେଲା ସହରବାସୀଙ୍କୁ ଚିନ୍ତାରେ ପକାଇଛି । ଗୁରୁବାର ସଭାପତି ଜଗବନ୍ଧୁ ବେହେରାଙ୍କ ନେତୃତ୍ୱରେ ଭାଜପା ନେତୃମଣ୍ଡଳୀ ରାଉରକେଲାର ଅତିରିକ୍ତ ଜିଲାପାଳ ତଥା ମହାନଗର କମିଶନର ଡଃ ଯେଦୁଲା ବିଜୟଙ୍କୁ ଭେଟି ଏହାର ପ୍ରତିକାର ପାଇଁ ଦାବି ଜଣାଇଛନ୍ତି।

ପ୍ରତିନିଧି ମଣ୍ଡଳୀ ପକ୍ଷରୁ ଅଭିଯୋଗ କରାଯାଇଛି, ରାଉରକେଲା ସହରରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ସଙ୍ଗୀନ ପରିସ୍ଥିତି ସୃଷ୍ଟି କରିଛି । ଷ୍ଟିଲ ସିଟି ଓ ଏହାର ତଳି ଅଞ୍ଚଳରେ ମାଳ ମାଳ କୁକୁର ଦିନତମାମ ସାଧାରଣ ଲୋକଙ୍କୁ ଅତିଷ୍ଠ କରୁଛନ୍ତି। ବେଳେ ବେଳେ ସେମାନେ ଆକ୍ରମଣ କରି ଲୋକଙ୍କୁ କ୍ଷତାକ୍ତ କରୁଛନ୍ତି । କୁକୁଙ୍କ ଯୋଗୁ ସଡକ ଦୁର୍ଘଟଣା ମଧ୍ୟ ବଢିବାରେ ଲାଗିଛି। କୁକୁର କାମୁଡାରେ ଅନେକ ଲୋକ ଆହତ ହେଉଛନ୍ତି । ସେହିପି କୁକୁର ବନ୍ଧ୍ୟାକରଣ ଉପରେ ଗୁରୁତ୍ୱ ଦିଆଯାଉନି। ବୁଲା କୁକୁରଙ୍କ ସଂଖ୍ୟା ଇତିମଧ୍ୟରେ ଆଶାତୀତ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରୁ ଅନେକ ପାଗଳା ହୋଇଯିବାରୁ ପଥଚାରୀଙ୍କ ମଧ୍ୟରେ ଯାତାୟାତ ନେଇ ଭୟ ରହୁଛି । ଏଥିସହ ସହରରେ ବୁଲା ଗାଇ, ମଇଁଷିଙ୍କ ସଂଖ୍ୟା ମଧ କିଛିକମ୍ ନୁହେଁ । ରାସ୍ତା ଓ ଜନଗହଳିସ୍ଥାନରେ ଖୋଲାଖୋଲି ବିଚରଣ କରୁଥିବା ଏହି ଗାଇ ମଇଁଷିଙ୍କ ଉପରେ ମହାନଗର କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣ ନାହିଁ। ଏହି କାରଣରୁ ଅନେକ ସମୟରେ ଲୋକେ ଦୁର୍ଘଟଣାର ଶିକାର ହୋଇ ଆହତ ହେଉଛନ୍ତି । ସପ୍ତାହରେ ମାତ୍ର ୫ଟି କୁକୁର ବନ୍ଧ୍ୟାକରଣ ନେଇ ବ୍ୟବସ୍ଥା କରାଯାଇଥିବା ବେଳେ ଏହା ମଧ ନିୟମାନୁସାରେ ହୋଇ ପାରୁନି । ଏ ଦିଗରେ ଆରଏମସି କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ । ସହରବାସୀଙ୍କ ଏଭଳି ଦୈନନ୍ଦିନ ସମସ୍ୟା ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଭାଜପା ପକ୍ଷରୁ ଅନୁରୋଧ କରାଯାଇଥିଲା। ତେବେ ଉକ୍ତ ସମସ୍ୟା ସମାଧାନ ପାଇଁ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନିଆଯିବ ବୋଲି ଏଡିଏମ ବିଜୟ କହିଥିଲେ । ପ୍ରତିନିଧି ଦଳରେ ଦିଲୀପ ଦାସ, ଭଗବାନ ରାଉତ, ଅମରେନ୍ଦ୍ର ଶର୍ମା, ଭବାନୀ କବି, ସରୋଜ ଦାସ, ବିନ୍ଦର ସିଂ, ଶକ୍ତେଶ୍ୱର ପାତ୍ର, ମନୋଜ ସେନାପତି, ଦୀପକ ତିୱାରୀ, ଅମ୍ରିତଲାଲ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଜୁନିୟର ରେଡକ୍ରସ୍ ପ୍ରଶିକ୍ଷଣ ଶିବିର

**କୁଆଁରମୁଣ୍ଡା,୧୯।୧୨ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡାସ୍ଥିତ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାରଠାରୁ ଆୟୋଜିତ ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରର ଗୁରୁବାର ଥିଲା ଉଦ୍‌ଯାପନୀ ଦିବସ। ଏହି ଅବସରରେ ଜୁନିୟର ରେଡକ୍ରସର ଶିବିରାର୍ଥୀମାନେ ସକାଳେ ଏକ ଶୋଭାଯାତ୍ରାରେ ବାହାରି ରେଡକ୍ରସ ସଂସ୍ଥାର ବାର୍ତ୍ତା ପ୍ରଚାର କରିଥିଲେ। ମଧ୍ୟାହ୍ନରେ ଉଦ୍‌ଯାପନୀ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗ ଦେଇ ଶିବିରରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଦେଶ ସେବା କାର୍ଯ୍ୟରେ ନିଜକୁ ସମର୍ପଣ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ସୁଚାରୁ ରୂପେ ଆୟୋଜନ ହୋଇଥିବାରୁ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀବସ୍ତ କୁମାର ଚୌଧୁରୀଙ୍କୁ ମୁଖ୍ୟଅତିଥି ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ଼ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ସମସ୍ତ କର୍ମକର୍ତ୍ତାଙ୍କୁ ସେବାମୂଳକ କାର୍ଯ୍ୟ ପାଇଁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସଫଳ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ଏପରି କି ଅତିଥିମାନେ ଶିବିରରେ ଉତ୍ତମ ଶିକ୍ଷା ପ୍ରଦାନ କରିଥିବା ସାଧନ କର୍ମୀ ଅପର୍ଣ୍ଣା ସାହୁ, ସୁଷମା ପଟେଲ, ପ୍ରଭାତ ସ୍ୱାଇଁ, ଗିରିଜାଶଙ୍କର ପଟେଲଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା, କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପଧାନ, ବଣେଇ ବିଇଓ ଅଜୟ ସଏ, କୁଆଁରମୁଣ୍ଡା ଏବିଇଓ ଗୁରୁଚରଣ ସାହୁ, ମୋହନ କୁମାର, କୁଆଁରମୁଣ୍ଡା ଜମିଦାର ସଞ୍ଜୀବ ପ୍ରତାପ ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରର ଉଦଯାପନୀ ଦିବସରେ ଉପସ୍ଥିତ ଅତିଥିବୃନ୍ଦ।



ଯିଏ ମୃତ୍ୟୁ ପର୍ଯ୍ୟନ୍ତ ମଧ କିଛି ଦାନ ନ କରେ
ତାହାଠାରୁ ବଳି ହତଭାଗ୍ୟ ଆଉ କେହି ନାହାନ୍ତି।
- ସେକ୍ସପିଅର



## ସଂକ୍ଷେପରେ

### ସୁନ୍ଦରଗଡ଼ରେ ଶୀତର ପ୍ରକୋପ ବୃଦ୍ଧି

**ସୁନ୍ଦରଗଡ଼,୧୯।୧୧(ଡି.ଏନ୍.ଏ.):** ସୁନ୍ଦରଗଡ଼ରେ ଗତ କିଛି ଦିନ ହେବ ଶୀତର ପ୍ରକୋପ ବୃଦ୍ଧି ପାଇଛି। ଶୁକ୍ରବାର ଏଠାରେ ସର୍ବନିମ୍ନ ତାପମାତ୍ରା ୧୧.୫ ଡିଗ୍ରୀ ସେଲସିୟସ ଜିଲା ପାଣିପାଗ ବିଭାଗ ପକ୍ଷରୁ ରେକର୍ଡ ହୋଇଥିବା ଜଣାଯାଇଛି। ଶୀତ ଯୋଗୁଁ ଶୀତବସ୍ତ୍ରର ଚାହିଦା ମଧ୍ୟ ବୃଦ୍ଧି ପାଇଛି । ଆଗାମୀ ଦିନରେ ଶୀତର ପ୍ରକୋପ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।



### ଗଡ଼ିଲା ନୂତନ ୧୦୮ ଆମ୍ବୁଲାନ୍ସ

**ଲେଫ୍ରିପଡା,୧୯।୧୨(ଡି.ଏନ୍.ଏ.)** ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ କାର୍ଯ୍ୟାଳୟରେ ଗୁରୁବାର ଏକ ନୂଆ ୧୦୮ ଆମ୍ବୁଲାନ୍ସ ଗାଡିର ଶୁଭାରମ୍ଭ କରାଯାଇଥିଲା। ଲେଫ୍ରିପଡା ବ୍ଲକ ଅଧ୍ୟକ୍ଷା କାମିନୀ କାଲୋ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ ହାଁସଦା ଆମ୍ବୁଲାନ୍ସର ଉଦ୍‌ଘାଟନ କରିଥିଲେ। ଅଞ୍ଚଳ ପାଇଁ ପୂର୍ବରୁ ଥିବା ଆମ୍ବୁଲାନ୍ସ ଗାଡିଟି କିଛି ଦିନ ତଳେ ଦୁର୍ଘଟଣାଗ୍ରସ୍ତ ହୋଇ ଭାଙ୍ଗି ଚୁରମାର୍ ହୋଇଯାଇଥିଲା। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଗାଡି ଡ୍ରାଇଭରଙ୍କ ସହ ବ୍ଲକର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହିଥିଲେ।

### ବ୍ଲକସ୍ତରୀୟ ଶିଶୁ ଉତ୍ସବ

**ଲହୁଣୀପଡା,୧୯।୧୨(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ସରକାରୀ ବାଳିକା ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଲହୁଣୀପଡ଼ା ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନରହରି କିଷାନ, ମୁଖ୍ୟବକ୍ତା ଭାବେ ଗୁଡିଆଲି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭୃକୁଟି ଚରଣ ମହାନ୍ତ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ମାର୍ଗଦର୍ଶନ ଦେଇଥିଲେ। ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ବ୍ରହ୍ମ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। କାର୍ତ୍ତିକ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ । ୧୦ଟି ବିଷୟରେ ପ୍ରତିଯୋଗୀତା କରାଯାଇଥିଲା । ପ୍ରତ୍ୟେକ ବିଷୟରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ ଶିଶୁ ଉତ୍ସବରେ ଅଂଶ ଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି। ଲହୁଣୀପଡ଼ା ବ୍ଲକ ଓଷ୍ଟା ସଭାପତି ହଳଧର ମହାନ୍ତ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସ୍ମିତା ମହାନ୍ତ, ପଞ୍ଚାନନ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ବସନ୍ତ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

### ■ ଦକ୍ଷତା ଯାଞ୍ଚ ସେଲ ଅଧିକାରୀଙ୍କ ସରକାରୀ ମହାବିଦ୍ୟାଳୟ ପରିଦର୍ଶନ

# ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ

**ସୁନ୍ଦରଗଡ଼,୧୯।୧୨(ଡି.ଏନ୍.ଏ.)**

ଉଚ୍ଚଶିକ୍ଷା ବିଭାଗ ଦକ୍ଷତା ଯାଞ୍ଚ ସେଲ ଅଧିକାରୀ ଓ ସଦସ୍ୟବୃନ୍ଦ ଗୁରୁବାର ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ଦକ୍ଷତା ଯାଞ୍ଚ ସେଲର ଅଧିକାରୀ ଡ. ମିହିର କୁମାର ଦାସଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପ୍ରତିନିଧି ଦଳ ମହାବିଦ୍ୟାଳୟର ବିଭିନ୍ନ ବିଭାଗ, ପାଠାଗାର, ବିଜ୍ଞାନ ପରୀକ୍ଷାଗାର, କମ୍ପ୍ୟୁଟର ଲ୍ୟାବ, ଲାଙ୍ଗୁଏଜ ଲ୍ୟାବ, ସାମସ୍ ସେଣ୍ଟର ଓ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଆୟୋଜିତ ଏକ ସମୀକ୍ଷା ବୈଠକରେ ମହାବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା, ଭିତ୍ତିଭୂମି ଓ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁଷା) ପାଣ୍ଠିର ବିନିଯୋଗ ସମ୍ପର୍କରେ ସମୀକ୍ଷା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ମହାବିଦ୍ୟାଳୟରେ ପାଠ୍ୟକ୍ରମ ସହ ଛାତ୍ରୀଛାତ୍ରଙ୍କ ନିଯୁକ୍ତି ସୁଯୋଗ ପାଇଁ କ୍ୟାରିୟର କାଉନସେଲିଂ ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ତଥା ସରକାରୀ ପାଣ୍ଠି ବିନିଯୋଗ ସମ୍ପର୍କରେ ଅବଗତ କରିଥିଲେ। ମହାବିଦ୍ୟାଳୟରେ ରୁଷା ପାଣ୍ଠିର ବିନିଯୋଗ, ଶୃଙ୍ଖଳିତ ଶୈକ୍ଷିକ ବାତାବରଣ ଉପରେ ସନ୍ତୋଷ ବ୍ୟକ୍ତ କରି ଯାଞ୍ଚ ସେଲର ଅଧିକାରୀ ଯୁବ ଅଧ୍ୟାପିକା, ଅଧ୍ୟାପକମାନେ ଉଚ୍ଚତର ଗବେଷଣା ମାଧ୍ୟମରେ ନିଜ ଦକ୍ଷତା ବିକାଶ କରିବାକୁ ପରାମର୍ଶ ଦେଇଥିଲେ । ଦକ୍ଷତା ଯାଞ୍ଚ ସେଲର ସଦସ୍ୟ ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶିକା ଡ. ପ୍ରଭାବତୀ ଗୁରୁ ବକ୍ତବ୍ୟରେ ଶିକ୍ଷାନୁଷ୍ଠାନରେ ୭ଘଣ୍ଟା ଉପସ୍ଥିତିର ଅବଧି ସମୟକୁ ଯଥାର୍ଥ ଭାବେ ବିନିଯୋଗ ସହ ପାଠାଗାରର ଉପଯୁକ୍ତ ବ୍ୟବହାର କରି ଜ୍ଞାନ ଆହରଣ ଓ ନିଜ ନୈତିକ ଦାୟିତ୍ୱ ସମ୍ପାଦନ କରିବାକୁ କହିଥିଲେ। ଅନ୍ୟତମ ସଦସ୍ୟ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ହେମା ନାୟକ ବକ୍ତବ୍ୟରେ ସମସ୍ତଙ୍କ ସହଯୋଗରେ ଅନୁଷ୍ଠାନର ଗୌରବ ବୃଦ୍ଧିରେ ସହାୟକ ହୋଇଥାଏ ବୋଲି କହିଥିଲେ। ମହାବିଦ୍ୟାଳୟର ଏନ୍‌ସିସି ବିଭାଗର କାର୍ଯ୍ୟାବଳୀ, ଏନଏସ୍‌ଏସ୍, ଯୁବ ରେଡକ୍ରସ ବିଭାଗ, ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ବିଭାଗ, କ୍ୟାରିୟର କାଉନସେଲିଂ ସେଲ, ବିଇଡି ବିଭାଗ, ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ କେନ୍ଦ୍ର ପରିଦର୍ଶନ କରିଥିଲେ। ଆସନ୍ତା ଜାନୁୟାରୀ ଦ୍ୱିତୀୟ ସପ୍ତାହରେ ହେବାକୁ ଥିବା ମହାବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ସକାଶେ ପ୍ରତିନିଧି ଦଳ ଏହାର ସଫଳତା ଓ ମହାବିଦ୍ୟାଳୟର ଉନ୍ନତିକାମନା କରିଥିଲେ।



ଦକ୍ଷତା ଯାଞ୍ଚ ସେଲ ଅଧିକାରୀଙ୍କ ସହ ଅନ୍ୟମାନେ।

# ବିଜେଡିର ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି ବୈଠକ

**ସୁନ୍ଦରଗଡ଼,୧୯।୧୨(ଡି.ଏନ୍.ଏ.)**

ଆସନ୍ତା ୨୬ ତାରିଖରେ ବିଜେଡିର ପ୍ରତିଷ୍ଠା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଦିବସରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇ ଚୂଡାନ୍ତ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ ନାଏକ, ବରିଷ୍ଠ ନେତା ଜନ୍ମେଜୟ ମହାପାତ୍ର, ହରଜେନ୍ଦ୍ର ସିଂ, ଜିତେନ୍ଦ୍ରୀୟ କର, ଜୟନାରାୟଣ ତ୍ରିପାଠୀ, ପୂର୍ବତନ ଉପନଗରପାଳ ସୁମନ୍ତ ପଣ୍ଡା, ସୁନୀଲ ମହାପାତ୍ର, କାର୍ତ୍ତିକ ରକ୍ସା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ କାଉନସିଲର ସୁମନ୍ତ ସାହୁ, ବିଜୁ ଛାତ୍ର ଜନତା ଦଳର ପଶ୍ଚିମାଞ୍ଚଳ ସଭାପତି ବୈକୁଣ୍ଠ ନାଏକ, ଜିଲା ଆଇନଜୀବୀ ସାମୁଖ୍ୟ ଆବାହକ ଅଶୋକ କୁମାର ସ୍ୱାଇଁ, ଆଇନଜୀବୀ ସ୍ୱରାଜ ପଟେଲ, ସୁରେନ୍ଦ୍ର ଭିତ୍ରିଆ, ସୁନୀଲ ମହାପାତ୍ର, ଶିବାଜୀ ନାଏକ, ମୁକେଶ ପୁରୋହିତ, ସୁବ୍ରତ ନାଏକ, ରୋଶନ ସାହୁ, ଶାହାବାଜ୍ ହୁସେନ୍, ଶିବାଜୀ ନାଏକ, ରତୁରାଜ ପୁରୋହିତ ପ୍ରମୁଖ ନେତୃବୃନ୍ଦ ଯୋଗଦେଇଥିଲେ।



ବୈଠକରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।



ଅତିଥିମାନେ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ପବ୍ଲିକ ସ୍କୁଲରେ ବାର୍ଷିକ ବିଜ୍ଞାନ ମେଳା ଉଦ୍‌ଘାଟିତ

**ସୁନ୍ଦରଗଡ଼,୧୯।୧୨ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ବିଜ୍ଞାନ ପ୍ରଦର୍ଶନୀକୁ ଝାରସୁଗୁଡ଼ା ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିରବ୍ରତଦତ୍ତ ମୁଖ୍ୟଅତିଥି ଓ ସୁନ୍ଦରଗଡ ଡିଏଫଓ ଡ.ଅରୁଣ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି ଛାତ୍ରୀଛାତ୍ରମାନଙ୍କ ପ୍ରଦର୍ଶିତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଜ୍ଞାନ ବିଭାଗରେ ୧୩୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ଚିତ୍ରକଳା ଓ ହସ୍ତଶିଳ୍ପର ୧୬୨ଟି, ଗଣିତ ବିଭାଗର ୨୫ଟି ଓ ସାମାଜିକ ବିଜ୍ଞାନ ବିଭାଗରୁ ୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ବିଶେଷ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରକଳ୍ପ ବୁଲି ଦେଖି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଶୁକ୍ରବାର ପ୍ରଦର୍ଶନୀର ଉଦ୍‌ଯାପନୀ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହେବ । ବିଦ୍ୟାଳୟର ପରିଚାଳନା କମିଟି ସମ୍ପାଦକ ରାଜକିଶୋର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଅଧ୍ୟକ୍ଷା ହରପ୍ରିୟା ପଟେଲଙ୍କ ସହ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ସହ ଯୋଗରେ ମେଳା ଆୟୋଜିତ ହୋଇଛି।

# ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ବରଗଡ଼ ଅଫିସ୍,୧୯।୧୨**

ବରଗଡ଼ ଟାଉନ ଥାନା ଅନ୍ତର୍ଗତ ବାନ୍ଧୁଟିକ୍ରାର ଜଣେ ମହିଳାଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ଗୁରୁବାର ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତ୍ତି କରି ପୋଲିସ ଦଫା ୪୯୮(ଏ), ୩୦୨, ୩୦୪(ବି), ୩୪ଆଇପିସି ଏବଂ ୪ଡିପି ଆକ୍ଟରେ ଏକ ମାମଲା ରୁଜୁ କରିଛି । ଏହା ସହିତ ମୃତ ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖି ଅଧିକ ପଚରାଉଚୁରା କରାଯାଉଛି। ଛତିଶଗଡ଼ ଜିଲା ରାୟଗଡ଼ ଜିଲା ଗଡ଼ଉମରିଆ ଗ୍ରାମର ଡିଲେଶ୍ୱର ମେହେରଙ୍କ ଝିଅ ଆରତୀ ଗତ ତିନିବର୍ଷ ତଳେ ବରଗଡ଼ ବାନ୍ଧୁଟିକ୍ରା ନିବାସୀ ହାଡୁ ମେହେରଙ୍କ ପୁଅ ପିଣ୍ଟୁଙ୍କୁ ବିବାହ କରିଥିଲେ। ବିବାହ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ଆରତୀଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦେଇ ଆସୁଥିବା ଅଭିଯୋଗ ହୋଇଛି । ତେବେ ଆରତୀ ଶିଶୁକନ୍ୟା ଜନ୍ମ ଦେବା ପରେ ତାଙ୍କ ପ୍ରତି ଶାଶୁଘର ଲୋକଙ୍କ ନିର୍ଯାତନା ବଢ଼ିଯାଇଥିଲା ଏବଂ ଏ ନେଇ ଆରତୀ ତାଙ୍କୁ କହିଥିଲେ ବୋଲି ତାଙ୍କ ବାପା ଡିଲେଶ୍ୱର ଅଭିଯୋଗ କରିଛନ୍ତି। ସେହିପରି ଆରତୀଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର ୧୦ଭରି ସୁନା ଏବଂ ୨ଲକ୍ଷ ଟଙ୍କା ଦାବି କରି ଆସୁଥିବା ଡିଲେଶ୍ୱର କହିଛନ୍ତି ।

# ଜିଲାପାଳଙ୍କ ଏନ୍‌ଟିପିସି ଖଣି ଅଞ୍ଚଳ ପରିଦର୍ଶନ

**ହେମଗିର,୧୯।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲାପାଳ ନିଖିଳ ପବନ କଲ୍ୟାଣ ଗୁରୁବାର ହେମଗିର ବ୍ଲକ ସ୍ଥିତ ଏନ୍‌ଟିପିସି ଡୁଲିଙ୍ଗା କୋଇଲା ଖଣି ପ୍ରକଳ୍ପ ପରିଦର୍ଶନ କରି ବିସ୍ଥାପିତଙ୍କ ଥଇଥାନରେ କୌଣସି ଅସୁବିଧା ହେବ ନାହିଁ ବୋଲି କହିଛନ୍ତି। ଜିଲାପାଳ ପ୍ରଥମେ କନକତୁରାଠାରେ ଏକ ବାଏପାସ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ସେ ଏନ୍‌ଟିପିସିର କୋଇଲା ଖଣି ସୈନିକ ମାଇନିଂ ଏଣ୍ଡ ଏଲାଏଡ ସର୍ଭିସେସ୍ ବୁଲି ଦେଖିଥିଲେ। ଏହି ଅବସରରେ ଏନ୍‌ଟିପିସିର ମହାପ୍ରବନ୍ଧକ ସି.ଆର୍ ବାରିକ, ଜିଏମ୍ ଏସ୍.କେ ରାୟ, ସୈନିକ ମାଇନିଂ ଡୁଲିଙ୍ଗ କୋଇଲା ଖଣି ପ୍ରକଳ୍ପର ଉପସଭାପତି ଏସ୍.କେ. ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବିସ୍ଥାପିତ କଲୋନୀ କଲାମେଘା ସ୍ଥିତ ଏକ ବିଦ୍ୟାଳୟର ଉନ୍ମୋଚନ କରିଥିଲେ। ସେହିପରି ଏନ୍‌ଟିପିସିର ସିଲେଇ ମେଶିନ ବିତରଣ ଉତ୍ସବରେ ଯୋଗଦେଇ ଜିଲାପାଳ ୩୦ଜଣ ମହିଳାଙ୍କୁ ସିଲେଇ ମେଶିନ ସହ ଗରିବ ହିତାଧିକାରୀମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା । ଜିଲାପାଳ ବିସ୍ଥାପିତ ଅଞ୍ଚଳରେ କମ୍ପାନୀର କାର୍ଯ୍ୟ ଉପରେ ସନ୍ତୋଷ ହୋଇଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପ୍ରଶଂସା କରିବା ସହ ବିସ୍ଥାପିତଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ କହିଥିଲେ। କାର୍ଯ୍ୟକ୍ରମକୁ କମ୍ପାନୀର ସିନିୟର ମ୍ୟାନେଜର ଅମରେଶ ଚନ୍ଦ୍ର ରାଉତ ପରିଚାଳନା କରିଥିଲେ । ଏଥିରେ ବିଡିଓ ଶଚିଦାନନ୍ଦ ପଟେଲ, ତହସିଲଦାର କୁଳମଣି ପଟେଲ, ବିଇଓ ସୁରେନ୍ଦ୍ର ସାହୁ, ବ୍ଲକ ଉପାଧକ୍ଷ ସୁରଥ କୁମାର ପଧାନ, ସରପଞ୍ଚ ସୁଶ୍ରୀ ରେବତୀ ଛତ୍ରିଆ, ହୃଷୀକେଶ ପଧାନ, କନକତୁରା ସରପଞ୍ଚ କଳାବତୀ ମାଝି, ସମିତି ସଭ୍ୟ ସୁନ୍ଦରଲାଲ ଓରାମ, କମ୍ପାନୀର ଏଚ୍‌ଆର୍ ସମରେନ୍ଦ୍ର ମଲ୍ଲିକ, ଡିଜିଏମ୍ ଏ.କେ, ମିଶ୍ରଙ୍କ ସହ ବରିଷ୍ଠ ଅଧିକାରୀ, ଗ୍ରାମବାସୀ ଉପସ୍ଥିତ ଥିଲ ।




ସୁନ୍ଦରଗଡ଼ ଜିଲାପାଳ ଗୁରୁବାର ହେମଗିର ବ୍ଲକ ସ୍ଥିତ ଏନ୍‌ଟିପିସି ଖଣି ଅଞ୍ଚଳ ପରିଦର୍ଶନବେଳେ ମହିଳା ହିତାଧିକାରୀମାନଙ୍କୁ ସିଲେଇ ମେଶିନ ବଣ୍ଟନ କରୁଛନ୍ତି।

# ଶିଳ୍ପୀ ସୁମନ ମେହେରଙ୍କୁ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର

**ସୁନ୍ଦରଗଡ଼,୧୯।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ ମହାନ୍ତି ପଡାର ଯୁବ ଶିଳ୍ପୀ ସୁମନ ମେହେର ଟସ୍‌ର ଶିଳ୍ପରେ ତାଙ୍କର କଳାକୃତି ପାଇଁ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ଲାଭ କରିଛନ୍ତି। ୧୫ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱର ଜନତା ମୈଦାନଠାରେ ଆୟୋଜିତ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା -୨୦୧୯ରେ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ସ୍ୱରୂପ ତାଙ୍କୁ ମାନପତ୍ର, ଟ୍ରଫି, ଉପଢୌକନ ଓ ନଗଦ ୫୦ହଜାର ଟଙ୍କା ପ୍ରଦାନ କରାଯାଇଛି । ଟସର ଶିଳ୍ପରେ ତାଙ୍କ ଦ୍ୱାରା ନିର୍ମିତ ଦୁର୍ଗାକଳାକୃତି ପାଇଁ ତାଙ୍କୁ ଚୟନ କରାଯାଇ ଏହି ପୁରସ୍କର ପ୍ରଦାନ କରାଯାଇଥିଲା । ଓଡିଶା ରାଜ୍ୟ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ପ୍ରମୁଖ ଶାସନ ବିଭାଗ ନୀତେନ୍ ଚନ୍ଦ୍ର ଓ ଅନ୍ୟାନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ସୁମନଙ୍କ ସ୍ୱାମୀ ରାଜେନ୍ଦ୍ର ମେହେର ମଧ୍ୟ ଜଣେ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପ୍ରାପ୍ତ ଶିଳ୍ପୀ ଅଟନ୍ତି। ସୁମନ ସ୍ଥାନୀୟ ଚାରୁ ଓ କାରୁକଳା ମହାବିଦ୍ୟାଳୟ କଳାୟତନର ପୂର୍ବତନ ଛାତ୍ରୀ ଓ ବର୍ତ୍ତମାନ ସବ୍‌ଡେଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କଳ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି।



ଅତିଥିମାନେ ଯୁବ ଶିଳ୍ପୀ ସୁମନ ମେହେରଙ୍କୁ ପୁରସ୍କୃତ କରୁଛନ୍ତି।

### ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ଶିକ୍ଷା ଗ୍ରହଣର ଶେଷ ସୀମା ନାହିଁ

**କୁଆଁରମୁଣ୍ଡା,୧୯।୧୨ (ଡି.ଏନ୍.ଏ.)**

ଶିକ୍ଷା ଗ୍ରହଣର କୌଣସି ଶେଷ ସୀମା ନ ଥାଏ । ଏହା ମୃତ୍ୟୁ ପର୍ଯ୍ୟନ୍ତ ଚାଲିଥାଏ। ଏନେଇ ଶିକ୍ଷୟିତ୍ରୀ, ଶିକ୍ଷକମାନେ ସର୍ବଦା ଶିକ୍ଷା ଗ୍ରହଣ କରି ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କଲେ ତାହା ବିଶେଷ ଫଳପ୍ରଦ ହୋଇପାରିବ ବୋଲି କୁଆଁରମୁଣ୍ଡା ଶିକ୍ଷା କାର୍ଯ୍ୟାଳୟ ଅଧୀନ କଚାରୁ ସରକାରୀ ଉଚ୍ଚବିଦ୍ୟାଳୟର ୯ମ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, କାର୍ଯ୍ୟକ୍ରମର ସଭାପତି ଭାବେ ସୁନ୍ଦରଗଡ଼ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ସମ୍ମାନିତ ଅତିଥିଭାବେ କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପଧାନ, ମୁଖ୍ୟବକ୍ତା ମ୍ୟୁନିସିପାଲ କଲେଜ ଅଧ୍ୟକ୍ଷ ସନାତନ ପ୍ରଧାନ, ହୃଷୀକେଶ ରାୟ କଲେଜର ଅଧ୍ୟକ୍ଷ ଭବେଶ ଚନ୍ଦ୍ର ସାହୁ, କଚାରୁ ସରପଞ୍ଚ ଫୁଲ କେର୍କେଟା, ପୂର୍ବତନ ପ୍ରଧାନ ଶିକ୍ଷକ ଠୁରକା ସିଂ ପ୍ରମୁଖ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ନବକଳିକା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରାମାନଙ୍କୁ ନେଇ କ୍ଷୁଦ୍ର ନାଟକ 'ଗାନ୍ଧିଜୀଙ୍କ ସ୍ୱପ୍ନ ଓ ଆମରି ସୁରକ୍ଷା ଆମେ କରିବା' ମଞ୍ଚସ୍ଥ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସ୍କୁଲ ପରିଚାଳନା ସମିତିର ସମସ୍ତ ସଦସ୍ୟ ଓ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ।



କଚାରୁ ସରକାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।